# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜାନୁୟାରୀ ୨୮/୨୦୨୦ (୨୦ ପୃଷ୍ଠା) Sambalpur, Tuesday, January 28 / 2020 ★★

୧୬ଶ ଭାଗ ୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**୫୧ ବର୍ଷରେ ପାଦଥାପିଲେ ବବି**

ବଲିଉଡ୍‌ରେ ନିଜର ଭିନ୍ନ ହେୟାର ଷ୍ଟାଇଲ୍‌ରେ ଯୁବପିଢ଼ିଙ୍କୁ ଆକର୍ଷିତ କରିଥିବା ବବି ନିଜର ୫୧ତମ ଜନ୍ମଦିନ ପାଳିଛନ୍ତି। ଫିଲ୍ମ 'ବରସାତ୍' ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

୧୪

୧୮

**ବିପର୍ଯ୍ୟୟ ଘଟାଇଲେ ପାଭ୍ଲ୍ୟୁଚେଙ୍କୋଭା**

ପୂର୍ବତନ ଚାମ୍ପିୟନ ଆଞ୍ଜେଲିକ୍ କର୍ବରଙ୍କୁ ପରାସ୍ତ କରି ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା ଅଷ୍ଟ୍ରେଲିଆନ ଓପନ ଟେନିସରେ ବିପର୍ଯ୍ୟୟ ଘଟାଇଛନ୍ତି।



# ସରକାରଙ୍କୁ 'କରୋନା' ଚିନ୍ତା

■ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍

■ ୪ ପ୍ରମୁଖ ଡାକ୍ତରଖାନାରେ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ବ୍ୟବସ୍ଥା

■ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କୁ ନେଇ ଆଜି ବସିବ ବୈଠକ



ଭୁବନେଶ୍ୱର, ୨୭ା୧(ବ୍ୟୁରୋ)

ଚାଇନାରୁ ଚିହ୍ନଟ 'କରୋନା ଭାଇରସ୍‌କୁ ନେଇ ଏବେ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଓଡ଼ିଶାରେ 'କରୋନା' ଭୂତାଣୁ ମିଳି ନ ଥିଲେ ମଧ୍ୟ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପୂରା ସଜାଗ ହୋଇପଡିଛନ୍ତି। ଏହି ଭାଇରସ୍ ଚିହ୍ନଟ ସହ ଆକ୍ରାନ୍ତଙ୍କୁ କିପରି ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ, ସେନେଇ ରାଜ୍ୟ ସରକାର ବେଶ୍ ତତ୍ପରତା ଦେଖାଇଛନ୍ତି। କଟକ ଏସ୍‌ସିବି ମେଡିକାଲ କଲେଜ, ବୁର୍ଲାର ଭିମ୍‌ସାର, ଭୁବନେଶ୍ୱରର କ୍ୟାପିଟାଲ୍ ହସ୍‌ପିଟାଲ୍ ଓ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରେ 'କରୋନା' ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ଖୋଲାଯାଇଛି। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ବାହାରୁ ବିଶେଷକରି ଚାଇନାରୁ ଆସୁଥିବା ଲୋକଙ୍କ ଉପରେ କାଡ଼ ନଜର ରଖିବା ସହ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନ ବନ୍ଦର, ପାରାଦୀପ ପୋର୍ଟ ଓ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଜଗତ୍‌ସିଂହପୁର ଜଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୋମବାର ପାରାଦୀପ ଗସ୍ତ କରି ଚିକିତ୍ସା ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ବାହାର ଯାତ୍ରୀଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ ଓ ହୋଟେଲ୍‌ରେ ରହୁଥିବା ବ୍ୟକ୍ତିବିଶେଷଙ୍କୁ ସେଲ୍ଫ ଡିକ୍ଲାରେଶନ ଦେବା ପାଇଁ ହୋଟେଲ୍ ଆସୋସିଏଶନକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ସଂକ୍ରମଣ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏଥିପାଇଁ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଥିବାବେଳେ ସୂଚନା ପାଇଲେ କିମ୍ବା ସନ୍ଦେହ ହେଲେ ଏହାସହ ଯୋଗାଯୋଗ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ମଙ୍ଗଳବାର ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନେଇ ଏକ ବୈଠକ ଡକାଯାଇଛି। 'କରୋନା' ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ସୋମବାର ବିଭାଗ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଚିବ ଏ ସମ୍ପର୍କରେ ସୂଚନା ଦେଇ କହିଲେ, କରୋନା ଭାଇରସ୍‌କୁ ନେଇ ଜନସାଧାରଣ ଆତଙ୍କିତ ☞ପୃଷ୍ଠା-୭

# ପୁଣି ଦ୍ୱିତୀୟ ସ୍ଥାନରେ ବଲାଙ୍ଗୀର

**ନୀତି ଆୟୋଗର ଆକାଂକ୍ଷୀ ଜିଲା ରିପୋର୍ଟ**

ବଲାଙ୍ଗୀର ଅଫିସ,୨୭।୧

ଭାରତର ନୀତି ଆୟୋଗ ପକ୍ଷରୁ ଜାରି ହୋଇଥିବା ସଦ୍ୟତମ (ଡିସେମ୍ବର ୨୦୧୯) ରିପୋର୍ଟ ଅନୁସାରେ ଭାରତର ଆକାଂକ୍ଷୀ ଜିଲାମାନଙ୍କ ମୋଟାମୋଟି (ଓଭରଅଲ୍) ଡେଲ୍‌ଟା ର୍‍ୟାକିଂଙ୍ଗ୍ ରେ ବଲାଙ୍ଗୀର ଜିଲା ପୁଣି ଥରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ୨୦୧୯ ଜୁଲାଇ ମାସ ର୍‍ୟାକିଂଙ୍ଗ୍ ରିପୋର୍ଟରେ ବଲାଙ୍ଗୀର ଜିଲା ନୀତି ଆୟୋଗ ରିପୋର୍ଟ ଅନୁସାରେ ମୋଟିମୋଟି (ଓଭର୍‌ଅଲ୍) ଡେଲ୍‌ଟା ର୍‍ୟାକିଂଙ୍ଗ୍ ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । ଗତ ୬ ମାସ ମଧ୍ୟରେ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ ଆକାଂକ୍ଷୀ ଜିଲା ତାଲିକାରେ ବଲାଙ୍ଗୀର ପୁଣି ଥରେ ସେହି ସଫଳତା ଦୋହରାଇଛି । ନୀତି ଆୟୋଗର ଆକାଂକ୍ଷୀ ଜିଲାର ୨୦୧୯ ଡିସେମ୍ବର ଓଭରଅଲ ଡେଲ୍‌ଟା ର୍‍ୟାକିଂଙ୍ଗ ଅନୁଯାୟୀ ସମଗ୍ର ଭାରତର ୧୧୨ଟି ଜିଲା ମଧ୍ୟରୁ ଉତ୍ତର ପ୍ରଦେଶର ଚାନ୍ଦୋଲି ଜିଲା ପ୍ରଥମ, ଓଡିଶାର ବଲାଙ୍ଗୀର ଜିଲା ଦ୍ୱିତୀୟ, ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର ଜିଲା ତୃତୀୟ, ଝାଡ଼ଖଣ୍ଡର ସାହିବଗଞ୍ଜ ଜିଲା ଚତୁର୍ଥ ଓ ଆସାମର ହାଇଲାଖଣ୍ଡି ଜିଲା ପଞ୍ଚମ ସ୍ଥାନ ହାସଲ କରିଛି । ଏହି ରିପୋର୍ଟ ଅନୁସାରେ ଓଡିଶାର ରାୟଗଡା ଜିଲା ୧୪ତମ ସ୍ଥାନରେ, କନ୍ଧମାଳ ଜିଲା ୧୯ତମ ସ୍ଥାନ, ମାଲକାନଗିରି ଜିଲା ୨୩ତମ, ଗଜପତି ଜିଲା ୩୨ତମ, କଳାହାଣ୍ଡି ଜିଲା ୬୩ତମ, ନବରଙ୍ଗପୁର ଜିଲା ୭୮ତମ, କୋରାପୁଟ ଜିଲା ୮୬ତମ, ଢେଙ୍କାନାଳ ଜିଲା ☞ପୃଷ୍ଠା-୭

# ଓୟୁଏଟି ଫାର୍ମରେ ବାର୍ଡ ଫ୍ଲୁ

■ ଆଜିଠୁ କୁକୁଡ଼ାମରା ଅଭିଯାନ

■ ୧୨ ରାପିଡ୍ ରେସପନ୍ସ ଟିମ୍ ନିଯୁକ୍ତ

■ ନନ୍ଦନକାନନ ପକ୍ଷୀବିହାର ବନ୍ଦ

ଭୁବନେଶ୍ୱର, ୨୭ା୧(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁକୁଡ଼ା ଫାର୍ମରେ ବାର୍ଡ ଫ୍ଲୁ । ଭୋପାଳକୁ ପରୀକ୍ଷା ପାଇଁ ପଠାଯାଇଥିବା ନମୁନାରୁ ଏହା ସ୍ପଷ୍ଟ ହେବା ପରେ ଆତଙ୍କ ଖେଳିଯାଇଛି। ଗତ ଦୁଇଦିନ ହେବ ଏହି ଫାର୍ମରେ ଅନେକ କୁକୁଡ଼ା ମରୁଥିଲେ। ତେଣୁ ପରୀକ୍ଷା ପାଇଁ ଭୋପାଳ ଟେଷ୍ଟିଂ ଲ୍ୟାବ୍‌କୁ ନମୁନା ପଠାଯାଇଥିଲା। ସୋମବାର ପହଞ୍ଚିବା ରିପୋର୍ଟରୁ ବାର୍ଡ ଫ୍ଲୁ ଭୂତାଣୁ ସ୍ପଷ୍ଟ ହୋଇଛି। ମଙ୍ଗଳବାରଠାରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହେବ ବୋଲି ଓୟୁଏଟି ପାଥୋଲୋଜି ବିଭାଗ ମୁଖ୍ୟ ଡା. ସୁଶେନ କୁମାର ପଣ୍ଡା କହିଛନ୍ତି। ସେପଟେ ଓୟୁଏଟି ଫାର୍ମରେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଏହାର ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ୧ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳ ଓ ୧୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳକୁ ନିରୀକ୍ଷଣ ଅଞ୍ଚଳ ରୂପେ ଘୋଷଣା କରାଯାଇଛି। ସଂକ୍ରମିତ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ କୁକୁଡ଼ାଙ୍କୁ ମରାଯାଇ ଗଭୀର ଗାତରେ ପୋତି ଦିଆଯିବ। ମାଟି ଘୋଡ଼ାଇବା ପୂର୍ବରୁ ସେଥିରେ ଚୂନ ଓ ବ୍ଲିଚିଂ ପାଉଡର ପରି ବିଶୋଧକ ପ୍ରୟୋଗ କରାଯିବ। ସଂକ୍ରମିତ ଅଞ୍ଚଳର ରାସ୍ତାଘାଟ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନକୁ ମଧ୍ୟ ବ୍ଲିଚିଂ ପାଉଡର ଦ୍ୱାରା ☞ପୃଷ୍ଠା-୭






# ଝାରସୁଗୁଡ଼ାରୁ କୋଲକାତା ଉଡ଼ିଲା ବିମାନ

ଭୁବନେଶ୍ୱର, ୨୭ା୧(ବ୍ୟୁରୋ)

ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ସୋମବାର କୋଲକାତାକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହୋଇଛି। ଏଲାଏନ୍ସ ଏୟାର୍ ପକ୍ଷରୁ ଏହି ବିମାନ ସେବା ଆରମ୍ଭ ହୋଇଛି। ବିମାନଟି କୋଲକାତାରୁ ପୂର୍ବାହ୍ନ ୧୧ଟା ୪୫ରୁ ଛାଡ଼ି ଝାରସୁଗୁଡ଼ାରେ ଅପରାହ୍ନ ୧ଟା ୧୫ରେ ପହଞ୍ଚିବାର ଥିଲା ଏବଂ ପୁଣି ଝାରସୁଗୁଡ଼ାରୁ ଅପରାହ୍ନ ୧ଟା ୪୫ରେ କୋଲକାତା ଅଭିମୁଖେ ଉଡ଼ାଣ କରିବାର ଥିଲା। କିନ୍ତୁ ସୋମବାର ଝାରସୁଗୁଡ଼ାରେ ମଧ୍ୟାହ୍ନ ୧୨ଟା ୫୦ମିନିଟ୍‌ରେ ପହଞ୍ଚିଥିବାବେଳେ ଅପରାହ୍ନ ☞ପୃଷ୍ଠା-୭


**ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚୁଡାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing)

ଏତଦ୍‌ଦ୍ୱାରା ଭୁବନେଶ୍ୱର/କଟକ-ଆଖୁଆପଦା-ଭଦ୍ରକ- ସୋର - ବାଲେଶ୍ୱର-ବେତନଟି-ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ପ୍ରଥମ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟସାରଣୀ (1st Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ" ଓ "ସମ୍ବାଦ" ତା ୧୨.୦୭.୨୦୧୫ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଆହ୍ୱାନ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ଦ୍ୱିତୀୟ ପ୍ରସ୍ତାବିତ ସୁବ୍ୟବସ୍ଥାକରଣ ସମୟ ସାରଣୀ (2nd Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବର କାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ତା ୨୦.୦୧.୨୦୧୮ ରିଖରେ ପ୍ରକାଶିତ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଅଭିଯୋଗ ପତ୍ରଗୁଡିକୁ ତର୍ଜମା କରାଯାଇ ବିଚାରକୁ ନିଆଯାଇ ମାନଦଣ୍ଡରେ ପରିବର୍ତ୍ତନ କରାଯାଇ ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟ ସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ପୁନଃ ଦୈନିକ ଖବରକାଗଜ ସମାଜ, ସମ୍ବାଦ ଓ ଧରିତ୍ରୀରେ ତା ୧୯.୦୭.୨୦୧୮ ରିଖରେ ପ୍ରକାଶିତ ହୋଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇନଥିଲା ଉକ୍ତ ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing) ବିଜ୍ଞାପନକୁ ଆଧାର କରି ୧୨୬ ଗୋଟି ଅଭିଯୋଗ ପତ୍ର ହସ୍ତଗତ ହୋଇଥିଲା । ଅଭିଯୋଗ ତଥା ପ୍ରତି ବେଦନଗୁଡିକୁ ବିଚାରକୁ ନିଆଯାଇ ମାନ ଦଣ୍ଡରେ ପରିବର୍ତ୍ତନ କରାଯାଇ ସଂଶୋଧିତ ଚୁଡାନ୍ତ ଡ୍ରାଫ୍ଟ ସୁବ୍ୟବସ୍ଥାକରଣ ସମୟସାରଣୀ (Rectified Final Draft Rationalized Timing) ପ୍ରସ୍ତୁତ କରାଯାଇ ଦୈନିକ ଖବରକାଗଜ "ସମାଜ", "ସମ୍ବାଦ" ଓ "ଧରିତ୍ରୀ" ରେ ତା ୨୧.୧୨.୨୦୧୯ ରିଖରେ ପ୍ରକାଶିତ କରାଯାଇ ଅଭିଯୋଗ ପତ୍ର ଦାଖଲ ନିମନ୍ତେ ଆହ୍ୱାନ କରାଯାଇଥିଲା । ଉକ୍ତ ଶେଷ ପ୍ରସ୍ତାବକୁ ଆଧାରକରି ୯୯ ଗୋଟି ଆବେଦନ ପତ୍ର ବା ଆପତି ଅଭିଯୋଗଗୁଡିକୁ ବିଚାରକୁ ନେଇ ଏକ ନୂତନ ଚୁଡାନ୍ତ ପରିବର୍ତିତ ସୁବ୍ୟବସ୍ଥାକରଣ ସମୟସାରଣୀ ପ୍ରସ୍ତୁତ କରାଗଲା। ଯାହାକି STA Website www.orissatransport.nic.in/ www.odishatransport.gov.in ଉପଲବ୍ଧ କରାଗଲା । ଉକ୍ତ ନୂତନ ପରିବର୍ତିତ ସମୟସାରଣୀ ତା ୩୦.୦୧.୨୦୨୦ ରିଖରେ ଲାଗୁକରାଯିବା ପାଇଁ ସ୍ଥିର କରାଗଲା ।

ବି.ଦ୍ର : ଚୁଡାନ୍ତ/ପୂର୍ଣ୍ଣାଙ୍ଗ ସୁବ୍ୟବସ୍ଥାକରଣ ସମୟସାରଣୀ (Rationalized Timing) ରେ ଯଦି କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ସେଗୁଡିକୁ Case to Case ଭିତିରେ ଶୁଣାଣୀ ମାଧ୍ୟମରେ ଅଭିଯୋଗ ପ୍ରାପ୍ତ ହେବାର ୩୦ ଦିନ ମଧ୍ୟରେ ବିଚାର କରାଯିବ । ଉକ୍ତ ସମୟ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ପ୍ରକାଶ ଥାଉକି ତୃଟି ସଂଶୋଧନ ପରେ ଖୋଲିଥିବା ସ୍ଲଟ (Slot) ଗୁଡିକୁ Website ରେ ପ୍ରକାଶିତ କରାଯିବ । ଏହାପରେ ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଫାଙ୍କ ସ୍ଲଟ୍ ସମୟରେ ନୂତନ ଦରଖାସ୍ତ କରିପାରିବେ ।

ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ
ଓଡିଶା, କଟକ


**ଆଜିର ସମ୍ପାଦକୀୟ**

ଧୁଆ ଅଧୁଆ ସମାନ

**ଆଜିର ମନ୍ତବ୍ୟ**

"ଭାରତର ଆଭ୍ୟନ୍ତରୀଣ ମାମଲାରେ କୌଣସି ବାହାର ଦେଶକୁ ହସ୍ତକ୍ଷେପ ସୁଯୋଗ ଦିଆଯିବ ନାହିଁ।

-ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

୨୦୧୯ରେ ଭାରତ ମାଲେସିଆରୁ ୪.୪ ନିୟୁତ ଟନ୍ ପାଲ୍ମ ଅଏଲ ଆମଦାନି କରିଛି।

– ମାଲେସିଆନ୍ ପାଲ୍ମ ଅଏଲ୍ ବୋର୍ଡ





Vencobb FRESH CHICKEN

27.01.2020

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 75 | 126 | 136 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers






# ରାବଣ ବଧ,ରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ଭେଡ଼େନ ୨୭।୧(ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନର ବିରାଟ ନବରାତ୍ର ରାମଲୀଳା ମହୋତ୍ସବ ରବିବାର ବିଳମ୍ବିତ ରାତିରେ ରାବଣ ବଧ ସହ ଉଦ୍‌ଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ବିଜୟା ମଣ୍ଡପସ୍ଥିତ ଅଯୋଧା ମଞ୍ଚରେ ମହିରାବଣ ବଧ ଏବଂ ଲଙ୍କା ଦରବାରରେ ରାମ ରାବଣ ସମର, ରାବଣ ବଧ, ରାବଣଙ୍କ ରାମ ଲକ୍ଷ୍ମଣଙ୍କୁ ରାଜନୀତି ଜ୍ଞାନ ପ୍ରଦାନ, ବିଭିଷଣଙ୍କ ରାଜାଭିଷେକ ଆଦି ଦୃଶ୍ୟାଭିନୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଭେଡ଼େନ ବିଡ଼ିଓ ମୁରଲୀଧର ନାୟକ , ଜିଲା ପରିଷଦ ସଭ୍ୟ ସୁବାସ ହୋତା, ବ୍ଲକ ଉପାଧକ୍ଷା ସୁପ୍ରଭା ପ୍ରଧାନ, ବରଗଡ଼ ଧନୁଯାତ୍ରା ସଭ୍ୟ ଗୋପାଳ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାବଣ ଦରବାରରେ ଖବରଦାତା ନିର୍ମଳ କୁମାର ମେହେର, ଜ୍ୟୋତି ରଞ୍ଜନ ମହାପାତ୍ର ଏବଂ ସରୋଜ ରଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମ ଥର ପାଇଁ ନବରାତ୍ର ରାମଲୀଳା ମହୋତ୍ସବର ସ୍ମରଣିକା 'ଶାଶ୍ୱତ'କୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ରାବଣ ଦରବାରରେ ତୁଷରାର ସାନବଡ଼ ଘୁଡୁକା ନୃତ୍ୟ, କଟକ ଏବଂ ପଶ୍ଚିମବଙ୍ଗର ମୁଖା ଛଉନୃତ୍ୟ ପରିବେଷିତ ହୋଇଥିଲା। ଏହାପୂର୍ବରୁ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବରାତ୍ର ବ୍ୟାପୀ ବାବା ହରିଚରଣ ଦାଶଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନାମଯଜ୍ଞ ରବିବାର ମଧାହ୍ନରେ ପୂର୍ଣ୍ଣାହୁତି ସହ ସମାପନ ହୋଇଥିଲା। ଏଥିରେ ଭେଡ଼େନ ସମେତ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ଏବଂ ସାଧୁସନ୍ଥ ଯୋଗଦେଇ ହରିନାମ ଜପ କରିଥିଲେ। ଏହାସହ ଖୋଳପୂଜା, ନଗର ସଂକୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, ମହନ୍ତ ବିଦାୟ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଏହାପରେ ବସଷ୍ଟାଣ୍ଡ ପରିସରରେ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ବିତରଣ କରାଯାଇଥିଲା। ଦଶରୁ ଅଧିକ ଷ୍ଟଲ କରି ସ୍ୱେଚ୍ଛାସେବୀମାନେ ପ୍ରସାଦ ବିତରଣ କରିଥିଲେ। ଏଫସି କ୍ଲବ, ଭରସା ପରିବାର, ଡ଼ିଫେନ୍ସ କୋଚିଙ୍ଗ ସେଣ୍ଟର, ମଧପଡ଼ା ମହାକାଳ ୟଙ୍ଗ ଷ୍ଟାର ଗ୍ରୁପ ଭେଡ଼େନ, ଭେଡ଼େନ ଡ୍ରାଇଭର ସଂଘ ପ୍ରସାଦ ବିତରଣରେ ସହଯୋଗ କରିଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରବିବାର ରାତ୍ରିରେ ଭଗବାନ ପାର୍ଟି ନାଟକ ପରିବେଷଣ କରିଥିଲେ ।



ଭେଡ଼େନ ରାମଲୀଳାରେ ରାବଣ ବଧ ଦୃଶ୍ୟ।

# ମଦଭାଟି ସାମନାରେ ଯୁବକଙ୍କୁ ଗୁଳିମାଡ, ଆହତଙ୍କୁ ବୁର୍ଲା ସ୍ଥାନାନ୍ତର

**ବଲାଙ୍ଗୀର ଅଫିସ/ ସଇଁତଲା, ୨୭।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଥାନା ବେଲଗାଁରେ ସୋମବାର ଅପରାହ୍ଣରେ ଗୁଳିକାଣ୍ଡ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ବଲାଙ୍ଗୀର ସହର ଗାନ୍ଧୀନଗରପଡାର ମୋମିଲୋ ମହାଲିଙ୍ଗ । ମୋମିଲୋଙ୍କ କହିବା ମୁତାବକ ବେଲଗାଁଠାରେ ଥିବା ଏକ ମଦ ଦୋକାନ ସମ୍ମୁଖରେ ସେ ଠିଆ ହୋଇଥିବାବେଳେ ୪/୫ ଜଣ ବ୍ୟକ୍ତି ସେଠାକୁ ଆସି ତାଙ୍କ ସହ ଯୁକ୍ତିତର୍କ କଲେ। ପରେ ଉତ୍ତ୍ୟକ୍ତ ହୋଇ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବନ୍ଧୁକ ବାହାର କରି ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ଏଥିରେ ମୋମିଲୋଙ୍କ ବାମ ହାତ ପାପୁଲିରେ ଗୁଳି ବାଜିଥିଲା। ଜୀବନ ବିକଳରେ ସେଠାରୁ ସେ ଦୌଡି ପଳାଇ ଆସି ବେଲଗାଁ ଫାଣ୍ଡି ଭିତରକୁ ପଶି ଯାଇଥିଲେ । ଏହାପରେ ସ୍ଥାନୀୟ ପୋଲିସ ମୋମିଲୋଙ୍କୁ ପ୍ରଥମେ ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବୁର୍ଲା ଭୀମସାରକୁ ସ୍ଥାନାନ୍ତରଣ କରିଥିବା ଜଣାପଡିଛି। ମୋମିଲୋ ଉପରକୁ କେଉଁମାନେ ଗୁଳି ଚାଳନା କଲେ ତାହା ସ୍ପଷ୍ଟ ହୋଇନାହିଁ। ବେଲଗାଁଠାରେ ଦିନ ଦ୍ୱିପହରେ ଏଭଳି ଗୁଳିକାଣ୍ଡ ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି । ଏ ନେଇ ସଇଁତଲା ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଆହତ ବ୍ୟକ୍ତି ଜଣକ ବିଶେଷ ସୂଚନା ଦେଇ ନ ଥିବାରୁ ଘଟଣା ପଛର ରହସ୍ୟ ଜଣାପଡିନାହିଁ।

## ୪ ପର୍ଯ୍ୟଟନସ୍ଥଳୀରେ ହେବ ରୋପ୍‌ୱେ

**ଢେଙ୍କାନାଳ ଅଫିସ,୨୭।୧**

ରାଜ୍ୟର ୪ଟି ପର୍ଯ୍ୟଟନସ୍ଥଳୀରେ କାର୍ଯ୍ୟକାରୀ ହେବ ରୋପୱେ। ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ, ଖୋର୍ଦ୍ଧାର ବରୁଣେଇ, ଧଉଳି ଏବଂ କେନ୍ଦୁଝରର ଭୀମକୁଣ୍ଡଠାରେ ଏହି ବ୍ୟବସ୍ଥା କରାଯିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା କହିଛନ୍ତି। ୨୦୧୮-୧୯ ବର୍ଷରେ ଉକ୍ତ ପର୍ଯ୍ୟଟନ ସ୍ଥଳୀରେ ରୋପୱେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିପାଇଁ ସମସ୍ତ ସ୍ୱୀକୃତି ପ୍ରଦାନ କରାଯାଇଛି। ସେହିପରି କପିଳାସ ବିଜ୍ଞାନ ପାର୍କ ସମେତ ରାଜ୍ୟର ୮ଟି ସ୍ଥାନରେ ପ୍ଲାନେଟୋରିୟମ ଓ ୧୦ ଜିଲାରେ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

## ବସ୍ ଟ୍ରାକ୍ଟର ଦୁର୍ଘଟଣା: ୨ ମୃତ

**ସମ୍ବଲପୁର, ୨୭।୧ (ବ୍ୟୁରୋ)**

ସମ୍ବଲପୁର ଜାତୀୟ ରାଜପଥ ୫୫ ଯୁଯୁମୁରା ଥାନା ମୁଣ୍ଡେର ଗ୍ରାମ ନିକଟରେ ଟ୍ରାକ୍ଟରକୁ ପଛପଟୁ ଏକ ବସ ଧକ୍କା ଦେବାରୁ ଗାୟତ୍ରୀ କମ୍ପାନୀରେ କାମ କରୁଥିବା ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ୩ ଜଣ ଆହତ ହୋଇଛନ୍ତି । ମୃତକମାନେ ହେଲେ ବିହାରର ଗୌରିଶଙ୍କର କୁମ୍ଭାର (୨୨), ରାମସେବ ସିଂ । ସେହିପରି ଆହତମାନେ ହେଲେ ଅଜୟ କୁମାର ସିଂ, ଜ୍ୟୋତି କୁମ୍ଭାର, ରାମପରିତ ସିଂ । ପୋଲିସ ଟ୍ରାକ୍ଟର ଓ ବସକୁ ଜବତ କରି ତଦନ୍ତ କରୁଛି । ଉକ୍ତ ଦୁଇ ଗାଡିର କାଗଜପତ୍ର ଠିକ ନ ଥିବାରୁ ବସକୁ ୨୭ ହଜାର ଏବଂ ଟ୍ରାକ୍ଟର ଓ ଟ୍ରଲି ମିଶି ୫୩ ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରିଛି ।



## ବନ୍ଧୁକ ଦେଖାଇ ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ

ରାଇରଙ୍ଗପୁର,୨୭।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବଜାରରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ, ରାଇରଙ୍ଗପୁର ଟାଉନ ଥାନା ଅଧୀନ ମୁଖ୍ୟ ବଜାରରେ ଥିବା ମହାନ୍ତି ପାନମସଲା ଦୋକାନ ମାଲିକ ରୂପେଶ କୁମାର ମହାନ୍ତି ରବିବାର ରାତିରେ ଦୋକାନ ଭିତରେ ଟଙ୍କା ଗଣୁଥିବା ବେଳେ ୩ ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଦୋକାନ ଭିତରେ ପଶି ରୂପେଶଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ରୂପେଶ ସୋମବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୋକାନର ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି।

# ଆନ୍ଦୋଳନରୁ ଓହରିଲେ ୪ ବାର୍ ଆସୋସିଏଶନ

**କଟକ ଅଫିସ,୨୭।୧**

ପଶ୍ଚିମ ଓଡ଼ିଶାର ୪ ବାର୍ ଆସୋସିଏଶନ ବିଧିବଦ୍ଧ ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରିଯାଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସୋନପୁର ବାର୍ ଆସୋସିଏଶନ, ବିନିକା ବାର୍ ଆସୋସିଏଶନ, ବୀରମହାରାଜପୁର ବାର୍ ଆସୋସିଏଶନ ଓ ତରଭା ବାର୍ ଆସୋସିଏଶନ ସେମାନଙ୍କର କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରି ନେଇଛନ୍ତି। ଏହିସବୁ ବାର୍ ଆସୋସିଏଶନର ଆଇନଜୀବୀମାନେ ସୋମବାର କୋର୍ଟ କାର୍ଯ୍ୟରେ ଯୋଗଦାନ କରିଥିବା ଆଇନଜୀବୀ ପରିଷଦ ସୂଚନା ଦେଇଛି। ରାଜଗାଙ୍ଗପୁର ବାର୍ ଆସୋସିଏଶନର ଆଇନଜୀବୀମାନେ ଆସନ୍ତା ୩ ତାରିଖରୁ କୋର୍ଟ କାର୍ଯ୍ୟରେ ଯୋଗଦାନ କରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

ସୂଚନାଥାଉକି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପଶ୍ଚିମ ଓଡ଼ିଶାର ୧୭ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବାର୍ କାଉନସିଲ ଅଫ୍ ଇଣ୍ଡିଆକୁ ଗତ ୨୨ ତାରିଖରେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବରେ ପଶ୍ଚିମ ଓଡ଼ିଶାର ସେଣ୍ଟ୍ରାଲ ଆକ୍ସନ କମିଟିର କର୍ମକର୍ତ୍ତାଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲ ଆନ୍ଦୋଳନ ଚାଲିଛି। ମାତ୍ର ନିକଟରେ ଓକିଲ ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ବାର୍‌ର ଓକିଲମାନେ ଆନ୍ଦୋଳନ ଜାରି ରଖିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟାନୁଷ୍ଠାନ ସଦୃଶ ସମ୍ପୃକ୍ତ ଓକିଲମାନଙ୍କର ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।









## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରିୟମିତ୍ର
ପରିବାରବର୍ଗ


ଇତିଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୁକୁର ଆକ୍ରମଣରେ ୧୩ ଆହତ

**ରାଉରକେଲା ଅଫିସ,୨୭।୧**

କିଛିଦିନ ବ୍ୟବଧାନ ପରେ ସହରରେ ପୁଣି ଥରେ ପାଗଳ କୁକୁରଙ୍କ ଉତ୍ପାତ ଦେଖିବାକୁ ମିଳିଛି। ରବିବାର ଆଇଜି ପାର୍କ ଅଞ୍ଚଳରେ ଏକ ପାଗଳ କୁକୁର ଆକ୍ରମଣରେ ପାଖାପାଖି ୧୨ଜଣ ଆହତ ହୋଇଛନ୍ତି। ସେହିଭଳି ସହରର ମାଲଗୋଦାମ ଅଞ୍ଚଳରୁ କୁକୁର କାମଡାରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସମସ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଛନ୍ତି।

# ବାଂଲା ସେକ୍ସ ର୍‍ୟାକେଟ: ସମ୍ବିତଙ୍କୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ବାଂଲାଦେଶୀ ସେକ୍ସ ର୍‍ୟାକେଟର ଚେର ଖୋଜିଚାଲିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଗିରଫ ହୋଇଥିବା ର୍‍ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓ ସ୍ୱାମୀ ଇବ୍ରାହିମ୍ ଏବଂ ଧରାପଡ଼ିଥିବା ୬ ରୂପଜୀବୀଙ୍କ ବୟାନ ଆଧାରରେ ଏଥିରେ ସମ୍ପୃକ୍ତ ଜଣେ ଦେହ ଦଲାଲଙ୍କୁ ଏସ୍‌ଟିଏଫ୍ ଉଠାଇ ନେଇଛି। ତାଙ୍କୁ ଏକ ଗୁପ୍ତ ସ୍ଥାନରେ ରଖାଯାଇ ଅଧିକ ତଥ୍ୟ ନିଆଯାଉଛି। ତେବେ ତଦନ୍ତରେ ବାଧା ଉପୁଜିବା କାରଣରୁ ଏ ସମ୍ପର୍କରେ ସୂଚନା ଦିଆଯାଉ ନ ଥିଲେ ମଧ୍ୟ ତାଙ୍କ ନାଁ ସମ୍ବିତ ଓରଫ ଉମାକାନ୍ତ ଓରଫ ପୁଅ ବୋଲି ଜଣାପଡିଛି। ତାଙ୍କ ଘର ଭୁବନେଶ୍ୱର ଉପକଣ୍ଠରେ। ଏସ୍‌ଟିଏଫ୍ ଡିଆଇଜି ଜୟ ନାରାୟଣ ପଙ୍କଜ ତାଙ୍କୁ ଜେରା କରୁଛନ୍ତି। ଧରାପଡ଼ିଥିବା ରୂପଜୀବୀଙ୍କ ସହ ତାଙ୍କର ମୁହାଁମୁହିଁ ଜେରା ପରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ବାଂଲାଦେଶୀ ଯୁବତୀ କଲିକତାରେ ପହଞ୍ଚିବା ପରେ ସେମାନଙ୍କୁ ଭୁବନେଶ୍ୱର ଆଣିବା ସହ ଏଠାରେ ରହିବା ଓ ଖାଇବା ଦାୟିତ୍ୱ ସମ୍ବିତ ନେଇଥିଲେ। ଗ୍ରାହକ ଯୋଗାଡ଼ଠୁ ଆରମ୍ଭ କରି ସେମାନଙ୍କ ନାଁରେ ଜାଲ୍ ଆଧାରକାର୍ଡ ମଧ୍ୟ ତିଆରି କରୁଥିଲେ ସମ୍ବିତ। ଗ୍ରାହକଙ୍କଠାରୁ ମିଳୁଥିବା ଅର୍ଥରୁ ରୂପଜୀବୀଙ୍କୁ ୩୦%ଦିଆଯାଏ।

# ଆକର୍ଷଣ ସାଜିଲା ପ୍ରଜ୍ଞାପନ ମେଢ଼

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**



**ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ**
- ଜାତୀୟ ପତାକା ଉତ୍ତୋଳନ କଲେ ରାଜ୍ୟପାଳ
- ମୁଖ୍ୟମନ୍ତ୍ରୀ ହେଲେ ଅତିଥି

୭୧ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ରବିବାର ମହାସମାରୋହରେ ପାଳିତ ହୋଇଛ ରାଜ୍ୟସ୍ତରୀୟ ସମାରୋହ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୂର୍ବାହ୍ନ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସମାରୋହରେ ବିଶେଷ ଆକର୍ଷଣ ସାଜିଥିଲା ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼। ସେଥିମଧ୍ୟରେ ଥିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର 'କୃଷକମାନଙ୍କ ଉନ୍ନତି ସାଧନ', ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର 'ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା', ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର 'ଜାଗା ମିଶନ', ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ଆମ ବିଦ୍ୟାଳୟ', ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'କଳାଭୂମି', ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର 'ମୋ ପରିଚୟ', ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର 'ଆଦର୍ଶ ଗ୍ରାମ', ପୂର୍ତ୍ତ ବିଭାଗର 'ଐତିହ୍ୟସମ୍ପନ୍ନ ସହର ପୁରୀ', ଓସ୍‌ଡମାର 'ବିପର୍ଯ୍ୟୟ ପରିଚାଳନା', ଓଡ଼ିଶା ରାଜ୍ୟ ଏଡ୍‌ସ ନିରାକରଣ ସୋସାଇଟିର 'ଏଡ୍‌ସ ସଚେତନତା'। ସେହିପରି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଅଗ୍ନିଶମ ବିଭାଗ, ଆମ୍ବୁଲାନ୍ସ ଆଦି ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିଥିଲେ।

ଏହି ରାଜ୍ୟସ୍ତରୀୟ ସମାରୋହରେ ପ୍ରଥମ ଥର ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବରୁ ପ୍ରତିବର୍ଷ ଜାନୁୟାରୀ ୨୬ରେ ମୁଖ୍ୟମନ୍ତ୍ରୀ କଟକ ବାରବାଟୀ ଷ୍ଟାଡିୟମ୍‌ରେ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥାଆନ୍ତି। ଚଳିତ ଥର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ କଟକ ଯାଇ ନ ଥିବାରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସେଠାରେ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଆରମ୍ଭରୁ ଶେଷ ଯାଏ ରାଜ୍ୟସ୍ତରୀୟ ପରେଡକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସମାରୋହରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, ସ୍ୱରାଷ୍ଟ୍ର ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ସମେତ ବହୁ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଟ୍ରାଫିକ୍ ଡିସିପି ସାଗରିକା ନାଥ ପରେଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେଡ ପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆରାଧନା ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା ତରଫରୁ 'ଗୋଟିପୁଅ ନୃତ୍ୟ', ମା' ସମଲେଶ୍ୱରୀ କଳାବିକାଶ କେନ୍ଦ୍ର, ଗଞ୍ଜାମ ଦ୍ୱାରା 'ଯୋଡ଼ି ଶଙ୍ଖ ଓ ରଣପା ନୃତ୍ୟ', ସଙ୍ଗୀତ ସମିତି ପଦମ୍ପୁର (ବରଗଡ଼) ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଅବିଭକ୍ତ କୋରାପୁଟ ଜିଲାର ଆଦିବାସୀ ବଣ୍ଡା ନୃତ୍ୟ ପରିବେଷଣ କରାଯାଇଥିଲା ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ସୁଧୁରିଯିବ। ପରିବହନ, ଆନୁଷ୍ଠାନିକ କାମ, ମରାମତି, ଯାନ୍ତ୍ରିକ ଜନିଷ କିଣା ବିକା କ୍ଷେତ୍ରରେ ସୁଫଳ ପାଇବେ। ପାଖି ପଡୋଶୀ, ସହକର୍ମୀଙ୍କ ସହିତ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ଆଜି ଅଫିସ୍‌କୁ ଯିବା ବାଟରେ ଅଜଣା ବ୍ୟକ୍ତି ସହ ଯୁକ୍ତିତର୍କ ଲାଗିପାରେ। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆବଶ୍ୟକୀୟ ଜିନିଷ କିଣିବା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା ରାଜନୀତି ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ** ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ଦେଖା ପାଇପାରିବେ ନାହିଁ। କିନ୍ତୁ ପୁନର୍ବସୁ ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ବହୁତ ଲଢେଇ ଜାରି ରଖିବାକୁ ପଡିବ। ଘରୋଇ କଥାରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମନସ୍ତାପ କରିବେ। କର୍ମକ୍ଷେତ୍ରରେ ସାମାନ୍ୟ କଥାରେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**କର୍କଟ** ଆବଶ୍ୟକୀୟ ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରି ପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିବେ, ଏଣୁ ବୁଝି ବିଚାରି କାମ କରିବା ଭଲ ହେବ। ପାରିବାରିକ କ୍ଷେତ୍ର ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** ପାରିବାରିକ ସମର୍ଥନ କ୍ରମେ କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ସମାଲୋଚିତ ହେବାକୁ ପଡିବ। ଅଧିକାଂଶ ସମୟ ସହକର୍ମୀ, ବନ୍ଧୁ କିମ୍ବା ପଡୋଶୀଙ୍କ ସହ କାମ କରିବାର ସୁଯୋଗ ପାଇବେ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବାର ଆଶଙ୍କା ରହିଛି। ଘରୋଇ କଳହକୁ ନେଇ ଅଶାନ୍ତିଜନିତ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ବ୍ୟବସାୟ ପାଇଁ ଦିନଟି ଭଲ ଏବଂ ଆଜିର ଯାତ୍ରାରେ ଆଶା ପୂରଣ ହେବ।

**ତୁଳା** ନିକଟ ସମ୍ପର୍କୀୟ କେତେକ ବ୍ୟକ୍ତି ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାରର କଟୁକ୍ତି ପ୍ରକାଶ କରିପାରନ୍ତି। ଯେତେ ତୁନିତାନି କରି ରହିଲେ ମଧ୍ୟ ପରିବାର ଭିତରେ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା** ଆଗାମୀ ସମୟର କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁମାନଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ବ୍ୟବସାୟ, ପରିବହନ, ରାଜନୀତି, କଳା ସାହିତ୍ୟ, ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିଥିଲେ ମଧ୍ୟ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ଧନୁ** ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରି ପାରନ୍ତି। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଳସ୍ୟ ଯୋଗୁ ବନ୍ଧୁମହଲରେ କିମ୍ବା ସାମାଜିକ ସ୍ତରରେ ପରୋକ୍ଷଶତ୍ରୁତା ହେତୁ ବ୍ୟସ୍ତତା ଅନୁଭବ କରିବେ।

**ମକର** ଆନୁଷ୍ଠାନିକ କିମ୍ବା ସାମାଜିକ କ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡା ହୋଇପାରେ। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ, ମାତ୍ର ନିଜ ଦୋଷକୁ ସ୍ୱୀକାର କରିନେବା ଭଲ। ବ୍ୟବସାୟ,ବାଣିଜ୍ୟ ଓ ପରିବହନ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ। ନିଜ ଆଶା ଅନୁଯାୟୀ କାମରେ ପ୍ରବୃତ୍ତ ହୋଇ ସଫଳତା ପାଇବେ।

**କୁମ୍ଭ** ଆପଣ ସାଧାରଣ କଥାକୁ ବଡ ଆକାରରେ ଚିନ୍ତା କରି ବେଶି ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ମନ୍ଦ ହେବନି କିନ୍ତୁ ଋଣ ପରିଶୋଧ ସକାଶେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ପାଇବାର ଆଶା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର ତଥା ଏଜେନ୍ସି ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ଆର୍ଥିକ ଦୁରବସ୍ଥାର ପରିବର୍ତ୍ତନଜନିତ ମାନସିକ ଶାନ୍ତି ଓ ଆନନ୍ଦର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ଯେତେ ପ୍ରକାରର ମନ ଧରି କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସହଜରେ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରି ପାରିବେ ନାହିଁ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଜାନୁୟାରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ମଙ୍ଗଳବାର, ରାଶିନକ୍ଷତ୍ର-ସକାଳ ଘ.୯।୪୮ମି. ପରେ ପୂର୍ବଭାଦ୍ରପଦ୍/କୁମ୍ଭ, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୮।୪ମି. ଗତେ ଘ.୧୦।୫୩ମି. ମଧ୍ୟେ, ଘ.୧।୦୬ମି. ଗତେ ଘ.୨।୩୪ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୩୮ମି. ଗତେ ଘ.୧୨।୦୨ମି. ମଧ୍ୟେ, ଘ.୨।୫୦ମି. ଗତେ ଘ.୪।୧୩ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୨।୪୫ମି. ଗତେ ଘ.୪।୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

Sale of burnt JCB JS 205 Tracked Excavtor Machine No. 2239755, Chesis No. PUNJD20BPH2239755, Engine No. 8437650, yellow colour & manufacturing year 2017. For details contact: Santosh Kumar Das, Near Primary School, Palla, Khordha- 752056 (Mob: 9337796464, 7008923364). D-16431




## SALE

Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outright)ରେ ମିଳୁଅଛି। 9937025614, 7008390130. D-68480

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 3,50,000. Contact: 8908492594. D-16256

2BHK flat 1120sqft. adjacent to Mountlitera Zee School Kateni Bhubaneswar for sale @ 18,50,000/-** 9937847725. D-16399

BDA yellowzone 30ft. road plot near Tamando and Malipada (Sum Hospital), 9776341255. D-16391

1500Sqft. gharabari plots developed with 40ft. mainroad 30ft. internal road entrance gate with security room connected with electricity 8km. from Bhubaneswar airport on Sundarapada-Jatani road for sale @ Rs-850/- 9937162220. D-16400

ବିବାହମଣ୍ଡପ/ Factory କରିବା ପାଇଁ Xavier University, Bhubaneswar ନିକଟରେ 12000 sqft. plot 30,00,000/-ରେ ମିଳୁଛି। 9853150290. D-68551

ଭୁବନେଶ୍ୱର କଟଣ ୀ ଗେଟ୍ ଠାରେ Sqft.200/-, ବାଲକାଟି ବଜାରରୁ 2k.m Sqft.550/- (ଘରବାରି) କଟକ ତ୍ରିଶୁଳିଆରୁ 4k.m Sqft.300/-ରେ ପ୍ଲଟ୍ ମିଳୁଛି। 9348020724, 7978939440. D-68472

3BHK duplex for sale at Gothapatna, Bhubaneswar 3km. from SUM Hospital 8917665342, 9861444497. D-68552

ଭୁବନେଶ୍ୱର ହଂସପାଳଛକଠାରୁ 4k.m ଦୂରତାରେ 30' ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ @ 10,80,000/-, 9437033320. D-68479

Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272. D-16257

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର କଟଣ ୀ ଗେଟ୍ ଠାରେ 1200sqft. 2,20,000/-, ନଖରା ତ୍ରିନାଥ ବଜାରଠାରେ SC plot 1200sqft. 3,44,000/- (outright), 7894433357, 9776974912. D-68476

ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999. D-68477

Bhubaneswar-Khurda Tata Motor Frontରେ BDA plot 30' road, electric poll ସହିତ ମିଳୁଅଛି। (M)- 9439101373, 9267901437. D-16428

ପୁରୀ ନିକଟସ୍ଥ Gharabari, patta, boundarywall, electricity ସୁବିଧାଥାଇ sqft.920/- ମିଳୁଅଛି। 7008067338. D-68478

Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826. D-16323

ଭୁବନେଶ୍ୱର AIIMS Medical ଠାରେ 30' ରାସ୍ତାଥାଇ yellowzone, ଘରବାରି, boundary plot ମିଳୁଅଛି। 1st possession/ registration- 9937819395. D-68481




2BHK semi furnished flat on rent in Kalyani Heights, Bhimpur, Pahal, Bhubaneswar. 9437778744. D-68554

Shop/ Office at Metro house Vani Vihar Square, Bhubaneswar, 7873019959, 7064635395. D-68976

Independent house 3BHK Pujaghar, garage, borewell at Barbari Khandagiri 300 meters from NH. 8585088850. D-16307




Rejuvenate and ayurvedic full body massage by smart therapist. 9114402304. D-68946

Ayurvedic full body massage ladies & gents smart therapist, 9668814589. D-68763

Refresh your body with smart and expert therapist. Contact: 8457855286. D-68978

Refresh your mind and soul with best therapy at Orchid Salon/Spa. 9937287222. D-68767

Full body massage with expert therapy gents & ladies 9090377418. D-59944

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68764

Sai herbal spa refresh your body with smart, expert therapist. 7608062524. D-68971

Full body herbal massage with refreshment expert therapist. 7381239385, 06742540855. D-68972

Experience full body massage with us (expert). Call: 7377048581, 06742597822. D-68973

Herbal full body massage by smart / expert therapist. Contact: 8338067247. D-68974

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68975

Ayurvedic full body massage, smart trained lady therapist- 9437453813. D-68055

Ayurvedic full body massage ladies and gents. Contact: 9861064981. D-68769




ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ମୁଁ ଶ୍ରୀ ଶ୍ରୀକାନ୍ତ ପଟ୍ଟନାୟକ, ପିତା- ବୈରାଗି ଚରଣ ପଟ୍ଟନାୟକ, ଗ୍ରା/ପୋ- କୋଠପାଟଣା, ଥାନା- କଟକ, ଜିଲ୍ଲା- କଟକ। ମୋର Sale Deed No- 2441, Dt- 30.06.1997 ପାହାଳ ହାଟରେ ହଜିଯାଇଛି। ମୁଁ ଏହାକୁ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ବନ୍ଧକ ଦେଇନାହିଁ। ଯଦି କୌଣସି ବ୍ୟକ୍ତି ପାଇଥାନ୍ତି, ନିକଟସ୍ଥ ଥାନାରେ କିମ୍ବା ଫୋନ୍ ନଂ.ରେ ଯୋଗାଯୋଗ କରିବେ। M: 9437357312. D-16425

## AFFIDAVIT

By an affidavit before the Notary Public, Bhubaneswar, I Smt. Aparajeeta Pattanayak, W/o- Late Sarasi Ranjan Pattanayak, do hereby Solemnly declare that my Name and DOB has been wrongly mentioned in some Official records as "Jeeta Pattanaik", and "01.07.1959" (DD, MM, YYYY), where as my correct name is "Aparajeeta Pattanayak" and correct Date of Birth is "14.06.1956", (DD, MM, YYYY) for all purposes. D-16393

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମେଡାଲଧାରୀଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟମାନେ।

# ୫୦ଜଣଙ୍କୁ ମିଳିଲା ପୋଲିସ ମେଡାଲ

■ରାଜ୍ୟସ୍ତରୀୟ ଉତ୍ସବରେ ମେଡାଲ ପ୍ରଦାନ କଲେ ରାଜ୍ୟପାଳ
■ସେବା କରିବାକୁ ମିଳିଲା ପ୍ରେରଣା: ମେଡାଲଧାରୀ ପୋଲିସ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ସାଧାରଣତନ୍ତ୍ର ଦିବସ ଅବସରରେ ୫୦ଜଣ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ମିଳିଛି 'ପୋଲିସ ମେଡାଲ'। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି ଦକ୍ଷ ପୋଲିସଙ୍କୁ ମେଡାଲ ପ୍ରଦାନ କରିଛନ୍ତି। ସାହସିକତା ପାଇଁ ୨୩ଜଣ, ପ୍ରତିଷ୍ଠିତ ସେବା ପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ, ଉଲ୍ଲେଖନୀୟ ସେବା କ୍ଷେତ୍ରରେ ୧୧ ଓ ୧୪ ଜଣଙ୍କୁ ରାଜ୍ୟପାଳ ପୋଲିସ ମେଡାଲ ମିଳିଛି। ତେବେ ପୁରସ୍କାର ପାଇବା ପରେ ସେମାନେ ଖୁସି ବ୍ୟକ୍ତ କରିବା ସହ ଦେଶ ଓ ରାଜ୍ୟ ପାଇଁ ସେବା କରିବାକୁ ମନରେ ଉତ୍ସାହ ବଢ଼ିଯାଇଥିବା କହିଛନ୍ତି।

ସାହସିକତା ପାଇଁ ମେଡାଲ ପାଇଥିବା ପୋଲିସ ଅଫିସର ଓ କର୍ମଚାରୀ ହେଲେ ବରଗଡ଼ରେ କାର୍ଯ୍ୟରତ ଇନ୍ସପେକ୍ଟର ପ୍ରକାଶ କୁମାର କରଣ, କନ୍‌ଷ୍ଟେବଳ ସୁଶୀଲ ଦାଶ, କନ୍‌ଷ୍ଟେବଳ ଆକାଶ ମହାପାତ୍ର, କନଷ୍ଟେବଳ ଚନ୍ଦ୍ରମଣି ଭୋଇ, କନ୍‌ଷ୍ଟେବଳ ଶାମ୍ ଧଙ୍ଗଡ୍ ମାଝି, ରାଉରକେଲା ଏସ୍‌ପି କେ.ଶିବା ସୁବ୍ରମଣ୍ୟମ୍, କନ୍‌ଷ୍ଟେବଳ ଦିଲୀପ କୁମାର ଦନ୍ତା, ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପତି, ଏସ୍‌ଆଇ ସଚ୍ଚିଦାନନ୍ଦ ବରିହା, ଏସ୍‌ଓଜି ଭୁବନେଶ୍ୱରର ସୁବେଦାର ଆଶିଷ କୁମାର ସରକାର, କନ୍‌ଷ୍ଟେବଳ ପ୍ରଶାନ୍ତ କୁମାର ବାରିକ, କନ୍‌ଷ୍ଟେବଳ ଭୁବନ ସେଲ୍‌ମା, ଏସ୍‌ଓଜି ଭୁବନେଶ୍ୱରର କନ୍‌ଷ୍ଟେବଳ ସତ୍ୟନାରାୟଣ କଟହର, ହାବିଲଦାର ପ୍ରମୋଦ ବରାଳ, ହାବିଲଦାର ମିଥୁନ ପ୍ରଧାନ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ମାଲକାନଗିରିର ହାବିଲଦାର ସନ୍ତୋଷ ଜୁଆଙ୍ଗ, ଶିବଶଙ୍କର ନାୟକ, ପବିତ୍ର ମୋହନ ନାୟକ,କନଷ୍ଟେବଳ ଚୈତନ୍ୟ କିର୍‌ସାନୀ, କନ୍‌ଷ୍ଟେବଳ ସୁଧାଂଶୁ ଭୂପତି ଓ କନ୍‌ଷ୍ଟେବଳ ରୁକ୍‌ଧର ନେଗୀ। ସେହିଭଳି ପ୍ରତିଷ୍ଠିତ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇଥିଲେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରମୋଦ କୁମାର ରଥ ଓ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଏଏସ୍‌ଆଇ ଶିବ ନାରାୟଣ ରଥ। ଉଲ୍ଲେଖନୀୟ ସେବା ପାଇଁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫ୍ ପୋଲିସ (ସୁରକ୍ଷା) ସୁଜିତ କୁମାର ଦଳାଇ, ଭୁବନେଶ୍ୱର ଜୋନ୍-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଡିଏସ୍‌ପି ଇତି ଦାସ, ଜଗତ୍‌ସିଂହପୁରର ଇନ୍ସପେକ୍ଟର ରଜନୀକାନ୍ତ ସାମଲ, ଖୋର୍ଦ୍ଧା ଜିଆର୍‌ପିରେ କାର୍ଯ୍ୟରତ ଇନ୍ସପେକ୍ଟର ଭରତ ଚରଣ ସାହୁ, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ସ୍ମିତାରାଣୀ ମହାନ୍ତି, ଏସ୍‌ଆଇଡବ୍ଲ୍ୟୁ ଭୁବନେଶ୍ୱରର ଏସ୍‌ଆଇ ନିରଞ୍ଜନ ତ୍ରିପାଠୀ, ଖୋର୍ଦ୍ଧା ଜିଆର୍‌ପି ଏସ୍‌ଆଇ ସନ୍ତୋଷ କୁମାର ବାହିନୀପତି, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର କନ୍‌ଷ୍ଟେବଳ ସନାତନ ସାହୁ, କନଷ୍ଟେବଳ ପ୍ରଶାନ୍ତ କୁମାର ସାହୁ ଓ ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର କନଷ୍ଟେବଳ ଦୁର୍ଗାପ୍ରସାଦ ହୋତା।

ସେହିଭଳି ରାଜ୍ୟପାଳ ମେଡାଲଧାରୀ ହେଲେ ପୋଲିସ ମୁଖ୍ୟାଳୟର ଏଡିଜି ବିନୟତୋଷ ମିଶ୍ର, ଆଇଜିପି (ମଡର୍ନାଇଜେଶନ) ରେଖା ଲୋହାନି, ପୁରୀ ଏସ୍‌ପି ଉମାଶଙ୍କର ଦାଶ, କଟକ ଡିସିପି ଅଖିଳେଶ୍ୱର ସିଂ, ଭିଜିଲାନ୍ସ ନିର୍ଦ୍ଦେଶାଳୟର ଡିଏସ୍‌ପି ସରୋଜ କୁମାର ସାମଲ, ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ ଇନ୍ସପେକ୍ଟର ହରିବନ୍ଧୁ ଭତ୍ରା, ଭିଜିଲାନ୍ସ ନିର୍ଦ୍ଦେଶାଳୟ କଟକର ଇନ୍ସପେକ୍ଟର ପ୍ରଣିତା କୁମାରୀ ରାୟ, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସ୍‌ଆଇ ସୁବାସ ଚନ୍ଦ୍ର ନାୟକ, ବିପିଏସ୍‌ପିଏ ଭୁବନେଶ୍ୱରର ଡେପୁଟି ସୁବେଦାର ବୁଢ଼ୀ ବାହାଦୁର ଥାପା, ବାରିପଦା ଓଏସ୍‌ଏପି ୫ମ ବାଟାଲିୟନର ହାବିଲ୍‌ଦାର ମେଜର ବୁଢ଼ା ସିଂ ଗୁରୁଙ୍ଗ୍, ରାଉରକେଲାର ହାବିଲଦାର(କ୍ରାଇମ) ସରୋଜ କୁମାର ଭୋଇ, ରାଉରକେଲା ଓଏସ୍‌ଏପି ୪ ବାଟାଲିୟନର ସିପାହି ରଥ ଲାକ୍ରା, ନୟାଗଡ଼ର କନଷ୍ଟେବଳ ପ୍ରତିମା ରାଉତ ଓ ସିକ୍ୟୁରିଟି ୱିଂ ଭୁବନେଶ୍ୱରର ସିପାହି ସୁଶାନ୍ତ କୁମାର ମାଝି। ଏହି ମେଡ଼ାଲ ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୋଲିସ ଡିଜି ଅଭୟ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହିଥିଲେ।




# ମା' ତାରିଣୀ ଇଷ୍ଟକନ୍ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

କଟକ ଅଫିସ, ୨୭।୧

ଚିଟ୍‌ଫଣ୍ଡ ସଂସ୍ଥା ମା' ତାରିଣୀ ଇଷ୍ଟକନ୍ ପ୍ରାଇଭେଟ ଲିମିଟେଡ୍‌ର ଜବତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ। ପରେ ଉକ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ ଡକାଯାଇ ବିକ୍ରି କରାଯିବ। ଏଥିରୁ ଯେଉଁ ଅର୍ଥ ମିଳିବ ତାହାକୁ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି ଚିଟ୍‌ଫଣ୍ଡ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ଅଦାଲତ ଆଦେଶ ଦେଇଛନ୍ତି। ତାରିଣୀ ଇଷ୍ଟକନ୍‌କୁ ମିଶାଇଲେ ମୋଟ୍ ୧୭ଟି ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତ ପାଇଁ ସ୍ୱତନ୍ତ୍ର ଅଦାଲତ ଇତିମଧ୍ୟରେ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ଲୋକଙ୍କୁ ଭୁବନେଶ୍ୱରରେ ହାଉସିଂ ପ୍ରୋଜେକ୍ଟରେ ଘର ଓ ଜମି ଯୋଗାଇଦେବାକୁ କହି ଉକ୍ତ ସଂସ୍ଥା ବହୁ କୋଟି ଟଙ୍କା ଠକି ନେଇଥିଲା। ଏ ନେଇ ସଂସ୍ଥା ବିରୋଧରେ ଲୋକେ ଶହୀଦନଗର ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ରଣାଙ୍କୁ ୨୦୧୬ ଜୁନ୍ ମାସରେ ଗିରଫ କରିଥିଲା। ସଂସ୍ଥାର ୪୨ ଏକର ଜମି ଓ ଆକାଉଣ୍ଟରେ ଥିବା ୫୧ ଲକ୍ଷ ଟଙ୍କା ସହିତ କେତେକ ଗାଡ଼ିକୁ ପୋଲିସ ଜବତ କରିଥିଲା। ମୋଟାମୋଟି ଭାବେ ସଂସ୍ଥାର ୧ କୋଟି ୧୫ ଲକ୍ଷ ୧୩ହଜାର ୩୧୮ ଟଙ୍କାର ସମ୍ପତ୍ତିକୁ ପୋଲିସ ଜବତ କରିଥିଲା। ଏହାପରେ ସଂସ୍ଥାର ସମ୍ପତ୍ତିକୁ ଓପିଆଇଡି ଆଇନ ଅନୁଯାୟୀ, ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଆଟାଚମେଣ୍ଟ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।



ସୁନ୍ଦରଗଡ଼ ଜିଲା ସାଂସ୍କୃତିକ ମହୋତ୍ସବ 'ଯତ୍‌ରା'ର ସୋମବାର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଉରକେଲା ନୃତ୍ୟମଧୁରମ୍ ଅନୁଷ୍ଠାନର କଳାକାର ଓଡ଼ିଶୀ ପରିବେଷଣ କରୁଛନ୍ତି।

# ବସ୍ତାନି ବୋଝ: ଗଣଶିକ୍ଷା ବିଭାଗକୁ ରିପୋର୍ଟ ତଲବ

## ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ

କଟକ ଅଫିସ,୨୭।୧

ଶିଶୁ କାନ୍ଧରେ ବହିବସ୍ତାନି ବୋଝକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ସୋମବାର ଆବେଦନକାରୀ ଆଡଭୋକେଟ କହ୍ନେୟାଲାଲ ଶର୍ମା ସତ୍ୟପାଠ ଦାଖଲ କରିଛନ୍ତି। ସତ୍ୟପାଠରେ ଶର୍ମା ଉଲ୍ଲେଖ କରିଛନ୍ତି ଯେ, ବସ୍ତାନି ବୋଝକୁ ହାଲୁକା କରିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ଗତ ଅଗଷ୍ଟ ୫ରେ ଯେଉଁ ଆଦେଶ ଜାରି କରାଯାଇଥିଲା ତାହାକୁ ଅଧିକାଂଶ ଶିକ୍ଷାଧିକାରୀ ଅନୁପାଳନ କରୁନାହାନ୍ତି। ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଗତ ଅକ୍ଟୋବର ୨୧ରେ ଏ ସମ୍ପର୍କରେ ଜିଲାପାଳମାନଙ୍କୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯେଉଁଥିରେ ଜିଲାସ୍ତରରେ ଏକ ସ୍କ୍ୱାଡ୍ ଗଠନ କରି ସ୍କୁଲଗୁଡ଼ିକ ପରିଦର୍ଶନ ପାଇଁ କୁହାଯାଇଥିଲା। ଏପରି କି ସ୍କ୍ୱାଡ୍ ଗଠନ ସମ୍ପର୍କରେ ୧୦ଦିନ ମଧ୍ୟରେ ଗଣଶିକ୍ଷା ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଥିଲା। କିନ୍ତୁ ଏହାକୁ ଅଧିକାଂଶ ଜିଲାପାଳ ଓ ଶିକ୍ଷାଧିକାରୀମାନେ ଅନୁପାଳନ କରି ନ ଥିବା ଆବେଦନକାରୀ ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ସତ୍ୟପାଠ ଉପରେ ଶୁଣାଣିକରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଓ ବିଚାରପତି ସଙ୍ଗମ କୁମାର ସାହୁ ଗଣଶିକ୍ଷା ବିଭାଗକୁ ହାଇକୋର୍ଟଙ୍କ ଆଦେଶ ଅନୁପାଳନ କରିବା ସମ୍ପର୍କିତ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି। ମାର୍ଚ୍ଚ ୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

# ଜାତୀୟ ସ୍ମୃତି ହେବ ଗୋପବନ୍ଧୁଙ୍କ ଜନ୍ମପୀଠ



ସୁଆଣ୍ଡୋ ଗ୍ରାମରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ ଅନ୍ୟମାନେ।

ସାକ୍ଷୀଗୋପାଳ,୨୭।୧(ଡି.ଏନ.ଏ.)

## ସୁଆଣ୍ଡୋରେ ୫-ଟି ସଚିବ

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠକୁ ଜାତୀୟ ସ୍ମୃତି ଭାବେ ସଂରକ୍ଷିତ କରାଯିବାକୁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ରବିବାର ପୁରୀ ଜିଲା ସତ୍ୟବାଦୀ ବ୍ଲକର ସୁଆଣ୍ଡୋ ଗ୍ରାମକୁ ଯାଇଥିଲେ। ଗ୍ରାମ ମନ୍ଦିର ଉନ୍ନୟନ ସହ ଗୋପବନ୍ଧୁଙ୍କ ପୈତୃକ ବାସଗୃହର ପୁନରୁଦ୍ଧାର କରାଯାଇ ଏହାକୁ ଜାତୀୟ ସ୍ମୃତି ଉଦ୍ଦେଶ୍ୟରେ ସଂରକ୍ଷିତ କରାଯିବ। ଏଥିପାଇଁ ଜମି ହସ୍ତାନ୍ତର ନେଇ ପରିବାରର ସଦସ୍ୟଙ୍କ ସହ ଆଲୋଚନାକ୍ରମେ ଉକ୍ତ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି। ବାସଗୃହଠାରୁ ଶହେ ମିଟର ଦୂର ପ୍ରସ୍ତାବିତ ଜମିରେ ସଂଗ୍ରହାଳୟ ସ୍ଥାପନ କରାଯାଇ ସେଠାରେ ଗୋପବନ୍ଧୁଙ୍କ ନିତ୍ୟ ବ୍ୟବାହାର୍ଯ୍ୟ ଜିନିଷ ସବୁ ସାଇତି ରଖାଯିବ। ଏଥିସହ ପାଠାଗାର, ଶୌଚାଳୟ, ପାର୍କିଂ, ଗ୍ରାମ୍ୟରାସ୍ତା ପ୍ରଶସ୍ତୀକରଣ, ବିଦ୍ୟୁତ୍, ପାନୀୟଜଳ ସୁବିଧା ନିମନ୍ତେ ଉନ୍ନୟନ କାମ ଖୁବଶୀଘ୍ର ଆରମ୍ଭ କରାଯାଇ ଏକବର୍ଷ ମଧ୍ୟରେ ଶେଷ କରାଯିବ ବୋଲି ଆଲୋଚନା ହୋଇଛି। ସଚିବଙ୍କ ସହିତ ପୁରୀ ଜିଲାପାଳ ବଲୱନ୍ତ ସିଂହ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଇଡ୍‌କୋର ସିଏମ୍‌ଡି ବିନ୍ଦେଶ୍ୱର ପାତ୍ର, ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ ଓ ଇଂ ଶାନ୍ତନୁ ଜେନା ପ୍ରମୁଖ ଅଧିକାରୀମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ କୁଳଦେବତା ରାଧାବିନୋଦ ବିହାରୀଙ୍କ ଦର୍ଶନ କରିଥିଲେ। ପୁରାତନ ବାସଗୃହ, ଗ୍ରାମ ମନ୍ଦିର, ବିଦ୍ୟାଳୟ ଆଦି ପରିଦର୍ଶନ କରିଥିଲେ। ଜମି ହସ୍ତାନ୍ତର ନେଇ ସଚିବ ଓ ଜିଲାପାଳ ପରିବାରର ସଦସ୍ୟ ଧୀରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ନାଥ ଦାସ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଅନେକ ଦିନ ହେଲା ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋକୁ ଜାତୀୟ ସ୍ମୃତିପୀଠ ଭାବରେ ସଂରକ୍ଷଣ କରାଯିବାକୁ ଦାବି ହୋଇଆସୁଥିଲା। ଗତ ଅକ୍ଟୋବର ୯ରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଯୋଗଦେଇ ଗୋପବନ୍ଧୁଙ୍କ ଜନ୍ମପୀଠର ସୁରକ୍ଷା ଓ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଗତ ୨୩ତାରିଖରେ ଏକ ଉଚ୍ଚସ୍ତରୀୟ କମିଟି ସ୍ଥପତିଙ୍କ ସହ ସୁଆଣ୍ଡୋରେ ଭିତ୍ତିଭୂମି ଅନୁଧ୍ୟାନ କରି ଫେରିବା ପରେ ଏହି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପାଇଁ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଜିଲା ପରିଷଦ ସଭ୍ୟ ଧ୍ରୁବଚରଣ ଦାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଜିଲା ଚିଠି
## ନୟାଗଡ଼

# ଯଥା ପୂର୍ବ ତଥା ପର

୧୧ ଫେବୃୟାରୀ ୨୦୧୯, ଏହିଦିନ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ପୌର ପରିଷଦ ମାନ୍ୟତା ପାଇଲା। ଦୀର୍ଘ ୬୬ ବର୍ଷ ପରେ ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବା ନେଇ ସହରବାସୀଙ୍କ ମନରେ ଉତ୍ସାହ ଭରିଯାଇଥିଲା। ସେହି ଅନୁସାରେ ସହରବାସୀ ନୂଆ ସେବା ପାଇବା ପାଇଁ ମଧ୍ୟ ଆଶା ରଖିଥିଲେ। ଏନ୍‌ଏସିରୁ ମ୍ୟୁନିସିପାଲିଟି ହେବାକୁ ଇତିମଧ୍ୟରେ ବର୍ଷେ ବିତିବାକୁ ବସିଥିବା ବେଳେ ପୂର୍ବରୁ ଯାହା ସମସ୍ୟା ରହିଥିଲା ତାହା ବର୍ତ୍ତମାନ ବଜାୟ ରହିଛି। ସହରରେ ସଫେଇ କାର୍ଯ୍ୟକୁ ଛାଡ଼ି ଦେଲେ ଅନ୍ୟ କୌଣସି କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଦେଖିବାକୁ ମିଳିଛି। ବହୁ ବର୍ଷ ଧରି ମାଛ ପିଣ୍ଡି ପାଇଁ ବେପାରୀମାନେ ଦାବି କରୁଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଯିଏ ଯେଉଁଠି ପାରିଲା ଆମିଷ ବିକ୍ରି କରୁଛନ୍ତି। ଜାତୀୟ ରାଜପଥ କଡ଼ଠାରୁ ଆରମ୍ଭକରି ସ୍କୁଲ ନିକଟରେ ଆମିଷ ବିକ୍ରି ହେଉଛି। ନୂଆ ବସ୍‌ଷ୍ଟାଣ୍ଡର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସରିନାହିଁ। ଫଳରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଟ୍ରାଫିକ୍ ସମସ୍ୟା ଏବେ ବି ଜାରି ରହିଛି। ସହରର ବିଭିନ୍ନ ସ୍ଥାନରେ ଉଠାଦୋକାନୀମାନେ ରାସ୍ତାକଡ଼ରେ ବେଆଇନ ଭାବେ ଦୋକାନ କରି ବ୍ୟବସାୟ କରିବାରେ ଲାଗିଛନ୍ତି। ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କୋମାରେ ପଡ଼ି ରହିଛି। ନାଳିଫିତା ତଳେ ଏହି ବ୍ୟବସ୍ଥା ପଡ଼ି ରହିଥିବା ବେଳେ କେବେ ଭେଣ୍ଡିଂ ଜୋନ୍ କରାଯାଇ ବ୍ୟବସାୟୀମାନଙ୍କୁ ଦିଆଯାଉଛି ତାହା ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି। ସେହିଭଳି ସହରର ବିଭିନ୍ନ ସ୍ଥାନରେ ବେଆଇନ ହୋର୍ଡିଂ ଲଗାଯାଇଥିବା ବେଳେ ସେଥିପ୍ରତି ମଧ୍ୟ କାହାର ନଜର ନାହିଁ। ବିଭିନ୍ନ ୱାର୍ଡରେ ଅଫିସ ଖୋଲା ଯାଇଥିଲେ ମଧ୍ୟ ଅଫିସରମାନଙ୍କ ଦେଖା ମିଳୁନାହିଁ। ଏହିଭଳି ବିଭିନ୍ନ ସମସ୍ୟା ଲାଗି ରହିଥିବା ଯୋଗୁ ସହରବାସୀ ପୂର୍ବରୁ ଯେଉଁଭଳି ଅସୁବିଧା ଭୋଗ କରୁଥିଲେ ବର୍ତ୍ତମାନ ବି ଭୋଗ କରୁଛନ୍ତି। ତେଣୁ ଯଥା ପୂର୍ବ ତଥା ପର ବୋଲି ବର୍ତ୍ତମାନ ସହରବାସୀ କହୁଛନ୍ତି।

– ରଞ୍ଜନ କୁମାର ପ୍ରଧାନ

# ବସ୍ ଓଲଟି ୫୦ରୁ ଊର୍ଦ୍ଧ୍ୱ ଆହତ

ବଡସାହି,୨୭।୧(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି-ବାରିପଦା ରାସ୍ତାର ଆରପଟା ନିକଟରେ ସୋମବାର ଅପରାହ୍ନରେ ଏକ ବସ୍ ଓଲଟି ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମାଣତ୍ରୀରୁ ବାରିପଦା ଯାଉଥିବା ମହାଭାରତ ବସ୍ (ନଂ.ଓଆର୧୧ଡି-୭୧୧୫) ବଡ଼ସାହିଠାରୁ ମାତ୍ର ୧କି.ମି ଦୂର ଆରପଟା ନିକଟରେ ଜଣେ ବାଇକ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବସ୍‌ଟି ଭାରସାମ୍ୟ ହରାଇ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା। ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବସ୍‌ରେ ଥିବା ୩୦ରୁ ଊର୍ଦ୍ଧ୍ୱ କଲେଜ ଛାତ୍ରୀଛାତ୍ର ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳି ଘଟଣାସ୍ଥଳରେ ପହଞ୍ଚି ନିଜ ଗାଡ଼ିରେ ଆହତମାନଙ୍କୁ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଦେଖିବାକୁ ମିଳିଥିଲା।



ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଉଛି।

CLASSIFIED DISPLAY

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଙ୍ଗୁଳି, ଜଗତ୍‌ସିଂହପୁର
UDISE No.21110205371
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ଆମ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଅଭିଭାବକ ତା୧୦।୦୨।୨୦୨୦ରିଖଠାରୁ ବିଦ୍ୟାଳୟ ସମୟ ମଧ୍ୟରେ ଆବେଦନପତ୍ର ନେଇ ତା୩୧।୦୩।୨୦୨୦ ମଧ୍ୟରେ ଆବେଦନ କରିପାରିବେ। ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୨୫% ମାଗଣା ନାମଲେଖା SC, ST, BPL ଏବଂ ଜବ୍‌କାର୍ଡ ଶ୍ରେଣୀୟ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହା ଉଦ୍ଦିଷ୍ଟ।
ନାମଲେଖା ଆରମ୍ଭ- ତା୦୨।୦୪।୨୦୨୦ରିଖ
ସବିଶେଷ ବିବରଣୀ ଜାଣିବା ନିମନ୍ତେ ଯୋଗାଯୋଗ କରନ୍ତୁ।
ପ୍ରଧାନ ଆଚାର୍ଯ୍ୟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ମଙ୍ଗୁଳି, ଜଗତ୍‌ସିଂହପୁର, ଦୂରଭାଷ ନଂ.-9938406795

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8447703551 9971793786

STATE IHM, BALANGIR
NCHMCT
THE GOVT. HOTEL MANAGEMENT COLLEGE AFFILIATED TO NCHMCT
MINISTRY OF TOURISM, GOVT. OF INDIA IN WESTERN ODISHA (JOINTLY DEVELOPED BY MINISTRY OF TOURISM, GOVT. OF INDIA & DEPTT. OF TOURISM, GOVT. OF ODISHA.)
FREE COACHING FOR JEE (HOTEL MANAGEMENT) AT SIHM BALANGIR
FOR CLASS 10+2 PASSOUT CANDIDATES WITH 50% MARKS
B.Sc IN Hospitality & Hotel Administration
FOR THE ACADEMIC SESSION 2020-21
Age: Maximum 25 Years as on 1st July 2020 for GEN/OBC and 28 Years for SC/ST candidates.
ADMISSION PROCESS ONLINE
On-line Applications forms are available on NTA website: Login to - www.ntanchm.nic.in
On-line Submission of Application Form: From 01.01.2020 to 29.02.2020
Examination Date: 25.04.2020 (Saturday)
VISIT STATE IHM, BALANGIR FOR FURTHER DETAILS
website - www.sihmbalangir.org, e-mail: principal@sihmbalangir.org, admissions@sihmbalangir.org
Titilagarh Road, Balangir - 767001 (Odisha)
Mob. No. 6370184189, 9437140772, 6370180040, 9437030720

କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ- କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ - ଆଧାରକୁ ଗଠନ କରିପାରେ। ଏହି ତ ମିଥ୍ୟା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ।
-ଶ୍ରୀଅରବିନ୍ଦ



# ଧୂଆ ଅଧୂଆ ସମାନ

ଭାରତରେ ରାଜନୀତିକୁ ଅପରାଧମୁକ୍ତ କରାଯିବା ଲାଗି ବାରମ୍ବାର ପ୍ରୟାସ କରାଯାଉଛି। ହେଲେ ଏହାର ସୁଫଳ ମିଳିପାରୁ ନାହିଁ। ଏଭଳି ସ୍ଥଳେ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ସୁପ୍ରିମକୋର୍ଟଙ୍କୁ ଦେଇଥିବା ଏକ ତଥ୍ୟରେ ପାର୍ଲାମେଣ୍ଟରେ ଅପରାଧ ପୃଷ୍ଠଭୂମି ଥିବା ୪୬ ପ୍ରତିଶତ ସଦସ୍ୟ ଅଛନ୍ତି ବୋଲି ଜଣାଇଥିଲେ। ତେଣୁ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଗୃହୀତ ହେବା ଭଳି ମନେହେଉ ନାହିଁ। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହା ଉପରେ ନିର୍ଦ୍ଦେଶନାମା ଜାରି କରନ୍ତୁ। ୨୪ ଜାନୁଆରୀ ୨୦୨୦ରେ ରାଜନୀତିର ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଥିଲେ। ରାଜନୈତିକ ଦଳଗୁଡ଼ିକ ଅପରାଧିକ ମାମଲାରେ ଜଡ଼ିତ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ନିର୍ବାଚନ କମିଶନ (ଇସି) ସର୍ବୋଚ୍ଚ ଅଦାଲତକୁ ଅନୁରୋଧ କରିଥିଲେ। ତେବେ ଜଷ୍ଟିସ୍ ଆର୍.ଏଫ୍. ନରିମାନ୍ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି କେଉଁଭଳି ପଦକ୍ଷେପ ନେବା ସକାଶେ ଇସିକୁ ପରାମର୍ଶ ଦେଇଛନ୍ତି। ୨୦୧୮ରେ ସର୍ବୋଚ୍ଚ ଅଦାଲତର ଏକ ସାମ୍ବିଧାନିକ ଖଣ୍ଡପୀଠ ରାଜନୀତିରେ ଅପରାଧୀକରଣ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି କହିଥିଲେ ଯେ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ପ୍ରାର୍ଥୀମାନେ ନିଜ ବିରୋଧରେ ବିଚାରାଧୀନ ମାମଲାଗୁଡ଼ିକ ସମ୍ପର୍କରେ ଘୋଷଣା କରିବା ଦରକାର। ସେହିଭଳି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ଦଳୀୟ ୱେବସାଇଟ୍‌ରେ ମଧ୍ୟ ସୂଚନା ଦେବେ। ଏପରି କି ଗଣମାଧ୍ୟମରେ ପ୍ରାର୍ଥୀ ଓ ଦଳଗୁଡ଼ିକ ଏକ ଘୋଷଣାନାମା ଜାରି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ତାହା ସତ୍ତ୍ୱେ ଅପରାଧ ମାମଲା ଥିବା ନେତାମାନେ ନିର୍ବାଚନ ଲଢ଼ି ଜିତୁଛନ୍ତି। ତେବେ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି ଇସି ଏବଂ ଭାଜପା ନେତା ତଥା ଆବେଦନକାରୀ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ଏକାଠି ବସି ଏହାର ମୁକାବିଲା ପାଇଁ ଏକ ପ୍ରସ୍ତାବ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

ବିଭିନ୍ନ ସମୟରେ ସର୍ବୋଚ୍ଚ ଅଦାଲତ ରାଜନୀତିକୁ ଅପରାଧମୁକ୍ତ କରିବା ଲାଗି ତାଗିଦ୍ କରୁଛନ୍ତି। ପାର୍ଲାମେଣ୍ଟରେ ଏ ଦିଗରେ ଆଇନ ଅଣାଯିବା ପାଇଁ ଦାବି ହେଉଛି। ହେଲେ ରାୟ ଦେଉଥିବା ବିଚାରପତିମାନଙ୍କ ଦ୍ୱାରା ଘଟାଯାଉଥିବା ଅପରାଧ ଅନେକ ସମୟରେ ଯାଞ୍ଚ ହେଉନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ସୁପ୍ରିମକୋର୍ଟଙ୍କ ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ଅନ୍ୟପଟେ ଅପରାଧର ଗମ୍ଭୀରତାକୁ ମାପିବାର ବ୍ୟବସ୍ଥା ନାହିଁ। ସାଧାରଣତଃ ରାଜନୀତିରେ ଜଡ଼ିତ ବ୍ୟକ୍ତିମାନେ ଅନେକ ସମୟରେ ଶୋଭାଯାତ୍ରା, ପ୍ରତିବାଦ ସଭା ଆଦିରେ ଲୋକଙ୍କ ସହିତ ଭାଗ ନେଇଥାଆନ୍ତି। ସେତେବେଳେ ଶାସନ ବ୍ୟବସ୍ଥା ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥାଏ। ବିଭିନ୍ନ ଅଭିଯୋଗ ଦଫା ଲଗାଯାଇ ପ୍ରତିବାଦକାରୀଙ୍କୁ ଗିରଫ କରାଯାଏ। ଏହାକୁ ଉସୁକାଇବା ପାଇଁ ସେହି ସମୟର ଶାସକ ଦଳ ସକ୍ରିୟ ଭୂମିକା ନେଇଥାଏ। ଘଟଣାସ୍ଥଳକୁ ବିଶେଷଭାବରେ ଉଠାଇ ନେବା ପାଇଁ ପୋଲିସ ପାଖରେ କ୍ଷମତାର ପ୍ରୟୋଜନ ରହିଥାଏ। ସେଥିପାଇଁ ମିଛରେ ଦଫା ଲଗାଯାଇ ରାଜନେତାଙ୍କୁ ଗିରଫ କରାଯାଏ। ଏହି ପ୍ରକ୍ରିୟା ପରବର୍ତ୍ତୀ ସମୟରେ ଚାଲୁ ରହେ ଏବଂ ଅଧିକାଂଶ ସମୟରେ ରାଜନୈତିକ ବ୍ୟକ୍ତିମାନଙ୍କ ବିରୋଧରେ ବିଧିବଦ୍ଧ ମାମଲା ଦାଏର ହୁଏ। ଫଳରେ ବାସ୍ତବ ଅପରାଧୀ ଓ ପ୍ରତିବାଦ କରି ଦଫା ଲାଗିଥିବା ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରଭେଦ ଜଣାପଡ଼େ ନାହିଁ। ଓଡ଼ିଆରେ ଢଗ ଅଛି- ଧୂଆ ମୂଳା, ଅଧୂଆ ମୂଳା ସମାନ।

# ଡାଭୋସ୍ ସମ୍ମିଳନୀର ନିଷ୍କର୍ଷ



ସହଦେବ ସାହୁ

ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ (ବିଶ୍ୱ ଅର୍ଥନୈତିକ ମଞ୍ଚ)ର ବାର୍ଷିକ ଅଧିବେଶନ ଜାନୁଆରୀ ୨୧ରୁ ୨୪ ଯାଏ ବସେ ଜେନେଭାର ଡାଭୋସ୍‌ଠାରେ। ପୃଥିବୀରେ ଚିରନ୍ତନ ବିକାଶର ଏକ ଅକ୍ଷୟ ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଏ ଫୋରମ୍‌ଟିକୁ ୫୦ ବର୍ଷ ତଳେ ତିଆରି କରିଥିଲେ କ୍ଲାଉସ୍ ସ୍ୱାବ୍। ଜଙ୍ଗଲରେ ପ୍ରାଣୀମାନେ ଶୋଷ ମେଣ୍ଟାଇବା ପାଇଁ ପାଣି ଥିବା ଯେଉଁ ଜାଗାକୁ ଯାଆନ୍ତି, ତାକୁ ୱାଟର୍ ହୋଲ୍ କୁହାଯାଏ, ଦୁନିଆଟା କିପରି ସମସ୍ତଙ୍କ ପାଇଁ ସବୁଦିନେ ସୁଖ ଓ ଶାନ୍ତିର ଇଲାକା ହୋଇ ରହିବ ସେହି ଚିନ୍ତା-ଶୋଷରେ ଜଡ଼ିତ ବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ଶୋଷ ମେଣ୍ଟାଇବା ଜାଗା ହୋଇଯାଇଛି ସୁଇଜରଲାଣ୍ଡର ଏକ ହିମପାହାଡ଼ ଘେରା ଡାଭୋସ୍ ଗ୍ରାମ। ପୃଥିବୀର ବିଭିନ୍ନ ସମସ୍ୟାକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ଦରକାର ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ର ଭିତରେ ଉତ୍ତମ ବୁଝାମଣା ଓ ସହଯୋଗ। ପ୍ରତିବର୍ଷ ଗୋଟିଏ ସ୍ଥାନରେ ଉଭୟ କ୍ଷେତ୍ରର ନେତୃବୃନ୍ଦ ଏକାଠି ହେବା ଦରକାର, ସ୍ୱଳ୍ପ ସମୟ ଭିତରେ ପୃଥିବୀର ବ୍ୟସ୍ତତମ ବ୍ୟକ୍ତିମାନଙ୍କ ଚିନ୍ତା ଓ କାର୍ଯ୍ୟ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ ପାଇବା ଉଚିତ। ସେମାନେ ମଧ୍ୟ ସାଧାରଣ ଲୋକଙ୍କ ପ୍ରତିନିଧିମାନଙ୍କ କଥା ଶୁଣିବା ଦରକାର। ସେପରି ଏକ ମଞ୍ଚ ହେଉଛି ୱାର୍ଲ୍ଡ ଇକୋନୋମିକ୍ ଫୋରମ୍।

ଭୋଟରଙ୍କୁ ଖୁସି କରାଇବା ପ୍ରକଳ୍ପମାନ ଦେଖାଉଥିବା ନେତାମାନଙ୍କ ସଂଖ୍ୟା ବଢ଼ୁଛି, ତେଣୁ 'ଭବିଷ୍ୟତ'ର ଚିନ୍ତାକୁ କେବଳ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଦୃଷ୍ଟ୍ୟମାନ। ଏପରି କ୍ଷେତ୍ରରେ ମଣିଷ ଜାତି ଆଗାମୀ ପ୍ରଳୟଙ୍କରୀ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ସାମ୍ନା କରିବାର ଚିନ୍ତା କାହାରି ମୁଣ୍ଡରେ ପଶୁନାହିଁ, ସେ ବିଷୟରେ ଚିନ୍ତା କରିବାର ମଞ୍ଚ ହେଉଛି ଡାଭୋସ୍। ଯେଉଁମାନେ ଦେଶକୁ ଚଳାଇବାରେ ଭାଗ ନିଅନ୍ତି ଓ ଯେଉଁମାନଙ୍କ କଥାରେ ବା ପରାମର୍ଶରେ ସରକାର ଚାଲେ ସେମାନେ କିପରି ସମସ୍ତଙ୍କୁ ମିଶାଇ ଏକ ଅକ୍ଷୟ ପୃଥିବୀ ଗଢ଼ିବେ ତାହା ହେଉଛି ୫୦ତମ ଡାଭୋସ୍ ସମ୍ମିଳନୀର ଆଲୋଚ୍ୟ ବିଷୟ। ଏ ବିଷୟର କେନ୍ଦ୍ରରେ ରହିଛି ଉତ୍ତରଦାୟୀ ପୁଞ୍ଜିବାଦୀମାନଙ୍କ ଧାରଣା ଉପରେ ଆଲୋଚନା। ପୁଞ୍ଜିବାଦୀମାନେ କିପରି 'ଆୟର ଅସମାନତା, ସମାଜର ବିଭେଦ ଓ ଜଳବାୟୁ ସଂକଟ'କୁ ପରାହତ କରିପାରିବେ, ତାକୁ ହେଜାଇ ଦେବାର ଏହା ଏକ ଅବସର ଥିଲା। ଆଲୋଚନା ଥିଲା- ନ୍ୟାୟୋଚିତ ଟିକସ ବ୍ୟବସ୍ଥା, ଭ୍ରଷ୍ଟାଚାର ପ୍ରତି ଅସହ୍ୟତା ଓ ମାନବିକ ଅଧିକାର ପ୍ରତି ସମ୍ମାନ।

ପୁଞ୍ଜିବାଦରେ ଲାଭର ଲୋଭକୁ କମାଇ କିପରି ବିଶ୍ୱକୁ ଅକ୍ଷୟ ଓ ସଂହତ ରଖିବାରେ ସମ୍ପୃକ୍ତ ବ୍ୟକ୍ତିମାନେ ଲାଗିବେ ସେଥିପାଇଁ ୫ଟିଟି ବିଭାଗରେ ଆଲୋଚନା ହେଲା- ପରିବେଶ, ଜଳବାୟୁ, ସମାଜ, ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଓ ରାଜନୀତିର ଭୌଗୋଳିକତା। ୪୦୦ ସେସନ ବା ବିଭାଗରେ ଆଲୋଚନା ହେଲା- ଭାଗନେଲେ ୧୧୭ ଦେଶରୁ ଆସିଥିବା ପ୍ରତିନିଧିମାନେ। ତନ୍ମଧ୍ୟରେ ଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ ଉପପ୍ରଧାନମନ୍ତ୍ରୀ ହାନ୍ ଝେଙ୍ଗ୍, ଜର୍ମାନୀ ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ପ୍ରମୁଖ ୫୩ଟି ରାଷ୍ଟ୍ରର ମୁଖ୍ୟ ବା ଉପମୁଖ୍ୟ। ବେସରକାରୀ ସଂସ୍ଥାମାନଙ୍କରୁ ୧୬୮୦ ନେତା, ସାଧାରଣ ସମାଜରୁ ବିଭିନ୍ନ ଶ୍ରମିକ ନେତା ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସମ୍ପୃକ୍ତ ସଂସ୍ଥାମାନଙ୍କର ନିର୍ବାହୀ ପ୍ରଶାସକଙ୍କ ଭଳି ନିୟାମକ ବ୍ୟକ୍ତିମାନେ। ୨୦ ବର୍ଷରୁ କମ୍ କିଶୋର କିଶୋରୀ ନେତା ବି ଥିଲେ। ୨୦୨୦ର ପ୍ରସଙ୍ଗ ଥିଲା 'ମାର୍ଫଦାରଙ୍କ ପୁଞ୍ଜିବାଦ' ମାନେ କ'ଣ? ପ୍ୟାରିସ୍ ରାଜିନାମା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ କେତେଦୂର ପୂରଣ ହୋଇଛି? ପ୍ରଯୁକ୍ତି ଓ ବାଣିଜ୍ୟ କିପରି ମଣିଷ ସମାଜର ମଙ୍ଗଳ କରିବ ତାହା ଉପରେ ଆଲୋଚନା। ବିଶ୍ୱଅର୍ଥନୈତିକ ମଞ୍ଚର ୧୦୦୦ ମେମ୍ବର କମ୍ପାନୀର ପ୍ରତିନିଧିଙ୍କ ସହ ୧୧୭ ଦେଶ ତଥା ଅଞ୍ଚଳରୁ ୩୦୦୦ ବ୍ୟକ୍ତି ଭାଗନେଲେ। ମନେ ରଖିବା କଥା ଯେ ଡାଭୋସ୍ ପୌରପରିଷଦର ଅଧିବାସୀ ସଂଖ୍ୟା ୧୧ ହଜାରରୁ କମ୍, ପୁଣି ଜୁରିଚ୍ ବିମାନବନ୍ଦରଠାରୁ ୧୫୦ କିଲୋମିଟର ଦୂର। ଡାଭୋସ୍ ସମ୍ମିଳନୀରେ କେବଳ ଆମନ୍ତ୍ରଣ ପାଇଥିବା ରାଜନେତା, ଶିକ୍ଷାଜଗତର ବ୍ୟକ୍ତି, ଏନ୍‌ଜିଓ, ଧର୍ମଗୁରୁ, ମେଡିଆ ଯୋଗ ଦେଇପାରନ୍ତି। ଲକ୍ଷ୍ୟ ବା ମିଶନ ହେଉଛି ବିଶ୍ୱର ଅବସ୍ଥାରେ ଉନ୍ନତି। ଢାଞ୍ଚା (ଫର୍ମାଟ୍) ହେଉଛି- ପ୍ରତ୍ୟେକ ବକ୍ତା ୧୦ ମିନିଟ କହିବେ ବା ଉପକ୍ରମଣିକା ଦେବେ, ପରେ ପାନେଲ୍ ବା ଗୋଷ୍ଠୀ ଆଲୋଚନା ହେବ, ଶ୍ରୋତାମାନେ ବି ଭାଗନେବେ। ସେଠି ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ନାହିଁ, କି ଆନୁଷ୍ଠାନିକ ଉପସ୍ଥାପନ ନାହିଁ।

ମାର୍ଫଦାରୀ ପୁଞ୍ଜିବାଦ ଉପରେ ଆଲୋଚନାର ବିଷୟବସ୍ତୁ ଥିଲା- ନ୍ୟାୟୋଚିତ ଟିକସ ବ୍ୟବସ୍ଥା, ଭ୍ରଷ୍ଟାଚାର ପ୍ରତି ଅସହ୍ୟତା ଓ ମାନବିକ ଅଧିକାର ପ୍ରତି ସମ୍ମାନ। ପୁଞ୍ଜିବାଦରେ ଲାଭର ଲୋଭ ବଦଳରେ କିପରି ବିଶ୍ୱକୁ ଅକ୍ଷୟ ଓ ସଂହତ ରଖିବାରେ ଲାଗିବେ ସେଥିପାଇଁ ୫ଟିଟି ବିଭାଗରେ ଆଲୋଚନା ହୋଇଛି- ପରିବେଶ, ସମାଜ, ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଓ ରାଜନୀତିର ଭୌଗୋଳିକତା। ୪୦୦ ସେସନ ବା ବିଭାଗରେ ଆଲୋଚନା ହେଲା- ଭାଗନେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ ଉପପ୍ରଧାନମନ୍ତ୍ରୀ ହାନ୍ ଝେଙ୍ଗ୍, ଜର୍ମାନୀ ଚାନ୍ସେଲର୍ ଆଞ୍ଜେଲା ମର୍କେଲ୍ ଆଦି ୫୩ଟି ଦେଶର ରାଷ୍ଟ୍ରମୁଖ୍ୟ ବା ରାଷ୍ଟ୍ରର ଉପମୁଖ୍ୟ, ଜାତିସଂଘର ବିଭିନ୍ନ ଶାଖାର ମୁଖ୍ୟ ବା ଉପମୁଖ୍ୟ, ଇଣ୍ଟରପୋଲ୍‌ର ସେକ୍ରେଟାରି ଜେନେରାଲ୍, ନାଟୋର ସେକ୍ରେଟାରି ଜେନେରାଲ୍, ବେସରକାରୀ ସଂସ୍ଥାମାନଙ୍କରୁ ୧୬୮୦ ନେତା, ସାଧାରଣ ସମାଜରୁ ବିଭିନ୍ନ ଶ୍ରମିକ ନେତା, ଶିକ୍ଷା ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ସମ୍ପୃକ୍ତ ସଂସ୍ଥାମାନଙ୍କର ନିର୍ବାହୀ ନିର୍ଦ୍ଦେଶକମାନେ, ୨୦ ବର୍ଷରୁ କମ୍ ଯୁବନେତା ୧୦ ଜଣ।

ଚଳିତ ୫୦ତମ ବାର୍ଷିକରେ ଡାଭୋସ୍ ସମ୍ମିଳନୀର ଆଲୋଚନାର ଶୀର୍ଷକ ଥିଲା 'ମୁକ୍ତ ସମାଜ, ଉଦାରତା, ମାନବିକ ଅଧିକାର ଓ ବିଶ୍ୱଭ୍ରାତୃତ୍ୱ'। ଏ ସବୁର ଅନ୍ତରାୟ ହେଉଛି ଭ୍ରଷ୍ଟାଚାର। ସମ୍ମିଳନୀକୁ ହେଜାଇ ଦେବା ଲାଗି ସମ୍ମିଳନୀପୂର୍ବରୁ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ୍ (ସ୍ୱଚ୍ଛତା ଆନ୍ତର୍ଜାତିକ) ୧୮୦ଟି ଦେଶ ଓ ଅଞ୍ଚଳର ସର୍ଭେ କରି ସେମାନଙ୍କର 'କରପସନ୍ ପର୍ସେପ୍‌ସନ୍ ଇଣ୍ଡେକ୍ସ' (ସିପିଆଇ) ପ୍ରକାଶ କଲା, ତହିଁରେ ଦର୍ଶାଇଲା ଯେ ଲୁଚାଛପା ରାଜନୈତିକ ପାଣ୍ଠି ସଂଗ୍ରହ ଓ ସରକାର ତଥା ପ୍ରଭାବଶାଳୀ ନେତାମାନଙ୍କ ଉପରେ ଲାଭଖୋର ପୁଞ୍ଜିପତିମାନଙ୍କ (କମ୍ପାନୀମାନଙ୍କ ବି) ଅନୈତିକ ଚାପ (ଲବି) ହିଁ ଭ୍ରଷ୍ଟାଚାର ବଢ଼ାଉଛି। ସବୁ ଦେଶ ସମ୍ପଦ ସହ ଯେ ଆର୍ଥିକ ସ୍ୱଚ୍ଛତା ଦେଶର ବିକାଶରେ ସହାୟକ, ତଥାପି ଜିଡିପିରେ ଉନ୍ନତି ଦେଖାଉଥିବା ଦେଶମାନେ ବି ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଉନାହାନ୍ତି।

ସିପିଆଇରେ ଭାରତର ସ୍ଥାନ ୮୦, ପାଇଛି ୪୧ ନମ୍ବର। ୨୦୧୯ରେ ସିପିଆଇରେ ସ୍ଥାନ ଥିଲା ୭୮, ଭାରତ ୨ ସ୍ଥାନ ତଳକୁ ଖସିଛି। ସିପିଆଇରେ ଶୂନ ହେଉଛି ଆଦର୍ଶ ଶାସନ ବା ଭ୍ରଷ୍ଟାଚାର-ଶୂନ୍ୟ, ୧୦୦ ହେଉଛି ସବୁଠୁ ବେଶୀ ଭ୍ରଷ୍ଟାଚାରୀ। ଅଷ୍ଟ୍ରେଲିଆ (ସିପିଆଇ ୭୭ ଥିଲେ ବି) ଓ ଭାରତ ଭଳି ଗଣତନ୍ତ୍ରରେ ବି ରାଜନେତାଙ୍କ ଭ୍ରଷ୍ଟାଚାର କମିବାର ନାଁ ଧରୁନାହିଁ। ଚୀନ (ସିପିଆଇରେ ଭାରତ ଭଳି ୪୧ ନମ୍ବର ପାଇଛି।) ଭ୍ରଷ୍ଟାଚାର ହାର କମାଇପାରିଲେ ଯେ ଭାରତ ଆହୁରି ବିକଶିତ ହୋଇପାରନ୍ତା ଏବଂ ଧନୀ ଗରିବ ତାରତମ୍ୟ କମନ୍ତା, ତାହା ଆମ ନେତାମାନେ ଭାବୁନାହାନ୍ତି।

କେବଳ ନିର୍ମାଣଭିତ୍ତିକ କାମ କଲେ ଶାସକଦଳକୁ ପର୍ସେଣ୍ଟେଜ୍‌ଟା ସାଙ୍ଗେ ସାଙ୍ଗେ ମିଳିଯାଏ, ଡାକ୍ତର ନ ଥିଲେ ବି ଡିସ୍ପେନ୍ସାରୀ କୋଠା ହେବ, ଶିକ୍ଷକ ନ ଥିଲେ ବି ବିଶ୍ୱବିଦ୍ୟାଳୟ କୋଠାବାଡ଼ି ହେବ, ଇସ୍ପାତ ଶିଳ୍ପରେ ତାଲିମ୍ ବା ଶିକ୍ଷାପ୍ରାପ୍ତ ଯୁବା ପ୍ରସ୍ତୁତ ନ କରି ଲୌହ କାରଖାନା ବସିବ- ଏ ସବୁ ଭିତରେ ଧନ ଅର୍ଜନ ଚିନ୍ତା ବେଶି, ଲୋକଙ୍କ ସେବା ବା ବିକାଶ କମ୍। ନାଗରିକମାନଙ୍କ ପ୍ରତି ପୁଞ୍ଜିବାଦୀମାନଙ୍କ କର୍ତ୍ତବ୍ୟ ଏବଂ ସମାଜରେ ଅସମାନତା ଦୂର କରିବା ପ୍ରତି ସରକାରୀ ଉଦ୍ୟମ କରିବାକୁ କୁହାଯାଉଛି। ଏ ସମ୍ମିଳନୀରେ ତ ପୁଞ୍ଜିବାଦର ଲଗାମଛଡ଼ା ଲୋଭ, ଉତ୍ତରାଧିକାର ସୂତ୍ରରେ ପାଉଥିବା ସମ୍ପତ୍ତି ଉପରେ ଟିକସହାରର ପ୍ରତିମୂର୍ତ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡାଭୋସ୍ ସମ୍ମିଳନୀକୁ ନିଜ-ବ୍ୟକ୍ତିତ୍ୱର ବିଜ୍ଞାପନପତ୍ର କରିଦେଲେ, ଯେଉଁ ତାରେଟି ବିଷୟ ସମସ୍ତ ଚିନ୍ତାଶୀଳ ବ୍ୟକ୍ତିଙ୍କ ମୁଣ୍ଡରେ ଥିଲା- ମୁକ୍ତ ସମାଜ, ଉଦାରତା, ମାନବିକ ଅଧିକାର ଓ ବିଶ୍ୱଭ୍ରାତୃତ୍ୱ- ଏ ସବୁର ବିରୋଧୀ ଟ୍ରମ୍ପ ଡାଭୋସ୍ ମଞ୍ଚକୁ ଆତ୍ମବଡ଼ିମାର ମଞ୍ଚ କରିଥିଲେ, ଆଗାମୀ ରାଷ୍ଟ୍ରପତି ନିର୍ବାଚନର ପ୍ରଚାର ମଞ୍ଚ। ଡୋଭୋସ୍ ତା'ର ଉଦ୍ଦେଶ୍ୟକୁ କିଞ୍ଚିତ୍ ମାତ୍ରାରେ ବି ସଫଳ କରିପାରିଲା ନାହିଁ, ପୃଥିବୀର ଭବିଷ୍ୟତ ଯେନି ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କୁ ବେଶି ଚିନ୍ତାରେ ପକାଇଲା। ବିଶ୍ୱରେ ନେତାମାନଙ୍କ ତଥା ଲାଭଖୋର ପୁଞ୍ଜିପତିମାନଙ୍କ ଅସଲ ଚେହେରା ପୁଣି ଥରେ ଦେଖାଇଦେବା ଡାଭୋସ୍‌ର ସଫଳତା।

ଇମେଲ୍: sahadevas@yahoo.com

# ଶ୍ରୀମନ୍ଦିର ସଂସ୍କାରର ବାକି ଦିଗ

ଯଦୁନନ୍ଦନ ସାମଲ

ମୁଁ ଜଣେ ବରିଷ୍ଠ ନାଗରିକ। ବୟସ ୮୦ରୁ ଊର୍ଦ୍ଧ୍ୱ। ମୋ ନାତୁଣୀ (୧୨ ବର୍ଷ) ଓ ପରିବାର ସଦସ୍ୟଙ୍କ ସହ ଗତ ଜାନୁଆରୀ ୧୨ ତାରିଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀ ଯାଇଥିଲି। ମନର ଉତ୍କଣ୍ଠା ଥିଲା ଶ୍ରୀମନ୍ଦିରର ଯେଉଁ ସଂସ୍କାର କାର୍ଯ୍ୟ କରାଯାଉଛି, ତାକୁ ଆଖି ପୂରେଇ ଦେଖିବା ପାଇଁ। ସେସବୁ ପ୍ରକ୍ରିୟା ସାଙ୍ଗରେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ମହତ୍ କାର୍ଯ୍ୟ ପାଇଁ ଅନ୍ତର ମୋର କୃତଜ୍ଞତା ବୋଧରେ ଭରିଗଲା। ଧାଡ଼ିରେ ଯାଇ ସିଂହଦ୍ୱାରରୁ ବାଇଶିପାହାଚ ଓ ତା'ପରେ ବିନା ଧାଡ଼ିରେ ଶ୍ରୀମନ୍ଦିରରେ ଯିବାକୁ ହେଲା। ବିଶେଷ କିଛି ଅସୁବିଧା ହେଲାନାହିଁ। କାରଣ ପରିସର ପ୍ରଶସ୍ତ ଥିଲା। ବେଢ଼ା ମଧ୍ୟରେ ପ୍ରବେଶ କରି ପୁଣି ଧାଡ଼ିରେ ଯିବାକୁ ହେଲା ଏବଂ ବନ୍ଧୁଧାଡ଼ିର ଭକ୍ତମାନଙ୍କୁ ଦଳ ଦଳ କରି ମନ୍ଦିର ମଧ୍ୟକୁ ଛଡ଼ା ଯାଉଥିବା ଦେଖିଲି, ଅତ୍ୟନ୍ତ ଶୃଙ୍ଖଳିତ ବ୍ୟବସ୍ଥା।

କିନ୍ତୁ ମନ୍ଦିର ପ୍ରବେଶପଥ ପୂର୍ବରୁ ଏତେ ସଂଖ୍ୟକ ଭକ୍ତଙ୍କୁ ଭିତରକୁ ଛଡ଼ାଗଲା ଯେ ମୁଁ ଓ ମୋ ନାତୁଣୀ ସେ ଭିଡ଼ ଭିତରେ ଅନ୍ତର୍ହିତ ହେବା ଅବସ୍ଥା ହୋଇପଡ଼ିଲା। ପ୍ରଭୁଙ୍କ ଦର୍ଶନ ଅଭିପ୍ରାୟରେ ବହୁ କଷ୍ଟରେ ଚିପି ହୋଇ ଗର୍ଭଗୃହ ପର୍ଯ୍ୟନ୍ତ ଗଲୁ। ସେଠାରେ ଦ୍ୱାରର ସଂକୀର୍ଣ୍ଣତା ଓ ପଛରୁ ପ୍ରବଳ ଠେଲାଠେଲା ହେତୁ ମୁଁ ଅଣନିଃଶ୍ୱାସୀ ହୋଇପଡ଼ିଲି। ନାତୁଣୀର ହାତ ଛାଡ଼ୁ ନ ଥାଏ। ତଳେ ପଡ଼ିଗଲେ ଦଳାଚକଟାରେ ପ୍ରାଣ ନାଶ। ପାହାଚ ଦୃଷ୍ଟିଗୋଚର ହେଉ ନ ଥାଏ। ବହୁ କଷ୍ଟରେ ନାତୁଣୀକୁ କାନ୍ଧ ପାଖକୁ ଟାଣି ପାହାଚ ଚଢ଼ି ଉପରକୁ ଉଠିଲା ପରେ କଳା ଠାକୁରଙ୍କ ସୌମ୍ୟ ମୂର୍ତ୍ତିର ଉଦ୍ଧ୍ୱ ଦର୍ଶନ କ୍ଷଣକ ପାଇଁ ହୋଇଗଲା। କାରଣ ପଛର ଠେଲାଠେଲାରେ ଅଧିକ କ୍ଷଣ ଠିଆ ହେବା କିମ୍ବା ଆଗକୁ ଯିବାର ମୁଁ ରହିଲା ନାହିଁ। ସେଠିକିରେ ସନ୍ତୁଷ୍ଟ ହୋଇ ନୀରବ ପ୍ରଣାମ ଜଣାଇ ପ୍ରସ୍ଥାନ ପଥରେ ଫେରି ଆସିଲି।

ପରିବାରର ଅନ୍ୟମାନେ ଅନ୍ୟ ଦଳରେ ଥିଲେ। ଯାହାହେଉ ପ୍ରଭୁଙ୍କ କରୁଣାରୁ ସେ ଜନସମୁଦ୍ର ମଧ୍ୟରେ ସମ୍ମିଳିତ ହୋଇ ଆନନ୍ଦବଜାର ଗଲୁ। ସେଥିରୁ ଜଣଙ୍କ ଖୁବ୍ ପରିସ୍ରା ଲାଗିଲାଣି। ଆନନ୍ଦବଜାର ଶେଷରେ ଯେଉଁଠାରେ ହାତ ଓ ପାଦ ଧୋଇବାର ପାଣି ଟ୍ୟାପ ବ୍ୟବସ୍ଥା ଅଛି, ସେହି କୋଣରେ ଶୌଚାଳୟର ବ୍ୟବସ୍ଥା ଥିବ ବୋଲି ଭାବି ତାକୁ ଖୋଜିବାରେ ଦେଖିଲି, ସେଠାରେ ଶୌଚାଳୟ ନାହିଁ, କିନ୍ତୁ ଲୋକମାନେ ସେଠାରେ ପରିସ୍ରା କରୁଛନ୍ତି। ବଡ଼ ଦୁର୍ଗନ୍ଧଯୁକ୍ତ ଦୟନୀୟ ଅବସ୍ଥା। ବାଧ ହୋଇ ଆମ ପିଲାଟି ସେଠାରେ ପରିସ୍ରା କଲା।

ଏ ହେଲା ଶ୍ରୀମନ୍ଦିରର ଭିତର ଅବସ୍ଥା ବରଂ ବିଶେଷ ଅବ୍ୟବସ୍ଥା। ପର୍ଯ୍ୟଟକମାନେ କେବଳ ଚିତ୍ରକଳା ଦେଖିବାକୁ ଯା'ନ୍ତି। ଭକ୍ତ ଯାଏ କିଛି କ୍ଷଣ ଶାନ୍ତ ରହି ସ୍ଥିର ନେତ୍ରରେ ପ୍ରଭୁଙ୍କର ଦର୍ଶନ ପାଇଁ। ଅବଶ୍ୟ ଖଡା ପରିସ୍ରା ମାଡିଲେ ଯଦି ବର୍ହିରୁ ନିସ୍ତାରର ବ୍ୟବସ୍ଥା ମନ୍ଦିର ଭିତରେ ନ ରହେ, ତେବେ ଭକ୍ତ ଜଣକ କରେ କ'ଣ। ଏଥିପାଇଁ ତ କୌଣସି ବ୍ୟବସ୍ଥା ବେଢ଼ା ମଧ୍ୟରେ ନାହିଁ। ବଡ଼ ବିକଳ ଅବସ୍ଥା। ଏହା ଯେବେ ଲୋକପ୍ରିୟ ସରକାରଙ୍କ ବିଚାର, ତେବେ କାହାକୁ ଆଉ କହିବା? ମୋ ଭଳି ବହୁ ଦୁର୍ବଳ, ବୟସ୍କ ଓ ପିଲାମାନେ ଶୌଚାଳୟ ଅଭାବରୁ ହନ୍ତସନ୍ତ ହେଉଥିବେ, ତାହା ନିଜ ଅଭିଜ୍ଞତାରୁ ଜଣାଗଲା। ଓଡ଼ିଶାର ଜଣେ ବରିଷ୍ଠ ନାଗରିକ ଭାବେ ଏହି ସମସ୍ୟାର ସମାଧାନ ପାଇଁ ମୁଁ କେତୋଟି ପରାମର୍ଶ ମୁଖ୍ୟମନ୍ତ୍ରୀଙ୍କଠାରେ ରଖୁଛି। ଯଥା: ବାହାରେ ଭିଡ଼ରୁ ରକ୍ଷା ପାଇବା ପାଇଁ ଯେପରି ଧାଡ଼ିର ବ୍ୟବସ୍ଥା ହୋଇଛି ମନ୍ଦିର ଭିତରେ ମଧ୍ୟ ସେମିତି ଧାଡ଼ିର ବ୍ୟବସ୍ଥା ହେଉ। ସେଥିରେ ବୟସ୍କ, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିଟିଏ ରହୁ। ନାରୀ ପୁରୁଷଙ୍କ ପାଇଁ ଅଲଗା ଧାଡ଼ି ରହିଲେ ସମସ୍ତେ ସୁସଂଯତ ଓ ସୁରକ୍ଷିତ ଭାବେ ପ୍ରଭୁଙ୍କ ମନଭରି ଦର୍ଶନର ସୁଯୋଗ ଲାଭ କରିପାରିବେ। ମୁଁ ସେଠାରେ ଜଣକୁ ପଚାରିବାରୁ ସେ କହିଲେ, ମନ୍ଦିର ମଧ୍ୟରେ ଧାଡ଼ି ବ୍ୟବସ୍ଥାର ପରମ୍ପରା ନାହିଁ। ଶୌଚାଳୟ ସ୍ଥାପନ ମଧ୍ୟ ସେହି ପରମ୍ପରା କାରଣରୁ ହୋଇପାରୁନାହିଁ କି? ଗରୁଡ଼ସ୍ତମ୍ଭ ପାଖରେ ମାଳ ମାଳ ଦୀପ ପ୍ରଜ୍ୱଳନ ପରମ୍ପରା, ତେବେ ଭାଙ୍ଗିଲା କେମିତି? ପରିବର୍ତ୍ତନ ପାଇଁ ପରମ୍ପରାକୁ ଭାଙ୍ଗିବାକୁ ପଡ଼ିବ ବୋଲି ବିଚାର କରି ତ ସରକାର ବାହାରେ ଏପରି ନିୟନ୍ତ୍ରିତ ବ୍ୟବସ୍ଥା କରିଛନ୍ତି। ଭିତର ପାଇଁ ଆବଶ୍ୟକ ହେଲେ ପରମ୍ପରା ଭଙ୍ଗ କରାଯାଇ ପାରିବ ନାହିଁ କାହିଁକି? ଯଦି ଭଙ୍ଗା ନ ଯିବ, ତା' ହେଲେ ଏହା ଏକ ଅନ୍ଧବିଶ୍ୱାସ ଏବଂ ବିକଳ ନୀରବତା ବୋଲି ବୁଝିବାକୁ ହେବ। ଖାଡାପରିସ୍ରା ଲାଗିଲେ ଅସୁସ୍ଥ ହେଉଥିବା ବ୍ୟକ୍ତିଙ୍କ ସ୍ଥିତି କ'ଣ ସରକାରୀ ମହାପ୍ରଭୁକମାନଙ୍କ ଅନୁଭବ ବାହାରେ। ଭକ୍ତଙ୍କ ପାଇଁ ଉଦାସୀନ। ଭକ୍ତଙ୍କ ସୁଖସୁବିଧା ଦେଖିବା ଭଗବତାନୁଷ୍ଠାନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟ।

ମୋର କ୍ଷୁଦ୍ର ପରାମର୍ଶ ଯେ ଶ୍ରୀମନ୍ଦିର ଭିତର ପରିସୀମା ମଧ୍ୟରେ ବିଭିନ୍ନ ସ୍ଥାନ ଯଥା କୋଇଲି ବୈକୁଣ୍ଠ, ଆନନ୍ଦବଜାର ଆଦି ସ୍ଥାନରେ ପର୍ଯ୍ୟାପ୍ତ ଶୌଚାଳୟର ନିର୍ମାଣ କରାଯାଉ। ବାହାରେ ସୁଲଭ ଶୌଚାଳୟ କଲେ ଭିତରେ ଥିବା ଭକ୍ତମାନଙ୍କର ଆଶୁ ଆବଶ୍ୟକତା ମେଣ୍ଟାଇବାରେ ତାହା ଆଦୌ ସାହାଯ୍ୟ କରିପାରିବ ନାହିଁ। ପରିଷ୍କାର ପରିଚ୍ଛନ୍ନତା ଶତପ୍ରତିଶତ ହେବା ଉଚିତ ଏବଂ ଅଳିଆ ପକାଇବା ପାଇଁ ଉପଯୁକ୍ତ ଅଳିଆ ପାତ୍ର ପର୍ଯ୍ୟାପ୍ତ ପରିମାଣରେ ବିଭିନ୍ନ ସ୍ଥାନରେ ରଖାଯିବା ମଧ୍ୟ ଜରୁରୀ। ମାନନୀୟ ମୁଖ୍ୟମନ୍ତ୍ରୀ ମହୋଦୟ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଭାପତି ଏ ବିଷୟରେ ନିର୍ମଳ ହୃଦୟରେ ବିଚାର କରି ଆଶୁ ଉଚିତ ପ୍ରତିକାର କରିବା ପାଇଁ ଏଇ ଲେଖାରେ ଅନୁରୋଧ।

ସତ୍ୟସାଇ ଏନ୍‌କ୍ଲେଭ, ଖଣ୍ଡଗିରି, ଭୁବନେଶ୍ୱର, ମୋ-୯୪୩୭୦୭୦୬୭୦

## ଏଇ ଭାରତରେ

ସେବା କରିବାର ଦୃଢ଼ ଇଚ୍ଛାଶକ୍ତି ଆଗରେ ଭୟର କୌଣସି ସ୍ଥାନ ନ ଥାଏ। ନିର୍ଭୟରେ ସବୁ ପ୍ରତିକୂଳ ପରିବେଶକୁ ପ୍ରତିହତ କରି ସେବକମାନେ ଆଗେଇ ଚାଲନ୍ତି ଲକ୍ଷ୍ୟ ପଥରେ, ଯାହା କରୁଛନ୍ତି ଜମ୍ମୁ ସହରର ରବିନ୍ଦ୍ରହୁଡ୍ ଆର୍ମି ସଦସ୍ୟମାନେ। ଏମାନେ ରାତିରେ ଘରୁ ବାହାରିଯାଆନ୍ତି ଭୋକିଲାଙ୍କ ପେଟ ଭରିବାକୁ। ଏମାନଙ୍କୁ ନ ଥାଏ ଆତଙ୍କବାଦୀ କି ଥଣ୍ଡାକୁ ଭୟ। ବସ୍ତି, ରେଲଷ୍ଟେସନ ଓ ଫ୍ଲାଏଓଭର୍ ତଳେ ରହୁଥିବା ଲୋକମାନଙ୍କୁ ଖାଇବାକୁ ଦେଉଛନ୍ତି ଏମାନେ। କିଛି ବର୍ଷ ପୂର୍ବେ ଏହି ଆର୍ମି ଗଠନ କରିଥିଲେ ଗାନ୍ଧୀନଗର ନିବାସୀ ବିନସ ଘୋଘୀ। ଧୀରେ ଧୀରେ ଏଥିରେ ସ୍ଥାନୀୟ ଯୁବକମାନେ ସାମିଲ ହୋଇ ହୋଟେଲ, ରେସ୍ତୋରାଁ, ବେକରି ସହ କିଛି ଲୋକଙ୍କ ଏବଂ ପୋଷ୍ଟର୍ ଲଗାଇ ବଳକା ଖାଦ୍ୟ ଦେବା ଲାଗି ଅନୁରୋଧ କରିଥିଲେ। ପ୍ରଥମେ ସେମାନଙ୍କୁ କେହି ବିଶ୍ୱାସକୁ ନେଇ ନ ଥିଲେ। କିନ୍ତୁ ଗୋଟିଏ ବେକରି ବଳକା ଖାଦ୍ୟ ଦେବାରୁ ସେମାନେ ଏହାକୁ ନେଇ ରାତିରେ ବାଣ୍ଟିବା ଆରମ୍ଭ କରିଥିଲେ। ଏହାପରେ ହୋଟେଲ ଓ ରେସ୍ତୋରାଁରୁ ଖାଦ୍ୟ ମିଳିବା ଆରମ୍ଭ ହୋଇଥିଲା। ସବୁ ଖାଦ୍ୟ ରାତି ୧୦ଟା ପରେ ମିଳେ। ଏହି ସମୟରେ ଜମ୍ମୁରେ ଖାଦ୍ୟ ବାଣ୍ଟିବା ସହଜ ନୁହେଁ। କିନ୍ତୁ ବିନସଙ୍କ ନେତୃତ୍ୱରେ ଏହାକୁ ସମ୍ଭବ କରାଯାଉଛି। ରାତି ୧୧ଟା ବେଳକୁ ସେମାନେ ଖାଦ୍ୟ ବାଣ୍ଟିବାକୁ ଯାଉଛନ୍ତି। ଭୋକିଲାମାନେ ଖାଇବା ପରେ ତାଙ୍କ ମୁହଁର ହସ ଦେଖି ସଦସ୍ୟମାନେ ସବୁ ଦୁଃଖ ଭୁଲିଯାଆନ୍ତି ବୋଲି କୁହନ୍ତି ବିନସ। ଜମ୍ମୁର କୌଣସି ବ୍ୟକ୍ତିବିଶେଷ ଯେମିତି ଭୋକରେ ନ ଶୋଇବେ ସେଥିପାଇଁ ଏହି ଆର୍ମି ମଧ୍ୟ ଅଭିଯାନ ଆରମ୍ଭ କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୯୫

- ୧୯୯୪ ମସିହାର ଇନ୍ଦିରା ଗାନ୍ଧୀ ଶାନ୍ତି ଓ ନିରସ୍ତ୍ରୀକରଣ ପୁରସ୍କାର ଦକ୍ଷିଣ ଆଫ୍ରିକାର ଆର୍ଚ୍ଚ ବିଶପ୍ ଡେସମଣ୍ଡ ଟୁଟୁଙ୍କୁ ପ୍ରଦାନ କରାଯାଇଛି।
- ଉନ୍ନତ ରାଷ୍ଟ୍ରଗୁଡ଼ିକର ମୋଟ ଘରୋଇ ଉତ୍ପାଦନର ଶତକଡ଼ା ୦.୭ ଭାଗ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନିମନ୍ତେ ସରକାରୀ ବିକାଶ ସହାୟତା ରୂପେ ଦେବା ପାଇଁ ବିକାଶଶୀଳ ଦେଶଗୁଡ଼ିକର ଦାବିକୁ ଆମେରିକାର ପ୍ରତ୍ୟାଖ୍ୟାନ।

## ଚିରନ୍ତନୀ

ଶୀତର ଗୋଧୂଳି ଶୀତଳ ତୋ କୋଳୁଁ
ଆସଇ ଚାଲି
ବୁଡ଼ିଯାଏ ରବି ଉଙ୍କୁଚାଇ ଛବି
ତୋହରି ପରେ।
ରହିଯାଏ ଆଭା ତୋର ବୁକେ ଲେଖି
ସୁନାର ଗାର।
ସାନ୍ତାଳ ଯୁବା ବୀଣାରେ କି ସ୍ୱର
ଦିଏଇ ଢାଳି!
ଆବରଣହୀନ କଳା ଦେହେ ତା'ର
କି ରୂପ ଝରେ,
କଣ୍ଠେ ଲଗାଇ ଯବାଫୁଲ ସମ
ପୋହଳାହାର!
ବନର ବିହଗ ପରାଏ ତାହାର
ବିଚଉ କାଳ
ତୋତେ ଚାହିଁ ସବୁ ପାସୋରି ଦିଏରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତ ରବିବାରର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ପାଉ

ମହାଶୟ,

ଗତ କିଛି ମାସ ଧରି ଦେଶ ସାରା ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥର ଦର ଅହେତୁକ ବୃଦ୍ଧି ପାଇଛି। ଏଭଳିକି ହେଉଛି ଚାଉଳ, ଅଟା, ଚିନି, ଗୁଡ଼, ଡାଲି, ଖାଇବା ତେଲ, ଆଳୁ, ପିଆଜ, ସବୁଜ ପନିପରିବା, ଫଳ, କ୍ଷୀର ଓ ଘିଅ ଇତ୍ୟାଦି। ସରକାରୀ ତଥ୍ୟ ଅନୁସାରେ ଗତ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୮% ଥିବା ବେଳେ ନଭେମ୍ବରରେ ୧୦.୧%କୁ ବୃଦ୍ଧିପାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ଗରିବ ଲୋକମାନଙ୍କୁ ସର୍ବାଧିକ ବାଧୁଥାଏ। ଏଣୁ କେନ୍ଦ୍ର ସରକାର ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ଦିଗରେ ତତ୍ପରତା ପ୍ରକାଶ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହଳିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଦୁର୍ନୀତି ହଟିଲେ ଦେଶର ଉନ୍ନତି ହେବ

ଭଲ୍ଲୋଚକଥାକୁ ଧରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ରହିଛି। ନିକଟ ଅତୀତରେ ଅନେକ ଲାଞ୍ଚଖୋର ଧରାପଡ଼ି ଦଣ୍ଡିତ ତଥା ନିଲମ୍ବିତ ହୋଇଛନ୍ତି। ଜନସାଧାରଣଙ୍କ ପାଖରେ ଯେଉଁ ପଞ୍ଚାୟତ ଅଧିକାରୀ, ସରପଞ୍ଚ, ବି.ଡି.ଓ, ବି.ଡି.ଏସ୍, ବ୍ଲକ କର୍ମଚାରୀ କିମ୍ବା କୌଣସି କାର୍ଯ୍ୟାଳୟର କର୍ମଚାରୀ ବା ଅଧିକାରୀ ଉତ୍କୋଚ ନେଇ କାର୍ଯ୍ୟ କରିବାର ପ୍ରସ୍ତାବ ରଖୁଛନ୍ତି ତାଙ୍କୁ ଦେବି ବୋଲି କହି ଆସି ଜିଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରନ୍ତୁ। ଆସନ୍ତୁ ଦୁର୍ନୀତି ଦୂର ହୋଇଯିବ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ଉତ୍ତଳଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ଲିପୁନ୍


ସ୍ମୃତି


ଜୀବନ


ମାନସ

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# କଫ୍ ସିରପ୍ ଚାଲାଣ, ୨ ଗିରଫ

**ନୂଆପଡା ଅଫିସ,୨୭।୧**

- ନୂଆପଡ଼ାରୁ ଅହମ୍ମଦାବାଦ ଲିଙ୍କ୍
- ୧୨ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ
- ନକଲି କଫ୍ ସିରପ୍ ପ୍ରସ୍ତୁତ କରି ଯୋଗାଉ ଥିଲେ
- ଅହମ୍ମଦାବାଦ, ଚଣ୍ଡିଗଡରୁ ଧରାପଡିଲେ

ନୂଆପଡାରୁ ଅହମ୍ମଦାବାଦ ଏବଂ ଚଣ୍ଡିଗଡ ପର୍ଯ୍ୟନ୍ତ ନକଲି କଫ୍ ସିରପ୍ କାରବାର ଚେର ଲମ୍ବିଛି । ଏହି ଘଟଣାରେ ନୂଆପଡା ପୋଲିସ ୨ ଅଭିଯୁକ୍ତ ଭବେଶ ଜିବାନୀ (୩୮) ଏବଂ ସୁମିତ କୁମାର(୨୮)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨ ଲକ୍ଷ ଟଙ୍କାର କଫ୍ ସିରପ୍ ଜବତ କରାଯାଇଛି । ସେମାନେ ନକଲି କଫ୍ ସିରପ୍ ତିଆରି କରି ଯୋଗାଣ କରୁଥିବା ନୂଆପଡା ଏସ୍‌ପି ବିନୀତ କୁମାର ଅଗ୍ରୱାଲ ସୋମବାର ଅପରାହ୍ନରେ ସ୍ଥାନୀୟ ନୂଆପଡା ଥାନାରେ ଆହୂତ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଏସ୍‌ପି ଅଗ୍ରୱାଲ କହିଛନ୍ତି, ଗତ ୨୨ ତାରିଖରେ ରାୟପୁରରୁ ନୂଆପଡାକୁ କଫ୍ ସିରପ୍ ଚାଲାଣ ହେଉଥିବା ଏକ ଟାଟା ଜିପ୍ ଗାଡିକୁ ନୂଆପଡା ପୋଲିସ ଜବତ କରିଥିଲା। ସେଥିରେ ସମ୍ପୃକ୍ତ ଗାଡି ମାଲିକ ପ୍ରକାଶ କୁକ୍ରେଜାଙ୍କ ସହ ଅନ୍ୟ ୨ ଅଭିଯୁକ୍ତ କୋମନାର ସୁମିତ କୁମାର ବୈଠାରୁ ଏବଂ କ୍ରିଷ୍ଣାର ସଞ୍ଜୟ କୁମାର ଯୋଷୀଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର କଫ୍ ସିରପ୍ ଜବତ କରିଥିଲା। ପରେ ଛାନ୍‌ଭିନ୍ କରିବାପରେ ସବୁ ଗୁମର ଖୋଲିଥିଲା।

ସୁମିତ ଏବଂ ସଞ୍ଜୟ ଅହମ୍ମଦାବାଦ(ଗୁଜରାଟ)ର ଭବେଶ ଜିବାନୀ ଏବଂ ମଣିମାଜ୍ରା (ଚଣ୍ଡିଗଡ)ର ସୁମିତ କୁମାରଙ୍କ ସହ ଯୋଗସୂତ୍ର ରଖିଥିଲେ। ଭବେଶ ବିଭିନ୍ନ ବ୍ରାଣ୍ଡରେ କଫ୍ ସିରପ୍ ତିଆରି କରି ଟ୍ରାନ୍ସପୋର୍ଟରେ ରାୟପୁରକୁ ପଠାଉଥିଲେ। ଏହାକୁ ପ୍ରକାଶ କୁକ୍ରେଜା ଗ୍ରହଣ କରି ଏପଟକୁ ଯୋଗାଣ କରୁଥିଲେ। ଅନ୍ୟପଟେ ସୁମିତ କୁମାର ଏସ-କଫ୍ ସିରପ୍ ବ୍ରାଣ୍ଡର ଷ୍ଟିକର କୋରିୟର ଯୋଗେ ପଠାଉଥିଲେ। ଏହା ଉପରେ ସବିଶେଷ ରିପୋର୍ଟ ସଂଗ୍ରହ ପରେ ଏସ୍‌ପି ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ ଅହମ୍ମଦାବାଦ ଏବଂ ଚଣ୍ଡିଗଡକୁ ଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭବେଶଙ୍କ ଘରୁ ମୋଟ ୬୩ କାର୍ଟୁନରେ ସିରପ ଜବତ କରି ଅଣାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଏମାନଙ୍କ ନିକଟରେ କୌଣସି ଲାଇସେନ୍ସ ନ ଥିଲା। ଏମାନେ ନକଲି ସିରପ୍ ତିଆରି କରି ଯୋଗାଣ କରୁଥିଲେ। ଏହାର ବିଶେଷ ତଦନ୍ତ ଚାଲିଛି ବୋଲି ଏସ୍‌ପି ଅଗ୍ରୱାଲ କହିଛନ୍ତି। ଏମାନଙ୍କ ବିରୋଧରେ ଦଫା ୪୬୫, ୪୬୮, ୪୭୧, ୧୨୦(ଖ), ଏନଡିପିଏସ ଆକ୍ଟ ୨୭(ଖ), ୨୮ ଡ୍ରଗ୍ସ ଆଣ୍ଡ କସମେଟିକସ ଆକ୍ଟରେ ଏକ ମାମଲା (ନଂ.୧୩/୨୦)ରୁଜୁ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ସମ୍ମିଳନୀରେ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ, ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ, ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଗିରଫ ୨ ଅଭିଯୁକ୍ତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଟିଆରେ ଦେଲି ଦହି**
**ବାସି ଧୋବ ଲୁଗା ପିନ୍ଧିବା ପାଇଁ**
**ଧୋବଣୀ ସାଙ୍ଗରେ ସହୀ ।**

ଯା'ଠାରୁ ଯାହାର କିଛି ଫାଇଦା ପାଇବାର ଆଶା ଥାଏ ତାକୁ ସେ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରିଥାଏ। ଏପରିକି ତା'ର ମନ ଜାଣି କିଛି କିଛି ଉପହାର ଦେଇ ତା'ସହ ସମ୍ପର୍କ ବଢ଼ାଇଥାଏ। ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଭଳି ଧୋବଣୀ ପାଖରୁ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ବା ହାତେଇ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ ଦୁଃଖ ଦେଖି**
**ଥନ ଥନ ହୁଏ ମୋହର ଆଖି ।**

ଯାହାର ହୃଦୟ ଯେତେ କୋମଳ ତା'ର ମନ ଅନ୍ୟ ପାଇଁ ସେତେ ବ୍ୟାକୁଳ। ଏଭଳି ବ୍ୟକ୍ତି ଅନ୍ୟ ଉପରେ ଦୁଃଖ ବିପତ୍ତି ପଡୁଥିବାର ଦେଖିଲେ ତାଙ୍କ ମନରେ କୋହ ସୃଷ୍ଟି ହେବା ସହ ଆଖିରୁ ଲୁହ ବାହାରି ଆସିଥାଏ। ସମଦରଦୀ ବ୍ୟକ୍ତି ଅନ୍ୟର ଦୁଃଖ କଷ୍ଟକୁ ସହ୍ୟ କରି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଜିଲାସ୍ତରୀୟ ଆନ୍ତଃକ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ ୮ଟା ।
- ମା'ଭଗବତୀ ଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା, ରେମେଡ ଛକ, ସକାଳ ୮ଟା ।
- ସମ୍ବଲପୁର ପୁସ୍ତକ ମେଳା, ଅଇଁଠାପାଲି ପିଏଚ୍‌ଡି ପଡିଆ, ଅପରାହ୍ନ ୨ଟାରୁ ରାତି ୧୦ଟା ।

**ଦେବଗଡ**
- ବନସୁରକ୍ଷା ସିମିତି ସ୍ତରୀୟ ତାଲିମ ଶିବିର, ବାରକୋଟ, ପୂର୍ବାହ୍ନ ୧୦ଟା।
- ଘରୋଇ କ୍ରିକେଟ ଲିଗ୍ ମ୍ୟାଚ ଅଣ୍ଡର ୧୬, ୧୯ର ସପ୍ତମ ଦିନ, ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ମହୁଲଡିପ ସାହି, ନାଳ ପଡିଆ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।

**ବିଜେପୁର**
- ବିଜେପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, କଲେଜ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**
- ମା ଭୈରବୀ ଫୁଟବଲ କପ୍‌ର ପଞ୍ଚମ ଦିନ ଖେଳ, ପୁରୁଣାକଟକ ଭୈରବୀ ମିନି ଷ୍ଟାଡିୟମ, ଅପରାହ୍ନ ସାଢେ ୩ଟା ।

## ପ୍ରଥମ ପୃଷ୍ଠାରୁ...

**ପୁଣି ଦ୍ୱିତୀୟ...** ୮୯ତମ ଓ ନୂଆପଡା ଜିଲା ୯୬ ତମ ସ୍ଥାନରେ ରହିଥିବା ଜଣାପଡିଛି । ନୀତି ଆୟୋଗ ପକ୍ଷରୁ ୫ଟି ମାନକକୁ ନେଇ ନିର୍ଦ୍ଧାରଣ କରାଯାଉଥିବା ଉନ୍ନୟନ ଓ ଅଗ୍ରଗତି ରିପୋର୍ଟରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ମାନକରେ ବଲାଙ୍ଗୀର ଜିଲା ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ କୃଷି ଓ ଜଳସମ୍ପଦ ମାନକରେ ନବମ ସ୍ଥାନରେ ରହିଛି । ଶିକ୍ଷା ମାନକରେ ୧୮ ନମ୍ବରରେ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବିକାଶ ମାନକରେ ୨୫ ନମ୍ବର ଏବଂ ମୌଳିକ ଭିତ୍ତିଭୂମି ବିକାଶ ମାନକରେ ବଲାଙ୍ଗୀର ଜିଲା ସମଗ୍ର ଦେଶରେ ୧୨ ନମ୍ବର ସ୍ଥାନରେ ରହିଛି । ତେବେ ନୀତି ଆୟୋଗର ମୋଟାମୋଟି (ଓଭରଅଲ୍) ଡେଲ୍‌ଟା ର୍‌ୟାଙ୍କିଙ୍ଗ୍ ରେ ବଲାଙ୍ଗୀର ଜିଲା ଦ୍ୱିତୀୟ ସ୍ଥାନ ହାସଲ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମଗ୍ର ଦେଶରେ ଆକାଂକ୍ଷୀ ଜିଲାଗୁଡିକ ମଧ୍ୟରେ କ୍ରମାଗତ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ବଲାଙ୍ଗୀର ଜିଲାରେ ନୀତି ଆୟୋଗର ୫ଟି ମାନକରେ ସୁଚାରୁ ଅଗ୍ରଗତି ଜାରି ରହିଥିବା ଜଣାପଡିଛି । ୨୦୧୯ ଜୁଲାଇ ମାସର ମୋଟାମୋଟି (ଓଭରଅଲ୍) ଡେଲ୍‌ଟା ର୍‌ୟାଙ୍କିଂରେ ବଲାଙ୍ଗୀର ଜିଲା ଦ୍ୱିତୀୟ ସ୍ଥାନରେ ରହିବା ସହ ମୌଳିକ ଭିତ୍ତିଭୂମି ବିକାଶରେ ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା । ୬ ମାସ ପରେ ପୁଣି ମୋଟାମୋଟି ର୍‌ୟାଙ୍କିଙ୍ଗ୍‌ରେ ବଲାଙ୍ଗୀର ଜିଲା ପୁଣି ଥରେ ସଫଳତା ଦୋହରାଇ ଥିବାରୁ ସମ୍ପୃକ୍ତ ବିଭାଗ ଓ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସମୟୋଚିତ ବିହିତ ପଦକ୍ଷେପକୁ ପ୍ରଶଂସା କରାଯାଇଛି । ଏହି ଅବସରରେ ଜିଲାପାଳ ଡାକୁଆ ନିର୍ଦ୍ଧାରିତ ମାନକଗୁଡିକ ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଆହୁରି ଉନ୍ନତି ଓ ଅଗ୍ରଗତି ଆଣିବାକୁ ଜିଲାର ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ।

**ଝାରସୁଗୁଡ଼ାରୁ...** ୧ଟା ୨୫ମିନିଟ୍‌ରେ କୋଲକାତା ଅଭିମୁଖେ ଉଡ଼ାଣ କରିଥିଲା। ପ୍ରଥମ ଦିନରେ ବିମାନଟି କୋଲକାତାରୁ ୧୬ଜଣ ଯାତ୍ରୀଙ୍କୁ ନେଇ ଆସିଥିବା ଏବଂ ଝାରସୁଗୁଡ଼ାରୁ ୨୫ଜଣ ଯାତ୍ରା କରିଥିବା ସୂଚନା ମିଳିଛି। ଏହି ବିମାନ ସେବା ଆରମ୍ଭ ହେବା ଫଳରେ ପଶ୍ଚିମ ଓଡ଼ିଶାବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏଲାଏନ୍ସ ଏୟାର୍ ଝାରସୁଗୁଡ଼ାରୁ ଭାୟା ରାୟପୁର ହୋଇ କୋଲକାତା ଉଡ଼ାଣ କରୁଥିଲା। ଉଲ୍ଲେଖଯୋଗ୍ୟ, ଏହି ବିମାନଟି କେବଳ ଝାରସୁଗୁଡ଼ା-କୋଲକାତା ମଧ୍ୟରେ ସୀମିତ ହୋଇ ରହିବ ନାହିଁ। ବିମାନଟି ଆସନ୍ତା ୩୧ତାରିଖରୁ ବାରାଣସୀ ପର୍ଯ୍ୟନ୍ତ ଯିବ। ତେଣୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ ସମୟରେ ଚାଲିବାକୁ ଥିବା ବେଳେ ୩୧ତାରିଖରୁ ଅନ୍ୟ ଏକ ସମୟ ସାରଣୀରେ ବିମାନ ଚଳାଚଳ କରିବ ବୋଲି ସୂଚନା ମିଳିଛି।

**ଓୟୁଏଟି...** ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଛି। କୁକୁଡ଼ାମରା ଅଭିଯାନ ଓ ସଂକ୍ରମଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ୧୨ ଦ୍ରୁତ କାର୍ଯ୍ୟକାରୀ ଦଳ (ରାପିଡ୍ ରେସ୍‌ପନ୍ସ ଟିମ୍) ନିଯୁକ୍ତ କରାଯାଇଛି। ଏଥିମଧ୍ୟରୁ ୭ ଟିମ୍‌କୁ କୁକୁଡ଼ା ମରା ଓ ପୋତିବା ଦାୟିତ୍ୱ ଦିଆଯାଇଛି। ସେମାନେ ଓୟୁଏଟି କୁକୁଡ଼ା ଫାର୍ମର କୁକୁଡ଼ା ମାରିବା ସହିତ ୧ କି.ମି. ବ୍ୟାସାର୍ଦ୍ଧ ଅଞ୍ଚଳରେ ରହିଥିବା ମାଂସ ଦୋକାନ ଏବଂ ଅନ୍ୟାନ୍ୟ ଫାର୍ମରେ ଥିବା କୁକୁଡ଼ାଙ୍କୁ ମାରି ପୋତିବେ। ଏଥିସହିତ ଘର ଘର ବୁଲି ପାଳିତ କୁକୁଡ଼ାକୁ ମାରିବା ବ୍ୟବସ୍ଥା କରିବେ। ସେହିପରି ୫ ଟିମ୍ ନିରୀକ୍ଷଣ ଅଞ୍ଚଳରେ ରୋଗ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ଟିମ୍‌ଗୁଡ଼ିକ ନିୟମିତ ବ୍ୟବଧାନରେ ସନ୍ଦିଗ୍ଧ କୁକୁଡ଼ାଙ୍କଠାରୁ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବାର ବ୍ୟବସ୍ଥା କରିବେ। ଅନ୍ୟପକ୍ଷରେ ବାର୍ଡ ଫ୍ଲୁ ଆଶଙ୍କାରେ ମଙ୍ଗଳବାରଠାରୁ ନନ୍ଦନକାନନ ପକ୍ଷୀ ବିହାରକୁ ବନ୍ଦ ରଖାଯାଇଛି। ସ୍ଥିତିକୁ ଦେଖି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ପକ୍ଷୀ ବିହାର ଖୋଲାଯିବ ନାହିଁ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

**ଜାରି ହେଲା କଟକଣା**

ବାର୍ଡ ଫ୍ଲୁ ନିୟନ୍ତ୍ରଣର ପ୍ରାଥମିକ ପଦକ୍ଷେପ ସ୍ୱରୂପ କେତେକ କଟକଣା ଜାରି କରାଯାଇଛି। କୌଣସି କୁକୁଡ଼ା ବା କୁକ୍କୁଟଜାତୀୟ ପକ୍ଷୀ କିମ୍ବା କୁକୁଡ଼ା ସହ ଜଡ଼ିତ ପଦାର୍ଥ ସଂକ୍ରମିତ ସ୍ଥାନର ୧ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରୁ ବାହାରକୁ ଚାଲାଣ କରାଯାଇପାରିବ ନାହିଁ। ସରକାରଙ୍କ ପକ୍ଷରୁ 'ଜୀବାଣୁମୁକ୍ତ ପ୍ରମାଣପତ୍ର' ପ୍ରଦାନର ୯୦ଦିନ ପରେ ସଂକ୍ରମିତ ଅଞ୍ଚଳରେ କୁକୁଡ଼ା ଓ କୁକ୍କୁଟଜାତୀୟ ପଦାର୍ଥର ବ୍ୟବସାୟ କରାଯାଇପାରିବ। ଏହି ଭାଇରସ୍ ମନୁଷ୍ୟଙ୍କୁ ଆକ୍ରାନ୍ତ କରିବା କ୍ୱଚିତ ଦେଖାଯାଇଥାଏ। ତେଣୁ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି କୁହାଯାଇଛି।

**ସରକାରଙ୍କୁ...** ହେବା ଉଚିତ୍ ନୁହେଁ। ଭୁବନେଶ୍ୱର ବିମାନ ବନ୍ଦରକୁ ମାଲେସିଆରୁ ବିମାନ ଚଳାଚଳ ହେଉଛି। ମାଲେସିଆରେ ୩ଜଣ କରୋନା ଭାଇରସ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଭୁବନେଶ୍ୱର ବିମାନ ବନ୍ଦରରେ ସ୍କ୍ରିନିଂ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି। ଏହି ପ୍ରସ୍ତାବକୁ ଗ୍ରହଣ କରି କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏହା ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ସଚିବ କହିଛନ୍ତି। ଏହି ଅବସରରେ ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ସଂକ୍ରମଣରୁ ରକ୍ଷା ପାଇଁ କ'ଣ କରିବେ: ଡିଏମ୍‌ଇଟି ପ୍ରଫେସର ସି.ବି.କେ. ମହାନ୍ତି କହିଛନ୍ତି, ନୂଆ ଭାଇରସ୍ 'କରୋନା' ପାଇଁ ଏଯାଏ କୌଣସି ନିର୍ଦ୍ଦିଷ୍ଟ ଔଷଧ ଓ ପ୍ରତିଷେଧକ ବାହାରି ନାହିଁ। ସଂକ୍ରମଣ ଲକ୍ଷଣକୁ ଦେଖି ଚିକିତ୍ସା କରାଯାଇପାରିବ। ଏହି ଭାଇରସ୍‌ର ଆପେକ୍ଷିକ ଆକାର ବଡ଼ ହୋଇଥିବାରୁ ବାୟୁମଣ୍ଡଳରେ ବେଶି ସମୟ ତିଷ୍ଠି ରହିପାରେ ନାହିଁ। ବେଶୀ ଦୂର ପର୍ଯ୍ୟନ୍ତ ମଧ୍ୟ ସଂକ୍ରମଣ ବ୍ୟାପିପାରିବ ନାହିଁ। ପ୍ରତିଷେଧକାତ୍ମକ ବ୍ୟବସ୍ଥା ସ୍ୱରୂପ ନିୟମିତ ଭାବେ ସାବୁନରେ ହାତ ଧୁଅନ୍ତୁ। କାଶ ବା ଛିଙ୍କ ସମୟରେ ନାକ ଏବଂ ମୁହଁକୁ ରୁମାଲରେ ଘୋଡ଼ାଇ ରଖନ୍ତୁ। ସର୍ଦ୍ଦି ବା କାଶ ହେଉଥିବା ଲୋକଙ୍କଠାରୁ ନିଜକୁ ଦୂରେଇ ରଖନ୍ତୁ। ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ। ବନ୍ୟ କିମ୍ବା ଫାର୍ମ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବାବେଳେ ସତର୍କତା ଅବଲମ୍ବନ କରନ୍ତୁ ବୋଲି ମହାନ୍ତି ପରାମର୍ଶ ଦେଇଛନ୍ତି।

ବିମାନ ବନ୍ଦରରେ ଯାଞ୍ଚ କଡ଼ାକଡ଼ି

'କରୋନା' ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କ୍ରିନିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ବାହାରୁ ଆସୁଥିବା ଯାତ୍ରୀଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ସହ କରୋନା ଭାଇରସ୍ ଚିହ୍ନଟ ଉଦ୍ୟମ ଆରମ୍ଭ ହୋଇଛି। କ୍ୟାପିଟାଲ ହସ୍ପିଟାଲର ଏକ ଡାକ୍ତରୀ ଟିମ୍ ଉପସ୍ଥିତ ରହି ଏହି କାର୍ଯ୍ୟରେ ସାମିଲ୍ ଥିବା ସୂଚନା ମିଳିଛି।

# ଏକାମ୍ର ଯୋଜନା ପାଇଁ ସହାୟତା ପ୍ୟାକେଜ

- ଜମି ଦେଇଥିବା ବ୍ୟକ୍ତିଙ୍କ ନାମଫଳକରେ ରହିବ
- ସ୍ଥିତିବାନ ଜମି ବଜାର ଦରରେ କିଣିବେ ସରକାର
- ତୁରନ୍ତ ବିସ୍ଥାପିତ ପାଇଁ ୧ ଲକ୍ଷ ଟଙ୍କା ପରିବହନ ଖର୍ଚ୍ଚ ମିଳିବ
- ଜମି ଅଧିଗ୍ରହଣଠାରୁ ବର୍ଷେ ଯାଏ ମାସକୁ ୧୫ ହଜାର
- ବାସଗୃହ ହରାଉଥିବା ମାଲିକଙ୍କୁ ୨୦ ଲକ୍ଷ ସହାୟତା, ଦୋକାନ କ୍ଷତିପୂରଣ
- ମାର୍କେଟ କମ୍ପ୍ଲେକ୍ସରେ ଖର୍ଚ୍ଚର ୫୦ ପ୍ରତିଶତ ରିହାତିରେ ଦୋକାନ ଘର ଯୋଗାଇ ଦିଆଯିବ
- ସ୍ୱଇଚ୍ଛାରେ ଜମି ଦାନ କଲେ ମିଳିବ ୧୦ ପ୍ରତିଶତ ଅଧିକ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର, ୨୭।୧ (ବ୍ୟୁରୋ)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ଏକାମ୍ର ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ବିସ୍ଥାପିତଙ୍କ ଥଇଥାନ ଓ ସହାୟତା ସକାଶେ ସ୍ୱତନ୍ତ୍ର ପ୍ୟାକେଜକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ବାସଗୃହ, ମଠ ଓ ଦୋକାନ ଘର ହରାଉଥିବା ବ୍ୟକ୍ତିଙ୍କ ପାଇଁ ସହାୟତା ଘୋଷଣା କରାଯାଇଛି। ଅଧିଗୃହୀତ ସମସ୍ତ ଜମି ଲିଙ୍ଗରାଜଙ୍କ ନାମରେ ରେକର୍ଡ କରାଯିବ। ଜମି ଦାନ କରିଥିବା ବ୍ୟକ୍ତିଙ୍କ ନାମ ପ୍ରକଳ୍ପ ଅଞ୍ଚଳରେ ଫଳକରେ ଲେଖାଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସ୍ଥିତିବାନ ସ୍ୱତ୍ୱରେ ନିର୍ମିତ ହୋଇଥିବା ବାସଗୃହଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥା ଅନୁଯାୟୀ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ। ଉପଯୁକ୍ତ କ୍ଷତିପୂରଣ ଅଧିକାର ଏବଂ ସ୍ୱଚ୍ଛ ଅଧିଗ୍ରହଣ, ପୁନର୍ବାସ, ପୁନଃ ଥଇଥାନ ଆଇନ-୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

ଅଧିଗ୍ରହଣ ହେବାକୁ ଥିବା ଜମିର ବଜାର ଦର କିମ୍ବା ତା'ଠାରୁ ଅଧିକ କ୍ଷତିପୂରଣ ଦିଆଯିବ। ଏହା ପରିବର୍ତ୍ତେ କୌଣସି ବ୍ୟକ୍ତି ଯଦି ଜମି ବଦଳରେ ଜମି ନେବାକୁ ଚାହିଁବେ ତେବେ ସେମାନଙ୍କୁ ଅନ୍ୟତ୍ର ଜମି ଯୋଗାଇ ଦିଆଯିବ। ଯଦି ଅନ୍ୟତ୍ର ଦିଆଯିବାକୁ ଥିବା ବିକଳ୍ପ ଜମିର ମୂଲ୍ୟ ଅଧିଗୃହୀତ ଜମିର ମୂଲ୍ୟ ଠାରୁ କମ୍ ହୋଇଥିବ ତେବେ ନିୟମ ଅନୁଯାୟୀ ବଳକା ମୂଲ୍ୟ ଆର୍ଥିକ ସହାୟତା ଆକାରରେ ଦିଆଯିବ। ବିସ୍ଥାପିତ ହେବାକୁ ଥିବା ପରିବାରଗୁଡ଼ିକୁ ପରିବହନ ଓ ତୁରନ୍ତ ବ୍ୟବସ୍ଥା ନିମନ୍ତେ ପ୍ରତି ପରିବାରକୁ ୧ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ। ଜମି ଅଧିଗ୍ରହଣ ହେବା ଦିନଠାରୁ ବର୍ଷକ ପର୍ଯ୍ୟନ୍ତ ପ୍ରତି ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ମାସିକ ସହାୟତା ଯୋଗାଇ ଦିଆଯିବ। ବାସଗୃହ ହରାଉଥିବା ପ୍ରତ୍ୟେକ ଘର ମାଲିକଙ୍କୁ ଏକକାଳୀନ ୨୦ ଲକ୍ଷ ଟଙ୍କା ଥଇଥାନ ଭତ୍ତା ପ୍ରଦାନ କରାଯିବ। ସେହିପରି ସ୍ଥିତିବାନ ଜମିରେ ନିର୍ମାଣ କରାଯାଇଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥା ଅନୁଯାୟୀ ସିଧାସଳଖ କ୍ରୟ କରାଯାଇ ଅଧିଗ୍ରହଣ କରାଯିବ।

ସେହିପରି ପ୍ରତି ୨୦୦ ବର୍ଗମିଟର କିମ୍ବା ତା'ଠାରୁ କମ୍ ନିର୍ମାଣ ଅଞ୍ଚଳରେ ନିର୍ମିତ ଦୋକାନ ପାଇଁ ଜମି ଅଧିଗ୍ରହଣ ହେବା ଦିନଠାରୁ ଦୋକାନ ଘର ମିଳିବା ପର୍ଯ୍ୟନ୍ତ ମାସିକ ୧୫ ହଜାର ଟଙ୍କା ଘରଭଡ଼ା ସହାୟତା ଯୋଗାଇ ଦିଆଯିବ। ୨୦୦ ବର୍ଗମିଟରର କିମ୍ବା ତା'ଠାରୁ ଅଧିକ ନିର୍ମାଣ ଅଞ୍ଚଳରେ ନିର୍ମିତ ଦୋକାନ ପାଇଁ ମାସିକ ୨୦ ହଜାର ଟଙ୍କା ଘରଭଡ଼ା ସହାୟତା ଯୋଗାଇ ଦିଆଯିବ।



ଥଇଥାନ ଯୋଜନାରେ ରାଜ୍ୟ ସରକାର ଦୋକାନ ହରାଉଥିବା ବ୍ୟକ୍ତିଙ୍କ ପାଇଁ ୩ଟି ବିକଳ୍ପ ବ୍ୟବସ୍ଥା କରିଛନ୍ତି। ପ୍ରଥମ ବିକଳ୍ପ- ବଜାର ଦରର ୫୦ ପ୍ରତିଶତ ମୂଲ୍ୟରେ ଦୋକାନ ଘର ଯୋଗାଇ ଦିଆଯିବ। ଦୋକାନ ଘରର ଅବଶିଷ୍ଟ ୫୦ ପ୍ରତିଶତ ମୂଲ୍ୟ ରାଜ୍ୟ ସରକାର ନିଜେ ରିହାତି ଭାବେ ବହନ କରିବେ। ଦ୍ୱିତୀୟ ବିକଳ୍ପ- ଦୋକାନ ହରାଉଥିବା ପ୍ରତ୍ୟେକ ବ୍ୟକ୍ତି ନିର୍ମିତ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ନୂଆ ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ସେମାନେ ଏହାକୁ ବଜାର ଦରର ୫୦ ପ୍ରତିଶତ ମୂଲ୍ୟରେ କ୍ରୟ କରିପାରିବେ। ସେହିପରି ତୃତୀୟ ବିକଳ୍ପ- ଦୋକାନ ମାଲିକମାନେ ଚାହିଁଲେ ଏକକାଳୀନ ୨୦ ଲକ୍ଷ ଟଙ୍କା ସହାୟତା ଭାବେ ନେଇପାରିବେ।

ଉଠାଦୋକାନୀଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ଥଇଥାନ ବ୍ୟବସ୍ଥା କରିଛନ୍ତି। ଏକାମ୍ର ପ୍ରକଳ୍ପ ଅଞ୍ଚଳରେ ଥିବା ସମସ୍ତ ତାଲିକାଭୁକ୍ତ ଉଠାଦୋକାନୀଙ୍କୁ ୩୦ ହଜାର ଟଙ୍କା ଏକକାଳୀନ ସହାୟତା ପ୍ରଦାନ କରାଯିବ। ଦୁଇଟି କିସ୍ତିରେ ସେମାନେ ଏହି ସହାୟତା ନେଇପାରିବେ। ଏହାଛଡ଼ା ଉଠାଦୋକାନୀମାନଙ୍କୁ ରାସ୍ତାକଡ ଭେଣ୍ଡିଂ ଯୋଜନା କରାଯାଇ ବ୍ୟବସାୟ କରିବାକୁ ଆବଶ୍ୟକ ସ୍ଥାନ ଯୋଗାଇ ଦିଆଯିବ।

ଏକାମ୍ର ଯୋଜନାରେ ସ୍ଥାନାନ୍ତରୀତ ହେଉଥିବା ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ସହାୟତା ଘୋଷଣା କରିଛନ୍ତି। ଏହି ଯୋଜନାରେ ବିସ୍ଥାପିତ ହେବାକୁ ଥିବା ସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକର ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନରଙ୍କ ଅଧକ୍ଷତାରେ ଏକ କମିଟି ଗଠିତ ହୋଇ ସ୍ଥିର କରିବେ। ସେହିପରି ବିସ୍ଥାପିତ ହେବାକୁ ଥିବା ମଠଗୁଡିକୁ ଜମି ଆବଣ୍ଟନ, ସଂରକ୍ଷଣ ଆଦି କାର୍ଯ୍ୟ ସମ୍ପର୍କରେ ଖୋର୍ଦ୍ଧା ଜିଲାପାଳ ଓ ହିତାଧିକାରୀମାନଙ୍କ ସହିତ ଆଲୋଚନା କରି ବିଏମ୍‌ସି କମିଶନର ନିଷ୍ପତ୍ତି ନେବେ। ପ୍ରତି ମଠର ପୁନର୍ବିନ୍ୟାସ ସମୟରେ ଏହାର ପୂର୍ବ ଢାଞ୍ଚାକୁ ଗୁରୁତ୍ୱ ଦିଆଯିବ। ଏହି ପୁନର୍ବାସ ଓ ଥଇଥାନ ନୀତି ଖୋର୍ଦ୍ଧା ଜିଲାପାଳଙ୍କ ସହ ଆଲୋଚନା କରି ବିଏମସି କମିଶନର କାର୍ଯ୍ୟକାରୀ କରିବେ। ଯେହେତୁ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମ୍ପନ୍ନ କରାଯିବ। ବିଏମସି କମିଶନର ଖୋର୍ଦ୍ଧା ଜିଲାପାଳଙ୍କ ସହିତ ଆଲୋଚନା କରି ସହାୟତା ରାଶି ହ୍ରାସ କିମ୍ବା ପରିବର୍ତ୍ତନ କରିପାରିବେ। ଏଥିପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁମୋଦନ ନେବାକୁ ପଡ଼ିବ। ଏହି ଯୋଜନା ପାଇଁ ପାଣ୍ଠି ବିଏମସି ତତ୍ତ୍ୱାବଧାନରେ ରହିବ। ଏହି ପ୍ରକଳ୍ପ କାର୍ଯ୍ୟ ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଦୃଷ୍ଟିରୁ ଅଧିଗ୍ରହଣ ସୂଚନା ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଯଦି କ୍ଷତିଗ୍ରସ୍ତ ବ୍ୟକ୍ତି ସ୍ୱଇଚ୍ଛାରେ ଜମି ପ୍ରଦାନ କରିବେ ତେବେ ତାଙ୍କୁ ଅତିରିକ୍ତ ୧୦ ପ୍ରତିଶତ ଅର୍ଥ ପ୍ରୋତ୍ସାହନ ରାଶି ଭାବେ ପ୍ରଦାନ କରାଯିବ।



## ଦ୍ୱିତୀୟ ଭାଷା ଇଂରାଜୀ (SECOND LANGUAGE ENGLISH)

**Time: 2:30 Hours** **Full Marks - 100**

*Candidates are required to write the answers in their own words as far as practicable. The figures in the right-hand margin indicate marks. Answer all questions as directed.*

### PART – I (OBJECTIVE)

**1. Answer the following questions, each in a word or a phrase.** [1×5=5
(i) Why did the boys go out ?
(ii) What was the ambition of the greatest man of our generation ?
(iii) What brought Kapil into national focus ?
(iv) What harm can inhalation of polluted air do ?
(v) Who is the speaker of the essay "School's Goodbye" ?

**2. Answer the following questions, each in a word or a phrase.** [1×5=5
(i) Where do rushes grow?
(ii) Who was forced to go?
(iii) What does the mother address her daughter?
(iv) Where does the brook join the brimming river?
(v) What is the virtuous soul compared to?

**3. Fill in the blanks with right words.** [1×5=5
(i) God has given ______ to the little birds.
(ii) The little girl's ______ made Wordsworth glad.
(iii) The expression ______ means the music of nature.
(iv) The brook hurries down by thirty ______ .
(v) The root of the rose lies in the ______ .

**4. Answer the following questions, each in a word or a phrase.** [1×5=5
(i) Who were Timothy's companions at home ?
(ii) Who chopped wood for Lushkoff ?
(iii) Why did the old aunt ask Jumman for some money?
(iv) What was the only thing men called their own during grandfather's time ?
(v) How much did the traveller give to the children ?

**5. Fill in the blanks with correct words.** [1×5=5
(i) Grandfather smacked the tiger across the mouth to keep him ______.
(ii) At first Timothy was brought up entirely on ______.
(iii) The beggar was looking like a ______.
(iv) Samjhoo put a double load on the bullock during the ______.
(v) In grandfather's time ______ was free.

**6. Fill in the blanks using the correct forms of words given in brackets.** [1×5=5
(i) I helped him but he has no ______. (oblige)
(ii) You can not ______(success) unless you work hard.
(iii) The step taken by the government is very ______(effect).
(iv) The people supported the leader ______(stalwart).
(v) I don't like his ______(involve) in my affairs.

**7. Do as directed.** [1×5=5
(i) My father returned at midnight. I was sleeping then. (Join the sentences using an adverb clause)
(ii) Somebody ______ the police. (Fill in the gap adding suitable negative prefix to 'informed')
(iii) The trees lost all their leaves. (Express the idea emphatically with negative words)
(iv) She writes fast. She writes legibly. (Join the sentences using 'not only........ but also')
(v) The boy went on running. He was tired. (Join the sentences using 'although')

**8. Do as directed.** [1×5=5
(i) I ______ (be) fifteen next week. (Use the correct form of the verb)
(ii) We proved him wrong. (Write the pattern of the sentence)
(iii) He as well as his brothers ______ (is/are) responsible for it. (Choose the correct alternative)
(iv) I enjoy ______ (swim) in the river. (Use the correct non-finite form of the verb)
(v) The road goes ______ the tunnel. (Fill in the gap with a suitable preposition)

**9. Do as directed.** [1×5=5
(i) The plane took ______ in time. (Fill in the gap with a particle)
(ii) It is not clear ______. (Complete the sentence with a noun clause)
(iii) If I ______ (win) a lottery, I would give up my job. (Use the correct form of the verb)
(iv) We admire the pictures. You drew them yourself. (Join the sentences using a relative clause)
(v) He said to his friend, "Good Morning". (Turn into indirect speech)

**10. Translate into English.** [1×5=5
ଆଶିଷ ସ୍କୁଲରେ ଭଲ ବ୍ୟବହାର କରେ। ସେ ଶ୍ରେଣୀରେ କେବେ ବି ଗଣ୍ଡଗୋଳ କରେ ନାହିଁ। ସେ ସ୍କୁଲ୍‌କୁ ଠିକ୍ ସମୟରେ ଯାଏ। ସେ ଗୁରୁଜୀମାନଙ୍କର ଆଜ୍ଞାଧୀନ ଅଟେ। ସେ ତା'ର ଗୃହକାର୍ଯ୍ୟ ମଧ୍ୟ ଠିକ୍ ଭାବରେ କରିଥାଏ।

**Or,** ବାପା – ତୁମେ ଏତେବେଳେ ଯାଏ କେଉଁଠି ଥିଲ ?
ପୁଅ – ସ୍କୁଲ୍‌ରେ ଥିଲି।
ବାପା – ତୁମେ ମିଛ କହୁଛ।
ପୁଅ – ବାପା ମୋତେ ବିଶ୍ୱାସ କରନ୍ତୁ। ମୁଁ ସତ କଥା କହୁଛି।

### PART – II (SUBJECTIVE)

**11.(i)** How, according to Lord Eustace Percy, can one achieve success in life? [5
**Or,** Who is Sunil Manohar Gavaskar ? What was his real intention while he talked to Kapil Dev in a Wills Trophy Match ?
**(ii)** What is the composition of air ? When is air said to be polluted ? [5
**Or,** What accident took place at Bhopal in 1984 ? What were its tragic consequences ?

**12.** Write an essay, in about 250 words, on any one of the following topics, keeping to the outline given. [12
**(i) Newspapers**
(Necessity of newspapers - different kinds of newspapers - different types of news - benefits it offers - your opinion)
**(ii) Your / My Family**
(Introduction – members of your family – their occupations – your role in your family – an ideal family)
**(iii) Science in Everyday Life**
(Science and modern society – things we use everyday – scientific tools and equipments – their advantages and disadvantages – your views on science.)

**13.** Imagine you are Rajesh K. Das staying at Netaji Subhas hostel, Ravenshaw Collegiate School, Cuttack and your father is Laxmidhar Das of Anandpur, Keonjhar. Write a letter to your father, in about **100** words, requesting him to send some money for joining the school picnic. [10
**Or,** Imagine you are Nandita Prusty studying in Raighar High School, Nawarangpur. You face problems in using your school toilets. Write an application to your Headmaster/Headmistress, in about 100 words, requesting him/her to take steps for their maintenance.

**14. Read the passage and write its summary in about 60 (sixty) words** [8

Noise pollutes our environment just as much as smoke, foul water, dirty air and litter. It can cause illness and deafness. The human body never gets used to noise. It continues to react even though a person thinks he or she has become accustomed to all the surrounding noises. For instance, Naseer, who lived in an apartment on a busy street, often boasted that he could sleep through any kind of noise. He claimed he just didn't hear it. Well, Naseer could sleep through the roar of traffic and the blare of a television set in the next apartment, but he did not know that while he slept, his body was reacting to the stress of the noise.

A doctor in West Germany, after researching the effects of noise, concluded that sounds heard by persons when they are asleep can cause danger to their hearts and blood vessels. May be this was the reason why Naseer had so many headaches. Noise causes the blood vessels in the brain to expand. It brings no pain.

**Or,** Suppose you are working as a reporter for 'The Dharitri'. There was a fire-tragedy in your neighbourhood last week. Write a report for newspaper, in about 60 words.

**15. Read the passage carefully, answer the questions that follow, each in about 20 words.** [2×5

Mini was a little girl who lived with her grandmother in a little cottage in the country. Near the cottage was a good wood and in the wood there was well. Mini often went to well to watch the curious little flies that skimmed on the surface. She asked her grandmother about these flies and the old woman said that they kept the well clean. When the water was made muddy by the birds that came to drink in it, the flies went skimming over the well to make the water clean again.

Mini often went to the well and did her best to keep it clean. She cleared away the weeds that were growing round it, and planted pretty flowers, and she also put pretty stones round the well. As the water running from the well spread out over the ground and made a little marsh, Mini dug a channel with her spade, and the water ran along it. The birds then began to drink from the little stream, and the well was always clean.

**Questions**
(i) Who else was there in Mini's family?
(ii) Why did Mini use to go to the well in the forest?
(iii) Who made the water of the well dirty?
(iv) How did Mini make the well a clean and beautiful place?
(v) What was the place like where Mini's family was living?

### ANSWER: PART – I (OBJECTIVE)

**1.** **(i)** to collect frozen pearls **(ii)** to wipe every tear from every eye **(iii)** excellent performance in the Wills Trophy match **(iv)** respiratory disorder, scratchy throat and eye irritation **(v)** Lord Eustace Percy
**2.** **(i)** by the water **(ii)** John, the cottage girl's brother **(iii)** honey child **(iv)** near Philip's farm **(v)** seasoned timber
**3.** **(i)** tiny wings **(ii)** beauty **(iii)** forest notes **(iv)** hills **(v)** grave
**4.** **(i)** Toto and mongrel puppy **(ii)** Olga **(iii)** to cook and eat separately **(iv)** labour **(v)** a penny
**5.** **(i)** quiet **(ii)** milk **(iii)** scarecrow **(iv)** fourth trip **(v)** land
**6.** **(i)** obligation **(ii)** succeed **(iii)** effective **(iv)** stalwartly **(v)** involvement
**7.** **(i)** My father returned at the midnight when I was sleeping. **(ii)** misinformed **(iii)** Not a leaf remained on the trees. **(iv)** She writes not only fast but also legibly. **(v)** The boy went on running although he was tired.
**8.** **(i)** will be **(ii)** SVOC **(iii)** is **(iv)** swimming **(v)** through
**9.** **(i)** off **(ii)** who has done it. **(iii)** won **(iv)** We admire the pictures which you drew yourself. **(v)** He greeted his friend/He wished his friend a good morning.
**10.** Ashish behaves well at school. He never makes a noise in the class. He goes to school in good time. He is obedient to his teachers. He also does his homework sincerely.
**OR,** Father – Where have you been so long?
Son – I have been to school.
father – You are telling a lie.
Son – Father, believe me. I am telling the truth.

### ANSWER: PART – II (SUBJECTIVE)

**11.** **(i)** Success in life comes to those who work hard and continue learning. It largely depends on good health. One must keep one's body fit by cleanliness, fresh air, regular habits, suitable recreations. One must avoid smoking and drinking for success in life.

**Or,**

Sunil Manohar Gavaskar is a great batsman of India. He is the author of the essay Kapil Dev. In the Wills Trophy match he suggested Kapil to bowl coming closs to the stumps so that his outswinger would be more effective. Unfortunately some players in Kapil's team thought of Gavaskar's gamesmanship. But his real intention was to promote Kapil's bowling.

**(ii)** Air is a mixture of gases comprising of 78 per cent nitrogen, 21 per cent oxygen and a little less than 1 per cent argon together with 0.03 per cent of carbon dioxide. As long as this composition is maintained, the air is pure. When oxygen level gets reduced or any other irritating gases enter the atmosphere, the air is said to be polluted.

**Or,**

A tragic industrial accident took place in a chemical plant operated by Union Carbide at Bhopal in 1984. Deadly gas from the plant escaped into the atmosphere. As a result it killed over 4000 local people and made a large number of people of the city blind and disabled.

**12.** **(i)** Newspaper is the powerful means of communication. It can shake the very foundation of the government. The newspaper helps in preparing public opinion. It has become so important in our life that we can miss our meals for the whole day but not daily newspaper.

Newspapers are of many types. They are daily, weekly, economy-based and employment newspaper. In most of the leading newspapers, we find all national and international news. Newspapers can be availed in Hindi, English and all other regional languages. Press is the only medium of detailed news. The demands of newspapers are so high that we may find two or three types of newspapers in a single home.

Newspapers provide not only news but a lot of information and current topics which are helpful in career making. Question papers of many competitive examinations are beneficial for new aspirants. We find a lot of subject matters in geography, history, political science, literature, philosophy, economics or business etc. Newspaper is the cheap and best means of advertisement for all sections of society. Informations regarding results and vacancies are also available in almost all the newspapers.

It is an age of newspaper. They are the part and parcel of the modern civilization. A day without a newspaper is stale and tasteless. A newspaper is the mirror of all world news or events. It covers both news and views of global importance.

In modern time the role of press is very crucial (important). Newspapers can lead us towards a right direction. So everyone should make it a habit of reading newspaper.

**(ii)** Family is as old as the human civilization. It is the smallest social unit where inmates live amicably and in the spirit of love, affection and sacrifice. It is the oldest organised institution of man. It is the base on which the pyramid of human civilization stands proudly and gloriously.

I belong to a Khandayat middle-class family. Our family go by the surname 'Badajena'. It is a small and sweet family of six members. They are my grandmother, father, mother, my two sisters and I, the youngest member. Being the youngest one, I am showered on with love and affection. In return I pay due regards to the senior members.

My grandmother is a sexagenarian. She has been living a widowed life since grandfather parted from her in 2014. She is a strong and stout lady. Her smiling face radiates eternal joy. She is clothed in white. In her hey days, she used to one of the prettiest women. Being gifted with intellect and cleverness we seek her advice and guidence in the matters of difficulties.

Next to her is my mother. She is the pivot of our family. She is on the wrong side of forty. She has a rosy complexion. She looks rather beautiful for her age. She possesses a slim but energetic figure. She works in a Government Girls' High School. I sometimes wonder when I notice her amazing adaptability in various work. Before she sets out for her school, she sweeps, cleans, cooks and serves meals. After her return from school, she is usually wrapped up in preparation of dinner besides guarding my lessons regularly.

My father is working as a manager in a private company. He is a jolly-dog. His sense of humour is wonderful. He hardly finds time for us to attend to our education. Yet he prefers to spend time with us during festivities and open-field amusements. He is strictly a disciplinarian.

My two sisters are very cordial and friendly to me. They take every care of mine. So I grow in the warmth of family pleasures. I am proud to be born in such an ideal and peace-loving family.

**(iii)** The present age is known as the age of science. All the scientific invention and discoveries have made human life easier. People of today lead their lives more comfortably than their forefathers. Day-to-day scientific developments influence the modern society greatly. They have changed the ways of living of people. The things which seemed to be impossible in the past can be done easily now-a-days. This shows that science plays an important role in the modern society. It is obvious when we think of the things that we use in our day-to-day life.

We use a lot of tings in our everyday life. Some of them are the fan, the refrigerator, the air-cooler, the television set, the washing machine and some other electronic goods. For transportation and communication we depend on cars, buses, trucks, train, aeroplane, computer, telephone, internet etc. All these things are the gifts of science. Great endeavour and sincere effort of great scientists made it possible to produce these things. All these things have made man live a comfortable and luxurious life.

These gifts of science have enabled man to do everything with less labour and less time. The machines do our work. We can utilize the remaining time in other activities. We can travel hundred of kilometres within a few hours by different means of transportation. On telephone and cell phone we can talk to persons who are at a long distance. When we watch television, we see and hear things that come from far off place. Science has also brought a great change in agriculture, industry that produce different things we use in our daily life.

Although science has the above advantages for comfortable life, it has also brought some disadvantages. It has made man idle. We have become completely dependent on machines and forgotten the value of labour. Most of the people fear that the modern war weapons may one day cause the destructions of the humanity. Knowledge of science will be helpful only if it is used for good purposes.

**13.(i)** Netaji Subhas Hostel,
Ravenshaw Collegiate School,
Cuttack
2nd January 2020

Respected Father,
I received your M.O. on the 2nd instant and cleared up my hostel and school dues. About sixty students of our class have decided to go on a picnic to Konark and Chandrabhaga. The picnic is on 25th of the current month. Each picnic-goer has to pay ₹ 200/-. I think the proposed journey will provide us with renewed vigour and zeal for the upcoming Annual High School Certificate Exams. So I request you to send me a sum of ₹ 300/- for the said picnic and other pocket expenses. Hope you are fine. Tender my regards to mother. Expecting a quick response.

Yours affectionately,
**Rajesh**

**ADDRESS**

| From | Stamp<br>To |
|---|---|
| Rajesh K. Das<br>Ravenshaw Collegiate School,<br>Chandinichowk, Cuttack - 2 | Laxmidhar Das<br>Anandpur<br>Keonjhar. |

**Or,**

Raighar High School
Nawarangpur
15th January, 2020

To
The Headmaster/Headmistress
Raighar High School
Nawarangpur

**Sub:** Regarding poor maintenance of the school toilets.

Sir,

I beg to draw your kind attention to the following facts for favour of your kind consideration and speedy disposal.

It is a matter of regret that the toilets of the school are not properly maintained by the users and sweeper. The door of the girls' toilet and the water tap have been damaged due to frequent use. The other two toilets are in similar condition. As a result they emit a strong unpleasant smell. They are not timely disinfected. We fear that it may pose health hazards.

I, therefore, request you to take prompt actions for proper maintenance of the toilets taking into consideration the problems of the students.

Yours faithfully
**Nandita Prusty**

**14. Title : Harmful Effects of Noise Pollution**
Noise pollutes our environment just as much as smoke, dirty water, dirty air and litter. It can cause illness and deafness. Naseer, a boy who lived on a busy street hardly knew that his body was reacting the noise. A doctor in West Germany proved that sounds heard by persons when they are asleep can cause danger to their hearts and blood vessels.

**Or,**

Naugaon, Jagatsinghpur
22nd January, 2020

To
The Editor, The Dharitri
Industrial Area, Mancheswar, Bhubaneswar

**Title:** Fire-Tragedy at Naugaon

A fire broke out in the neighbourhood of Naugaon last week. It was 16th January 2020. The day was getting hotter and hotter. All of a sudden at 2 p.m. the villagers were found rushing (running quickly) towards a site. Soon a large number of people gathered. As the wind fanned the fire (made fire more blazing), the flames licked (touched) the sky. The firemen took two hours to bring the fire under control. There was a huge loss of property. But there was no loss of life. The ill-fated people are living under the open sky. The family have reduced to paupers (very poor), having lost their all. People demand help from the government. The entire village is mourning the loss of the property of the family.

**Sanjib Mohapatra**
Reporter

**15.(i)** Mini's grandmother was there in Mini's family.
(ii) Mini used to go to the well in the forest to watch the curious little flies that skimmed on the surface.
(iii) The birds that came to drink water made the water of the well dirty.
(iv) Mini cleaned the weeds growing round it and planted pretty flowers and she also put pretty stones round the well, she dug a channel and the water ran along it.
(v) Mini's family lived in a little cottage. There was a good wood near the cottage and in the wood there was a well.

❑❑❑

# ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁର ମାଟିର ଅବଦାନ ଗୁରୁତ୍ୱପୂର୍ଣ୍ଣ

ସମ୍ବଲପୁର, ୨୭।୧ (ବ୍ୟୁରୋ)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମ୍ବଲପୁର ଶହୀଦ ସ୍ତମ୍ଭ ଛକ ନିକଟସ୍ଥ ରାସ୍ତାରେ ପାଳିତ ହୋଇଯାଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ସ୍ୱାଇଁ କହିଲେ, ଆମ ସମ୍ବିଧାନ ସର୍ବଧର୍ମ ସମନ୍ୱୟର ପ୍ରତୀକ। ଭାରତୀୟ ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ ଅଟେ। ରାଜନୈତିକ ସ୍ୱାଧୀନତା, ସାମାଜିକ ନ୍ୟାୟ, ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମ ନିରପେକ୍ଷତା, ବୈଷମ୍ୟ ମୁକ୍ତ ସମାଜ ପ୍ରତିଷ୍ଠା, ମାନବାଧିକାର ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆମ ସମ୍ବିଧାନର ବିଶେଷତ୍ୱ । ତେଣୁ ସମ୍ବିଧାନ ପ୍ରଣେତା ଓ ମହାପୁରୁଷଙ୍କୁ ସମ୍ମାନ ଜଣାଇବା ଜରୁରୀ ଅଟେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବା ସମ୍ବଲପୁର ବୀର ମାଟିର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ବୀରସୁରେନ୍ଦ୍ର ସାଏଙ୍କ ଅବିଶ୍ରାନ୍ତ ସଂଗ୍ରାମ, ଅତ୍ୟାଚାରୀ ବ୍ରିଟିଶ ଶାସକକୁ ଅସହାୟ କରିଦେଇଥିଲା । ସେହିପରି ରାଣୀ ରତ୍ନ କୁମାରୀ, ମଦନମୋହନ ମିଶ୍ର, ଲକ୍ଷ୍ମୀନାରାୟଣ ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗୀରଥି ପଟ୍ଟନାୟକ, ନୃସିଂହଗୁରୁ, ପାର୍ବତୀ ଗିରି ପ୍ରମୁଖଙ୍କ ମହାନ୍ ତ୍ୟାଗ ଓ ଅବଦାନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି ବୋଲି କହିଥିଲେ । ମିଳିତ ପରେଡରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର, ପୋଲିସ, ହୋମଗାର୍ଡ, ସିନିୟର ଡିଭିଜନ ଏନସିସି, ନାଭାଲ ଦଳ, ଜୁନିୟର ଏନସିସି, ଜୁନିୟର ରେଡକ୍ରସ ସାମିଲ ହୋଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନାଭାଲ ଦଳ ଓ ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲ ଜୁନିୟର ଡିଭିଜନ ଏନସିସି ଦଳ ଯୁଗ୍ମ ପ୍ରଥମ ସ୍ଥାନ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ନୃସିଂହଗୁରୁ ଟାଉନ ହାଇସ୍କୁଲ ସ୍କାଉଟ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ଜୁନିୟର ରେଡକ୍ରସ ଏବଂ ସେଭେନହିଲ୍ସ ରେସିଡେଣ୍ଟେନସିଆଲ ସ୍କୁଲ ପ୍ରଥମ ସ୍ଥାନ ଏବଂ ବାଲିବନ୍ଧା ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ସ୍କୁଲ ଓ କଲେଜସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ସମ୍ବଲପୁର ମହାନଗର ନିଗମ ସ୍ୱଚ୍ଛତା କର୍ମଚାରୀ ଜୟ କୁମାରୀ ନାୟକ, ଜିଲା ମୁଖ୍ୟ ଚିକିତ୍ସାଳୟ ଷ୍ଟାଫ ନର୍ସ କଳ୍ପନାରାଣୀ ମହାପାତ୍ର, ଆଟେଣ୍ଡାଣ୍ଟ ଶ୍ୟାମଲାଲ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରାଜସ୍ୱ ସହାୟକ କୃଷ୍ଣ ଚନ୍ଦ୍ର ପତି ଓ ଗାନ୍ଧୀ ବେହେରା, ଆଞ୍ଚଳିକ ପରିବହନ ଅଫିସର ରାଜସ୍ୱ ସହାୟକ ରଞ୍ଜିତ କୁମାର ପରିଡା, ଜି. ପ୍ରସାଦ ସେଠୀଙ୍କୁ ଉତ୍ତମ କାର୍ଯ୍ୟ ସକାଶେ ପୁରସ୍କୃତ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା, ଏସପି ଡ. କନୱର ବିଶାଳ ସିଂ, ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ । ଏହାପରେ ମନ୍ତ୍ରୀ ମଣ୍ଡଳ କାରାଗାର, ନାରୀବନ୍ଦୀ ନିକେତନ, ଜିଲା ମୁଖ୍ୟଚିକିତ୍ସାଳୟ, ଦୁର୍ଗାପାଲି ଜରାଶ୍ରମ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିସହ ଉତ୍ସର୍ଗ ପକ୍ଷରୁ ରକ୍ତଦାନ, ଫାଲଗୁନି ଆୟୋଜିତ କବିତା ପାଠୋତ୍ସବ ଏବଂ ଜିଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା ।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ



ସମ୍ବଲପୁର ସଦର ମହକୁମାଠାରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି ।

## ସଂକ୍ଷେପରେ

### ଘଣ୍ଟେଶ୍ୱରୀ ପୀଠରେ ଲାଗିବ ସର୍ବବୃହତ୍ ଘଣ୍ଟି

ସମ୍ବଲପୁର, ୨୭।୧ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଭାରତର ସର୍ବ ବୃହତ୍ ଘଣ୍ଟି ଚିପିଲିମାସ୍ଥିତ ମା'ଘଣ୍ଟେଶ୍ୱରୀ ପୀଠରେ ସ୍ଥାପନ କରିବ । ଏହାଦ୍ୱାରା ଦେବୀଙ୍କ ପୀଠ ଅତ୍ୟନ୍ତ ମନୋରମ ହୋଇ ଭକ୍ତଙ୍କୁ ଆକୃଷ୍ଟ କରିବ । ସ୍ଥାପନ ହେବାକୁ ଥିବା ଘଣ୍ଟି ସକାଳ ଓ ସନ୍ଧ୍ୟାରେ ବାଜିଲେ ପରିବେଶ ପବିତ୍ରମୟ ହୋଇଉଠିବ। ଦୂରଦୂରାନ୍ତରୁ ଭକ୍ତମାନେ ଏହାର ଶବ୍ଦ ଶୁଣି ପାରିବେ ବୋଲି ସୋମବାର ଏମ୍‌ସିଏଲ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଫଟୋରେ ଖବର



ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ନୃତ୍ୟ ।



ସମ୍ବଲପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଛାତ୍ରୀଙ୍କ ସମ୍ବଲପୁରୀ ନୃତ୍ୟ ।




ହସ୍ପିଟାଲ ରୋଡରେ ବାବା ଦୀପ ସିଂ ଜୀଙ୍କ ଜନ୍ମ ତିଥିରେ ଖାଦ୍ୟ ବଣ୍ଟନ କରାଯାଉଛି ।

# ରେଳ ମଣ୍ଡଳରେ ସାଧାରଣତନ୍ତ୍ର ଦିବସ ସମାରୋହ

**ପ୍ରତିଦିନ ୧୩୩.୭୧ ମାଲଗାଡି ଅନ୍ୟ ମଣ୍ଡଳକୁ ସ୍ଥାନାନ୍ତରଣ**

ସମ୍ବଲପୁର, ୨୭।୧ (ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ରେଳବାଇ ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ସେ ରେଳ ସୁରକ୍ଷା ବଳ, ଭାରତ ସ୍କାଉଟ ଓ ଗାଇଡର ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଭାରତୀୟ ରେଳବାଇ ଦେଶର ଜୀବନ ରେଖା ଅଟେ । ଦେଶ ଉନ୍ନତିରେ ଏହା ସର୍ବାଧିକ ଭାବେ ସେବା ପ୍ରଦାନ କରିଅଛି । ୨୦୧୯ ମସିହାରେ ରେଳ ଦୁର୍ଘଟଣାରେ ଶୂନ୍ୟ ମୃତ୍ୟୁହାର ହୋଇଛି। ଏହା ଭାରତୀୟ ରେଳବାଇରେ ରେକର୍ଡ ସୃଷ୍ଟି କରିଛି । ଅପରପକ୍ଷେ ଚଳିତ ଆର୍ଥିକ ବର୍ଷ ଡିସେମ୍ବର ମାସ ମଧ୍ୟରେ ମାଲପରିବହନ ଲକ୍ଷ୍ୟ ୮.୩୮ ମେଟ୍ରିକ ଟନ୍‌ରୁ ବଢ଼ି ୮.୪୦ ମେଟ୍ରିକ ଟନ୍ ହୋଇଛି। ଯାହାକି ୧.୫୭ ପ୍ରତିଶତ ବୃଦ୍ଧି ଘଟିଅଛି । ସେହିପରି ମାଲ ପରିବହନରୁ ଆୟ ୮୯୧.୫୪ କୋଟି ହୋଇଛି । ଯାହାକି ଗତ ବର୍ଷ ତୁଳନାରେ ୨୧.୨୦ ପ୍ରତିଶତ ଅଧିକ ଅଟେ । ଏହି ମଣ୍ଡଳର କରି ପ୍ରତ୍ୟେକ ଦିନ ୧୩୩.୭୧ ମାଲଗାଡି ଅନ୍ୟ ମଣ୍ଡଳକୁ ସ୍ଥାନାନ୍ତରଣ ରେକର୍ଡ କରିଅଛି। ୫୩ଟି ଷ୍ଟେଶନରେ ମୁକ୍ତ ୱାଇଫାଇ ସେବା ପ୍ରଦାନ କରାଯାଉଛି ବୋଲି କହିଥିଲେ । ପୂର୍ବତଟ ମହିଳା କଲ୍ୟାଣ ସଂଗଠନ ଅଧ୍ୟକ୍ଷା ଈଷା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ, ଶ୍ରମିକ ୟୁନିୟନ, ଶ୍ରମିକ କଂଗ୍ରେସ, ଇକ୍ରୋ ସଭ୍ୟା, ରେଳ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ବରିଷ୍ଠ କାର୍ମୀକ ଅଧିକାରୀ ଅରବିନ୍ଦ ଜେନା ସମାରୋହ ପରିଚାଳନା କରିଥିଲେ। ସହାୟକ କାର୍ମୀକ ଅଧିକାରୀ ଦିଗମ୍ବର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।



ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ଏନ୍‌ଆର୍‌ସି ନୁହଁ, ଏନ୍‌ଆର୍‌ୟୁ ଆବଶ୍ୟକ

ସମ୍ବଲପୁର, ୨୭।୧ (ବ୍ୟୁରୋ)

ସଂପ୍ରତି ଦେଶରେ ନ୍ୟାଶନାଲ ରେଜିଷ୍ଟାର ଅଫ୍ ସିଟି ଜେନ୍ସି (ଏନ୍‌ଆର୍‌ସି)କୁ ନେଇ ବିବାଦ ଲାଗି ରହିଛି । ଦେଶରେ ଜାତୀୟ ନାଗରିକତା ଅଭିଲେଖା ନୁହେଁ, ବରଂ ଜାତୀୟ ବେକାର ଅଭିଲେଖାର ଆବଶ୍ୟକତା ନିତାନ୍ତ ଜରୁରୀ। ତେଣୁ ଭାରତୀୟ ଯୁବକଂଗ୍ରେସ ଦ୍ୱାରା ନ୍ୟାଶନାଲ ରେଜିଷ୍ଟାର ଅଫ୍ ଅନ୍ ଏମ୍ପ୍ଲଇମେଣ୍ଟ (ଏନ୍‌ଆର୍‌ୟୁ) ରାଷ୍ଟ୍ରବ୍ୟାପୀ ପ୍ରଚାର ଅଭିଯାନ ଆରମ୍ଭ କରିଛି । ସୋମବାର ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ ଏହା କହିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ କୁମାର ଗୁରୁ, ପ୍ରତିଭା ରଘୁବଂଶୀ, ଲୋକନାଥ ମହାରଥୀ, ମାନସ ମଲ୍ଲିକ, ଅଙ୍କିତ ସିଂଘୋଇ, ସୁମିତ ଷଡଙ୍ଗୀ, ପ୍ଲାବନ ବହିଦାର, ଶେଖ ହମିମ୍ ପ୍ରମୁଖ ଏନ୍‌ଆର୍‌ୟୁ ପୋଷ୍ଟର ଦେଖାଇଥିଲେ।

# ଏମ୍‌ସିଏଲରେ ସାଧାରଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର, ୨୭।୧ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ସମ୍ବଲପୁର ଜିଲାର ୧୩ଟି ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଜବାହର ନବଦୋୟ ବିଦ୍ୟାଳୟ, ଡିଏଭି ସ୍କୁଲ, ଶ୍ରୀଅରବିନ୍ଦ ସ୍କୁଲ, ସେଣ୍ଟ୍ରାଲ ସ୍କୁଲ, ବୁଢ଼ାରଜା ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ହାଇସ୍କୁଲ, ବୁର୍ଲା ସରକାରୀ ବାଳକ ହାଇସ୍କୁଲ, ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ, ବୁର୍ଲା ଗାର୍ଲ୍ସ ହାଇସ୍କୁଲ, ସତ୍ୟସାଇ ଗିଡିଜ୍ ଆବୋଡ୍, ଲାଡଲି ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏମସିଏଲ ନିର୍ଦ୍ଦେଶକ ତଥା ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଳା ଜାତୀୟ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କମ୍ପାନୀର ବରିଷ୍ଠ ନିର୍ଦ୍ଦେଶକ ଓପି ସିଂ, କେକେ ମିଶ୍ରା, ଜାଗୃତୀ ମହିଳା ମଣ୍ଡଳ ଅଧ୍ୟକ୍ଷା ମଞ୍ଜୁଳା ଶୁକ୍ଳା, ଉପାଧ୍ୟକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ ସମ୍ମାନିତ ଅତିଥିଥିଲେ । ଏହି ଅବସରରେ ସୁରକ୍ଷା ପ୍ଲାଟୁନ ଓ ସ୍କାଉଟ, ଗାଇଡଙ୍କୁ ପୁରସ୍କୃତ କରାଯାଇଥିଲା ।



ଏମସିଏଲ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା ସୁରକ୍ଷା ପ୍ଲାଟୁନ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି ।

**ରାମଜୀ ମନ୍ଦିର ଜମି ସୁରକ୍ଷା ପ୍ରସଙ୍ଗ**

# ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ

ସମ୍ବଲପୁର, ୨୭।୧ (ବ୍ୟୁରୋ)

ଚେରୁଆପଡା ଶ୍ରୀରାମଜୀ ମନ୍ଦିର ଜମି ସୁରକ୍ଷା ନେଇ ସୋମବାର ସମ୍ବଲପୁର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶ୍ରୀ ଶ୍ରୀ ରାମଜୀ ମନ୍ଦିର ଜମି ବଚାଓ ଆନ୍ଦୋଳନ ସମିତି କର୍ମକର୍ତ୍ତା ଓ ସଭ୍ୟମାନେ ଅପରାହ୍ଣ ୧ଟାରେ ଜମି ସୁରକ୍ଷା ନେଇ ସ୍ଲୋଗାନ ଦେଇଥିଲେ । ଏହାପରେ ସେମାନେ ତହସିଲଦାର ଲକ୍ଷ୍ମଣ ଅମାତଙ୍କ ସହ ଆଲୋଚନା କରିଥିଲେ । ବ୍ରଜରାଜନଗରର ଜଣେ କୋଇଲା ଓ ଜମି ମାଫିଆ ଷଡଯନ୍ତ୍ର କରି ମନ୍ଦିରର ଜମିକୁ ହାତେଇବାକୁ ଉଦ୍ୟମ ଜାରି ରଖିଛନ୍ତି । ସେ ସମ୍ବଲପୁରକୁ ଅତିକ୍ରମ କରି ଭୁବନେଶ୍ୱରରେ ସରକାରୀ କଳ ଓ ରାଜନେତାଙ୍କ ଛତ୍ରଛାୟା ତଳେ ମନ୍ଦିର ଜମି ନିଜ ନାମରେ ରେଜିଷ୍ଟ୍ରୀ କରାଇଛନ୍ତି । ଏଥିସହ ରାଜନୀତିକ ବ୍ୟକ୍ତି ଓ ପୋଲିସ ଏବଂ ପ୍ରଶାସନର ସହାୟତାରେ ସେ ଅଞ୍ଚଳର ସାଧାରଣ ନିରୀହ ଭକ୍ତମାନଙ୍କୁ ଧମକ ଚମକ ମଧ୍ୟ ଦେଉଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି । ଆନ୍ଦୋଳନ ସମିତି ସଭାପତି ଅଶ୍ୱିନୀ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଅଞ୍ଚଳର ଭକ୍ତମାନେ ସାମିଲ ଥିଲେ ।



ସୋମବାର ସମ୍ବଲପୁର ତହସିଲ ଅଫିସରେ ରାମଜୀ ମନ୍ଦିର ସୁରକ୍ଷା ନେଇ ବିକ୍ଷୋଭ କରାଯାଉଛି ।

# ଆଇନ କଲେଜରେ ଜାତୀୟ ସମ୍ମାନ

ସମ୍ବଲପୁର, ୨୭।୧ (ବ୍ୟୁରୋ)

ପ୍ରାଚ୍ୟ ଦେଶଗୁଡିକରେ ପରିବେଶ ସଂରକ୍ଷଣ ସାଙ୍ଗକୁ ପରିବେଶ ପୂଜନର ବହୁ ପୁରାତନ ପରମ୍ପରା ରହିଛି । କିନ୍ତୁ ସାଂପ୍ରତିକ ସମାଜରେ ଏହାର ବିଲକ୍ଷଣ ଦେଖାଯାଉଛି । ତେଣୁ ପରିବେଶ ସଂରକ୍ଷଣ ପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକତା ରହିଛି । ନଚେତ ଆଗାମୀ ପିଢ଼ି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବ। ସୋମବାର ଲଜପତ ରାୟ ଆଇନ କଲେଜରେ ଆୟୋଜିତ ପରିବେଶ ପ୍ରଦୂଷଣ ଓ ମାନବାଧିକାର ଉପରେ ଏହାର ପ୍ରଭାବ ଶୀର୍ଷକ ଜାତୀୟ ସମ୍ମାନରେ ବକ୍ତାମାନେ ଏହା କହିଛନ୍ତି। କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଅର୍କକେଶରୀ ଦାସ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟ ପ୍ରଫେସର ଭି ରାଜଲକ୍ଷ୍ମୀ ମୁଖ୍ୟବକ୍ତା ଥିଲେ । ପରିବେଶବିତ୍ ରଞ୍ଜନ କୁମାର ପଣ୍ଡା ସମ୍ମାନିତ ବକ୍ତା ଥିଲେ । ଏହି ଅବସରରେ ୩୫ଟି ପ୍ରବନ୍ଧ ସମ୍ବଳିତ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସମ୍ମାନ ଆୟୋଜନ କମିଟି ସମ୍ପାଦକ ସୌରଭ ସାହୁ ଅତିଥି ପରିଚୟ ପ୍ରଦାନ ଦେଇଥିବା ବେଳେ ଋତୁପର୍ଣ୍ଣ ଦାସ ଉତ୍ସବ ସଂଯୋଜନା କରିଥିଲେ । ପ୍ରାଧ୍ୟାପକ ଡ. ବିକ୍ରମ କୁମାର ଦାଶ ବୈଷୟକ ଅଧିବେଶନକୁ ପରିଚାଳନା କରିଥିଲେ। ଢେଙ୍କାନାଳ ଆଇନ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ମହାପାତ୍ର, କଟକ ମଧୁସୂଦନ ଆଇନ କଲେଜ ଅଧ୍ୟାପକ ସୌମିତ୍ର ଚାଟାର୍ଜୀ ନିବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଶ୍ରୀକାନ୍ତ ମିଶ୍ର, ରାୟପୁର ପଣ୍ଡିତ ରବି ଶୁକ୍ଳା ବିଶ୍ୱବିଦ୍ୟାଳୟ ପ୍ରଫେସର ବେଣୁଧର ରାଉତିଆଙ୍କ ସଂଯୋଜନାରେ ପ୍ରବନ୍ଧ ପାଠ କାର୍ଯ୍ୟକ୍ରମ ହୋଇଥିଲା । ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ନିକିତା ତ୍ରିପାଠୀ, ମୋହିନୀ ସା, ପୂଜା ପଣ୍ଡା, ଶୁଭଶ୍ରୀ ମହାପାତ୍ର, ସୁରୟା ପରୱିନ, ପରୱିନ ବାନୋ ପ୍ରମୁଖ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳ ସଂଗୀତ ଗାନ କରିଥିଲେ। ଦୀପ୍ତିରେଖା ଦାଶ, ଶ୍ୱେତା ଚକ୍ରବର୍ତ୍ତୀ, ରିମଝିମ୍ ମହାନ୍ତି, ଲିକନ ନାୟକ ନୃତ୍ୟ ପରିବେଷଣ କରିଥିଲେ ।




ସୋମବାର ସମ୍ବଲପୁର ଆଇନ କଲେଜ ସଭା କକ୍ଷରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ସଂକ୍ଷେପରେ




### ଜିଲାସ୍ତରୀୟ୍ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୨୭।୧ (ବ୍ୟୁରୋ)- ଜିଲାସ୍ତରୀୟ୍ କ୍ୟାରମ ପ୍ରତିଯୋଗିତା ହାଟପଡା ବୀରବଜରଙ୍ଗ ସଂଘଠାରେ ଉଦ୍‌ଯାପିତ ହୋଇଯାଇଛି । ସଭାପତି ଦିଲୀପ ସାହୁଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସିଙ୍ଗଲ ବିଭାଗରେ ଭରତ ବାଗ ଚାମ୍ପିୟନ ଓ ରିଙ୍କୁ ସାହା ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି । ସେହିପରି ଡବଲ ବିଭାଗରେ ରତନ ଓ ଶିବୁ ଯୋଡି ଚାମ୍ପିୟନ ଏବଂ ସଞ୍ଜୁ ଓ ନିଜାମ ଯୋଡି ରନର୍ସଅପ୍ ଟ୍ରଫି ହାସଲ କରିଥିଲେ । ଭାଜପା ଜିଲା ସଭାପତି ଗିରୀଶ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ଅଞ୍ଚଳରୁ ୧୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଅଶୋକ କୁମାର ରାୟ୍ ଓ ମୋହନ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ପାଦକ ରାଜା ବରାଡ ସୂଚନା ପ୍ରଦାନ କରିଥିବା ବେଳେ ଖେଳ ସମ୍ପାଦକ ସୋମନାଥ ସେଠ ଅତିଥି ସ୍ୱାଗତ କରିଥିଲେ । କୋଷାଧକ୍ଷ ବିଶ୍ୱଜିତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ପର୍ଶ କୁଷ୍ଠ ସଚେତନତା ବୈଠକ

କୁଚିଣ୍ଡା, ୨୭।୧ (ଡି.ଏନ.ଏ.) ସହରାଞ୍ଚଳ ସମନ୍ୱୟ କମିଟି ଏକ ବୈଠକ କୁଚିଣ୍ଡା ଉପଜିଲାପାଳ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ଏଥିରେ ଅଧକ୍ଷତା କରିଥିଲେ । ଆସନ୍ତା ୩୦ ତାରିଖରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଲୋକମାନଙ୍କୁ କୁଷ୍ଠରୋଗ ସମ୍ବନ୍ଧରେ ସଚେତନ କରିବା, କୁଷ୍ଠରୋଗୀଙ୍କୁ ଘୃଣା ନକରିବା, ସେମାନଙ୍କ ପ୍ରତି ସାମାଜିକ ଭେଦଭାବ ନ ରଖିବା ନିମନ୍ତେ ବୈଠକରେ ଆଲୋଚନା କରାଗଲା । ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଉପଜିଲାପାଳ କୁଷ୍ଠ ମୁକ୍ତ ଭାରତ ଗଠନରେ ପ୍ରୟତ୍ନଶୀଳ ହେବା ନିମନ୍ତେ ଶପଥ ପାଠ କରାଇଥିଲେ। ସଭାରେ ଭାରପ୍ରାପ୍ତ ଏସଡିଏମଓ ଡ. କ୍ଷେତ୍ରମୋହନ କାଣ୍ଡ, ଜିତେନ୍ଦ୍ରିୟ ମୁଣ୍ଡା, ଜମୁନା ବାଘ, ପ୍ରଫୁଲ୍ଲ ଚନ୍ଦ୍ର ଡନସନା, ଡ. ସୁଜ୍ଞାନ ପଟେଲ, ଜଗନ୍ନାଥ ବେହେରା, ଅନିତା ଶାସିନୀ, ଶିବାନୀ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ ।

### ମାନେଶ୍ୱର ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଧମା, ୨୭।୧ (ଡି.ଏନ.ଏ.) ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ହୋଇଥିଲା । ଏଥିରେ ସମ୍ବଲପୁର ପୋଲିସ ଆରକ୍ଷୀ ଅଧୀକ୍ଷକ କନବର ବିଶାଳ ସିଂ, ସମ୍ବଲପୁର ଜିଲାପାଳ ଶୁଭମ ସକସେନା ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଆପତ୍ତିର ସମୀକ୍ଷା କରିଥିଲେ। ଏହି ଅବସରରେ ନ୍ୟାଶନାଲ ଫେମିଲି ବେନିଫିଟ୍ ସ୍କିମରେ ୨ଟି ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୨ଜଣ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ଏବଂ ୬୨ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାର ଭତ୍ତା ପ୍ରଦାନ କରାଯାଇଥିଲା ।

# ପ୍ରଭାବିତ ଗ୍ରାମବାସୀଙ୍କ ବ୍ଲକ ଘେରାଉ

ରେଙ୍ଗାଲି, ୨୭।୧ (ଡି.ଏନ.ଏ.)



ଏନ୍‌ଏଲସି କମ୍ପାନୀ ବିରୋଧରେ ପ୍ରଭାବିତ ଗ୍ରାମବାସୀ ବ୍ଲକ ଘୋରଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ।

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖୁଣ୍ଡା ପଞ୍ଚାୟତରେ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ ଏନଏଲସି କମ୍ପାନୀ ପ୍ରଶାସନକୁ ହାତ ବାରିସି କରି ଆରମ୍ଭ କରିଲାଣି। ବିସ୍ଥାପିତ ଗ୍ରାମବାସୀ ନିଜ ହକ ପାଇଁ ପ୍ରଶାସନକୁ ଯେତେ ଗୁହାରି କଲେ ମଧ୍ୟ ପ୍ରଶାସନ ଗ୍ରାମବାସୀଙ୍କ କଥା ଶୁଣୁ ନାହିଁ । ସତେ ଯେମିତି ପ୍ରଶାସନ କମ୍ପାନୀ ପ୍ରେମରେ ଦୃତରାଷ୍ଟ୍ର ପାଲଟି ଯାଇଛି । ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରେ ଏନଏଲସି ପ୍ରଭାବିତ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ଖୁଣ୍ଡା ଗ୍ରାମପଞ୍ଚୟତର ୪ଟି ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ପାଇଁ ଏବଂ ଜଙ୍ଗଲଜମି ଅଧିକାର ଆଇନ-୨୦୦୬ ଅନୁସାରେ ନୂତନ ଭାବେ ପଲ୍ଲୀ ସଭା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ । ୧୦ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହା ବିରୋଧରେ ସୋମବାର ବିସ୍ଥାପିତ ଶତାଧିକ ଗ୍ରାମବାସୀ ରେଙ୍ଗାଲି ମହାବୀର ଛକରୁ ରାଲିରେ ବାହାରି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ସମ୍ବଲପୁର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ଏକ ଦାବିପତ୍ର ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ଦେଇଥିଲେ । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଦାବିଗୁଡିକ ପୂରଣ ନ ହେଲେ ଆସନ୍ତା ୧ ଫେବୃୟାରୀରୁ ବିସ୍ଥାପିତ ଗ୍ରାମବାସୀ ଏନଏଲସି କମ୍ପାନୀ ବିରୋଧରେ ଅସହଯୋଗ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ବିସ୍ଥାପିତ ଗ୍ରାମବାସୀଙ୍କ ଦାବିଗୁଡିକ ହେଲା ଏନଏଲସି ଦ୍ୱାରା ପ୍ରଭାବିତ ୪ଟି ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରିବା। ପ୍ରଶାସନ ଦ୍ୱାରା ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬କୁ ଉଲ୍ଲଂଘନ କରି ଖୁଣ୍ଡା, ବୁଦ୍ଧିଆପାଲି, ମୁଣ୍ଡପଡା, ଖଦୁପଡା ଗ୍ରାମବାସୀ ସେଠାରେ ବାସ କରୁନାହାନ୍ତି ଦର୍ଶାଇ ଉକ୍ତ ଜମିକୁ କମ୍ପାନୀକୁ ଦେବା ପାଇଁ ୧୨ ଜୁଲାଇ ୨୦୧୨ରେ ଅନୁଷ୍ଠିତ ପଲ୍ଲୀ ସଭାକୁ ବାତିଲ କରି ପଲ୍ଲୀ ସଭା କରିବା ପାଇଁ ଦାବି କରାଯାଇଛି। ଏହି ଶାନ୍ତି ପୂର୍ଣ୍ଣ ପ୍ରଦର୍ଶନ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉରେ ମାତୃଭୂମି ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗ କରିଥିଲା ।

**ପ୍ରଶାସନ ନ ଶୁଣିବାରୁ ଏନଏଲସି ଏବଂ ବିରୋଧରେ ସ୍ୱର ଉତ୍ତୋଳନ**

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ନାକଟିଦେଉଳ, ୨୭।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ବିଏସଏଫ ଯବାନରଞ୍ଜିତ କୁମୁରାଙ୍କ ରବିବାର ରାତ୍ରିରେ ରାଷ୍ଟ୍ରୀୟ୍ ମର୍ଯ୍ୟାଦାରେ ନିଜ ଜନ୍ମମାଟି ଚନ୍ଦ୍ରପୁର ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ବିଏସଏଫ ଯବାନ ଗତ ୨୩ତାରିଖରେ ଜମ୍ମୁକାଶ୍ମୀର ମୁଖ୍ୟାଳୟ୍ ଏକ କୋଠା ଛାତରୁ ଖସି ଗୁରୁତର ଆହତ ହୋଇଥିଲେ। ତୁରନ୍ତ କାକୁଂ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ୨୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ୨୬ ତାରିଖରେ ତାଙ୍କ ମୃତଦେହ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ବିଏସଏଫ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇଥିଲା। ଚନ୍ଦ୍ରପୁର ଗ୍ରାମରେ ରାତ୍ରି ପ୍ରାୟ୍ ସାଢେ ୭ଟାରେ ମୃତଦେହ ପହଞ୍ଚିବା ପରେ ତାଙ୍କ ଘରକୁ ନିଆଯାଇଥିଲା। ସେଠାରେ ପରିବାରବର୍ଗଙ୍କ ସହ ଗ୍ରାମବାସୀ ଏବଂ ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁଙ୍କ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ପରେ ତାଙ୍କର ପାର୍ଥିବ ଶରୀରକୁ ଗାଁ ମଶାଣୀକୁ ନିଆଯାଇ ସାଙ୍ଗରେ ଆସିଥିବା ବିଏସଏଫ ଅଧିକାରୀ ଏବଂ ଯବାନମାନେ ମୃତ ଶରୀର ଉପରେ ଜତୀୟ୍ ପତାକା ଘୋଡ଼ାଇଥିଲେ। ୨୪ ରାଉଣ୍ଡ ଗୁଳି ଫୁଟାଇ ଗାର୍ଡ଼ ଅଫ ଅନର ପ୍ରଦାନ କରିଥିଲେ। ଯବାନ କୁମୁରାଙ୍କ ଗୋଟିଏ ୧୨ ବର୍ଷର ଝିଅ, ୮ ବର୍ଷର ପୁଅ ସମେତ ବିଧବା ପତ୍ନୀ ଅଛନ୍ତି ।


ଜନ୍ମମାଟିରେ ଶହୀଦ ଯବାନଙ୍କୁ ଶେଷକୃତ ସମ୍ମାନ ଦିଆଯାଉଛି ।

## ୩୪ତମ ଚିପିଲିମା ଉତ୍ସବ ଉଦ୍‌ଯାପିତ

ଚିପିଲିମା, ୨୭।୧ (ଡି.ଏନ.ଏ.)

ବୀର ସୁରେନ୍ଦ୍ର ସାଏ ସାଂସ୍କୃତିକ ଓ କ୍ରୀଡା ସଂଘ ଚିପିଲିମା ଆନୁକୂଲ୍ୟରେ ତଥା ଜନସାଧାରଣଙ୍କ ସହଯୋଗରେ ଅନୁଷ୍ଠିତ ୩ ଦିନିଆ ଚିପିଲିମା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନମୋହିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ସ୍ଥାନୀୟ ସରପଞ୍ଚ ବିଶ୍ୱବନ୍ଧ୍ୟା ବଡ଼ାଇ, ନାଏବ ସରପଞ୍ଚ ଗୋବିନ୍ଦା ମେହେର ଯୋଗଦାନ କରି ଉତ୍ସାହିତ କରିଥିଲେ। ଅଞ୍ଚଳରେ ସାମଗ୍ରୀକ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ବିଧାୟକ ଆଶ୍ୱସନା ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବୈଜାମୁଣ୍ଡା ସାନସିଂହାରୀ ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଜଗତ ଓ ନୃତ୍ୟ ଶିକ୍ଷୟିତ୍ରୀ ସୁଚିସ୍ମିତା ବେହେରାଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିବା ବେଳେ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପାଠପଢ଼ାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ର ମଧ୍ୟରେ ସୋନିଆ ସୋହେଲା, ସୁଜଳ ତିୱାରୀ, ସନ୍ଧାନ ତ୍ରିପାଠୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ପଦ୍ମପୁର ଅଭୟ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ ତୋର ପାରକେ ମୋର ପାହା କ୍ଷୁଦ୍ର ସମ୍ବଲପୁରୀ ଡ୍ରାମ ଓ ସୋହେଲାର ସମ୍ବଲପୁରୀ ଡ୍ରାମ ବାବୁଖର୍ଚ୍ଚା ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ରଜନୀରେ ଚିପିଲିମା ମହେନ୍ଦ୍ର ରାଉତଙ୍କ ରଚିତ ଓ ଇଂ. ଅଶୋକ ପଣ୍ଡାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ଡ୍ରାମା ମେରା ଭାରତ ମହାନ୍ ପ୍ରଦର୍ଶିତ ହୋଇଥିଲା। ପରେ ବୈଜାମୁଣ୍ଡା ସାନସିଂହାରୀ ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନାଚଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ବ୍ଲକ ସଭାପତି ଜୟଶଙ୍କର ତିୱାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ସଭାପତି ମହେନ୍ଦ୍ର ରାଉତ ଓ ସମ୍ପାଦକ ଗଣେଷ ତାଣ୍ଡିଆ ପରିଚାଳନା କରିଥିଲେ। ସମ୍ପାଦକ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ଜଗଦିଶ ବିଶ୍ୱାଳ, ଚିପିଲିମା ପ୍ରୟାସ ଅନୁଷ୍ଠାନ ଆବାହକ ପ୍ରସନ୍ନ କୁମାର ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପାଲି ଶିଶୁ ମନ୍ଦିର ସଭାପତି ବୁଦ୍ଧଦେବ ପଣ୍ଡା, ଗୋପାଳ ଦୋରା, ଲକ୍ଷ୍ମୀନାରାୟଣ ମହାକୁଡ ଯୋଗଦାନ କରିଥିଲେ।



ସମ୍ବଲପୁରୀ ଡ୍ରାମା 'ମେରା ଭାରତ ମହାନ୍'ର ଏକ ଦୃଶ୍ୟ ।

## ବନ୍ଧକାନୀକୁ ହରାଇ ପିଣ୍ଡାପଥର ଚାମ୍ପିୟନ

ବାମରା, ୨୭।୧ (ଡି.ଏନ.ଏ.)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

ବାମରାବ୍ଲକକେସାଇବାହାଲଠାରେ ୫ ଦିନ ଧରି ଚାଲିଥିବା ଆଧାର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଯୋଗଦେଇଥିଲେ। ପ୍ରତି ମ୍ୟାଚ ୧୦-୧୦ ଓଭରର ଚାଲିଥିଲା। ପ୍ରଥମ ସେମିଫାଇନାଲରେ ସିରିଡକୁ ହରାଇ ବନ୍ଧକାନୀ ଦଳ ଫାଇନାଲରେ ପ୍ରବେଶ କରିଥିଲା ବେଳେ ଦ୍ୱିତୀୟ ସେମିଫାଇନାଲରେ ସିଙ୍ଗିବାହାଲକୁ ହରାଇ ପିଣ୍ଡାପଥର ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ପ୍ରଥମ ପିଣ୍ଡାପଥର ବ୍ୟାଟିଂ କରି ମୋଟ ୧୧୦ ରନ କରିଥିବା ବେଳେ ୨୮ ରନ ବ୍ୟବଧାନରେ ବନ୍ଧକାନୀ ପରାଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ କେସାଇବାହାଲ ସରପଞ୍ଚ ଶାନ୍ତିଲତା ଟପ୍ପୋ, ସମିତି ସଭ୍ୟ ପଦ୍ମଚରଣ ଗୁରୁ, କଲେଜ ଅଧ୍ୟକ୍ଷ ଘନଶ୍ୟାମ ସାହୁ, ନୃପଲାଲ ଚୌଧୁରୀ ଓ ରଜନୀକାନ୍ତ ପଟେଲ ପ୍ରମୁଖ ଯୋଗଦେଇଥିଲେ। ପିଣ୍ଡାପଥର ଦଳର କରୁଣାକୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ଚନ୍ଦନ ସାହୁ, ବାପୁନି ବାରିକ, ଶ୍ୟାମୁ କିଷାନ, ଲୁଲୁ ଗରଡିଆ, ମୁନ୍ନା ଖାନ ଦାୟୀତ୍ୱ ତୁଲାଇଥିଲେ। କେସାଇବାହାଲ ଗ୍ରାମର ବ୍ୟବସାୟୀ ଓ ଚକରିଆଙ୍କୁ ନେଇ ଏକ ସ୍ୱତନ୍ତ୍ର ମ୍ୟାଚ ଆୟୋଜିତ ହୋଇଥିବା ବେଳେ ଏଥିରେ ଚକରିଆ ଦଳ ବିଜେତା ହୋଇଥିଲେ । ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ରାଜତିଲକ ରାୟ ଓ ସୁଶିଲ କିଶାନ ଯୋଗଦେଇଥିଲେ। ରହିସ କ୍ଲବ ପକ୍ଷରୁ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଅଭିନାଶ, ଆଶିଷ, ଲିଙ୍କନ, ଲୁଲୁ, ସୁଭ, ଚନ୍ଦନ, କରଣ, ଦିନେଶ ଗୋପାଳ ଓ ରଞ୍ଜନ ପରିଚାଳନାରେ ସହଯୋଗ କରିଥିଲେ ।

**କେସଇବାହାଲ ଆଧାର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ପଡିଆବାହାଲ, ୨୭।୧ (ଡି.ଏନ.ଏ.)

ବଡସାହିର ଏମଇ ସ୍କୁଲ, ହାଇସ୍କୁଲର ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ବଡସାହିର ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ସଭା କରି ଏହି ନିଷ୍ପତ୍ତି ନିଆଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, କୁଳଧର ପ୍ରଧାନ, ଅରୁଣ ପଧାନ ପ୍ରମୁଖଙ୍କ ପରାମର୍ଶକ୍ରମେ କାର୍ଯ୍ୟଭାର ବଣ୍ଟନ କରାଯାଇଥିଲା । ସଭାରେ ୪୦ଜଣ ଉପସ୍ଥିତ ଥିଲେ। ଆଦିତ୍ୟ ଭୋଇ, ଦଳଗଞ୍ଜନ ହାତୀ, ସଞ୍ଜୟ ବଡ଼ାଇ, ନୀଳମଣି ପଧାନ, ରସାନ୍ତ ବେହେରା, ଆଦିକନ୍ଦ ପଧାନ, ଦଶମି ବଡ଼ାଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଗଙ୍ଗାଧର ବଘାର ଧନ୍ୟବାଦ ଅର୍ପଣ କରି ସଭାସାଙ୍ଗ କରିଥିଲେ ।

## ସାଧାରଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳିଲେ ଚାଷୀ

ବାମରା, ୨୭।୧ (ଡି.ଏନ.ଏ.)

**ଫସଲ ବୀମା ପ୍ରସଙ୍ଗ**

୨୦୧୮ର ଫସଲ ବୀମା ପ୍ରଦାନ ଦାବି ନେଇ ଚାଲି ଆସୁଥିବା ଆନ୍ଦୋଳନ ଥମିବାର ନାଁ ଧରୁନାହିଁ । ଗତ ୨୫ ତାରିଖ ଚାଷୀମାନେ ପୁଣି ଥରେ ପଞ୍ଚାୟତ କାର୍ଯ୍ୟାଳୟ ସବୁରେ ତାଲା ପକାଇଥିବା ବେଳେ ୨୬ ତାରିଖ ସାଧାରଣତନ୍ତ୍ର ଦିବସକୁ କଳା ଦିବସ ଭାବେ ପାଳନ କରିଥିବା ଜଣାପଡିଛି । ଫସଲ ବୀମା ପ୍ରଦାନ ଦାବି ନେଇ ଚାଷୀ ଓ ପ୍ରଶାସନ ମଧ୍ୟରେ ସମାଧାନ ହୋଇ ପାରୁ ନ ଥିବାରୁ ବାରମ୍ବାର ଆନ୍ଦୋଳନ, ରାଜରାସ୍ତା ଜାମ, ଦୋକାନ ବଜାର ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବା ଯୋଗୁ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି । ଗତ ଡିସେମ୍ବରରୁ ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଦେଇଥିବା ବେଳେ ୭ ତାରିଖରେ ସମ୍ବଲପୁରରେ ତ୍ରିପାକ୍ଷିକ ବୈଠକରେ ୨୨ ତାରିଖ ସୁଦ୍ଧା ଫସଲ ବୀମା ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସାମୟିକ ସ୍ଥଗିତ ହୋଇଥିଲା । ପ୍ରଶାସନର ପ୍ରତିଶ୍ରୁତି ଫେଲ ମାରିବା ପରେ ପୁଣି ଚାଷୀ ସଙ୍ଗଠନମାନେ ସ୍ଥଗିତ ଆନ୍ଦୋଳନ ଆରମ୍ଭ କରି ୨୫ ତାରିଖ ବ୍ଲକ ସମସ୍ତ ପଞ୍ଚାୟତରେ ତାଲା ପକାଇଥିଲେ । ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଚାଷୀ ପ୍ରତିନିଧିମାନେ ବାମରା ବସଷ୍ଟାଣ୍ଡ ଛକଠାରେ ପହଞ୍ଚି କଳା ପତାକା ଉତ୍ତୋଳନ କରିବା ସହ କଳା ବ୍ୟାଜ୍ ପିନ୍ଧିଥିଲେ । ଚାଷୀ ସଙ୍ଗଠନ ଏପରି ଆନ୍ଦୋଳନ ପନ୍ଥାକୁ କେତେ ଜଣ ଠିକ ବୋଲି କହୁଥିବା ବେଳେ ଅନ୍ୟ କେତେଜଣ ଏହାକୁ ନାପସନ୍ଦ କରିଛନ୍ତି । ରାଷ୍ଟ୍ରୀୟ ପର୍ବ ଭାବେ ପରିଚିତ ସାଧାରଣତନ୍ତ୍ର ଦିବସରେ ଦେଶର ସମସ୍ତ ସ୍ଥାନରେ ତ୍ରିରଙ୍ଗା ପତାକା ଉତ୍ତୋଳନ ହେଉଥିବା ଏପରି ଦିବସରେ କଳା ପତାକା ଉତ୍ତୋଳନ ଅଶୋଭନୀୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀଙ୍କ ଦ୍ୱାରା ତାଲା ପକାଯାଇଥିବା ଯୋଗୁ ସାଧାରଣତନ୍ତ୍ର ଦିବସରେ କେତେକ ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ହେବାକୁ ଥିବା ଗ୍ରାମ ସଭା ବାତିଲ କରାଯାଇଥିଲା । ତାଲା ବନ୍ଦ ଯୋଗୁ ବହୁ ଉନ୍ନୟନ କାର୍ଯ୍ୟ ଠପ ପଡିଥିବା ବେଳେ ଚାଷୀ ସମୁହ କେବଳ ନିଜ ସ୍ୱାର୍ଥ ରକ୍ଷା ପାଇଁ ସାଧାରଣ ଲୋକଙ୍କ ଜନସ୍ୱାର୍ଥକୁ ବଳି ପକାଉଛନ୍ତି ବୋଲି ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝି ମତବ୍ୟକ୍ତ କରିଛନ୍ତି । ଦାବି ପୁରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳକୁ ଆହୁରି ତୀବ୍ରତର କରାଯିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ନାକଟିଦେଉଳ, ୨୭।୧ (ଡି.ଏନ.ଏ.)

**ଡଇଁଚା ବାପୁଜୀ ହାଇସ୍କୁଲ ଫାଟକରେ ତାଲା**


ଡ଼ଇଁଚା ବାପୁଜୀ ହାଇସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଇଁଚା ବାପୁଜୀ ହାଇସ୍କୁଲରେ ପ୍ରଧାନଶିକ୍ଷକ ସମେତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ଧାରଣା ଦିଆଯାଇଛି। ପୂର୍ବ ନିଷ୍ପତ୍ତିକ୍ରମେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଡ଼ଇଁଚା ବାପୁଜୀ ସରକାରୀ ହାଇସ୍କୁଲରେ ବହୁବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଗତ ୨୦୧୪ରେ ପ୍ରଧାନଶିକ୍ଷକ ଚିନ୍ତାମଣି ପଟେଲଙ୍କ ଦେହାନ୍ତ ପରେ ସେହି ଦିନଠାରୁ ଉକ୍ତ ପଦବୀ ଖାଲି ପଡ଼ିଛି। ସହକାରୀ ଶିକ୍ଷକ କିଶୋରଚନ୍ଦ୍ର ସାହୁ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଥିଲେ। ଗତ ଡିସେମ୍ବର ୧୬ରେ ପ୍ରଶାସନ ଅନ୍ୟ କାହାରିକୁ ଏଠାରେ ଅବସ୍ଥାପିତ ନ କରି ହଠାତ ତାଙ୍କୁ ଅନ୍ୟତ୍ର ବଦଳି କରିଦେଇଛନ୍ତି । ସେହିପରି ବର୍ତ୍ତମାନ ଏହି ବିଦ୍ୟାଳୟରେ ବିଜ୍ଞାନ, ହିନ୍ଦୀ, ଜଣେ କିରାଣୀ ଏବଂ ପିଅନ ପଦବୀ ଆଜକୁ ଦୀର୍ଘ ବର୍ଷ ହେଲା ଖାଲି ପଡ଼ିଛି। ଏ ସମ୍ପର୍କରେ ଗ୍ରାମବାସୀ ଏବଂ ଅଭିଭାବକମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଏବଂ ପ୍ରଶାସନଠାରେ ଦାବି କରି ଆସୁଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଆଗକୁ ମାଟ୍ରିକ ପରୀକ୍ଷା ଥିବା ବେଳେ ପାଠପଢାରେ ବାଧା ଉପୁଜି ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି । ଯଥା ଶୀଘ୍ର ଖାଲି ପଡ଼ିଥିବା ଏହି ଶିକ୍ଷକ ପଦବୀଗୁଡ଼ିକ ପୂରଣ କରାଯିବାକୁ ଦାବି କରିବା ସହ ୨୫ ତାରିଖ ସୁଦ୍ଧା ଏ ନେଇ ପଦକ୍ଷେପ ନିଆ ନ ଗଲେ ୨୭ ତାରିଖଠାରୁ ସ୍କୁଲ ଫାଟକରେ ତାଲା ପକାଇ ଆନଦୋଳନ କରାଯିବ ବୋଲି ଗ୍ରାମବାସୀ ଏବଂ ଅଭିଭାବକମାନେ ଚେତାବନୀ ଦେଇ ବିଭାଗୀୟ ମନ୍ତ୍ରୀ ଏବଂ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଥିଲେ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବାଧହୋଇ ସୋମବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର ପ୍ରଧାନ, ସରପଞ୍ଚ ପ୍ରବୀଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ମୁରଲୀଧର ପ୍ରଧାନ, ମନମୋହନ ପ୍ରଧାନ, ପାଞ୍ଚିଳି ସାହୁ, ରମ୍ଭା ଦେହୁରୀ, ପାଞ୍ଚିଳି ଧଳଙ୍କ ସମେତ ଶତାଧିକ ଗ୍ରାମବାସୀ, ଅବିଭାବକ/ଅଭିଭାବିକା ଏବଂ ଛାତ୍ରୀଛାତ୍ର ସ୍କୁଲ ଫାଟକରେ ତାଲା ପକାଇ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଜଣେ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୨ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନୂତନ କର୍ମକର୍ତ୍ତା ମନୋନୟନ

**ରିଆମାଳ,୨୭।୧(ଡି.ଏନ.ଏ.):** ଦେବଗଡ ଜିଲା ରିଆମାଳ ବ୍ଲକ କଣ୍ଢାବାହାଲର ବିରଞ୍ଚିପାଲଠାରେ ସୋମବାର ନଇକୁଳଗୁଡ଼ି ଗୋଣ୍ଡ ସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପୂର୍ବତନ ସଭାପତି ଦାଶରଥି ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୂତନ ସଭାପତିଭାବେ ପୀତବାସ ଅଟାଙ୍କୁ ମନୋନୟନ କରାଯାଇଥିଲା। ସମ୍ପାଦକ ଭାବେ ଭାଗ୍ୟରଥି କୁମୁରା ଓ ସାତଜଣ ସଦସ୍ୟଙ୍କୁ ଉପଦେଷ୍ଟା ମଣ୍ଡଳୀରେ ରଖାଯାଇଛି। ସେମାନେ ହେଲେ ମୂଳିଆ ଗଡ଼ତିଆ, ପ୍ରଶାନ୍ତ ଭୋଇ, ପରମାନନ୍ଦ ନାୟକ, ନାରାୟଣ ଭୋଇ, ରଷିନ୍ଦ୍ର କଅଁର, ବବଲୁ ନାୟକ, ବିରଞ୍ଚି ନାରାୟଣ ନାୟକ। ସୁନୀଲ କୁମାର ଅଟା ଓ ପରମାନନ୍ଦ ନାୟକ ସଭା ପରିଚାଳନା କରିଥିଲେ। ବୈଠକରେ ୩୦ରୁ ଊର୍ଦ୍ଧ୍ୱ ଗୋଣ୍ଡ ସମାଜର ସଦସ୍ୟ ଯୋଗଦେଇଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୨୭।୧ (ଡି.ଏନ.ଏ.):** ବାରକୋଟ ବ୍ଲକ ଅଧୀନ ମଧପୁର ଗ୍ରାମ ପଞ୍ଚାୟତଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଏସ୍‌ପି ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ସହକାରୀ ଜିଲାପାଳ ଲୀଳାବତୀ ନାୟକ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ବାରକୋଟ ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଗ୍ରହଣ କରାଯାଇଥିବା ୯୯ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକ ମଧ୍ୟରୁ ୩୧ଟି ସାମୂହିକ ସମସ୍ୟା ଉପରେ ଥିବାବେଳେ ୬୮ଟି ବ୍ୟକ୍ତିଗତ ସମସ୍ୟା ଉପରେ ଆଧାରିତ ଥିଲା। ୫୯ଟି ଦରଖାସ୍ତର ତୁରନ୍ତ ଶୁଣାଣି କରି ସମାଧାନ କରାଯାଇଥିଲା। ମଧପୁର ନିବାସୀ ହୃଷୀକେଶ ସାହୁ ଓ ଦୁଃଶାସନ ଖଡିରତ୍ନ ଏବଂ ବଡକୁଦର ମଧୁ ସୂଦନ ସାହୁ ଓ ସୁକାନ୍ତି ବେହେରାଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ମଞ୍ଜୁର କରିଥିଲେ। ଶିବିରରେ ଜନସାଧାରଣ ମୁଖ୍ୟତଃ ଫାଇନାନ୍ସିଆଲ ଆସିଷ୍ଟାନ୍ସ, ମୁଖ୍ୟମନ୍ତ୍ରୀଙ୍କ ଆବାସ ଯୋଜନା, ଘରଡିହ, ଆଦି ବିଷୟଗୁଡିକ ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଦେବଗଡ,୨୭।୧(ଡି.ଏନ.ଏ)**

ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ପ୍ରସଙ୍ଗରେ ସେ ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିବା ସହିତ ପ୍ରଶାସନକୁ ଲୋକାଭିମୁଖୀ କରିବା, ଲୋକଙ୍କ ସହଯୋଗ ଓ ସହଭାଗିତାରେ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ଼ ପରିକଳ୍ପନାକୁ ସାକାର ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଜିଲାରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଏକ ନିଆରା ଢଙ୍ଗରେ ପାଳନ କରାଯାଇ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ୱଚ୍ଛ ରହିବା, ସୁସ୍ଥ ରଖିବା, ସୁସ୍ଥ ମା' ସୁସ୍ଥ ଶିଶୁ, କନ୍ୟା ଭ୍ରୂଣହତ୍ୟା, ବେଟି ବଚାଅ ବେଟି ପଢାଅ, ବେଟି ବଢାଅ, ଶିଶୁ ନିର୍ଯାତନା ଆଇନ୍, ପ୍ଲାଷ୍ଟିକ ବ୍ୟବହାରକୁ ନା, ଯୌତୁକ ପ୍ରଥା ଆଦି ଯୋଜନା ଉପରେ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର କରିଥିଲେ। ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ୩୧ଟି ଟ୍ରୁପ ପରେଡରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ୧୨ଟି ପ୍ରଜ୍ଞାପନ ମେଢ ମାର୍ଚ୍ଚପାଷ୍ଟରେ ଭାଗନେଇ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପରେଡ କମାଣ୍ଡର କାଳିଚରଣ ମାଝୀ ଏବଂ ରିଜର୍ଭ ଇନ୍ସପେକ୍ଟର ଅଫ୍ ପୋଲିସ ସେକେଣ୍ଡ ଇନ୍ କମାଣ୍ଡ ଗୋବିନ୍ଦ ମାରଣ୍ଡି ସର୍ଜେଣ୍ଟ ପରେଡକୁ ପରିଚାଳନା କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ କପ୍ ପୁରସ୍କାର ପ୍ରଦାନ କରିଥିଲେ। ପରେ ପରେଡରେ ଅଂଶଗ୍ରହଣ କରିଥିବା ୩୧ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୟୁନିଫରମ ଦଳ ଭାବେ ଦେବଗଡ ମହାବିଦ୍ୟାଳୟର ଏନ.ସି.ସି. ବାଳିକା ଦଳ ପ୍ରଥମ, ଦେବଗଡ ମହାବିଦ୍ୟାଳୟର ଏନ.ସି.ସି.ବାଳକ ଦଳ ଦ୍ୱିତୀୟ , ସିଭିଲିଆନ ସିନିୟରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଥମ, ଡି.ଆଇ.ଇ.ଟି.ବାଳିକା ଦ୍ୱିତୀୟ ଏବଂ ସିଭିଲିଆନ ଜୁନିୟର ଦଳ ବାଲ ଭାରତୀ ଇଂଲିଶ ମିଡିୟମ ସ୍କୁଲ ପ୍ରଥମ, ବିଦ୍ୟା ବିକାଶ ଇଂଲିଶ ମିଡିୟମ ସ୍କୁଲ ଦ୍ୱିତୀୟଙ୍କୁ ସିଲଡ ଓ କପ୍ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା, ଉପ-ଜିଲାପାଳଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ପୋଲିସ ପ୍ରଶାସନର କର୍ମକର୍ତା , ଗଣ ମାଧ୍ୟମର ପ୍ରତିନିଧି ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିଥିବା ଏକ ଟ୍ରୁ



କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଦେବଗଡ଼ରେ କବିତା ଆସର

**ଦେବଗଡ଼,୨୭।୧(ଡ଼ି.ଏନ୍.ଏ.)**

ସାଧାରଣତନ୍ତ୍ର ଦିବସ ଅବସରରେ ଜିଲା ପ୍ରଶାସନ ଓ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଜିଲା ସୂଚନା କେନ୍ଦ୍ର ଓ ପାଠାଗାରଠାରେ ନିରଞ୍ଜନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଡ଼. ସୁରେନ୍ଦ୍ର କୁମାର ଦାସ ସମ୍ମାନୀତ ଅତିଥିଭାବେ ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟି ମଞ୍ଚାସୀନ ଥିଲେ। ଏଥିରେ ସ୍ୱରଚିତଗୁଡ଼ିକୁ ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ,ପ୍ରଫୁଲ୍ଲ କୁମାର ମହାପାତ୍ର,ମାର୍କଣ୍ଡେଶ୍ୱର ଶତପଥୀ, ଅଧ୍ୟାପକ ଅଶୋକ ମିଶ୍ର,ଭାତ୍ରୁ କୁମାର ପ୍ରଫୁଲ୍ଲ, ବିପିନ୍ ବିହାରୀ ନନ୍ଦ, ଫକୀର ମେହେନ ଦେହୁରୀ, ରାମଚନ୍ଦ୍ର ପ୍ରଧାନ, ଲୋକନାଥ ବେହେରା,ରୀତାଞ୍ଜଳୀ ସାଏ, ପଦ୍ମିନୀ ଦାଶ ମହାପାତ୍ର, କଳ୍ପନା ହରିଜନ, ଦୈତାରୀ ପ୍ରସାଦ ଦ୍ୱିବେଦୀ,ସନ୍ଧ୍ୟାରାଣୀ ପାତ୍ର,ଜିତେନ୍ଦ୍ର ପ୍ରଧାନ,ଯଦୁମଣି ବେରୋ, ଦିଲ୍ଲୀପ କୁମାର ଦେବ,ଭୋଳେଶ୍ୱର ମିଶ୍ର, ପ୍ରାଣବନ୍ଧୁ ଘଡ଼େଇ,ପ୍ରକାଶ କୁମାର ପ୍ରଧାନ,ଡ଼ିଲେଶ୍ୱର ପ୍ରଧାନ,ପ୍ରଦୀପ କୁମାର ଜେନା,ବିଜୟ ଗୋଏଲ,ମନୋରଞ୍ଜନ ସୁତାର, ବାଲ୍ମୀକି ଚରଣ ଲୁହା ପ୍ରମୁଖ କବିତା ପାଠ କରିଥିଲେ। ସଂଯୋଜନା ସହଯୋଗ କରିଥିଲେ ସୁମିତ୍ର ପୁରୋହିତ। ସଂସଦର ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଦ୍ୟୁମ୍ନ ମାଝୀ, କାର୍ତ୍ତିକ ନାଏକ ସହଯୋଗ କରିଥିଲେ।



ଛାତ୍ରୀ ଛାତ୍ର ମାନେ ଏକତ୍ରିତ ହୋଇ ଶପଥ ପାଠ କରୁଛନ୍ତି।

## ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ସଂକଳ୍ପ

**ଦେବଗଡ,୨୭।୧ (ଡି.ଏନ.ଏ)**

ଦେଶର ଭବିଷ୍ୟତ ନାଗରିକ ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ କରି ଗଢି ତୋଳିବା ପାଇଁ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପରାମର୍ଶକ୍ରମେ ସାଧାରଣତନ୍ତ୍ର ଦିବସରେ ଜିଲାର ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲାର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଶପଥ ପାଠ ଜରିଆରେ ନିଜ ଦେଶ ଓ ପ୍ରଦେଶକୁ ଦୃଢ କରି ଗଢି ତୋଳିବା ପାଇଁ ସଂକଳ୍ପ ନେଇଥିଲେ। ଭଲକାମ କରି ଭଲପିଲା ହେବା, ନିଜେ ସଫା ରହି ପରିବେଶ ସଫା ରଖିବା, ସୁସ୍ଥ ରହିବା, ସ୍ୱଚ୍ଛ ରଖିବା, ପାଇଖାନା ବ୍ୟବହାର କରିବା, ଯଥେଷ୍ଟ ପାଣି ପିଇବା, ମନଦେଇ ପାଠପଢି ଖୁସି ରହିବା, ବାପା ମାଁଙ୍କ କଥା ମାନିବା, ନିଶାଦ୍ରବ୍ୟ ସେବନ ନ କରିବା, ଗଛ ଲଗାଇ ତା'ର ସୁରକ୍ଷା କରିବା ଏବଂ ସେମାନଙ୍କ ପାଇଁ ଯେଭଳି ସମସ୍ତେ ଗର୍ବ ଅନୁଭବ କରିବେ ସେଥିପାଇଁ ଉକ୍ତଦିନ ବିଦ୍ୟାଳୟରେ ଏକତ୍ରିତ ହୋଇ ସମସ୍ତେ ସଂକଳ୍ପ ନେଇଥିଲେ।

## ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ରିଆମାଳ,୨୭।୧(ଡି.ଏନ.ଏ.)**

ରିଆମାଳ ବ୍ଲକ ନାଉଲିପଡ଼ା ଗ୍ରାମରେ ମହାଶିବରାତ୍ରି ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିବରାତ୍ର ଟ୍ରଷ୍ଟ କମିଟି ସଭାପତି ହୃଷୀକେଶ ପ୍ରଧାନ ଓ ସମ୍ପାଦକ ମୀନକେତନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ହୋଇଥିଲା। ସନ୍ଧ୍ୟା ୬ଟାରେ ହରିହର ଭେଟ, ରାତି ୧୧ଟାରେ ମହାଦୀପ ମନ୍ଦିରକୁ ଉଠାଯିବ ବୋଲି ସ୍ଥିର ହୋଇଥିଲା। ଏନେଇ ଏକ ନୂତନ ସାଂସ୍କୃତିକ କମିଟି କର୍ମକର୍ତ୍ତା ଗଠନ କରାଯାଇଛି। ସଭାପତି ଆଶିଷ ପ୍ରଧାନ, ସମ୍ପାଦକ ମୁନୁ ପ୍ରଧାନ, ଉପଦେଷ୍ଟା ମଣ୍ଡଳୀରେ ପ୍ରଶାନ୍ତ ପ୍ରଧାନ, ଦେବେନ୍ଦ୍ର ସାହୁ, ଅଲେଖ ମହାପାତ୍ର, ନବକୃଷ୍ଣ ପ୍ରଧାନ ଓ ଅଭିଷେକ ପ୍ରଧାନଙ୍କୁ ଚୟନ କରାଯାଇଛି।

## ୨୯ ସୁଦ୍ଧା ପ୍ରତିଶ୍ରୁତି ପାଳନ ନ କଲେ ଖଣି ଖନନ ବନ୍ଦ

### ପ୍ରତିଶ୍ରୁତି ଦେଇ ଏବେ କମ୍ପାନୀ ଚୁପ୍

**ରେଙ୍ଗାଲି,୨୭।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାସ୍ଥିତ ତଲାବିରା ୨ ଏବଂ ୩ କୋଇଲା ଖଣି ଖନନ କାମ କରୁଥିବା ଏନଏଲସି କମ୍ପାନୀ ଠିକା ସଂସ୍ଥା ଆଦାନୀ କମ୍ପାନୀରେ ସ୍ଥାନୀୟଙ୍କୁ ନିଯୁକ୍ତି ଦେବା ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବା ବିସ୍ଥାପିତ ଗ୍ରାମବାସୀ ସୋମବାର ସମ୍ବଲପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ ନ କଲେ ଆସନ୍ତା ୨୯ ତାରିଖରୁ କମ୍ପାନୀ କାର୍ଯ୍ୟ ବନ୍ଦ କରିବା ସହିତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ନିଯୁକ୍ତି ଦାବିରେ ବୀରୁସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ଗତ ୨ ତାରିଖରୁ ୩ ଦିନ ଧାରଣା ଦିଆଯାଇଥିଲା। ଦ୍ୱିତୀୟ ଦିନ ସଂଘ ପକ୍ଷରୁ ସମ୍ବଲପୁର ଉପଜିଲାପାଳ ଏବଂ ଠେଲକଲୋଇ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା ଯେ, ଯଦି କମ୍ପାନୀ ସଂଘ ଦାବି ପୂରଣ ନ କରେ ତୃତୀୟ ଦିନରେ ଆଦାନୀ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଦିଆଯିବ ବୋଲି କୁହାଯାଇଥିଲା। ଶନିବାର ଧାରଣାର ତୃତୀୟ ସଂଘର ଶତାଧିକ ଶ୍ରମିକ ପକ୍ଷରୁ କମ୍ପାନୀର ମୁଖ୍ୟ ଫାଟକରେ ତାଲା ପକାଇବାକୁ ଚେଷ୍ଟା କରୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଚେତା ପସିଥିଲା। କମ୍ପାନୀ କର୍ତ୍ତୃପକ୍ଷ ପୋଲିସ ପ୍ରଶାସନ ସଂଘର ଶ୍ରମିକମାନଙ୍କ ବୁଝାଶୁଝା କରିଥିଲେ। ସଂଘ ପକ୍ଷରୁ ମୌଖିକରେ ନୁହେଁ ଲିଖିତ ଭାବେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି କହିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ୨୧ ଦିନ ମଧ୍ୟରେ ସଂଘର ଶ୍ରମିକମାନଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ୨୧ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ସ୍ଥାନୀୟ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇନାହିଁ। ୩ଟି ସିଫ୍ଟରେ କମ୍ପାନୀ ଜୋରସୋରରେ ଖନନ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିସ୍ଥାପିତ ଗ୍ରାମବାସୀ ପକ୍ଷରୁ ବାବୁଲୁ ରାଉତ, ଅକ୍ଷୟ କୁମାର ଶତପଥି, ହିମାଂଶୁ ଭୂଷଣ ମଲ୍ଲିକ, ଦୀପକ କୁମାର ରାଉତ, ଗିରିଶ ନାୟକ, ଯତିନ କୁମାର ବେହେରା ପ୍ରମୁଖ ଅଭିଯୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସରେ ସବୁଠି ଉଡ଼ିଲା ତ୍ରିରଙ୍ଗା

**ବାମରା,୨୭।୧(ଡି.ଏନ.ଏ.)**

ବ୍ଲକ ସଦର ମହକୁମାଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ହାଇସ୍କୁଲ ପଡିଆରେ ଗୋବିନ୍ଦପୁର ପଞ୍ଚାୟତର ୧୫ଟି ସ୍କୁଲରୁ ପ୍ରାୟ ୩ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଡିଓ ଗୋବିନ୍ଦ ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଏବିଡିଓ ଏସ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ତହସିଲଦାର ଅନୀଲ କୁଲୁ, ବିଇଓ ନରେନ୍ଦ୍ର ପଟେଲ, ସହକାରୀଯନ୍ତ୍ରୀ ଶ୍ୟାମସୁନ୍ଦର ମାଝି ଓ ଆକାଉଣ୍ଟେଣ୍ଟ ଅଫିସର ସୁନୀଲ ବାର୍ଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ପରେଡ ପ୍ରତିଯୋଗିତାରେ କୃତୀ ସ୍କୁଲକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ କମାଣ୍ଡର ଭାବେ ସମ୍ବଲପୁର ରିଜର୍ଭ ପୋଲିସ ହାବିଲଦାର ସୁରେଶ ଚନ୍ଦ୍ର ମାଝି ଓ ସହାୟକ କମାଣ୍ଡର ଭାବେ ଆଦର୍ଶ ବିଦ୍ୟାଳୟ ପିଇଟି ସୁରେଶ ଚନ୍ଦ୍ର ନାଏକ ଦାୟୀତ୍ୱ ଗ୍ରହଣ କରିଥିଲେ। ଦୈତାରୀ ନାଏକ ମଞ୍ଚ ସଞ୍ଚାଳନ କରିଥିଲେ। ପରେଡର ବିଚାରକ ରୂପେ ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ କୁମାର ରଣା, ଅବସରପ୍ରାପ୍ତ ଏସପି ନିରଞ୍ଜନ ଦେହୁରୀ ଓ ସେନାର ଯବାନ ଜ୍ଞାନରଞ୍ଜନ ମହାନ୍ତି ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ଶତପଥି, ମହେଶ କୁମାର ଚୌଧୁରୀ ଏବଂ ମନମୋହନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର ସ୍କୁଲକୁ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟସ୍ତରରେ ପ୍ରତିଯୋଗୀତାର କୃତୀଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ସିଆରସିସି ଏଥିରେ ସହଯୋଗ କରିଥିଲେ। ଏବିଇଓ ରମେଶ ଚନ୍ଦ୍ର ନାଏକ ସଂଯୋଜନା କରିଥିବା ବେଳେ ରମାକାନ୍ତ ମହାନନ୍ଦିଆ ଧନ୍ୟବାଦ ଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଜିତୁଗୋପାଳଙ୍କ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ପଡିଆବାହାଲ, (ଡି.ଏନ.ଏ.):** ସ୍ଥାନୀୟ ଦୟାନନ୍ଦ ପବ୍ଲିକ ସ୍କୁଲଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ ତଥା ବୀରପୁରୁଷଙ୍କ ଜୟଗାନ କରି ଏହି ଦିବସକୁ ସ୍ମରଣୀୟ କରିଥିଲେ। ଛୋଟ ଛୋଟ ଛାତ୍ରୀଛାତ୍ର ସ୍କୁଲ ପରିସରରେ ପରେଡ କରିଥିବା ବେଳେ ବଡ ଛାତ୍ରୀଛାତ୍ର ବ୍ୟାଣ୍ଡ ବାଜା ସହ ନୂଆଁକଟା, ପଧାନପାଲି, ପଡିଆବାହାଲ ପରେଡରେ ପରିକ୍ରମା କରିଥିଲେ। ସେହିପରି କୁଲୁଣ୍ଡିସ୍ଥିତ ବିଶ୍ୱସେବା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କୁଲୁଣ୍ଡି ଗ୍ରାମ ପରିକ୍ରମା କରିଥିଲେ। ସ୍ଥାନୀୟ ସମସ୍ତ ସ୍କୁଲ, କଲେଜରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ଟିପିଲିମା, (ଡି.ଏନ.ଏ.):** ସମ୍ବଲପୁର ଜିଲା ବୁର୍ଲା ଥାନା ଅଧୀନ ଗାଁରୁ ସହର ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ସମେତ ସମସ୍ତ କ୍ଲବରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ, ମତ୍ସ୍ୟ ଜାଆଁଳ କେନ୍ଦ୍ର, କର୍ଡୋଲା ପଞ୍ଚାୟତ କାର୍ଯ୍ୟାଳୟ, କୃଷି ଓ ଉଦ୍ୟାନ ମହାବିଦ୍ୟାଳୟ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରିୟ ଗୋ ପ୍ରଜନନ ଫାର୍ମ, ପୋଲିଟେକନିକ କଲେଜ ଚିପିଲିମା, ପୋଲିସ ଟ୍ରେନିଂ ସେଣ୍ଟର, ସିଆରପିଏଫ ଗ୍ରୁପ ସେଣ୍ଟର, ନବୋଦୟ, ଓଏମଫେଡ ପ୍ଲାଣ୍ଟ, କଳାମାଟି ପଞ୍ଚାୟତ, ବସନ୍ତପୁର ପଞ୍ଚାୟତ, କୁଦଗୁଣ୍ଡେରପୁର ପଞ୍ଚାୟତ ସମେତ ଅବିଭକ୍ତ ଧନକଉଡା ବ୍ଲକ ଜୋନ-୨ର ସମସ୍ତ ସରକାରୀ ତଥା ବେସରକାରୀ ବିଦ୍ୟାଳୟ, କ୍ଲବ, ଅନୁଷ୍ଠାନରେ ପତାକା ଉତ୍ତୋଳନ ହୋଇଛି। ସବୁଠି ଛାତ୍ରୀଛାତ୍ର ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇଥିବା ବେଳେ ଅଞ୍ଚଳ ଚଳଚଞ୍ଚଳ ହୋଇଥିଲା।

**କୁଚିଣ୍ଡା, (ଡି.ଏନ.ଏ.):** ସ୍ଥାନୀୟ ମୁକୁନ୍ଦି ଖେଳ ପଡିଆରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ବିଶ୍ୱରଞ୍ଜନ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ ସହ ଅନ୍ୟ ବିଦ୍ୟାଳୟଗୁଡିକରେ ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୧ଟି ଦଳ ଭାଗ ନେଇ ଚିତାକର୍ଷକ ପରେଡ ପ୍ରଦର୍ଶନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ, ରାଜକିଶୋର ମିଶ୍ର ଉପସ୍ଥିତ ଥିଲେ। ମହୁଲପାଲି ଥାନା ଅଧିକାରୀ ଜ୍ୟୋସ୍ନା ବେହେରା, ବିଡିଓ ନିଶିପୁନମ ମିଞ୍ଜ, ଅତିରିକ୍ତ ତହସିଲଦାର ମିତାଳି ମଧୁସ୍ମିତା ଦଲେଇ, ଏସଡିଏମଓ ଦାୟୀତ୍ୱରେ ଥିବା ଡ. କ୍ଷେତ୍ରମୋହନ କାଣ୍ଡ, ଜେଲର ଯୋସେଫ ବାରିକ, ଡେପୁଟି କଲେକ୍ଟର ହରମେନ୍ଦ୍ର ଭୋଇ, ଅଗ୍ନିମ ଅଧିକାରୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି କୁଚିଣ୍ଡା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଭିଟଲର ସେନାପତି, ଶ୍ରୀଅରବିନ୍ଦ ବିଦ୍ୟାଳୟରେ ଅଧ୍ୟକ୍ଷ ମନୋଜ ପଣ୍ଡା, ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ସହ କୁଚିଣ୍ଡା ଏନଏସି ତଥା ବ୍ଲକରେ ସମସ୍ତ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଚିଣ୍ଡା ନିକଟସ୍ଥ କନ୍ହେଇପାଲି ମହାବିଦ୍ୟାଳୟରେ ମଧ୍ୟ ଅଧ୍ୟକ୍ଷ ଡିଲେଶ୍ୱର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ନାକଟିଦେଉଳ, (ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ କଲେଜ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ଆୟୋଜିତ ପରେଡ଼ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାର କୃତୀ ସ୍କୁଲ ଏବଂ କଲେଜକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ସରାପାଲି ଉଚ୍ଚବିଦ୍ୟାଳୟ ପୂର୍ବତନ ଛାତ୍ରୀ ସୁଜାତା ସାହୁଙ୍କୁ ରମେଶ ପ୍ରଧାନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସାଧାରଣତନ୍ତ୍ର ଦିବସରେ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ବିଡିଓ ରବୀନ୍ଦ୍ର ରଣା, ତହସିଲଦାର ସୁକାନ୍ତ ନାଏକ, ଥାନା ଅଧିକାରୀ ଇସ୍ମାଇଲ ଏକ୍କାଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ଶିକ୍ଷାନୁଷ୍ଠାନ ପ୍ରତିନିଧି ଏବଂ ଜନସାଧାରଣ ଯୋଗଦେଇଥିଲେ। ସେହିପରି ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ପୁରପଲ୍ଲୀର ସମସ୍ତ ସିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।





ବାମରାରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗୀ (ବାମ)। କୁଚିଣ୍ଡାରେ ଆୟୋଜିତ ସମ୍ମିଳିତ ପରେଡ଼ରେ ଅତିଥି ଅଭିବାଦନ ଗ୍ରହଣ କରୁଛନ୍ତି।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

**ସଂକ୍ଷେପରେ...**

## ସାମୂହିକ ବ୍ରତୋପନୟନ

ପଦ୍ମପୁର, ୨୭।୧ (ଡି.ଏନ.ଏ)
ପଦ୍ମପୁରଠାରେ ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀ ତରଫରୁ ସୋମବାର ସାମୂହିକ ବ୍ରତୋପନୟନ କରାଯାଇଛି । ବିଭିନ୍ନ ଅଞ୍ଚଳର ୯ଜଣଙ୍କୁ ବ୍ରତୋପନୟନ କରାଯାଇଛି । ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ଦାଶ ଓ ସନ୍ତୋଷିନୀ ଦାଶ ଦମ୍ପତ୍ତି ମୁଖ୍ୟ କର୍ତ୍ତା ଥିଲେ । ମୁଖ୍ୟ ପଣ୍ଡିତ ଅତ୍ୟାହୀ ରଞ୍ଜନ ଦାସଙ୍କ ସହ ୯ଜଣ କର୍ମକାଣ୍ଡ ବ୍ରାହ୍ମଣ ପୂଜାରେ ନିୟୋଜିତ ଥିଲେ। ସାମୂହିକ ବ୍ରତୋପନୟନରେ ପଦ୍ମପୁର ଅଞ୍ଚଳର ସମସ୍ତ ବ୍ରାହ୍ମଣ ପରିବାର ଯୋଗଦାନ କରିଥିଲେ ।

## ବିର୍ସାମୁଣ୍ଡା ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

ରିଆମାଳ,୨୭।୧(ଡି.ଏନ.ଏ.)
ରିଆମାଳ ବ୍ଲକ କୋହ୍ଲବସା ପଞ୍ଚାୟତର ଚଢ଼କମରା ଗ୍ରମା ଖେଳ ପଡ଼ିଆରେ ତ୍ରିଶକ୍ତି ବିର୍ସାମୁଣ୍ଡା କ୍ଲବ ଆନୁକୂଲ୍ୟରେ ହୋଇଥିବା ହକି ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସଭାପତି ଚୈତନ୍ୟ ମୁଣ୍ଡା ଓ ସମ୍ପାଦକ ୟୁନାସ ବଡ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବଗତଇଲା ଓ କୁମ୍ଭାରହୁଲୀ (ଗଦଗଦା) ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଗତଇଲା ଦଳ ୬-୧ ଗୋଲରେ କୁମ୍ଭାରହୁଲୀକୁ ହରାଇ ଚାମ୍ପିୟନ ହୋଇଥିଲା। ଅତିଥିଭାବେ କୋହ୍ଲବସା ସରପଞ୍ଚ ରଣଜିତ କିସା, ସମିତି ସଭ୍ୟ କୁମୁଦବନ୍ଧୁ ପ୍ରଧାନ, ପୂର୍ବତନ ବ୍ଲକ ବିଜେଡି ସଭାପତି ମିଲନ କୁମାର ପ୍ରଧାନ, ପ୍ରଭାକର ପ୍ରଧାନ, ଆର୍ତ୍ତତ୍ରାଣ ପ୍ରଧାନ, କୋହ୍ଲବସା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ରୀୟ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ପୁଷ୍ପାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ୪ଦିନ ଧରି ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ।

# ସେମିଫାଇନାଲରେ ରାଞ୍ଚି, ବିଳାସପୁର

## ୩୪ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍

ସୋନପୁର,୨୭।୧(ନି.ପ୍ର.)
ସୋନପୁର ଗାନ୍ଧୀ ପଡିଆରେ ରବିବାରଠାରୁ ଆରମ୍ଭ ହୋଇଛି ମର୍ଯ୍ୟାଦାଜନକ ସର୍ବଭାରତୀୟ ଲାଲମନି ସ୍ମାରକି କ୍ରିକେଟ୍ ଟୁର୍ନାମେଣ୍ଟ। ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଚଳିତ ୩୪ତମ ସଂସ୍କରଣର ସୋମବାର ଦ୍ୱିତୀୟ ଦିବସ ମ୍ୟାଚ୍ ଗତବର୍ଷର ଚାମ୍ପିୟନ ସେରସା(ରାଞ୍ଚି) ଓ କରିମ୍ ସ୍ପୋର୍ଟିଂ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଗପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଟି ୨୦ ମ୍ୟାଚ୍‌ରେ ୧୮.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଓ୍ୱନ ଚାନ୍ଦେଲ ୨୧ବଲରୁ ଦ୍ରୁତ ୪୦, ମହମ୍ମଦ କରିମ ୨୦ ଓ ହିମେଶ କୁମାର ୧୦ ରନ ସଂଗ୍ରହ କରିଥିଲେ। ରାଞ୍ଚି ପକ୍ଷରୁ ଚନ୍ଦନ ମୁଖି ଓ ସୁପ୍ରିୟ ୩ଟି ଲେଖାଏ, କୁଲଦୀପ ଶର୍ମା ୨ଟି ଏବଂ ବିନୟ ସିଂହ ଗୋଟିଏ ଲେଖାଏ ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ରାଞ୍ଚି ଦଳର ବିକାଶ ଚୌଧୁରୀଙ୍କ ୪୫ ରନ, କୌଶଲ ସିଂହଙ୍କ ୩୫ ରନ, ଉଜ୍ଜ୍ୱଲ ପାଲଙ୍କ ୨୦ରନ ଗୁରୁଜିତ ସିଂଙ୍କ ୧୯ ରନ ସହାୟତାରେ ୧୬.୨ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ୧୪୧ ରନ ହାସଲ କରି ବିଜୟୀ ହୋଇଥିଲା। ନାଗପୁର ପକ୍ଷରୁ କାଜି କିଷାନ ସର୍ବାଧିକ ୪ଟି, ମହମ୍ମଦ କରିମ ଓ ଜିତେନ୍ଦ୍ର ୨ଟି ଲେଖାଏ ଉଇକେଟ୍ ଅକ୍ତିୟାର କରିଥିଲେ ।

ଟି ୧୦ ମ୍ୟାଚ୍‌ରେ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ପଓ୍ୱନ ଚାନ୍ଦେଲଙ୍କ ୩୯ ରନ, ଗୌରବଙ୍କର ୧୪ ରନ, ରବିନ ସିଂହଙ୍କ ୧୨ ରନ ଓ ସଞ୍ଜୟ ଭାଟିଙ୍କ ୧୦ ରନ ସହାୟତାରେ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ଦଳ ଉଜ୍ଜ୍ୱଳ ପାଲଙ୍କ ଅପରାଜିତ ୧୭ ରନ, ସୁରଜିତ ସିଂହଙ୍କ ୧୪ ରନ ଓ ବିକାଶ ଚୌଧୁରୀଙ୍କ ୧୩ ରନ ସହାୟତାରେ ୯ ଓଭରରେ ୪ ଉଇକେଟ ହରାଇ ୯୮ ରନର ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା। ରାଞ୍ଚି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବିକାଶ ଚୌଧୁରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ରଞ୍ଜନ ହୋତା ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ପୃଥ୍ୱୀରାଜ ମିଶ୍ର ।

ସେହିପରି ରବିବାର ଉଦ୍‌ଘାଟନୀ ମ୍ୟାଚ୍ ବିଳାସପୁରର ୱିଜ୍‌ଡମ କ୍ରିକେଟ୍ ଏକାଡେମୀ ଏବଂ ଏସଡିସିଏ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଳାସପୁର ଦଳ ଟି୨୦ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ବିନିମୟରେ ୧୪୯ ରନ ସଂଗ୍ରହ କରିଥିଲେ। ୧୫୦ ରନର ବିଜୟ ଲକ୍ଷ୍ୟର ପିଛା କରି ଏସଡିସିଏ ଦଳ ୧୬.୪ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୫ ରନ ସଂଗ୍ରହ କରିଥିଲା । ଟୁର୍ନାମେଣ୍ଟ ଫର୍ମାଟ ନିୟମ ଅନୁଯାୟୀ ବିଳାସପୁର ଦଳକୁ ୯ ରନ ବୋନସ ମିଳିଥିଲା । ଟି-୧୦ ମ୍ୟାଚ୍‌ରେ ବିଳାସପୁର ଦଳ ପ୍ରଥମେ ବ୍ୟାଟିଂ କରି ଟି-୨୦ରେ ମିଳିଥିବା ୯ ରନକୁ ମିଶାଇ ସଂଗ୍ରହ କରିଥିଲା ୧୦୯ ରନ। ଜବାବରେ ସୁବର୍ଣ୍ଣପୁର ୯୬ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଉଭୟ ମ୍ୟାଚ୍‌ର ଫଳାଫଳ ଅନୁଯାୟୀ ବିଳାସପୁର ଦଳ ୩୪ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା । ବିଳାସପୁରର ଅତୁଲ ଶର୍ମାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ଶୁଭେନ୍ଦୁ ମଲ୍ଲିକ ଓ ଶୁଭାଶିଷ ରଥ। ମ୍ୟାଚ୍ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସମୀର ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ପଣ୍ଡା । ବିନୋଦ ପାତ୍ର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଅଚ୍ୟୁତ୍ ମିଶ୍ର, ସଞ୍ଜିବ ମିଶ୍ର, ମ୍ୟାକ୍‌ମିଲାନ ମହାକୁଡ, ବିଏସ ରାଓ ଓ ପାର୍ଥ ।


ରାଞ୍ଚିର ବିକାଶ ଚୌଧୁରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

## ପାତାଳି ମହୋତ୍ସବ ଉଦ୍‌ଘାଟିତ

ଉଲୁଣ୍ଡା, ୨୭।୧(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ୧୫ତମ ପାତାଳି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ସମ୍ମାନୀତ ଅତିଥି ବିଡିଓ ନିଳାମ୍ବର ମହାନନ୍ଦ, ଭାରପ୍ରାପ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଲିଖିତ ପ୍ରଥମ ଖଣ୍ଡ ପାତାଳି ପରିଚିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପଞ୍ଚକୁଣ୍ଡୀୟ ଘୃତଯଜ୍ଞରେ କର୍ତ୍ତାଭାବେ ଚମରା ଅମାତ, ଗୋପାଳ ପଣ୍ଡା, ନରସିଂହ ପଧାନ, ସତ୍ୟାନନ୍ଦ ମେଣ୍ଡଲି, ନାରାୟଣ ତ୍ରିପାଠୀ ଦାୟିତ୍ୱ ତୁଲାଉଛନ୍ତି। ବ୍ୟାସ ଭାବେ ଭଗବାନ ଷଡଙ୍ଗୀ ଯୋଗଦେଇ ଛଲିଆ ପାହାଡରେ ସପ୍ତାହ ପାରାୟଣ କରୁଛନ୍ତି। ଏହି ଉତ୍ସବକୁ ପୁରୀ ରାମଜୀ ମଠର ମଠାଧିଶ ବଂଶୀଧର ଦାସଜୀ ମହାରାଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ହଜାର ହଜାର ଦର୍ଶକ ଶମାଗମ ହୋଇଥିବା ବେଳେ ପାହାଡ ଚଢିବାର ମଜା ନେଇଥିଲେ।

## ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଉଲୁଣ୍ଡା, ୨୭।୧(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ଗ୍ରାମର ଏସଏଚଜି ମହିଳାମାନେ ମଦ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି। ଗ୍ରାମାଞ୍ଚଳରେ ମଦ କାରବାର ବୃଦ୍ଧି ପାଉଛି। ମଦ ପିଇ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏଥିଯୋଗୁ ନାନାଦି ଅପ୍ରତିକର ପରିସ୍ଥିତ ସୃଷ୍ଟି ହେଉଛି। ପରିବାରରେ କଳହ ଲାଗି ରହୁଛି। ଏଣୁ ସୋମବାର ଲସ୍ତଲା, ହରିଜନପଡାର ଏସଏଚଜି ମହିଳାମାନେ ମଦ ବନ୍ଦ ଅଭିଯାନ ଆରମ୍ଭ କରିଥିଲେ। ଲସ୍ତଲା ସମେତ ହରିଜନପଡାକୁ ଯାଇ ବେଆଇନ ଭାବେ ବିକ୍ରି କରୁଥିବା ମଦକୁ ବନ୍ଦ କରିଥିଲେ। ମଦବିକ୍ରି ବନ୍ଦ ନକଲେ ଆଇନର ଆଶ୍ରୟ ନେବା ପାଇଁ ଚେତାବନୀ ଦେଇଥିଲେ। ଏହି ଅଭିଯାନରେ ମାଁ ନାରାୟଣୀ, ମାଁ ସନ୍ତୋଷୀ, ମା ସରସ୍ୱତୀ, ମାଁ ସାରଳା, ଜୟ ଜଗନ୍ନାଥ ଆଦି ଏସଏଚଜିର ମହିଳଙ୍କ ସହ ସ୍ଥାନୀୟ ସରପଞ୍ଚ ଦୀପାଳୀ ସେଠୀ, ଅଙ୍ଗନାୱାଡି କର୍ମୀ କୁନ୍ତୀ କର୍ଣ୍ଣ, ଜ୍ୟୋତିର୍ମୟୀ ଭରାସାଗର, ୱାର୍ଡସଭ୍ୟ କାଶିନାଥ ରଣା ପ୍ରମୁଖ ସାମିଲ ହୋଇଥିଲେ।


ମଦବିକ୍ରି ବିରୋଧରେ ବାହାରିଥିବା ମହିଳାମାନେ।


ଅତିଥିମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ କରୁଛନ୍ତି ।

## ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ

ବରଗଡ଼ ଅଫିସ୍,୨୭।୧
ବରଗଡ଼ ବ୍ଲକ ଖୁଣ୍ଟପାଲି ନିକଟ କଟାଟିକ୍ରାରେ ମାଁ ମେଟାକାନୀ ମନ୍ଦିର ପ୍ରତିଷ୍ଠା ସମାରୋହ ରବିବାରରୁ ଆରମ୍ଭ ହୋଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ହୋଇଥିଲା। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ମୁକୁନ୍ଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜଟା ଭୁଏ, ଡା. ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆସନ୍ତା ୨୯ତାରିଖରେ ଉକ୍ତ କାର୍ଯ୍ୟକ୍ରମ ଉଦଯାପିତ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୁବଳ ଭୋଇ ସୂଚନା ଦେଇଛନ୍ତି ।

## ଷଡ଼ମଲ୍ଲ ନିଧନରେ କଂସ ମର୍ମାହତ

ଅମ୍ବାଭୋନା, ୨୭।୧ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକର ଚିଚୋଲିଠାରେ ଚାଲିଥିବା ୨୪ତମ ବିରାଟ୍ ଧନୁଯାତ୍ରା ମହୋତ୍ସବର ପଞ୍ଚମ ରଜନୀରେ ବିଜୁଳି କନ୍ୟାର ଦୈବବାଣୀ, ପୁତନାକୁ ଗୋପପୁର ପ୍ରେରଣ, ଷଡମଲ୍ଲ ନିଧନ, କଂସ ମର୍ମାହତ, ଲକ୍ଷେଭାର ପଦ୍ମପୁଷ୍ପ ପଠାଇବାକୁ ଗୋପକୁ ଚିଠାଉ ପ୍ରେରଣ ନାବକେଳି, କାଳୀୟଦଳନ ଆଦି ଦୃଶ୍ୟ ଅଭିନୀତ ହୋଇଛି। ଗ୍ରାମର ନୂଆବନ୍ଧ କାଳିନ୍ଦ୍ରୀ ହ୍ରଦ ପାଲଟିଛି । କୃଷ୍ଣ ଭୂମିକାରେ ନରେନ ଏବଂ ବଳରାମ ଭୂମିକାରେ ପିଣ୍ଟୁ ଅଭିନୟ କରିଛନ୍ତି । କାଳୀୟ ଦଳନ ଦୃଶ୍ୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା ।


ଚିଚୋଲି ଧନୁଯାତ୍ରାର ଦୃଶ୍ୟ ।

## ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୭।୧
ଶିକ୍ଷାବିଭାଗର ରିହାବିଲିଟେଶନ ଏସିଷ୍ଟାଣ୍ଟ ସ୍କିମରେ ନିଯୁକ୍ତି ଦାବିରେ ସୋମବାର ଜିଲାର ବହୁ ଆବେଦନକାରୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆର୍.ଏ ସ୍କିମରେ ନିଯୁକ୍ତି ଦେବା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି । ଏହି କ୍ରମରେ ଜିଲାରେ ସେହି ଶ୍ରେଣୀର ଆବେଦନକାରୀମାନେ ନିର୍ଦ୍ଧାରିତ ସମୟରେ ଆବେଦନ କରିଛନ୍ତି। ମାତ୍ର ସମୟ ଗଡ଼ି ଚାଲିଥିବାବେଳେ ସେମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ମିଳିପାରି ନାହିଁ। ଅନ୍ୟପଟେ ଏହି ସ୍କିମରେ ଅନ୍ୟ ଜିଲାରେ ନିଯୁକ୍ତି ପ୍ରକ୍ରିୟା ସରିଥିବା ଆବେଦନକାରୀମାନେ ଉଲ୍ଲେଖ କରିଛନ୍ତି। ଏହି ସ୍କିମରେ ବରଗଡ଼ ଜିଲାର ଯୋଗ୍ୟ ଆବେଦନକାରୀଙ୍କ ପ୍ରୋଭିଜିନାଲ ତାଲିକା ଗତ ଡିସେମ୍ବର ୧୨ତାରିଖରୁ ପ୍ରକାଶ ପାଇସାରିଛି । କିନ୍ତୁ ସେହି ତାଲିକା ପ୍ରକାଶ ପାଇବାର ମାସାଧିକ ସମୟ ଅତିବାହିତ ହେବା ସତ୍ତ୍ୱେ ନିଯୁକ୍ତି ଦିଆଯାଇନାହିଁ । ଅନ୍ୟପଟେ ପ୍ରୋଭିଜିନାଲ ତାଲିକା ପ୍ରକାଶ କରିଥିବା ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀ ପଦୋନ୍ନତି ସହିତ ବଦଳି ହୋଇଥିବାବେଳେ ବରଗଡ଼ରେ ନୂତନ ଡିଇଓ ଯୋଗଦାନ କରିଛନ୍ତି। ଫଳରେ ଯୋଗ୍ୟ ଆବେଦନକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ପୁଷ୍ପାଞ୍ଜଳି ପଧାନ, ସାବିତ୍ରୀ ମିର୍ଧା, ଜ୍ୟୋସ୍ନାମୟୀ ଭୁଏଙ୍କ ସମେତ ବହୁ ହିତାଧିକାରୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଆବେଦନକାରୀବୃନ୍ଦ ।

## ଏକଦିବସୀୟ କ୍ରିକେଟ: ଏମ୍‌ଶ୍ରୀଗିଡା ଚାମ୍ପିୟନ

ବିଜେପୁର, ୨୭।୧ (ଡି.ଏନ.ଏ)
ବିଜେପୁର ବ୍ଲକ ଅଇଲପୁରରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଇଲପୁର, ଏମଶ୍ରୀଗିଡା, ମହଖଣ୍ଡ, ଜାମପାଲି, କେ.ଗଣ୍ଡପାଲି, ପୁଟୁକିଗ୍ରୀଞ୍ଜେଲ, ଖୁଣ୍ଟପାଲି ଦଳ ସାମିଲ ହୋଇଥିଲେ । ଅଇଲପୁର ବନାମ ଏମଶ୍ରୀଗିଡା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏମଶ୍ରୀଗିଡା ଦଳ ଅଇଲପୁର ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କ୍ରୀଡାଶିକ୍ଷକ ଦଶରଥ ଗଡତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବଡବାଉଁଶେନ ସମବାୟ ସମିତି ସଭାପତି ସଞ୍ଜୀବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ଶେଷଦେବ ଗଡତିଆ, ମଦନ ପଧାନ, ହୃଷି ପଧାନ ଖେଳ ପରିଚାଳନା କରିଥିଲେ । ମଣ୍ଟୁ ସାହୁ ଓ ସୁମନ୍ତ ସାହୁ ସ୍କୋରିଂ କରିଥିଲେ । ରୁକ୍ମଣ ସାହୁ, ପ୍ରଫୁଲ୍ଲ ସେଠ ଧାରା ବିବରଣୀ ପ୍ରଦାନ ଏବଂ ଟିଙ୍କୁ ତନସନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସବୁଜ ବନୀକରଣ: ଶ୍ରମିକଙ୍କ ପାଉଣା ହେରଫେର ଅଭିଯୋଗ

ଗଣ୍ଡତୁରୁମ, ୨୭।୧ (ଡି.ଏନ.ଏ)
ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସରକାର ସାମାଜିକ ବନୀକରଣ ଯୋଜନାରେ ପ୍ରତିବର୍ଷ ଚାରା ପ୍ରସ୍ତୁତି ସହ ରୋପଣ ପର୍ଯ୍ୟନ୍ତ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ଏଥିପାଇଁ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ତେବେ ବନ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ ନ ଥିବା ବିଭିନ୍ନ ଲୋକଙ୍କ ନାମରେ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ମିଳିଛି ବରଗଡ ଜିଲା ଭେଡେନ ବ୍ଲକ ଗଣ୍ଡତୁରୁମ ବନ ବିଭାଗ କାର୍ଯ୍ୟାଳୟରେ ।

ଏହି ବନ ବିଭାଗ କାର୍ଯ୍ୟାଳୟ ଅଧୀନରେ ଏମଜିଏନଆରଇଜିଏସରେ ଚାରା ପ୍ରସ୍ତୁତିଠାରୁ ବଣ୍ଟନ ଏବଂ ରୋପଣ କରାଯାଇଥାଏ । ୨୦୧୯ ଫେବୃୟାରୀ ୪ ତାରିଖରୁ ଚାରା ପ୍ରସ୍ତୁତି ପାଇଁ ବେଡ ନିର୍ମାଣଠୁ ବଣ୍ଟନ ଏବଂ ରୋପଣ ପରେ ସେଗୁଡିକର ଯତ୍ନ ପାଇଁ ୬ଜଣ ଶ୍ରମିକ ନିୟୋଜିତ ଥିଲେ । ବିଭାଗୀୟ କର୍ମଚାରୀ ପ୍ରାୟ ୩୦ଜଣଙ୍କ ନାମରେ ମିଥ୍ୟା ମଷ୍ଟର ରୋଲ୍ ପ୍ରସ୍ତୁତ କରି ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ଟଙ୍କା ଉଠାଣ ବେଳେ ତାଙ୍କ ପାଖରୁ ଦସ୍ତଖତ ବାବଦକୁ ମାତ୍ର ୨୦୦ ଟଙ୍କା ଦେଇ ବାକିତକ ହଡପ କରାଯାଇଥିବା ଜଣାଯାଇଛି। ଏପରିକି ଯେଉଁମାନଙ୍କୁ ଶ୍ରମିକ ଦର୍ଶାଇ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି ସେମାନଙ୍କ ମଧ୍ୟରୁ କିଏ ଚାଷ କରୁଛି ତ ଆଉ କିଏ ଶିକ୍ଷକତା ଟ୍ରେନିଂ ଯାଉଛି। କିଏ ଅନ୍ୟ ପାଖରେ ଡ୍ରାଇଭର କାମ କରୁଛି । ଏପରିକି କଲେଜ ପଢୁଆଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା ହେଉଛି।

ଅନ୍ୟପକ୍ଷରେ ଏହି ଯୋଜନାରେ ଆସିଥିବା ୧୭ବସ୍ତା ଗ୍ରୋମୋର ସାରକୁ ଜଣେ କର୍ମଚାରୀ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ(ଡିଏଫଓ) ସନ୍ଦିପ ରତିକଙ୍କୁ ପଚାରିବାରୁ ମୋ ପାଖକୁ ୨ଜଣ ଶ୍ରମିକ ଆସି ମୌଖିକ ଅଭିଯୋଗ କରିଛନ୍ତି । ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫଓ ରତିକ ପ୍ରକାଶ କରିଥିଲେ ।

**ଗଣ୍ଡତୁରୁମ ବନ ବିଭାଗ**

# କ୍ରିକେଟ: କଟାପାଲି, ଲିଟିଲ ଏଞ୍ଜେଲ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୭।୧
ବରଗଡ଼ରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଜିଲା ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତାର ସୋମବାର ମ୍ୟାଚ ଗୁଡ଼ିକରେ କଟାପାଲି ଏବଂ ଲିଟିଲ ଏଞ୍ଜେଲ କ୍ରିକେଟ କ୍ଲବ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଗ୍ରାଉଣ୍ଡରେ ଲିଟିଲ ଏଞ୍ଜେଲ କ୍ଲବ ଓ ସୋହେଲା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା । ସୋହେଲା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୯ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରିଥିଲା। ଦଳର ପ୍ରିୟାଂଶୁ ବାବୁ ଏବଂ ନିତିନ ମଲ୍ଲିକ ୨୮ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟପଟେ ଲିଟିଲ ଏଞ୍ଜେଲର ଅରୁଣ ସୁନା ୬ ଏବଂ ଆୟୁଷ ମହାନ୍ତି ଓ ଆଦିତ୍ୟ କର୍ମୀ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଲିଟିଲ ଏଞ୍ଜେଲ ୧୯ଓଭରରେ ୭ଉଇକେଟ୍ ହରାଇ ୧୧୮ରନ୍ ସଂଗ୍ରହ ସହିତ ମ୍ୟାଚକୁ ଜିତିଥିଲା। ଦଳର ଆଦିତ୍ୟ କର୍ମୀ ୨୩, ରାକେଶ ଭୋଇ ୨୦, ସୁବଳ ତନସନା ୧୨ରନ୍ ସଂଗ୍ରହ କରିଥିଲେ। ଅନ୍ୟପଟେ ସୋହେଲାର ନିଶିକାନ୍ତ ଥାପା ୪, ଚିନ୍ମୟ ବାଗ ୨ଟି ଉଇକେଟ୍ ନେଇଥିଲେ। ବିଦ୍ୟାସାଗର ଗ୍ରାଉଣ୍ଡରେ କଟାପାଲି ଓ କମଗାଁ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । କମଗାଁ ଟସ୍ ଜିଣି ବ୍ୟାଟିଂ ପାଇଁ ପ୍ରତିପକ୍ଷ ଦଳକୁ ଆମନ୍ତ୍ରଣ କରିଥିଲା । କଟାପାଲି ବ୍ୟାଟିଂ କରି ନିର୍ଦ୍ଧାରୀତ ଓଭରରେ ୫୮୦ରନ ସଂଗ୍ରହ କରିଥିଲା । ଦଳର ଶ୍ରୁତିରାଜ ମିଶ୍ର ସର୍ବାଧିକ ୨୬୪ରନ ସଂଗ୍ରହ କରି ଜୀବନ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ । ସେ ୧୪୯ବଲର ସମ୍ମୁଖୀନ ହୋଇଥିବାବେଳେ ୪୨ଟି ଚୌକା, ୫ଟି ଛକ୍‌କା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ନିହାର ରଞ୍ଜନ ପ୍ରଧାନ ୧୨୪, ପପୁନ ସେଠ ୧୦୧ରନ୍ ସଂଗ୍ରହ କରିଥିଲେ । ଅନ୍ୟପଟେ କମଗାଁ ଦଳର ଶୁଭମ ଜାଲ ୨ଟି ଏବଂ ବଲବୀର ବେହେରା ଗୋଟିଏ ଉଇକେଟ୍ ନେଇଥିଲେ । ଜବାବରେ କମଗାଁ ଦଳ ୨୪.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭମ ଜାଲ ୨୬, ଅଭିନାଶ ସିଂ ୨୯, ବଲବୀର ବେହେରା ୨୫ରନ୍ ସଂଗ୍ରହ କରିଥିଲେ । ଅନ୍ୟପଟେ କଟାପାଲିର ଶ୍ରୁତିରାଜ ମିଶ୍ର ୩, ବିନୟ ସାହୁ ୪, ସୂର୍ଯ୍ୟକାନ୍ତ ମେହେର ୨ଟି ଉଇକେଟ୍ ନେଇଥିଲେ । ବିକାଶ ଗ୍ରାଉଣ୍ଡରେ ଚେତନ ପଣ୍ଡା, ସଂକଳ୍ପ ରାଉତ ଏବଂ ବିଦ୍ୟାସାଗର ଗ୍ରାଉଣ୍ଡରେ ତୋଷବନ୍ତ ମହାରଣା, ଶୁଭମ ପାତ୍ର ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୮ ଜାନୁୟାରୀ, ୨୦୨୦





ନାବାଳିକା ଗଣବଳାତ୍କାର, ହତ୍ୟା ମାମଲାରେ ହୁଗ୍ଲି ଜିଲା କୋର୍ଟର ବିଚାରପତି ମାନସ ରଞ୍ଜନ ସନ୍ୟାଲ ୨ ଦୋଷୀ ଗୌରବ ମଣ୍ଡଳ ଓ କୌଶିକ ମଲିକଙ୍କୁ ସୋମବାର ଫାଶୀଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟ ଜଣେ ଦୋଷୀ ନାବାଳକ ଥିବାରୁ ତାଙ୍କ ବିଚାର ଜୁଭେନାଇଲ କୋର୍ଟରେ କରାଯାଉଛି। ୨୦୧୪ ଡିସେମ୍ବର ୧୧ରେ ନାବାଳିକା ଟିଉସନ୍‌ରୁ ଫେରୁଥିବାବେଳେ ତାଙ୍କୁ ଅପହରଣ ପରେ ଗଣବଳାତ୍କାର ଓ ହତ୍ୟା କରାଯାଇଥିଲା।



ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍ ଅବସରରେ ମଞ୍ଚାସୀନ ମୁଖ୍ୟଅତିଥି ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋଙ୍କ ସହ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।




ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ ଲିଙ୍ଗରାଜ ମନ୍ଦିର ଓ ରୁକୁଣା ରଥର ପ୍ରତିକୃତି।



ଜାତୀୟସ୍ତରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ପରେଡ୍ ଅବସରରେ ଅଂଶଗ୍ରହଣ କରିଥିବା ମହିଳା ସିଆର୍‌ପିଏଫ୍ ଯବାନମାନେ ଷ୍ଟଣ୍ଟ ଶୋ' ପ୍ରଦର୍ଶନ କରୁଛନ୍ତି।

# ତେଜୁଛି ସିଏଏ ବିରୋଧୀ ଆନ୍ଦୋଳନ

**ନୂଆଦିଲ୍ଲୀ/କୋଲକାତା/ୱାଶିଂଟନ,୨୭।୧**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଗୋଟିଏ ପରେ ଗୋଟିଏ ରାଜ୍ୟ ବିଧାନସଭାରେ ସିଏଏ ବିରୋଧୀ ସଂକଳ୍ପନାମା ଗୃହୀତ ହେବାରେ ଲାଗିଛି। କେରଳ, ପଞ୍ଜାବ, ରାଜସ୍ଥାନ ପରେ ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ସଂକଳ୍ପନାମା ଗୃହୀତ ହୋଇଛି। ସିଏଏ ସହିତ ଏନ୍‌ପିଆର୍ ଏବଂ ପ୍ରସ୍ତାବିତ ଏନ୍‌ଆର୍‌ସି ଜଡ଼ିତ ରହିଥିବାରୁ ତାହାର ପ୍ରତ୍ୟାହାର ପାଇଁ ଦାବି ହୋଇଛି। ସିଏଏ ଦେଶର ସମ୍ବିଧାନ ଓ ମାନବିକତା ବିରୋଧୀ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିବା ସହ ସରକାର ଏହାକୁ ରଦ୍ଦ କରନ୍ତୁ ବୋଲି ଦାବି କରିଛନ୍ତି। ରାଜ୍ୟ ବିଧାନସଭାରେ ସରକାରଙ୍କ ତରଫରୁ ଅଣାଯାଇଥିବା ସଂକଳ୍ପନାମାକୁ ବିରୋଧୀ ଦଳ କଂଗ୍ରେସ ଏବଂ ସିପିଏମ୍ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ସମର୍ଥନ ଜଣାଇଛି। ଗତବର୍ଷ ସେପ୍ଟେମ୍ବରରେ ପଶ୍ଚିମବଙ୍ଗ ବିଧାନସଭା ଏନ୍‌ଆର୍‌ସି ବିରୋଧରେ ସଂକଳ୍ପନାମା ଗୃହୀତ କରାଇଥିଲା।

ସିଏଏକୁ କେବଳ ବିରୋଧୀ ରାଜନୈତିକ ଦଳଗୁଡ଼ିକ ବିରୋଧ କରୁନାହାନ୍ତି, ବିଭିନ୍ନ ସଂଗଠନ ଏହାର ପ୍ରତିବାଦ କରୁଛନ୍ତି। ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଏହି ବିକ୍ଷୋଭ ଲାଗି ରହିଥିବାବେଳେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ରୂପ ନେଇଥିଲା। ଏବେ ଏହି ପ୍ରସଙ୍ଗ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଲାଣି। ୟୁରୋପୀୟ ପାର୍ଲାମେଣ୍ଟରେ ସିଏଏ ଏବଂ କଶ୍ମୀର ପ୍ରସଙ୍ଗକୁ ନେଇ ୬ଟି ପ୍ରସ୍ତାବ ଅଣାଯାଇଛି। ୟୁରୋପୀୟ ସଂଘ (ଇୟୁ) ପାର୍ଲାମେଣ୍ଟର ମୋଟ ୭୫୧ ସଦସ୍ୟଙ୍କ ମଧ୍ୟରୁ ୬୨୬ ଜଣ ସିଏଏ ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ୬ଟି ସଂକଳ୍ପନାମା ଆଣିଛନ୍ତି। କେତେକ ପ୍ରସ୍ତାବରେ ଆସାମରେ ଲାଗୁ ହୋଇଥିବା ଏନ୍‌ଆର୍‌ସିକୁ ମଧ୍ୟ ବିରୋଧ କରାଯାଇଛି। ଇୟୁ ପାର୍ଲାମେଣ୍ଟରେ ୨୯ରେ ଏହା ଉପରେ ଆଲୋଚନା ହୋଇ ୩୦ରେ ଭୋଟ ନିଆଯିବ। ମାର୍ଚ୍ଚରେ ଭାରତ-ଇୟୁ ସମିଟ୍‌ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରସେଲ୍ସ ଗସ୍ତରେ ଯିବାକୁ ଥିବାବେଳେ ଏହା ପୂର୍ବରୁ ଇୟୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଅଣାଯିବା ଭାରତ ପାଇଁ ବଡ଼ କୂଟନୈତିକ ଝଟ୍‌କା ହୋଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ କେନ୍ଦ୍ର ସରକାର କହିଛନ୍ତି, ସିଏଏ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର। ପାର୍ଲାମେଣ୍ଟର ଉଭୟ ଗୃହରେ ପର୍ଯ୍ୟାପ୍ତ ଆଲୋଚନା ପରେ ଗଣତାନ୍ତ୍ରିକ ଉପାୟରେ ଓ ଉପଯୁକ୍ତ ପ୍ରକ୍ରିୟାରେ ଏହା ଗୃହୀତ ହୋଇଛି।

ଇୟୁ ପାର୍ଲାମେଣ୍ଟରେ ୧୫୪ ସଦସ୍ୟ ବିଶିଷ୍ଟ ପ୍ରୋଗ୍ରେସିଭ୍ ଆଲିଆନ୍ସ ଅଫ ସୋସିଆଲିଷ୍ଟସ୍ ଆଣ୍ଡ ଡେମୋକ୍ରାଟ୍ସ, ୧୮୨ ସଦସ୍ୟ ବିଶିଷ୍ଟ ୟୁରୋପୀୟ ପିପୁଲ୍ସ ପାର୍ଟି (ଖ୍ରୀଷ୍ଟିୟାନ ଡେମୋକ୍ରାଟ୍ସ), ୟୁରୋପୀୟ ୟୁନାଇଟେଡ ଲେଫ୍ଟ ଆଣ୍ଡ ନୋର୍ଡିଆକ ଗ୍ରୀନ୍ ଲେଫ୍ଟ (୧୪୧ ସଦସ୍ୟ), ୟୁରୋପୀୟାନ୍ ଫ୍ରି ଆଲିଆନ୍ସ (୭୫ ସଦସ୍ୟ), କଞ୍ଜରଭେଟିଭ୍ସ ଆଣ୍ଡ୍ ରିଫର୍ମିଷ୍ଟସ୍ (୬୬ ସଦସ୍ୟ), ରିନ୍ୟୁ ୟୁରୋପ ଗ୍ରୁପ୍ (୧୦୮ ସଦସ୍ୟ) ସିଏଏ ବିରୋଧରେ ପ୍ରସ୍ତାବ ଆଣିଛନ୍ତି।

ଆମେରିକାରେ ଭାରତର ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ସହିତ ସିଏଏ ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। ଆମେରିକାର ବିଭିନ୍ନ ସହରରୁ ବହୁସଂଖ୍ୟାରେ ଭାରତୀୟ-ଆମେରିକୀୟମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ତେବେ ସେଠାରେ ଅନ୍ୟ କେତେଜଣ ଭାରତୀୟ-ଆମେରିକୀୟ ସିଏଏକୁ ସମର୍ଥନ ଜଣାଇବା ସହ ବିକ୍ଷୋଭକୁ ବିରୋଧ କରିଥିଲେ। ପଡୋଶୀ ଦେଶର ସଂଖ୍ୟାଲଘୁମାନଙ୍କୁ ସୁବିଧା ଦେବା ଲାଗି ଭାରତ ନୂଆ ଆଇନ ଆଣିଛି। ଏହା ଭାରତୀୟ ନାଗରିକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ସେମାନେ କହିଛନ୍ତି। ନ୍ୟୁୟର୍କ, ଶିକାଗୋ, ହ୍ୟୁଷ୍ଟନ୍, ଆଟଲାଣ୍ଟା, ସାନ୍‌ଫ୍ରାନ୍ସିସ୍କୋ ତଥା ୱାଶିଂଟନ ଡିସିରେ ସପକ୍ଷବାଦୀମାନେ ଭାରତମାତା କୀ ଜୟ ସ୍ଲୋଗାନ ଦେଇଥିଲେ। ତେବେ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କ ସଂଖ୍ୟା ଏହା ତୁଳନାରେ ଯଥେଷ୍ଟ ଅଧିକ ଥିଲା। ଶିକାଗୋ ଏବଂ ୱାଶିଂଟନ ଡିସିରେ ସିଏଏ ବିରୋଧରେ ବିକ୍ଷୋଭ ଶୋଭାଯାତ୍ରା ହୋଇଥିଲା।




ଲକ୍ଷ୍ନୌରେ ସିଏଏ ଏବଂ ଏନ୍‌ଆର୍‌ସିକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ପଶ୍ଚିମବଙ୍ଗ ବିଧାନସଭାରେ ସଂକଳ୍ପନାମା ଗୃହୀତ
- ଆମେରିକାରେ ବିକ୍ଷୋଭ
- ଇୟୁରେ ସିଏଏ ବିରୋଧରେ ୬ ପ୍ରସ୍ତାବ
- ଭାରତକୁ ବଡ଼ କୂଟନୈତିକ ଝଟ୍‌କା

# ସେନା ଓ ନାରୀ ଶକ୍ତି ପ୍ରଦର୍ଶିତ

**୭୧ତମ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ**

**ପରେଡ ଦେଖିଲେ ବ୍ରାଜିଲ ରାଷ୍ଟ୍ରପତି**

**ନୂଆଦିଲ୍ଲୀ,୨୭।୧**

ଭାରତରେ ୭୧ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏଥର ଭାରତ ନିଜର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରିବା ସହ ନାରୀଶକ୍ତିକୁ ପ୍ରଦର୍ଶିତ କରିଛି। ରବିବାର ଦିଲ୍ଲୀ ରାଜପଥରେ ଆଣ୍ଟିସାଟେଲାଇଟ୍ ମିଶାଇଲ, ଆମେରିକା ନିର୍ମିତ ଚିନୁକ ଓ ଆଣ୍ଟି ଟ୍ୟାଙ୍କ୍ ଆଟାକ୍ ଆପାଚେ ଭଳି କେତେକ ନୂତନ ପ୍ରତିରକ୍ଷା ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଛି। ପ୍ରାୟ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶିତ ଏହି ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟ ଅତିଥି ବ୍ରାଜିଲ ରାଷ୍ଟ୍ରପତି ଜୈର୍ ମେସିଆସ୍ ବୋଲ୍‌ସୋନାରୋଙ୍କ ସହ କ୍ୟାବିନେଟ ମନ୍ତ୍ରୀଗଣ, ବିରୋଧୀ ଦଳ ନେତୃବୃନ୍ଦ, ବରିଷ୍ଠ ଅଧିକାରୀ ଓ କୂଟନୀତିଜ୍ଞମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ପ୍ରଥମ ଥର ଲାଗି ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମ ଥର ଲାଗି ମହିଳା ସିଆର୍‌ପିଏଫ୍‌ମାନେ ଡେୟାର୍‌ଡେଭିଲ୍ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। ସେନାର ୩ ହେଲିକପ୍ଟର ସେମାନଙ୍କ ପରାକାଷ୍ଠା ପ୍ରଦର୍ଶିତ କରିଥିଲେ। ସେନା ଦିବସ ପରେଡ୍‌ରେ ପ୍ରଥମ ମହିଳା ଅଫିସର କ୍ୟାପ୍‌ଟେନ ତାନିଆ ଶେର୍‌ଗିଲ ମାର୍ଚ୍ଚିଂ କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ। ଗତବର୍ଷ ମାର୍ଚ୍ଚରେ ସଫଳ ଭାବେ ପରୀକ୍ଷଣ କରାଯାଇଥିବା ଆଣ୍ଟି ସାଟେଲାଇଟ୍ ୱେପନ୍ ସିଷ୍ଟମ୍‌କୁ ପରେଡ୍‌ରେ ପ୍ରଦର୍ଶିତ କରାଯାଇଥିଲା। ପରେଡ୍‌ରେ ଭାଗ ନେଇଥିବା ବିଭିନ୍ନ ରାଜ୍ୟର ୨୨ଟି ପ୍ରଜ୍ଞାପନ ମେଢ଼ ସହ ସେ ଅଞ୍ଚଳର ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ପ୍ରଥମଥର ଲାଗି ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାବେ ନିଜର ପ୍ରଜ୍ଞାପନ ମେଢ଼ ସହ ପରେଡ୍‌ରେ ଭାଗ ନେଇଥିଲା। ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ମନ୍ଦିର ଓ ରୁକୁଣା ରଥର ପ୍ରତିକୃତି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇଥିଲା। ଦିଲ୍ଲୀ ରାଜପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସହ କଳାକାରମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଆନ୍ଧ୍ରପ୍ରଦେଶରୁ ଉଚ୍ଛେଦ ହେବ ବିଧାନ ପରିଷଦ

**ଅମରାବତୀ,୨୭।୧(ପି.ଟି.)**

**ରାଜ୍ୟ କ୍ୟାବିନେଟରେ ପ୍ରସ୍ତାବ ଗୃହୀତ**

ଆନ୍ଧ୍ରପ୍ରଦେଶରୁ ବିଧାନ ପରିଷଦ ଉଚ୍ଛେଦ ହେବାକୁ ଯାଉଛି। ଏ ନେଇ ରାଜ୍ୟ କ୍ୟାବିନେଟରେ ସୋମବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଅନୁରୂପ ପ୍ରସ୍ତାବ ବିଧାନସଭାରେ ଗୃହୀତ ହେବା ପରେ ଆବଶ୍ୟକ ପଦକ୍ଷେପ ଲାଗି କେନ୍ଦ୍ରକୁ ପଠାଯିବ। ୫୮ ସଦସ୍ୟ ବିଶିଷ୍ଟ ବିଧାନ ପରିଷଦରେ ଶାସକ ୱାଇଏସ୍ଆର୍ କଂଗ୍ରେସର ମାତ୍ର ୯ ଜଣ ଅଛନ୍ତି। ବିରୋଧୀ ତେଲୁଗୁଦେଶମ୍ ପାର୍ଟିର ସଦସ୍ୟ ସଂଖ୍ୟା ୨୮ ରହିଛି। ବିଧାନ ପରିଷଦରେ ସରକାରଙ୍କର ଆବଶ୍ୟକ ସଂଖ୍ୟା ନ ଥିବାରୁ ଗତ ସପ୍ତାହରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରାଇବାରେ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ସରକାର ବିଫଳ ହୋଇଥିଲେ। ତିନି ରାଜଧାନୀ ବିଲ୍ ସମେତ ୨ଟି ବିଲ୍‌କୁ ବିଧାନ ପରିଷଦ ଅଧ୍ୟକ୍ଷ ଏମ.ଏ. ଶରିଫ୍ ଏହାକୁ ସିଲେକ୍ଟ କମିଟିକୁ ପଠାଇଦେଇଥିଲେ। ଫଳରେ ବିଧାନ ପରିଷଦର ଆବଶ୍ୟକତା ଅଛି କି ନାହିଁ ସେନେଇ ଗୁରୁତର ସହ ଚିନ୍ତା କରିବାକୁ ମୁଖ୍ୟମନ୍ତ୍ରୀ ଜଗନମୋହନ ବିଧାନସଭାକୁ କହିଥିଲେ।

# ବନ୍ଧୁକରୁ ଗୁଳି ଫୁଟି ମୁକେଶ ଅମ୍ବାନୀଙ୍କ ସୁରକ୍ଷା କର୍ମୀ ମୃତ

**ମୁମ୍ବାଇ,୨୭।୧**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ସିଆର୍‌ପିଏଫ୍ ଯବାନଙ୍କ ବନ୍ଧୁକରୁ ଭୁଲ୍‌ବଶତଃ ଗୁଳିଫୁଟି ତାଙ୍କର ମୃତ୍ୟୁ ଘଟିଛି। ୩୧ ବର୍ଷୀୟ ସିଆର୍‌ପିଏଫ୍ କନ୍‌ଷ୍ଟେବଲ ବୋଟରା ଡି ରମ୍ଭାଇ ଭାରତର ସବୁଠୁ ଧନୀ ବ୍ୟକ୍ତି ଅମ୍ବାନୀଙ୍କ ବଙ୍ଗଳା ଆଣ୍ଟିଲିଆ ବାହାରେ ମୁତୟନ ଥିବାବେଳେ ବୁଧବାର ରାତି ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ରମ୍ଭାଇଙ୍କ ସର୍ଭିସ ରାଇଫଲ୍‌ରୁ ଦୁଇଟି ଗୁଳି ଫୁଟି ତାଙ୍କ ଛାତିରେ ବାଜିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ମୋଦିଙ୍କ 'ମନ୍ କି ବାତ୍'ରେ ପଦ୍ମ ପୁରସ୍କାର

**ନୂଆଦିଲ୍ଲୀ,୨୭।୧**

ପଦ୍ମ ପୁରସ୍କାର ଲୋକମାନଙ୍କ ଦ୍ୱାରା ସ୍ଥିର କରାଯାଇଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି। ପୂର୍ବରୁ କେତେଜଣ ବ୍ୟକ୍ତି ଏନେଇ ଚୟନ କରୁଥିଲେ। ଏବେ ଆଉ ତାହା ନାହିଁ, ଲୋକେ ସର୍ବେସର୍ବା ବୋଲି ପ୍ରଧାନମନ୍ତ୍ରୀ ମୋଦି ମାସିକ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରବିବାର ପ୍ରକାଶ କରିଛନ୍ତି। ଅନ୍‌ଲାଇନରେ ସମସ୍ତ ପ୍ରକ୍ରିୟା କରାଯାଇଛି। ଚଳିତବର୍ଷ ଏଥିଲାଗି ୪୬ ହଜାର ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ରାଷ୍ଟ୍ରପତି ୧୪୧ ପଦ୍ମ ପୁରସ୍କାର ଲାଗି ସ୍ୱୀକୃତି ପ୍ରଦାନ କରିଥିଲେ। ପୁରସ୍କାର ପାଇଥିବା ଅନେକ ବ୍ୟକ୍ତି ତୃଣମୂଳସ୍ତରରୁ ଶୀର୍ଷକୁ ଛୁଇଁଥିବା ମୋଦି ଉଲ୍ଲେଖ କରିଛନ୍ତି। ୨୦୨୨ରେ ଭାରତ ଗଗନୟାନ ମିଶନ ଲାଗି ପ୍ରୟାସ କରୁଛି ବୋଲି କହିଥିଲେ। ଏହିବର୍ଷ ଭାରତ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଥିବାରୁ ଗଗନୟାନ ମିଶନ ସଫଳତା ନେଇ କାମନା କରାଯାଉଛି। ଏଥିଲାଗି ୪ ବାୟୁସେନା ପାଇଲଟଙ୍କୁ ମହାକାଶ ଯିବା ଲାଗି ଚୟନ କରାଯାଇଛି। ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ରୁଷିଆ ପଠାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# କରୋନା ସଂକ୍ରମଣ ମୃତ୍ୟୁସଂଖ୍ୟା ୮୧



ଚାଇନାର ନାନ୍‌ଟୋଙ୍ଗସ୍ଥିତ କାରଖାନାରେ କର୍ମଚାରୀମାନେ ମେଡ଼ିକାଲ ମାସ୍କ ପ୍ୟାକ୍ କରୁଛନ୍ତି।

**ସାଂଘାଇ୨୭।୧**

**ଚାଇନାରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ**

ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ସୋମବାର ୮୧ରେ ପହଞ୍ଚିଥିବାବେଳେ ସରକାର ଚାନ୍ଦ୍ର ନୂଆବର୍ଷ ଛୁଟିକୁ ବଢ଼ାଇବା ସହ ବହୁସଂଖ୍ୟାରେ ବଡ଼ ବ୍ୟବସାୟ ବନ୍ଦ କରିଦେଇଛନ୍ତି, କିମ୍ବା ଏହାର କର୍ମଚାରୀମାନଙ୍କୁ ଘରେ ରହି କାମ କରିବାକୁ କହିଛନ୍ତି। ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ କରୋନା ଭୂତାଣୁ ସଂକ୍ରମଣର କେନ୍ଦ୍ରସ୍ଥଳ ୟୁହାନ ଗସ୍ତରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସଂକ୍ରମିତ ରୋଗୀ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧିପାଇ ୨୭୪୪ରେ ପହଞ୍ଚିଛି। ସେଥିରୁ ୫୦ ପ୍ରତିଶତରୁ ଅଧିକ ହୁବେଇ ପ୍ରଦେଶର ବୋଲି ଜଣାପଡିଛି। କରୋନାକୁ ନେଇ ସାରା ବିଶ୍ୱରେ ଆତଙ୍କ ଖେଳିଯାଇଛି। ଚାଇନା ଶାସିତ ହଂକଂରେ ୮ ଜଣଙ୍କଠାରେ ଏହି ଭୂତାଣୁ ଥିବା ଜଣାପଡିବା ପରେ ଗତ ୧୪ ଦିନ ମଧ୍ୟରେ ହୁବେଇ ଯାଇଥିବା ଲୋକମାନଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ସୂଚନାଯୋଗ୍ୟ ମୃତ ୮୧ ଜଣଙ୍କ ମଧ୍ୟରୁ ୭୬ ଜଣ ହେଉଛନ୍ତି ହୁବେଇ ପ୍ରଦେଶର। ଏବେ ୧୦ରୁ ଅଧିକ ଦେଶରେ ଏହି ଭୂତାଣୁ ସଂକ୍ରମଣ ରୋଗୀ ଚିହ୍ନଟ ହେଲେଣି। ତେବେ ଅନ୍ୟ କୌଣସି ଦେଶରେ ଏଭଳି ରୋଗୀଙ୍କ ମୃତ୍ୟୁ ଘଟିନାହିଁ।

ଚାଇନା ସରକାର ଚାନ୍ଦ୍ର ନବବର୍ଷ ଛୁଟିକୁ ଫେବୃୟାରୀ ୨ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟରେ ଲକ୍ଷ ଲକ୍ଷ ଲୋକ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଇଥାନ୍ତି। ତେବେ ଭୂତାଣୁ ଭୟ ଯୋଗୁ ଅଧିକାଂଶ ସେମାନଙ୍କ ଭ୍ରମଣ ଯୋଜନାକୁ ବାତିଲ କରିଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ହସ୍ପିଟାଲଗୁଡ଼ିକରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁହାନ ସହରକୁ ଏକପ୍ରକାର ବନ୍ଦ କରିଦିଆଯାଇଛି। ଜାନୁୟାରୀ ୩୦ ପର୍ଯ୍ୟନ୍ତ ଉକ୍ତ ସହରକୁ ଭିଜା ଓ ପାସ୍‌ପୋର୍ଟ ସେବା ବନ୍ଦ ରଖାଯାଇଛି। କଟକଣା ସତ୍ତ୍ୱେ ସହରରୁ ପ୍ରାୟ ୫ ନିୟୁତ ଲୋକ ଛୁଟି କଟାଇବା ଓ ଅନ୍ୟ କାରଣରୁ ବାହାରକୁ ଯାଇଥିବା ମେୟର କହିଛନ୍ତି।

## ନେପାଳ ସୀମାରେ ସତର୍କତା

**ନୂଆଦିଲ୍ଲୀ୨୭।୧(ପି.ଟି.)**-କରୋନା ଭୂତାଣୁ ସଂକ୍ରମିତ ରୋଗୀ ନେପାଳରେ ଚିହ୍ନଟ ହେବା ପରେ ଏହାର ସୀମାକୁ ଲାଗି ରହିଥିବା ଜିଲାଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଉକ୍ତ ଅଞ୍ଚଳକୁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ୍ ପଠାଯାଇଛି। ନେପାଳକୁ ଲାଗିଥିବା ପଶ୍ଚିମବଙ୍ଗର ପାଣିଟାଙ୍କି, ଉତ୍ତରାଖଣ୍ଡ ପିଥୋରାଗଡ଼ର ଝୁଲାଘାଟ ଓ ଜୌଲଜିବିଠାରେ ଉକ୍ତ ଟିମ୍‌କୁ ନିୟୋଜିତ କରାଯାଇଛି। ଦିଲ୍ଲୀର କେନ୍ଦ୍ରୀୟ ସରକାରୀ ହସ୍ପିଟାଲ, ଏମ୍ସ ଏବଂ ଆର୍‌ଏମ୍‌ଏଲ୍‌ରେ ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ସ୍ଥାପନ କରାଯାଇଛି। ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ରର ବିଶେଷଜ୍ଞମାନେ ଡ. ଆର୍‌ଏମ୍‌ଏଲ୍ ହସ୍ପିଟାଲ ପରିଦର୍ଶନ କରି ପ୍ରସ୍ତୁତି ତଦାରଖ କରିଥିଲେ। ବର୍ତ୍ତମାନ ସୁଦ୍ଧା ବିଦେଶରୁ ଆସିଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଯାଞ୍ଚ କରାଗଲାଣି। ସେମାନଙ୍କ ମଧ୍ୟରୁ ଶତାଧିକଙ୍କଠାରେ ଭାଇରସ୍ ଥିବା ସନ୍ଦେହରେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇ ଚିକିତ୍ସା କରାଯାଉଛି।

## ଇତିହାସର ଆଇନାରେ

### ଜାନୁୟାରୀ ୨୮ର ପ୍ରମୁଖ ଘଟଣା

୧୯୨୫ ଜାନୁୟାରୀ ୨୮ରେ ଭାରତର ଖ୍ୟାତନାମା ଆଣବିକ ବୈଜ୍ଞାନିକ ରାଜା ରମନ୍ନାଙ୍କର ଜନ୍ମ। ୧୯୭୪ରେ ପୋଖରାନରେ ହୋଇଥିବା ଅଣୁଅସ୍ତ୍ର ପରୀକ୍ଷାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ୧୯୭୨ ସେପ୍ଟେମ୍ବରରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ତାଙ୍କୁ ଅଣୁଅସ୍ତ୍ର ନିର୍ମାଣ କରି ପରୀକ୍ଷା ପାଇଁ ପ୍ରସ୍ତୁତ ରଖିବାକୁ କହିଥିଲେ।

୧୯୮୪ ଜାନୁୟାରୀ ୨୮ରେ ଦକ୍ଷିଣ ମୋଜାମ୍ବିକରେ ପ୍ରବଳ ଝଡ଼ବର୍ଷା ହେବାରୁ ପ୍ରାୟ ୨୧୫ ଜଣ ପ୍ରାଣ ହରାଇଥିଲେ। ଅନେକ ଘର ଭାଙ୍ଗି ଯାଇଥିଲା। ପ୍ରବଳ ବର୍ଷା ଯୋଗୁ ବନ୍ୟା ଭୟଙ୍କର ରୂପ ଧାରଣ କରିଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପ୍ରତ୍ୟେକ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୧.୧ |
| ଚାନ୍ଦବାଲି | ୨୬.୫ | ୧୩.୯ |
| କଟକ | ୨୯.୮ | ୧୨.୫ |
| ପାରାଦ୍ୱୀପ | ୨୬.୭ | ୧୬.୧ |
| ଭୁବନେଶ୍ୱର | ୨୯.୪ | ୧୩.୩ |
| ଗୋପାଳପୁର | ୨୯.୧ | ୧୭.୮ |
| ପୁରୀ | ୨୬.୫ | ୧୫.୦ |
| ଅନୁଗୋଳ | ୨୯.୭ | ୮.୬ |
| ବାରିପଦା | ୨୬.୦ | ୧୧.୫ |
| ଝାରସୁଗୁଡ଼ା | ୨୮.୬ | ୧୦.୨ |
| କେନ୍ଦୁଝର | ୨୭.୪ | ୧୦.୪ |
| ସମ୍ବଲପୁର | ୨୯.୫ | ୧୦.୮ |
| ସୁନ୍ଦରଗଡ଼ | ୨୬.୦ | ୧୧.୦ |
| ହୀରାକୁଦ | ୨୮.୭ | ୧୨.୭ |
| ତାଳଚେର | ୩୨.୩ | ୧୧.୫ |
| ଭବାନୀପାଟଣା | ୩୦.୦ | ୧୨.୦ |
| ବଲାଙ୍ଗୀର | ୩୦.୭ | ୧୨.୦ |
| କୋରାପୁଟ | ୩୦.୦ | ୧୧.୫ |
| ଫୁଲବାଣୀ | ୨୭.୪ | ୮.୩ |
| ଟିଟିଲାଗଡ଼ | ୩୨.୦ | ୯.୬ |
| ମାଲକାନଗିରି | ୩୧.୦ | ୧୦.୦ |
| ସୋନପୁର | ୨୯.୦ | ୮.୦ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୦ |

ଡିଗ୍ରୀ ସେଲ୍‌ସିୟସ୍

# ବୋଡୋ ଚୁକ୍ତିନାମା ସ୍ୱାକ୍ଷର

**ନୂଆଦିଲ୍ଲୀ,୨୭।୧(ପି.ଟି.)**

**ଶାନ୍ତି, ସଦ୍‌ଭାବନାର ନୂଆ ସକାଳ ଆଣିବ: ମୋଦି**

ବୋଡୋ ସମସ୍ୟାର ସମାଧାନ ଲାଗି ସରକାର ସୋମବାର ଆସାମର ଦୁଇ ଉଗ୍ରପନ୍ଥୀ ସଂଗଠନ ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲ୍ୟାଣ୍ଡ (ଏନ୍‌ଡିଏଫ୍‌ବି) ଏବଂ ଅଲ୍ ବୋଡୋ ଷ୍ଟୁଡେଣ୍ଟସ୍ ୟୁନିୟନ (ଏବିଏସ୍‌ୟୁ) ସହ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ବୋଡୋଲ୍ୟାଣ୍ଡ ରାଜ୍ୟ ଗଠନ ଆନ୍ଦୋଳନର ନେତୃତ୍ୱ ନେଉଥିଲା ଏବିଏସ୍‌ୟୁ। ଏହି ତ୍ରିପାକ୍ଷିକ ଚୁକ୍ତିନାମାରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏନ୍‌ଡିଏଫ୍‌ବି ଏବଂ ଏବିଏସ୍‌ୟୁର ଶୀର୍ଷ ନେତୃତ୍ୱ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ସତ୍ୟେନ୍ଦ୍ର ଗର୍ଗ ଏବଂ ଆସାମର ମୁଖ୍ୟ ଶାସନ ସଚିବ କୁମାର ସଞ୍ଜୟ କ୍ରିଷ୍ଣା ସ୍ୱାକ୍ଷର କରିଛନ୍ତି। ଏହି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଶାନ୍ତି, ସଦ୍‌ଭାବନା ଓ ଭାଇଚାରାର ନୂଆ ସକାଳ ଆଣିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚୁକ୍ତିନାମା ଅନୁଯାୟୀ ବୋଡୋ ସଂଗଠନକୁ ବିଭିନ୍ନ ରାଜନୈତିକ ଓ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଚୁକ୍ତି ଅନୁଯାୟୀ ପୂର୍ବରୁ ଯେଉଁମାନେ ସଶସ୍ତ୍ର ଉଗ୍ରବାଦୀ ସଂଗଠନରେ ସାମିଲ ଥିଲେ, ସେମାନେ ଏବେ ମୁଖ୍ୟସ୍ରୋତରେ ସାମିଲ ହେବେ ଓ ରାଷ୍ଟ୍ରର ବିକାଶରେ ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।





ଭବିଷ୍ୟତରେ ସାପ ବିଷରୁ ତିଆରି ହେବାକୁ ଥିବା ଆଣ୍ଟି ଭେନମର ପ୍ରସ୍ତୁତିରେ ବଡ ସଫଳତା ମିଳିପାରେ ବୋଲି ଆଶା କରାଯାଉଛି। ବୈଜ୍ଞାନିକମାନେ ପରୀକ୍ଷାଗାରରେ ପ୍ରକୃତ ସାପର ବିଷଗ୍ରନ୍ଥି ବିକଶିତ କରିଛନ୍ତି ବୋଲି ଜଣାପଡ଼ିଛି। ଏହା ମାଧ୍ୟମରେ ବହୁ ପରିମାଣରେ ଅସଲ ସାପର ବିଷ ପ୍ରସ୍ତୁତ କରାଯାଇ ପାରିବ। 'ସେଲ' ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରେ ବୈଜ୍ଞାନିକମାନେ ଏହା ପ୍ରକାଶ କରିଛନ୍ତି। ଏମାନେ କେପ୍ କୋରଲ ସାପର ବିଷଗନ୍ଥି ପ୍ରସ୍ତୁତ କରିଥିବା କହିଛନ୍ତି। ଏହି ସାପ ଦକ୍ଷିଣ ଆଫ୍ରିକାର କିଛି ସ୍ଥାନରେ ଦେଖାଯାଇଥାଏ।



# ଡିଜିଟାଲ ଯୁଗରେ ତଥ୍ୟ ସୁରକ୍ଷା ଲୋଡ଼ା

ଡିଜିଟାଲ ଯୁଗରେ ତଥ୍ୟ ଗୋପନୀୟତା ତଥା ସୁରକ୍ଷା ଉପରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜାନୁୟାରୀ ୨୮ରେ ପାଳନ କରାଯାଉଛି ଡାଟା ପ୍ରାଇଭେସି ଡେ' ବା ତଥ୍ୟ ଗୋପନୀୟତା ଦିବସ। ଏହି ଦିବସ ୨୦୦୭ରେ କାଉନ୍‌ସିଲ ଅଫ୍ ୟୁରୋପ ଦ୍ୱାରା ପ୍ରଥମେ ୟୁରୋପୀୟାନ ଡାଟା ପ୍ରୋଟେକ୍ସନ ଦିବସ ବା ୟୁରୋପୀୟ ତଥ୍ୟ ସୁରକ୍ଷା ଦିବସ ଭାବେ ଆରମ୍ଭ କରାଯାଇଥିଲା। ଏହାର ଦୁଇ ବର୍ଷ ପରେ ଅର୍ଥାତ୍ ୨୬ ଜାନୁୟାରୀ, ୨୦୦୯ରେ ଜାତିସଂଘ ସାଧାରଣ ପରିଷଦ ୨୮ ଜାନୁୟାରୀକୁ ଜାତୀୟ ତଥ୍ୟ ଗୋପନୀୟତା ଦିବସ ଘୋଷଣା କରି ଏକ ପ୍ରସ୍ତାବ ଗ୍ରହଣ କରିବା ପରେ ଜାତିସଂଘ ସିନେଟ୍ ୨୦୧୦-୨୦୧୧ରେ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲା

ଏହା ନିଃସନ୍ଦେହ ଯେ,ଡିଜିଟାଲ ସିଷ୍ଟମ ଉପରେ ନିର୍ଭର କରୁଥିବା ଲୋକଙ୍କ ସଂଖ୍ୟା କେବଳ ଭାରତ ନୁହେଁ ସାରା ବିଶ୍ୱରେ ବୃଦ୍ଧି ପାଉଛି। ନେଟ୍ ବ୍ୟାଙ୍କିଙ୍ଗ୍ ହେଉ କିମ୍ବା ଜରୁରୀ ଟ୍ରାଞ୍ଜାକ୍ସନ, ଏହା ପ୍ରତି ଲୋକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଆମ ଦେଶରେ 'ଡିଜିଟାଲ ଇଣ୍ଡିଆ'କୁ ଆଗେଇ ନେବା ପାଇଁ ଡିଜିଟାଲ ସିଷ୍ଟମ୍‌କୁ ଲୋକାଭିମୁଖୀ କରାଯାଉଛି। ଏଥିଲାଗି ଗ୍ରାମୀଣ ଅଞ୍ଚଳରେ ନେଟ୍ ସୁବିଧାଠାରୁ ଆରମ୍ଭକରି ନେଟ୍ ବ୍ୟାଙ୍କିଙ୍ଗ୍‌ର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଡିଜିଟାଲ ପ୍ଲାଟଫର୍ମ ଏବେ ସୁବିଧାଜନକ ମନେକରାଯାଉଥିବାବେଳେ ଏହା ସମ୍ମୁଖରେ ଉଭା ହୋଇଛି ଅନେକ ସମସ୍ୟା। ଜରୁରୀ ତଥ୍ୟ ଚୋରି ହେବା ସହ ବ୍ୟକ୍ତିଗତ ତଥ୍ୟ ବାହାରକୁ ପ୍ରକାଶ ପାଉଛି। ଏଥିରୁ ମୁକ୍ତି ପାଇବା ଲାଗି ଭାରତରେ ଏହି ଦିବସ ପାଳନ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଡାଟା କିପରି ଲିକ୍ ନ ହେବ ସେଥିପ୍ରତି ସତର୍କ ରହିବା ପାଇଁ ଏହି ଦିବସରେ ଲୋକମାନଙ୍କୁ ଅବଗତ କରାଯାଏ। କିଭଳି ମୋବାଇଲ ଫୋନ୍‌ରେ ସର୍ବନିମ୍ନ ଆପ୍ଲିକେଶନ ରଖାଯାଇପାରିବ ସେ ସମ୍ପର୍କରେ ଏକ୍ସପର୍ଟମାନେ ଅବଗତ କରିଥାନ୍ତି। ଉକ୍ତ ଦିନ ଅନ୍‌ଲାଇନ ବିଶେଷ କରି ସୋସିଆଲ ନେଟ୍‌ୱର୍କରେ ବ୍ୟକ୍ତିଗତ ତଥ୍ୟ କେମିତି ଗୋପନୀୟ ରହିପାରିବ ସେ ସମ୍ବନ୍ଧରେ ମଧ୍ୟ ସଚେତନତା ସୃଷ୍ଟି କରାଯାଏ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ବ୍ୟକ୍ତିଗତ ତଥ୍ୟ ଉପରେ ନିୟନ୍ତ୍ରଣ ରଖିବା ଲାଗି ବିକଶିତ ବୈଷୟିକ ଉପକରଣ ବିଷୟରେ ଅବଗତ କରାଯିବା ସହ ଓ ଗୋପନୀୟତା ସମ୍ପର୍କିତ ନୀତିନିୟମ ପାଳନ କରିବା ନିମନ୍ତେ ପ୍ରୋତ୍ସାହିତ କରାଯାଏ। ବିଜ୍‌ନେସ କ୍ଷେତ୍ରରେ ନ୍ୟାଶ୍‌ନାଲ ସାଇବର ସିକ୍ୟୁରିଟି ଆଲାଏନ୍ସ (ଏନ୍‌ସିଏସ୍‌ଏ) ଡାଟା ଗୋପନୀୟତା ଦିବସ ଅଭିଯାନରେ ଡିଜିଟାଲ୍ ସିଷ୍ଟମ୍‌ରେ ଡାଟା ସୁରକ୍ଷିତ ରଖିବା ବିଷୟରେ ବ୍ୟକ୍ତିମାନଙ୍କୁ ଅବଗତ କରିଥାଏ।



ତଥ୍ୟ ଗୋପନୀୟତା ଦିବସ

# ହୋମ୍ ପ୍ରଡକ୍ସନର ୨ୟ ଫିଲ୍ମ ପାଇଁ ପ୍ରସ୍ତୁତ ଦୀପିକା



**ମୁମ୍ବାଇ:** ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍‌ଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏକ ଖୁସି ଖବର। ଫିଲ୍ମ 'ଛପାକ୍' ପରେ ନିଜ ପ୍ରଡକ୍ସନ ହାଉସ୍‌ର ଦ୍ୱିତୀୟ ଫିଲ୍ମ ଘୋଷଣା କରିଛନ୍ତି ଦୀପିକା। ଏହି ଫିଲ୍ମ ହେଉଛି ଏକ ସୁପରହିଟ ହଲିଉଡ୍ ଫିଲ୍ମର ଅଫିସିଆଲ୍ ରିମେକ୍। ତେବେ ଫିଲ୍ମରେ ଦୀପିକା ମୁଖ୍ୟ ଭୂମିକାରେ ରହିଥିବାବେଳେ ସମାନ୍ତରାଳ ଭାବେ ଋଷି କପୁର ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ପୂର୍ବରୁ ଉଭୟ 'ଲଭ୍ ଆଜ୍ କଲ୍' ଫିଲ୍ମରେ ଏକାଠି କାମ କରିସାରିଛନ୍ତି, ଯେଉଁଥିରେ ଋଷି ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିଥିଲେ। ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ୍‌ରେ ଦୀପିକା ଆଗାମୀ ପ୍ରୋଜେକ୍ଟ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିଜ ଆଗାମୀ ଫିଲ୍ମ ପାଇଁ ଉତ୍ସାହିତ ଅଛି। ଏହା ହେଉଛି ହଲିଉଡ୍ ଫିଲ୍ମ 'ଦ ଇଣ୍ଟର୍ନ'ର ଭାରତୀୟ ଆଡପ୍‌ଶନ। ୨୦୨୧ରେ ଫିଲ୍ମଟି ରିଲିଜ୍ ହେବ ବୋଲି ଦୀପିକା ଟୁଇଟ୍ ଯୋଗେ ଜଣାଇଛନ୍ତି। ତେବେ ଦୀପିକାଙ୍କ ହୋମ୍ ପ୍ରଡକ୍ସନ 'କା ଏଣ୍ଟରଟେନମେଣ୍ଟ', ୱାର୍ନର ବ୍ରୋସ୍ ଇଣ୍ଡିଆ ଏବଂ ଏଜ୍ୟୁର୍ ମିଳିତ ଭାବେ ଫିଲ୍ମର ପ୍ରଯୋଜନା କରିବେ। ସେହିପରି ଋଷି କପୁର ମଧ୍ୟ ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଉଭୟଙ୍କ ଆଗାମୀ ଫିଲ୍ମ ବାବଦରେ ସୂଚନା ଦେଇଛନ୍ତି। ଫିଲ୍ମ 'ଦ ଇଣ୍ଟର୍ନ'ର ରିମେକ୍ ସହ ଦୀପିକାଙ୍କ ସହିତ ଏକ ନୂଆ ଯାତ୍ରା ଆରମ୍ଭ କରୁଛି ବୋଲି ଋଷି ଟୁଇଟ୍‌ରେ ଲେଖିଛନ୍ତି। ଅନ୍ୟପଟେ ଦୀପିକାଙ୍କ କ୍ୟାରିୟର ବିଷୟରେ କହିବାକୁ ଗଲେ, ସେ 'ଛପାକ୍'ରୁ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପାଦ ରଖିଲେ। ଚଳିତମାସ ୧୦ ତାରିଖରେ ଫିଲ୍ମଟି ରିଲିଜ୍ ହୋଇଥିଲା, ଯାହାର ନିର୍ଦ୍ଦେଶନା ଦେଇଥିଲେ ମେଘନା ଗୁଲ୍‌ଜାର। ହେଲେ ବକ୍ସ ଅଫିସ୍‌ରେ ଫିଲ୍ମଟି ସେଭଳି ଆଖିଦୃଶିଆ ସଫଳତା ଅର୍ଜନ କରିପାରିଲା ନାହିଁ କି ଅସଫଳ ମଧ୍ୟ ହେଲାନାହିଁ।

# ୨୭ ବର୍ଷ ଧରି କରୁଛନ୍ତି ଅଚିହ୍ନା ମୃତଦେହ ସଂସ୍କାର



ପଦ୍ମଶ୍ରୀ ମହମ୍ମଦ ଶରିଫ୍

**ଅଯୋଧ୍ୟା:** ଉତ୍ତରପ୍ରଦେଶ ଅଯୋଧ୍ୟାର ମହମ୍ମଦ ଶରିଫ୍‌ଙ୍କୁ ୨୦୨୦ରେ ପଦ୍ମଶ୍ରୀ ସମ୍ମାନ ମିଳିବ ବୋଲି ଘୋଷଣା କରାଯାଇଛି। ଶରିଫ୍ ଗତ ୨୭ ବର୍ଷ ଧରି ଅଚିହ୍ନା ମୃତଦେହଙ୍କ ସଂସ୍କାର ଜାରି ରଖିଛନ୍ତି। ଇତିମଧ୍ୟରେ ସେ ୩ ହଜାର ହିନ୍ଦୁ ଏବଂ ଅଢ଼େଇ ହଜାର ମୁସଲମାନ୍‌ଙ୍କ ମୃତଦେହ ସଂସ୍କାର କରି ସାରିଲେଣି। ୧୯୯୩ରେ ତାଙ୍କ ପୁଅ ସୁଲତାନପୁରକୁ ଔଷଧ ଆଣିବାକୁ ଯାଇଥିଲେ। ତେବେ ସେ ଆଉ ଫେରି ନ ଥିଲେ। ତାଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ପୁଅଙ୍କ କୌଣସି ଖୋଜ୍ ଖବର ମିଳି ନ ଥିଲା। ଶେଷରେ ଏକମାସ ପରେ ଖବର ମିଳିଥିଲା ଯେ, ତାଙ୍କ ପୁଅଙ୍କ ମୃତଦେହକୁ କେହି ଜଣେ ଅପରିଚିତ ଲୋକ ସଂସ୍କାର କରିଛନ୍ତି। ପୁଅର ଶର୍ଟରେ ଥିବା ଟେଲରର ଟ୍ୟାଗ୍‌ରୁ ସଂସ୍କାର କରାଯାଇଥିବା ମୃତଦେହ ସମ୍ପର୍କରେ ଶରିଫ୍ ଜାଣି ପାରିଥିଲେ। ଏହି ଘଟଣା ଶରିଫ୍‌ଙ୍କ ମନରେ ଭାବାନ୍ତର ସୃଷ୍ଟି କରିଥିଲା। ସେବେଠାରୁ ସେ ଅଚିହ୍ନା ମୃତଦେହଗୁଡ଼ିକର ସଂସ୍କାର କାର୍ଯ୍ୟ ଜାରି ରଖିଛନ୍ତି।

# ୪ ବର୍ଷରେ ୧୧୦ କିଲୋ ଓଜନ କମାଇଲେ ବାଳକ

**ଜାକର୍ତ୍ତା:** ପୃଥିବୀର ସବୁଠାରୁ ମେଦବହୁଳ ବାଳକ ଗତ ୪ ବର୍ଷରେ ୧୧୦ କିଲୋ ଓଜନ କମାଇଛନ୍ତି। ସେ ବାଳକ ଜଣକ ହେଉଛନ୍ତି ଇଣ୍ଡୋନେସିଆର ୧୪ ବର୍ଷ ବୟସ୍କ ଆରିୟା ପରମାନା। ପୂର୍ବରୁ ତାଙ୍କ ଓଜନ ୧୯୩ କିଲୋ ଥିଲା। ତେବେ ନିୟମିତ ବ୍ୟାୟାମ ଏବଂ ବାରିଆଟିକ୍ ସର୍ଜରୀ କରାଯିବା ଦ୍ୱାରା ତାଙ୍କର ଓଜନ କମି ଏବେ ୮୩ କିଲୋରେ ପହଞ୍ଚିଛି। ୪୯ ବର୍ଷ ବୟସ୍କ ଟ୍ରେନର ଅଦେ ରୟଙ୍କ ସହଯୋଗରେ ଏହା ସମ୍ଭବ ହୋଇଥିବା ଆରିଆ କହିଛନ୍ତି। ସେ ଟ୍ରେନିଂ ସମୟର ଏକ ଭିଡ଼ିଓ ମଧ୍ୟ ସୋସିଆଲ୍ ମିଡ଼ିଆରେ ଶେୟାର କରିଛନ୍ତି। ୪ ବର୍ଷ ବୟସରୁ ତାଙ୍କର ଓଜନ ବଢ଼ିବାରେ ଲାଗିଥିଲା। ଆରିୟାଙ୍କୁ ୧୦ ବର୍ଷ ହୋଇଥିବାବେଳେ ତାଙ୍କ ଓଜନ ୧୯୩ କିଲୋରେ ପହଞ୍ଚିଥିଲା। ଏହାପରେ ପିତା ଆରିୟାଙ୍କ ଟ୍ରେନରଙ୍କ ପାଖକୁ ନେଇଯାଇଥିଲେ।



# ନିଆଁ ଲଗାଇ କେଶ କାଟିଲେ ବାରିକ

**ନୂଆଦିଲ୍ଲୀ:** ପ୍ରତିଦିନ କିଛି ନା କିଛି ଟିକ୍‌ଟକ୍ ଭିଡିଓ ଭାଇରାଲ ହେଉଛି। ଏବେ ଏମିତି ଏକ ଭିଡିଓ ଭାଇରାଲ ହୋଇଛି ଯାହାକୁ ୪ କୋଟି ଥର ଦେଖାସରିଲାଣି। ଉକ୍ତ ଭିଡିଓରେ ବାରିକ ଜଣେ ଯୁବକଙ୍କ କେଶ କାଟିବା ପୂର୍ବରୁ ସେଥିରେ କିଛି ଜେଲ୍ ଲଗାଉଥିବା ଦେଖାଯାଇଛି। ଏହାପରେ ଏଥିରେ ଲାଇଟର ସାହାଯ୍ୟରେ ନିଆଁ ଲଗାଇ ଦୁଇଟି ପାନିଆରେ ସେଟ୍ କରୁଥିବା ଦେଖାଯାଇଛି। ଏହାପରେ ଆପଣାଛାଏଁ ନିଆଁ ଲିଭିଯାଉଛି ଓ ଯୁବକଙ୍କର କେଶ ମଧ୍ୟ କମ୍ ହୋଇଯାଇଛି। ତେବେ ଏହି ସମୟରେ ଯୁବକ ଜଣଙ୍କ ଚୁପ୍ ହୋଇ ବସି ରହିଛନ୍ତି। ନଭେମ୍ବର ମାସର ଏହି ଭିଡିଓ ଏବେ ଭାଇରାଲ ହୋଇଥିବା କୁହାଯାଇଛି। ଏପର୍ଯ୍ୟନ୍ତ ଏହାକୁ ପ୍ରାୟ ୪କୋଟି ଥର ଦେଖାଯାଇ ସାରିଲାଣି ବୋଲି ଜଣାପଡିଛି। ତେବେ ଭିଡିଓଟି କେବେକାର ଓ କେଉଁ ସ୍ଥାନର ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଭାରତର ବୋଲି ଅନୁମାନ କରାଯାଉଛି।



ଭିଡିଓ ଭାଇରାଲ

## ଯବାନଙ୍କ ଦେଶପ୍ରେମ

# ମାଟି ପାଇଁ ୧୪ ହଜାର ଖର୍ଚ୍ଚ

**ନୂଆଦିଲ୍ଲୀ:** ମାଟି ମା' ବା ଜନ୍ମଭୂମି ପ୍ରତି ଭଲପାଇବା ଓ ସମ୍ମାନ ସମସ୍ତଙ୍କ ମନରେ ରହିଥାଏ। ପାଠପଢ଼ା କିମ୍ବା ଚାକିରି ପାଇଁ ଅନ୍ୟ କୌଣସି ସ୍ଥାନକୁ ଚାଲିଗଲେ ବି ଜନ୍ମଭୂମି ପ୍ରତି ଭଲପାଇବା କମ୍ ହୁଏନି। ଆମେରିକାରେ ଏମିତି କିଛି ଘଟଣା ନଜରକୁ ଆସିଛି, ଯାହା ଜଣେ ବ୍ୟକ୍ତିଙ୍କର ଜନ୍ମଭୂମି ପ୍ରତି ରହିଥିବା ପ୍ରେମକୁ ପ୍ରତିଫଳିତ କରୁଛି। ନିଜ ସନ୍ତାନର ପ୍ରଥମ ପାଦ କିପରି ଜନ୍ମମାଟି ଉପରେ ପଡ଼ିବ ସେ ନେଇ ଯୁବକ ଜଣକ ନିଜ ଦେଶରୁ ମାଟି କିଣି ଆଣିଥିବା ଜଣାପଡ଼ିଛି। ଏଥିପାଇଁ ତାଙ୍କୁ ୨୦୦ ଡଲାର ଖର୍ଚ୍ଚ କରିବାକୁ ପଡିଛି। ଘଟଣାଟି ଏମିତି, ଆମେରିକାର ଟେକ୍ସାସ୍‌ଠାରେ ଟୋନୀ ଟ୍ରାକୋନୀଙ୍କର ଜନ୍ମ। ସେଠାରେ ପାଠପଢ଼ା ସାରିବା ପରେ ସେ ସୈନ୍ୟବାହିନୀରେ ଯୋଗଦେଇଥିଲେ। ତାଙ୍କ ପିଲା ମାତୃଭୂମି ଟେକ୍ସାସ୍‌ରେ ଜନ୍ମହେଉ ବୋଲି ଟୋନୀଙ୍କର ସବୁବେଳେ ଇଚ୍ଛାଥିଲା। ମାତ୍ର ପିଲା ଜନ୍ମହେବାର କିଛିଦିନ ପୂର୍ବରୁ ହିଁ ଇଟାଲୀର ପୋଡୁଆକୁ ଟୋନୀଙ୍କର ବଦଳି ହୋଇଗଲା। ତେଣୁ ପିଲା ଜନ୍ମହେବା ପୂର୍ବରୁ ସେ ଜନ୍ମଭୂମି ଆଣି ପାଖରେ ରଖିବେ ବୋଲି ଚିନ୍ତା କରିଥିଲେ। ଟୋନୀଙ୍କ କହିବା ଅନୁସାରେ, ତାଙ୍କ ମା'ବାପା ଏକ କଣ୍ଟେନରରେ ମାଟି ଭର୍ତ୍ତିକରି ଜାହାଜ ଯୋଗେ ଇଟାଲି ପଠାଇଥିଲେ। ସେଥିପାଇଁ ତାଙ୍କୁ ପାଖାପାଖି ୨୦୦ ଡଲାର ଅର୍ଥାତ୍ ୧୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।



# ଫିଲ୍ମ 'ବରସାତ୍'ରୁ ରାତାରାତି ହୋଇଥିଲେ ଷ୍ଟାର

୫୧ ବର୍ଷରେ ବବି ଦେଓଲ



ମୁମ୍ବାଇ: ବଲିଉଡ୍‌ରେ ନିଜର ଭିନ୍ନ ହେୟାର ଷ୍ଟାଇଲ୍‌ରେ ଯୁବପିଢ଼ିଙ୍କୁ ନିଜ ପ୍ରତି ଆକର୍ଷିତ କରିଥିଲେ ୯୦ ଦଶକର ଅଭିନେତା ବବି ଦେଓଲ୍। ନିଜ ଲମ୍ବା ଓ କର୍ଲି ହେୟାର ସେହି ସମୟର ଯୁବପିଢ଼ିଙ୍କ ମଧ୍ୟରେ ଏକ କ୍ରେଜ୍ ସୃଷ୍ଟି କରିପାରିଥିଲେ ବବି। କ୍ୟାରିୟର ଭିତରେ ଖରାପ ସମୟ ଦେଇ ଗତି କରିଥିବା ବବି ସୋମବାର ନିଜର ୫୧ତମ ଜନ୍ମଦିନ ପାଳନ କରିଛନ୍ତି। ବବି ୧୯୬୭ ଜାନୁୟାରୀ ୨୭ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ। ୧୯୭୭ରେ ବବି ନିଜ ପିତା ଧର୍ମେନ୍ଦ୍ରଙ୍କ ସହ ଫିଲ୍ମ 'ଧରମବୀର'ରେ ଶିଶୁ କଳାକାର ଭାବେ ନଜର ଆସିଥିଲେ। ଏହି ଫିଲ୍ମରେ ଦର୍ଶକ ତାଙ୍କ ଅଭିନୟକୁ ବେଶ୍ ପସନ୍ଦ କରଥିଲେ। ବବିଙ୍କ ଅଭିନୀତ ୯୦ ଦଶକର ସେହି ଗୀତଗୁଡିକୁ ଆଜି ବି ପ୍ରଶଂସକ ମନେ ରଖିଛନ୍ତି। ୧୯୯୫ରେ ଟ୍ୱିଙ୍କିଲ ଖାନ୍ନାଙ୍କ ସହ ବବି ଦେଓଲଙ୍କ ଅଭିନୀତ ଫିଲ୍ମ 'ବରସାତ୍' ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେବା ସହ ରାତାରାତି ସୁପରଷ୍ଟାର କରିଦେଇଥିଲା। ଏହି ଫିଲ୍ମରେ ତାଙ୍କର ହେୟାର ଷ୍ଟାଇଲ୍ ବେଶ୍ ଚର୍ଚ୍ଚା ସାଉଁଟିଥିବା ବେଳେ ଯୁବପିଢ଼ି ଏହାକୁ କପି କରିବାକୁ ଲାଗିଥିଲେ। ଏହାପରେ ଫିଲ୍ମ ସୋଲ୍‌ଜର, ବାଦଲ, ଗୁପ୍ତ, ବିଚ୍ଛୁ, ଅଜ୍‌ନବୀ ଭଳି ବହୁ ସୁପରହିଟ୍ ଫିଲ୍ମ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା। ୨୦୦୦ରେ ଆସିଥିବା ଫିଲ୍ମ 'ବାଦଲ' ପାଇଁ ତାଙ୍କୁ 'ଫିଲ୍ମ ଫେୟାର ବେଷ୍ଟ ଡେବ୍ୟୁ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇଥିଲେ ବବି। ଗୋଟିଏ ସମୟ ଥିଲା ଫିଲ୍ମ ଇଣ୍ଡଷ୍ଟ୍ରିରେ ସେ ରାଜ୍ କରୁଥିଲେ। ହେଲେ ଏମିତି ଏକ ସମୟ ଆସିଲା ଯେତେବେଳେ ତାଙ୍କୁ ଏକ ଡିଜେ ଭାବେ କାମ କରିବାକୁ ପଡ଼ିଥିଲା। ଫିଲ୍ମଠାରୁ ବହୁ ସମୟ ପର୍ଯ୍ୟନ୍ତ ଦୂରେଇ ରହିବା ପରେ ୨୦୧୬ରେ ସେ ଡିଜେ ଭାବେ କ୍ୟାରିୟର କରିଥିଲେ। ତେବେ ହୋମ୍ ପ୍ରୋଡକ୍ସନରେ ତିଆରି ହୋଇଥିବା 'ୟମ୍‌ଲା ପଗ୍‌ଲା ଦିୱାନା' ତାଙ୍କର ଶେଷ ଅଭିନୀତ ଫିଲ୍ମ ଥିଲା।

# ବିବାହ କଲେ ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା

**ଥିରୁଭାନନ୍ତପୁରମ:** କେରଳର ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା ହେଇଦି ସାଦିୟା ବିବାହ କରିଛନ୍ତି। ଏର୍ନାକୁଲମରେ ଅଥର୍ବ ମୋହନଙ୍କୁ ସେ ରବିବାର ବିବାହ କରିଥିବା ଜଣାପଡିଛି। ସ୍ପେଶାଲ ମ୍ୟାରେଜ୍ ଆକ୍ଟ ମାଧ୍ୟମରେ ଏହି ବିବାହ କରାଯାଇଛି। ସାଦିୟା ପ୍ରଥମ ଟ୍ରାନ୍ସଜେଣ୍ଡର ଖବରଦାତା ହୋଇଥିବା ବେଳେ ରାଜ୍ୟରେ ଏହା ଚତୁର୍ଥ ଟ୍ରାନ୍ସଜେଣ୍ଡର ବିବାହ ବୋଲି ଜଣାପଡିଛି। ସାଦିୟା କେରଳର ଏକ ଜଣାଶୁଣା ନ୍ୟୁଜ୍ ଚ୍ୟାନେଲରେ ଖବରଦାତା ଭାବେ କାମ କରୁଥିବା ବେଳେ ଅଥର୍ବ ତ୍ରିଭାନ୍ଦ୍ରମରେ ଏକ ଘରୋଇ ସଂସ୍ଥାରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଛନ୍ତି।



# ମାଓବାଦୀ–ଗ୍ରାମବାସୀ ମୁହାଁମୁହିଁ

## ■ ଜଣେ ମାଓବାଦୀ ମୃତ, ଜଣେ ଆହତ



ମାଓବାଦୀମାନେ ପୋଡ଼ିଦେଇଥିବା ଘର ଏବଂ ଗାଡ଼ି।

- ■ କ୍ଷତିଗ୍ରସ୍ତ ୧୨ ପରିବାରକୁ ପ୍ରଶାସନର ସହାୟତା
- ■ ଅଞ୍ଚଳର ବିକାଶ ପାଇଁ ପୋଲିସକୁ ସହଯୋଗ କରିବୁ
- ■ ପୋଲିସ,ଏସ୍‌ଓଜି ବାହିନୀର ସର୍ଚ୍ଚ ଅପରେଶନ
- ■ ୨୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଛାଉଣୀ

ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୧(ଡି.ଏନ୍.ଏ.)

ପ୍ରାୟ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଲାଲବାହିନୀ ମାଲକାନଗିରି ଜିଲାରେ ରାଜ ସୃଷ୍ଟି କରି ଚାଲିଥିଲା। ମାଓବାଦୀମାନେ ସବୁ ସମୟରେ ଗ୍ରାମଗୁଡିକରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରି ଆସୁଥିଲେ। ସେମାନେ ମିଥ୍ୟା ଆରୋପ ଲଗାଇ ଗ୍ରାମବାସୀଙ୍କୁ ହତ୍ୟା କରିବା, ତାଙ୍କ ଉପରେ ଅତ୍ୟାଚାର କରିବା ଭଳି ଘଟଣା ଘଟାଉଥିଲେ। ମାତ୍ର ଏବେ ଜିଲାରେ ପରିସ୍ଥିତି ବଦଳିଯାଇଛି। ଗ୍ରାମବାସୀ ମାଓବାଦୀଙ୍କ ଉପରେ ଆକ୍ରମଣ କରିବା ସହ ଜଣେ ମାଓବାଦୀଙ୍କୁ ପଥର ଫିଙ୍ଗି ହତ୍ୟା କରିଛନ୍ତି। ଏହି ଘଟଣା ଜିଲାରେ ଆଲୋଡନ ଖେଳାଇ ଦେଇଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ପଞ୍ଚାୟତର ଜନ୍ତୁରାଇଠାରେ ଏଭଳି ଘଟଣା ଘଟିଥିବା ନେଇ ମାଲକାନଗିରି ଏସ୍‌ପି ହୃଷୀକେଶ ଡି. ଖିଲାରି ସୂଚନା ଦେଇଛନ୍ତି।

ଖବରରୁ ଜଣାପଡିଛି ଶନିବାର ବିଳମ୍ବିତ ରାତିରେ କେତେକ ମାଓବାଦୀ ଜନ୍ତୁରାଇ ଗ୍ରାମକୁ ଆସି ଏହି ଅଞ୍ଚଳର ବିକାଶରେ ତୁମେମାନେ ପୋଲିସ ପ୍ରଶାସନକୁ କାହିଁକି ସହଯୋଗ କରୁଛ ବୋଲି ଗ୍ରାମବାସୀଙ୍କୁ ପ୍ରଶ୍ନ କରିବା ସହ ଗ୍ରାମର କେତେକ ଲୋକଙ୍କ ନାମ ଧରି ସେମାନଙ୍କୁ ପ୍ରଜାକୋର୍ଟରେ ଦଣ୍ଡ ଦେବାକୁ ଧମକ ଦେଇଥିଲେ। ଗ୍ରାମବାସୀ ଏହାର ପ୍ରତିବାଦ କରି କହିଥିଲେ ଯେ, ଆମେ ଆମ ଅଞ୍ଚଳର ବିକାଶ ନେଇ ପୋଲିସକୁ ସହଯୋଗ କରିବୁ। ୭୦ ବର୍ଷ ଜଳବନ୍ଦୀ ଜୀବନ ବିତାଇବା ପରେ ଗୁରୁପ୍ରିୟା ସେତୁ ନିର୍ମାଣ ହେଲା ଏବଂ ବିକାଶ ଆମ ନିକଟରେ ପହଞ୍ଚିଛି। ଆମେ ଆଉ ଲାଲବାହିନୀକୁ ସହଯୋଗ କରିବୁ ନାହିଁ ବୋଲି ଗ୍ରାମବାସୀ ସିଧାସଳଖ ମନା କରି ଦେଇଥିଲେ। ଏହାକୁ ନେଇ ଉଭୟ ଗ୍ରାମବାସୀ ଓ ମାଓବାଦୀଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ପରେ ମାଓବାଦୀମାନେ ଗ୍ରାମବାସୀଙ୍କୁ ଆକ୍ରମଣ କରି ୧୨ଟି ଘର ଓ ମୋଟରସାଇକେଲ ପୋଡି ଦେଇଥିଲେ। ଗ୍ରାମବାସୀଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା ମଧ କରିଥିଲେ। ଯେଉଁଥିରେ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇ ଜଣେ ମାଓବାଦୀଙ୍କ ଉପରକୁ ପଥର ଫିଙ୍ଗି ମାରି ଦେଇଛନ୍ତି। ତାଙ୍କ ନାମ ଗଙ୍ଗା ମାଡକାମି ଓରଫ ଆଡମା। ସେ ମିଲିସିଆ ମାଓବାଦୀ କମାଣ୍ଡର ବୋଲି ଜଣାପଡିଛି। ସେ କାଲିମେଲା ଓ ଗୁମ୍ମା ଏରିଆରେ କାର୍ଯ୍ୟ କରୁଥିଲେ। ଗ୍ରାମବାସୀଙ୍କ ପାଲଟା ଆକ୍ରମଣରେ ମାଓବାଦୀମାନେ ଭୟଭୀତ ହୋଇ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ। ତେବେ ୧ଘଣ୍ଟା ପରେ ନାରାୟଣ ପାଟଣା ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ ମାଓବାଦୀ ଜିପ୍ର ନିଜ ସାଥୀଙ୍କ ଖବର ଜାଣିବାକୁ ଆସିଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ। ତାଙ୍କୁ ମଧ ଗ୍ରାମବାସୀ ଧରି ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଓ ଏସ୍‌ଓଜି ବାହିନୀ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଆରମ୍ଭ କରି ଦେଇଥିଲେ। ଉଭୟ ମାଓବାଦୀଙ୍କୁ ଉଦ୍ଧାର କରି ଚିତ୍ରକୋଣ୍ଡା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଆଡମାଙ୍କୁ ମୃତ ଘୋଷଣା କରିଥିଲେ। ଜିପ୍ରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ତାଙ୍କ ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆହତ ଜିପ୍ରଙ୍କ ନାମରେ ସରକାର ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ସେହିପରି ମୃତ ଆଡମାଙ୍କ ନାମରେ ମଧ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ଘୋଷଣା କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବାରୁ ଏସ୍‌ପି ଖିଲାରି ଲୋକଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ଆମେ ଲୋକଙ୍କୁ ସୁରକ୍ଷା ଦେବୁ। ବିକାଶ କାର୍ଯ୍ୟ ଜାରି ରହିବ। ଏଥିସହ ଆଦୌ ସାଲିସ କରାଯିବ ନାହିଁ ବୋଲି ଏସପି କହିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଦୃଷ୍ଟିରେ ରଖି ୨୦ କିଲୋମିଟର ପର୍ଯ୍ୟନ୍ତ ପୋଲିସ ଛାଉଣୀ ହୋଇରହିଛି। ୧ହଜାରରୁ ଊର୍ଦ୍ଧ୍ୱ ଯବାନଙ୍କୁ ନିୟୋଜିତ କରାଯାଇଛି। ୪ଟି ଗାଁ ଯୋଡ଼ାଆମ୍ବ, ସିନ୍ଧିଗୁଡା, ଯନ୍ତରାଇ ଓ ତିକରଗୁଡାର ଲୋକେ ଏକାଠି ହୋଇ ରହିଛନ୍ତି। ଗୋଟିଏ ଜାଗାରେ ରୋଷେଇ କରି ଖାଇବା ସହ ରାତିରେ ଗୋଟିଏ ସ୍ଥାନରେ ଶୋଉଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଯେଉଁ ପରିବାର ଲୋକଙ୍କ ଘର ମାଓବାଦୀମାନେ ପୋଡି ଦେଇଛନ୍ତି ପ୍ରଶାସନ ପ୍ରତ୍ୟେକ ପରିବାରକୁ ୩୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ କରିଛି। ସେମାନଙ୍କୁ କମ୍ବଳ ବଣ୍ଟନ କରିବା ସହ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି।


# କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା

**"ବିହନ ବିଶୋଧନ ଅଭିଯାନ" ରବି-୨୦୧୯-୨୦ ରାଜ୍ୟ ଯୋଜନା**

ଗତ ଖରିଫ ଋତୁରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ସଂଗଠିତ ହୋଇଥିବା ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମରେ ସାକ୍ଷୀଗୋପାଳ କୃଷି ଜିଲ୍ଲାର ସମସ୍ତ ପଞ୍ଚାୟତର ଚାଷୀ ଭାଇ ଓ ଭଉଣୀମାନେ ବହୁସଂଖ୍ୟାରେ ଯୋଗଦାନ ପୂର୍ବକ ନିଜ ବିହନକୁ ବିଶୋଧନ କରିବା ସହ ତତ୍‌ସମ୍ବନ୍ଧୀୟ କୌଶଳ ତାଲିମପ୍ରାପ୍ତ ହୋଇଥିଲେ।

ଚଳିତ ରବିଋତୁରେ ସେହି ଜ୍ଞାନ କୌଶଳକୁ ଉପଯୋଗ କରି ଯେ କୌଣସି ଫସଲ ବୁଣିବା ପୂର୍ବରୁ ବିହନ ବିଶୋଧନ ଉପଚାର କରି ସ୍ୱଳ୍ପ ଖର୍ଚ୍ଚରେ ଫସଲର ରୋଗପୋକ ସମସ୍ୟାକୁ ଲାଘବ କରିବାକୁ ଅନୁରୋଧ।

| ଫସଲ | ରୋଗ | ବିହନ ବିଶୋଧକ | ପରିମାଣ |
|---|---|---|---|
| ଚିନାବାଦାମ | କାଣ୍ଡସଢ଼ା<br>ବେକସଢ଼ା | ଟ୍ରାଇକୋଡମା ଭିରିଡେ ୧% WP<br>କିମ୍ବା ଟେବୁକୋନାଜୋଲ ୨% DS | ୪ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ସୂର୍ଯ୍ୟମୁଖୀ | ଝାଉଁଳା | ଟେବୁକୋନାଜୋଲ ୨% DS | ୨ ଗ୍ରାମ ପ୍ରତି କେଜି ବିହନରେ |
| ମୁଗ / ବିରି | ବିହନ ସଢ଼ା<br>ଝାଉଁଳା | ଥିରାମ ୭୫% WS<br>ଟେବୁକୋନାଜୋଲ ୨% DS | ୩ ଗ୍ରାମ ପ୍ରତି କେଜି ବିହନରେ<br>୨ ଗ୍ରାମ ପ୍ରତି କେଜି ବିହନରେ |
| ଧାନ | ପତ୍ରଚିତା,<br>ମହିଷା,<br>ପତ୍ରାଚ୍ଛାଦ ପୋଡ଼ା | କାର୍ବେଣ୍ଡାଜିମ୍ ୨୫% +<br>ମାଙ୍କୋଜେବ ୫୦% WP | ୩ ଗ୍ରାମ ପ୍ରତି କେଜି ବିହନରେ |

ସ୍ୱା./-
କୃଷି ଜିଲ୍ଲା ଅଧିକାରୀ, ସାକ୍ଷୀଗୋପାଳ



# ଜିଲ୍ଲାସ୍ତରୀୟ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟ

Handloom Mark

ସ୍ଥାନ-ଆନନ୍ଦ ବିହାର କ୍ଲବ (ନିଶିଗନ୍ଧା), M.C.L, ବୁର୍ଲା
ତା.୨୭।୦୧।୨୦୨୦ ରୁ ତା.୩୧।୦୧।୨୦୨୦
(ସମୟ ଅପରାହ୍ନ ୨ ଘଟିକାଠାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ)

ପବିତ୍ର ସରସ୍ୱତୀ ପୂଜା ଉପଲକ୍ଷେ ରାଜ୍ୟର କୁଶଳୀ ବୁଣାକାରମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ ବିକ୍ରୟର ଅପୂର୍ବ ସମ୍ଭାର

**ବିଶେଷ ଆକର୍ଷଣ ୧୦% ସରକାରୀ ରିହାତି**

ପ୍ରାୟୋଜକ: ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ, ଓଡ଼ିଶା ସରକାର

ଆୟୋଜକ: ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର ଓ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ, ବରଗଡ଼



# COLLECTORATE, NAYAGARH
## (ST & SC DEVELOPMENT SECTION)
### TENDER CALL NOTICE

No.V-77 :- Sealed tenders in the prescribed tender paper are invited from the authorized dealer/ Distributor/ specific manufacturer/ Wholesale cooperative/ WSHG for supply of DARI for boarders of ST & SC Hostels of Nayagarh District for the year 2019-20. The tender paper can be obtained from the office of the D.W.O., Nayagarh on payment of Rs 1000/- either in shape of cash / DD during the office hour, which is non-refundable. Those Tenderer Who will download the tender paper from the website i.e www.nayagarh.nic.in will required to deposit the cost of tender paper in shape of DD at the time of submission of tender. The rate should be inclusive of all taxes and transportation cost to the school point. The tenderer has to produce GST registration certificate/IT return for 3 years assessment i.e (2016-17, 2017-18 & 2018-19)/ Registration certificate for dealers liable to pay value added tax/ In case of dealer, valid dealerships certificate from the manufactures & PAN card with income tax clearance certificate positively. E.M.D. of Rs. 10,000/- for DARI has to be deposited by the tenderer in shape of Bank Draft drawn in favour of D.W.O., Nayagarh, payable at ICICI Bank, Nayagarh. The authority reserves the right to reject any or all tenders/ supply order without assigning any reason thereof

**Sale of tender paper :- Dt. 28.01.2020**
**Last date and time of receipt :- Dt. 11.02.2020 by 5.00.p.m.**
**Opening of tender paper :- on 12.02.2020 at 4.00P.M. in Office chamber of ADM, Nayagarh.**

Sd./-
District Magistrate & Collector,
Nayagarh

24009/11/0008/1920



# नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

## NOTICE INVITING TENDERS

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha :

1- NIT No. MC-4843
**Name of the work:** AMC of Chimney Elevator, CHP Elevator & Unit #7 Feeder floor Elevator.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to www.nalcoindia.com & http://eprocure.gov.in

AGM (Elect.), Contract Cell



# SAMAGRA SHIKSHA, GAJAPATI

**No. 217/ Ped/2020** **Dated: 24.01.2020**

## TENDER CALL NOTICE

Sealed tenders are invited from reputed parties/offset printers for printing and supply of Question-cum-Answer Sheets for Summative Assessment-II in Odia, English and Telugu & Report Cards for the year 2019-20 for all Primary & Upper Primary Students from Class I to VIIIth of Gajapati district.

The party can download the tender document from the OSEPA/ Gajapati NIC website **www.osepa.odisha.gov.in / www.gajapati.nic.in** and required to submit the tender paper along with a Bank draft for Rs. 3,000/- in favour of District Project Coordinator, Samagra Shiksha, Gajapati, towards cost of processing fee on or before 01.00 PM on 13.02.2020 through registered / Speed post only. The authority reserves the right to reject any or all of the tenders without assigning any reason thereof.

Sd./- Collector-cum-Chairman,
Samagra Shiksha, Gajapati



Phone No.(06856)-222081(Off.)
E-mail:- eemirgd@ymail.com

## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER, MINOR IRRIGATION DIVISION, RAYAGADA
e-PROCUREMENT NOTICE

No.608-A :- **BID IDENTIFICATION NO. ONLINE - 07/MID RGD/2019-20**

| | | |
|---|---|---|
| Name of work | : | IMPROVEMENT TO MIPS UNDER CRITICAL GRANT 2019-20 |
| No. of works | : | **5 (Five) Nos.** |
| Estimated cost: | : | Varies Approximately from Rs. **13.39 lakh** to **Rs.22.32 lakh**. |
| Tender paper cost | : | Refer DTCN. |
| Period of completion | : | Refer DTCN. |
| Availability of bid documents | : | From 11.00AM on 31.01.2020 & upto 5.00 PM on 10.02.2020 in website (www.tendersorissa.gov.in) |
| Period of receipt of bid through online | : | **From 11.00AM on** 31.01.2020 & upto 5.00 PM on 10.02.2020 through **online.** |
| Date of receipt of **Bid cost & Bid security through On-line payment mode.** | : | **From 11.00AM on** 31.01.2020& upto 5.00 PM on 10.02.2020 **through online** |
| Date of opening of bid documents | : | **From 11.00AM on 11.02.2020** |
| Date of Transpararant lottery ( If Case arises ) | | **14.02.2020 at 11.00AM onwards** |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| **The detail tender call notice can also be seen in the DOWR website- http://dowrorissa.gov.in** | | |
| Name & Address of the OIT | : | Executive Engineer, M.I. Division, Rayagada Dist:-Rayagada. PIN-765001 Ph-06856-222081, E-mail ID-eemirgd@ymail.com |
| Further details can be seen from the e-Procurement market place. | : | http://tendersorissa.gov.in |

32056/11/0006/1920

Executive Engineer, M.I. Division, Rayagada.



## GOVT. OF ODISHA
## OFFICE OF THE SUPERINTENDING ENGINEER
## NORTH EASTERN RURAL WORKS CIRCLE. KEONJHAR

O-919

*Tel. 06766-258301(O)*
*eMail: se_nerwkjr@rediffmail.com*

eProcurement Notice for Building Work
Identification No. Building Online NCB No.273
No. 248 // Date: 22-01-2020

1. Name of the work :- **Construction of 100 Bedded Girls Hostel Building and Boundary Wall in the premises of Odisha Adarsha Vidyalaya under OMBADC in the District of Keonjhar, for the year 2019-20.**
2. No. of works :- **03 (Three) Nos.**
3. Estimated Cost :- **As per Annexure**
4. Class of Contractor (Eligible) :- **As per Annexure**
5. Period of Completion :- **As per Annexure**
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Building Online NCB No.273 | Dt.31.01.20 at 11.00 AM | Dt.15.02.20 upto 3.00 PM | Dt.14.02.20 upto 3.00 PM | Dt.17.02.20 at 11.00 AM | Dt.25.02.20 at 11.00 AM |

- **Further details can be seen from the website: www.tendersorissa.gov.in**

Sd/- (P.K. Misra)
Superintending Engineer, N.E.R.W. Circle, Keonjhar.

25048/11/0009/1920



**ପ୍ରଗତି ପଥେ........**

# ପୌର ପାଳିକା, ରାଇରଙ୍ଗପୁର

ସାଧାରଣତନ୍ତ୍ର ଦିବସ ୨୦୨୦ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନ ସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି।

**ନିବେଦନ :** ୧–ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢି ତୋଳିବାରେ ସହାୟକ ହୁଅନ୍ତୁ। ୨–ପରିଷଦ ସମ୍ପତ୍ତି ଆପଣଙ୍କର। ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ। • ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ। • ପାଇଖାନା ବ୍ୟବହାର କରନ୍ତୁ। • ଏଣେ ତେଣେ ପାନ ଛେପ ପକାନ୍ତୁ ନାହିଁ। • ସହରର ଯେକୌଣସି ରାସ୍ତାକଡରେ ଅଳିଆ ଜମି ରହିଥିଲେ ତୁରନ୍ତ ରାଇରଙ୍ଗପୁର ପୌର ପରିଷଦର ଭାରପ୍ରାପ୍ତ ପରିମଳ ଅଧିକାରୀଙ୍କୁ ସୂଚନା ଦିଅନ୍ତୁ। • ନିଜ ପାଖ ପଡୋଶୀଙ୍କ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରନ୍ତୁ। • ଯେଉଁମାନଙ୍କର ପାଇଖାନା ନାହିଁ କିମ୍ବା ଗାତ ଖୋଳି ତା ଉପରେ ଅସ୍ଥାୟୀ ପାଇଖାନା ନିର୍ମାଣ କରି ତାହାକୁ ବ୍ୟବହାର କରୁଛନ୍ତି, ଏଦିଗରେ ନିଜ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟ/ସଭ୍ୟାଙ୍କୁ କିମ୍ବା କମ୍ୟୁନିଟି ଅର୍ଗାନାଇଜରଙ୍କୁ ଅଥବା ନିଜେ ରାଇରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟରେ ପାଇଖାନା ନିର୍ମାଣ ପାଇଁ ଦରଖାସ୍ତ ଆବେଦନ କରନ୍ତୁ। • ସ୍ୱଚ୍ଛ ଭାରତ ମିଶନ ତରଫରୁ ସ୍ୱଚ୍ଛ ବଜାର ଯୋଜନା ମାଧ୍ୟମରେ ସହରକୁ ସ୍ୱଚ୍ଛ ରଖିବା ନିମନ୍ତେ ପୌର ପରିଷଦ ତରଫରୁ ବିଭିନ୍ନ ମାର୍କେଟ୍ ଏରିଆ, ଟ୍ରାଫିକ ଏରିଆ, ବସ ଷ୍ଟାଣ୍ଡ ଇତ୍ୟାଦି ସ୍ଥାନମାନଙ୍କରେ ଯଥେଷ୍ଟ ଡଷ୍ଟବିନ୍ ଯୋଗାଇ ଦିଆଯାଇଅଛି। ଏହାକୁ ଉଚିତ୍ ବ୍ୟବହାର କରିବା ନିମନ୍ତେ ଜନସାଧାରଣଙ୍କୁ ନିବେଦନ। • ପାଇଖାନାର ବର୍ଜ୍ୟ ଜଳ ଓ ମଳ ସାଧାରଣ ଡ୍ରେନ୍‌କୁ ଯେଉଁ ବ୍ୟକ୍ତି ସଂଯୋଗ କରୁଛନ୍ତି ସେମାନଙ୍କୁ ସେଥିରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ନିମନ୍ତେ ସଚେତନ କରାଯାଉଅଛି।

**ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର (ଓ.ରା.ସେ.), ନିର୍ବାହୀ ଅଧିକାରୀ, ରାଇରଙ୍ଗପୁର ପୌର ପାଳିକା, ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା, ଓ.ପ୍ର.ସେ. (ବ), ଉପଜିଲ୍ଲାପାଳ, ବାମନଘାଟୀ-ତଥା-ପୌର ପ୍ରଶାସକ, ରାଇରଙ୍ଗପୁର ପୌର ପାଳିକା**



No.XXVI-22

# ଓଡ଼ିଶା ସରକାର
# ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ
## ଅଧିସୂଚନା

File No. L.A. Case No. 24/19 8195/LA Dtd. 01.11.2019

ଯେହେତୁ ଓଡ଼ିଶା ସରକାରଙ୍କ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାର ଗମେଇ ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା – ରତାଙ୍ଗ, ଥାନା– ବାସୁଦେବପୁର, ସଂ–୩୭, ତହସିଲ–ବାସୁଦେବପୁର, ଜିଲ୍ଲା– ଭଦ୍ରକରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୧.୫୬ ର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013)ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ – ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବନ୍ୟା ପ୍ରଭାବରୁ ରକ୍ଷାପାଇବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା – ୨୯୦୭୪/R&DM ତା. ୨୫.୦୯.୧୯ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:– ଉପଜିଲ୍ଲାପାଳ, ଭଦ୍ରକ।
୬. ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|---|
| ଭଦ୍ରକ | ବାସୁଦେବପୁର | ରତାଙ୍ଗ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୩.୨୩ କର ଏଥି ସହିତ ସଂଲଗ୍ନ | ଏ ୧.୫୬ କର ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୧.୫୨ କର ସଂରକ୍ଷିତ ସରକାରୀ ଜମି ପ୍ରତିବିଦଳ ଭୂମି ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଭଦ୍ରକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଭୂମି ଅନୁସୂଚୀ**
**ଜମିର ତାଲିକା**

**ଗମେଇ ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ**
**ମୌଜା - ରତାଙ୍ଗ, ଥାନା- ବାସୁଦେବପୁର, ସଂ-୩୭, ତହସିଲ- ବାସୁଦେବପୁର, ଜିଲ୍ଲା - ଭଦ୍ରକ**
**ବ୍ୟକ୍ତିଗତ ଜମି -**
**ଏଥିସହିତ ସଂଲଗ୍ନ କରାଯାଇଅଛି।**

ରାଜ୍ୟପାଳଙ୍କ ଆଦେଶ କ୍ରମେ
(ଜ୍ଞାନ ଦାସ)
ଜିଲ୍ଲାପାଳ, ଭଦ୍ରକ

**ଭୂମି ଅନୁସୂଚୀ**
**ପ୍ରକଳ୍ପର ନାମ - ଗମେଇ, କାଂଶବାଂଶ ନଦୀ ସଂସ୍କାର**
**ସା- ରତାଙ୍ଗ, ତହସିଲ - ବାସୁଦେବପୁର, ଥାନା- ବାସୁଦେବପୁର, ସଂ-୩୭, ଜିଲ୍ଲା - ଭଦ୍ରକ**

| କ୍ର. ସଂ | ଖାତା ସଂ | ଖସଡ଼ା ସଂ | ମୋଟ ରକବା | ଭୂ-ଅର୍ଜନ ରକବା | କିସମ | ଖାତାରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧ | ୨୧୬ | ୧୦୧୭ | ୦.୬୦ | ୦.୦୪ | ପତିତ | ପଞ୍ଚାନନ ରାଉତ, ପି– ନୀଳ ରାଉତ, ଓଗେର, ଜା– ଖଣ୍ଡାୟତ, ବା– ରତାଙ୍ଗ |
| ୨ | ୪୮ | ୨୧୬୭ | ୨.୬୩ | ୧.୫୨ | ଚକ | କୃଷ୍ଣ ଚନ୍ଦ୍ର ପୋଇ, କିସ୍ମତ ୪ ଅଣା, ପଞ୍ଚାନନ ପୋଇ, କିସ୍ମତ ୪ ଅଣା, ପୁରୁଷୋତ୍ତମ ପୋଇ, କିସ୍ମତ ୪ ଅଣା, ନରେନ୍ଦ୍ର ପୋଇ, କିସ୍ମତ ୪ ଅଣା, ପି– ଭ୍ରମର ପୋଇ, ଜା–ଖଣ୍ଡାୟତ, ବା– ନିଜଗାଁ |
| | | ମୋଟ | ୩.୨୩ | ୧.୫୬ | | |
| | | ଗୋଚର ପ୍ରତିବଦଳ (ଖସଡ଼ା ସଂ. ୨୧୬୭) | | | | |
| ୩ | ୫୦୯ | ୨୧୧୫ | ୨୩.୧୦ | ୧.୫୨ | ଗୋଚର | ରକ୍ଷିତ |

24017/14/0024/1920

ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ



# ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ
## ୨୦୧୯-୨୦

DSPL-246

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତିର ନିର୍ମାଣ / ପରିକଳ୍ପନା କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ।

ରାଜ୍ୟସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ ୩ ଟି ଲେଖାଏଁ ଏବଂ ଅଭିନବ ପରିକଳ୍ପନା ପାଇଁ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ଏବଂ ଅଭିନବ ପରିକଳ୍ପନା ପାଇଁ (୧ ଜଣ ଜିଲ୍ଲା ପ୍ରତି) ୩୦ ଜଣଙ୍କୁ ପୁରସ୍କୃତ କରାଯିବ।

| | ଅଭିନବ ଯନ୍ତ୍ରପାତି | ଅଭିନବ ପରିକଳ୍ପନା |
|---|---|---|
| ପ୍ରଥମ ପୁରସ୍କାର ରାଶି | ୨ ଲକ୍ଷ ଟଙ୍କା | ୫୦ ହଜାର ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | ୧ ଲକ୍ଷ ୫୦ ହଜାର ଟଙ୍କା | ୩୫ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | ୧ ଲକ୍ଷ ଟଙ୍କା | ୧୫ ହଜାର ଟଙ୍କା |
| ଜିଲ୍ଲାସ୍ତରୀୟ ପୁରସ୍କାର ରାଶି | ୧୫ ହଜାର ଟଙ୍କା | ୫ ହଜାର ଟଙ୍କା |

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ ଅଭିନବ କୃଷି ଯନ୍ତ୍ରପାତି / ପରିକଳ୍ପନାଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in**ରେ ଉପଲବ୍ଧ। ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଲିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡ଼ିଓ / ସଂଶ୍ଲିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ **ଜାନୁୟାରୀ ୩୧ ତାରିଖ** ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ **'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର'** (FIAC)ର ଡ୍ରପ ବାକ୍ସରେ ଦାଖଲ କରିପାରିବେ।

**ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।**

01034/13/0046/1920 **କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



# ଓଡ଼ିଶା ସରକାର
## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ), ନିର୍ମାଣ ସୌଧ, ଭୁବନେଶ୍ୱର

ସଂଖ୍ୟା: -7-1E-210 /ତାରିଖ: 22.01.2020

**ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କର ଚୁକ୍ତି ଭିତ୍ତିକ ପୁନଃ ନିଯୁକ୍ତି।**

B-630

## ବିଜ୍ଞାପନ

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ),ନିର୍ମାଣ ସୌଧ, ଭୁବନେଶ୍ୱର ଅଧୀନରେ ଥିବା ଦୁଇ ଗୋଟି କନିଷ୍ଠ କିରାଣୀ (ଚୁକ୍ତି ଭିତ୍ତିକ) ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉ ଅଛି। ପ୍ରାର୍ଥୀ ଆବେଦନ ଫର୍ମ ତତ୍‌ସହିତ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ତା ୦୫.୦୨.୨୦୨୦ରିଖ ଠାରୁ ତା ୧୦.୦୨.୨୦୨୦ ରିଖ ମଧ୍ୟରେ ପାଇ ପାରିବେ ଏବଂ ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଫର୍ମ ଗୁଡ଼ିକ ତା୨୫.୦୨.୨୦୨୦ରିଖ ଘ ୧.୦୦ ମି (ଅପରାହ୍ନ ଘ ୧.୦୦ ମି ମଧ୍ୟରେ) ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖରେ ପହଞ୍ଚିଥିବା ଆବେଦନ ଫର୍ମ କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ଫର୍ମ ଗୁଡ଼ିକ ବିଚାରକୁ ନିଆଯିବ ନାହିଁ। ଅନ୍ୟ କୌଣସି ଫର୍ମ ଏଥି ପାଇଁ ଗ୍ରହଣ ଯୋଗ୍ୟ ନୁହେଁ।

ସ୍ୱା-ଗୌରାଙ୍ଗ ଚରଣ ସାହୁ
ଅଧୀକ୍ଷଣ ଯନ୍ତ୍ରୀ,
କେନ୍ଦ୍ରୀୟ ମଣ୍ଡଳ (ରାସ୍ତା ଓ ଗୃହ)

34125/11/0009/1920



# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: ୩୧୫୨୭/ଭୁ.ଉ.କ., ଭୁବନେଶ୍ୱର ତା୨୭।୧୨।୨୦୧୯ରିଖ
CPM-I-826/82

## ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ଗୃହ ପ୍ରକଳ୍ପ ଅନ୍ତର୍ଗତ ଗୃହ ନଂ.MIG–I–4/47କୁ ଶ୍ରୀ ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ଗ୍ରାହୀ ତା୨୭।୦୧।୧୯୯୩ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କର ମୃତ୍ୟୁ ଅନ୍ତେ ଉକ୍ତ ଗୃହର ମାଲିକାନା ସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ନିମ୍ନ ଉତ୍ତରାଧିକାରୀଙ୍କ ନାମରେ ପରିବର୍ତ୍ତନ କରିବାର ବ୍ୟବସ୍ଥା ଅଛି।

| | | |
|---|---|---|
| (୧) | ସ୍ୱପ୍ନା ପାଢ଼ୀ | ଆବଣ୍ଟନଗ୍ରାହୀଙ୍କ ଝିଅ |
| (୨) | ସଂଜ୍ଞାରାଣୀ ତ୍ରିପାଠୀ | ଆବଣ୍ଟନଗ୍ରାହୀଙ୍କ ଝିଅ |
| (୩) | ସ୍ୱରୂପା ରାଣୀ ପଣ୍ଡା | ଆବଣ୍ଟନଗ୍ରାହୀଙ୍କ ଝିଅ |
| (୪) | ଶ୍ୱେତ କୁମାର ତ୍ରିପାଠୀ | ଆବଣ୍ଟନଗ୍ରାହୀଙ୍କ ପୁତ୍ର |
| (୫) | ବାଳାମଣି ତ୍ରିପାଠୀ | ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ |

ବର୍ତ୍ତମାନ ପରିପ୍ରେକ୍ଷୀରେ ଉପରୋକ୍ତ ଉତ୍ତରାଧିକାରୀଙ୍କ ମଧ୍ୟରୁ ୧–ସ୍ୱପ୍ନା ପାଢ଼ୀ, ୨–ସଂଜ୍ଞାରାଣୀ ତ୍ରିପାଠୀ ଏବଂ ୩–ସ୍ୱରୂପାରାଣୀ ତ୍ରିପାଠୀ ପଞ୍ଜୀକୃତ ନା ଦାବିପତ୍ର (Registered Deed of Relinquish) ମାଧ୍ୟମରେ ଉକ୍ତ ଗୃହର ନିଜର ଅଧିକାର ସତ୍ତ୍ୱକୁ ୧–ବାଳାମଣି ତ୍ରିପାଠୀ ଏବଂ ୨–ଶ୍ୱେତ କୁମାର ତ୍ରିପାଠୀଙ୍କ ନାମରେ ହସ୍ତାନ୍ତର କରିଅଛନ୍ତି ଏବଂ ହସ୍ତାନ୍ତର ନିମନ୍ତେ ସେମାନେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ସତ୍ତ୍ୱ କେବଳ ୧–ବାଳାମଣି ତ୍ରିପାଠୀ, ୨–ଶ୍ୱେତ କୁମାର ତ୍ରିପାଠୀଙ୍କ ନାମରେ କରାଯିବାରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ତ୍ୱ ହସ୍ତାନ୍ତର ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**



ସୌନ୍ଦର୍ଯ୍ୟ



# ସ୍କିନ୍ ପାଇଁ ସେବତୀ





**ଆପଣ ସେବତୀ ଫୁଲ ଦେଖିଥିବେ କିମ୍ବା ଜାଣିଥିବେ, ଯାହା ସ୍ୱାସ୍ଥ୍ୟ ଏବଂ ତ୍ୱଚା ଲାଗି ବହୁତ ଉପକାରୀ। ସବୁପ୍ରକାର ସ୍କିନ୍ ପାଇଁ ଏହାକୁ ବ୍ୟବହାର କରିପାରିବେ। ଏ ବିଷୟରେ ଟିପ୍ସ...**

**ମଶ୍ଚରାଇଜର**

ସେବତୀ ଫୁଲ ସ୍କିନ୍ ପାଇଁ ମଶ୍ଚରାଇଜର ପରି କାମ କରିଥାଏ ଏବଂ ଏହା ମଧ୍ୟ ୟଙ୍ଗ୍ ଲୁକ୍ ଦେଇଥାଏ। ଏଥିପାଇଁ ଏହି ଫୁଲକୁ ଗ୍ରାଇଣ୍ଡିଂ କରି ସେଥିରେ ଅଧାଚାମଚ ମହୁ ମିଶାଇ ପ୍ରତିଦିନ ମୁହଁରେ ଲଗାନ୍ତୁ।

**ଡାର୍କ ସର୍କଲ**

ଆଖିତଳେ ଡାର୍କ ସର୍କଲ କିମ୍ବା କୌଣସି ଚିହ୍ନ ଦାଗ ଥିଲେ ପ୍ରତିଦିନ ସେବତୀ ଫୁଲକୁ ବ୍ୟବହାର କରିପାରିବେ।

**ମୁଖବ୍ରଣ**

ସେବତୀ ଫୁଲକୁ ଆପଣ କୌଣସି ବି ଉପାୟରେ ସ୍କିନ୍‌ରେ ଖୁବ୍ ସହଜରେ ବ୍ୟବହାର କରିପାରିବେ, ଯାହା ମୁଖବ୍ରଣ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ।

**ଫେସ୍‌ପ୍ୟାକ୍**

ସେବତୀ ଫୁଲ ରସ ୪ ଚାମଚ ଓ ସେଥିରେ କେଇବୁନ୍ଦା ମହୁ, ଲେମ୍ବୁ ମିଶାନ୍ତୁ। ଏବେ ଏହାକୁ ପ୍ରତିଦିନ ମୁହଁରେ ଲଗାନ୍ତୁ। କିଛିଦିନ ପରେ ଦେଖିବେ ମୁହଁରେ ଥିବା ଦାଗ ଦୂର ହୋଇ ଆପଣ ସୁନ୍ଦର ଦେଖାଯିବେ।

ଫ୍ୟାଶନ

# ଲିଓପାର୍ଡ ପ୍ରିଣ୍ଟ



**ଫ୍ୟାଶନକୁ ନେଇ ଅନେକଙ୍କ ପସନ୍ଦ ବଦଳୁଥିବାର ଲକ୍ଷ୍ୟ କରୁଥିବେ। କିଛି ମାସରେ ନୂଆ ଖୋଜିବାକୁ ଆରମ୍ଭ କରନ୍ତି। ଲିଓପାର୍ଡ ପ୍ରିଣ୍ଟ ନୂଆ ନୁହେଁ। ଆଗରୁ ଓ ଏବେ ମଧ୍ୟ ଏହି ପ୍ରିଣ୍ଟ ଗ୍ଲାମର ବୋଲି ମାନୁଛନ୍ତି। ଏବେ ଏହାକୁ ମେନ୍‌ଷ୍ଟ୍ରିମ୍ ଫ୍ୟାଶନ୍ ରୂପେ ସ୍ୱୀକାର କରୁଛନ୍ତି। ଏହାର ଜ୍ୟାକେଟ୍, ଲଙ୍ଗବୁଟ୍, ବ୍ଲେଜର ଆଦି ଆକର୍ଷକ ଦେଖାଯାଇଥାଏ। ଯଦି ଆପଣ ଏହି ଡିଜାଇନ୍‌କୁ ନିଜ କପ୍‌ବୋର୍ଡରେ ସାମିଲ କରିବାକୁ ଚାହୁଁଛନ୍ତି, ତେବେ ଧ୍ୟାନରେ ରଖନ୍ତୁ କେତୋଟି ଜରୁରୀ କଥା....**

ଏହି ପ୍ରିଣ୍ଟର ରିଷ୍ଟ ବ୍ୟାଣ୍ଡ, ନେକ୍‌ପିସ୍ ଓ ଇୟର ରିଙ୍ଗ୍ ବଜାରରେ ମିଳୁଛି, ଯାହା ସିମ୍ପଲ, ଡାର୍କ କଲର ଡ୍ରେସ୍ ସହିତ ଆପଣଙ୍କ ଲୁକ୍‌କୁ ଆକର୍ଷକ କରିଥାଏ। ଯଦି ଏହି ପ୍ରିଣ୍ଟର ପରିଧାନ ଭଲ ଲାଗୁ ନ ଥାଏ ତେବେ ହ୍ୟାଣ୍ଡବ୍ୟାଗ୍ ମଧ୍ୟ କ୍ୟାରି କରିପାରିବେ।



- ଲିଓପାର୍ଡ ପ୍ରିଣ୍ଟ ଶାର୍ଟ ଉପରେ ବେଲ୍‌ଟ ଲଗାନ୍ତୁ। ଏହାସହିତ ଲଙ୍ଗ ସ୍କର୍ଟ କିମ୍ବା ଟ୍ରାଉଜର ପିନ୍ଧିପାରିବେ। ଧ୍ୟାନ ରଖନ୍ତୁ ଯେ, ଏହାକୁ ପିନ୍ଧିବା ସମୟରେ ଅଧିକ ମେକ୍‌ଅପ୍ ନିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ ଲୁକ୍ ଭୟଙ୍କର ଦେଖାଯିବ।
- ଯଦି ଆପଣ ନିଜକୁ ନେଇ କନ୍‌ଫିଡେଣ୍ଟ ଅଛନ୍ତି, ତେବେ ଆପଣ ଜମ୍ପସୁଟ୍ କିଛି ଏମିତି ପିନ୍ଧିପାରିବେ। ଯେମିତି କି ପୂରା କପଡ଼ାରେ ଲିଓପାର୍ଡ ପ୍ରିଣ୍ଟ ଥିବ। ଏହାସହିତ ଲିଓପାର୍ଡ ପ୍ରିଣ୍ଟ ଥିବା ଫୁଟ୍‌ୱେର ପିନ୍ଧନ୍ତୁ। ବେଲିଜ୍‌ରେ ଏହି ପ୍ରିଣ୍ଟ ଖୁବ୍ ସହଜରେ ମିଳିଯାଉଛି।
- ଯଦି ଏହାକୁ ପିନ୍ଧିବାରେ ସଙ୍କୋଚ କରୁଥାନ୍ତି ତେବେ ଏହାକୁ ମିକ୍ସମ୍ୟାଚ୍ କରି ପିନ୍ଧିପାରିବେ। ଯେମିତିକି ପ୍ଲେନ୍ ଶାର୍ଟ ସହିତ ଲିଓପାର୍ଡ ପ୍ରିଣ୍ଟର ଟ୍ରାଉଜର। ଆଜିକାଲି ଲିଓପାର୍ଡ ସ୍କାର୍ଫ ଓ ଷ୍ଟୋଲ୍‌ର ବହୁଳ ପ୍ରଚଳନ ହେଉଛି।
- ନିଜ କୋର୍ଟକୁ ଲିଓପାର୍ଡ ପ୍ରିଣ୍ଟ ପ୍ୟାଣ୍ଟ ସହିତ ପିନ୍ଧନ୍ତୁ। ଏହାସହିତ ସ୍ନିକର୍ସ ପିନ୍ଧନ୍ତୁ। ଶୀତଦିନେ ଲିଓପାର୍ଡ ଶ୍ରଗ ବି ଆପଣ ପିନ୍ଧିପାରିବେ।
- ଏବେ ଏହି ପ୍ରିଣ୍ଟର ଝଲକ ଜୁଏଲେରିରେ ଦେଖିବାକୁ ମିଳୁଛି।

# ଅତିଥି

**କଥାରେ ଅଛି–'ଅତିଥି ଦେବୋ ଭବ', ଅର୍ଥାତ୍ ସେମାନେ ଦେବତା ସମାନ। ତେଣୁ ସେମାନେ ଘରକୁ ଆସିଲେ ଭଲଭାବେ କିପରି ଚର୍ଚ୍ଚା କରିବେ ସେ ସମ୍ପର୍କରେ...**

କୌଣସି ପର୍ବପର୍ବାଣି ହେଉ ଅବା କେତେକ କାରଣରୁ ବନ୍ଧୁବାନ୍ଧବ ଘରକୁ ଯିବା କିମ୍ବା ସେମାନେ ଆପଣଙ୍କ ଘରକୁ ଆସିବା ଏକ ସାଧାରଣ କଥା। ହେଲେ ଅତିଥିଙ୍କୁ ଠିକ୍ ଭାବେ ଟ୍ରିଟ୍ କଲେ ତାହା ଆପଣଙ୍କୁ ପ୍ରଶଂସାର ପାତ୍ର କରାଇଥାଏ। କଥାରେ ଅଛି–'ଅତିଥି ଦେବୋ ଭବ', ଅର୍ଥାତ୍ ସେମାନେ ଦେବତା ସମାନ। ତେଣୁ ସେମାନଙ୍କୁ ଭଲଭାବେ କିପରି ଚର୍ଚ୍ଚା କରିବେ ଏବଂ ସେ ସମୟରେ କେଉଁ ଦିଗ ପ୍ରତି ବିଶେଷ ଦୃଷ୍ଟି ଦିଆଯିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

**କାହା ଘରକୁ ଯିବା ପୂର୍ବରୁ ସୂଚନା ଅବଶ୍ୟ କରନ୍ତୁ**

ଆଜିର ସମୟରେ ସମସ୍ତେ ପ୍ରାୟ ନିଜ ନିଜ କାମରେ ବ୍ୟସ୍ତ। ଏମିତି ବିନା ପ୍ରାକ୍ ସୂଚନାରେ କାହା ଘରେ ପହଞ୍ଚିବା କେତେଦୂର ଠିକ୍, ତାହା ପ୍ରଥମେ ତର୍ଜମା କରିବା ଦରକାର। ତେଣୁ ଯଦି ଆପଣ କାହା ଘରକୁ ଯାଉଛନ୍ତି ତାଙ୍କୁ ସୂଚିତ କରି ଯାଆନ୍ତୁ। ସବୁବେଳେ ଆଗୁଆ ସୂଚନା ଦେଇ ପହଞ୍ଚନ୍ତୁ। ଫଳରେ ସେମାନେ ଆପଣଙ୍କ ଯିବା ପୂର୍ବରୁ ନିଜକୁ ଫ୍ରି ରଖି ସ୍ୱାଗତ ଲାଗି ପ୍ରସ୍ତୁତ ହୋଇପାରିବେ।







**ପହଞ୍ଚିବାର ସମୟ କୁହନ୍ତୁ :** ଯାହା ଘରକୁ ଆମନ୍ତ୍ରିତ ହୋଇ ଯାଉଛନ୍ତି ତାଙ୍କୁ ଆସିବାର ଉପଯୁକ୍ତ ସମୟ କୁହନ୍ତୁ। ଆମନ୍ତ୍ରିତ କରିଥିବା ବନ୍ଧୁଙ୍କ ମୋବାଇଲ ନମ୍ବର ପାଖରେ ରଖନ୍ତୁ। ଯଦି ଆପଣ କେଉଁଠି ବାଟବାଉଳା ହେଲେ ତେବେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ ରଖନ୍ତୁ।

**ଯାହା ଘରକୁ ଯାଉଛନ୍ତି କିଛି ଗିଫ୍ଟ ନେଇ ଯା'ନ୍ତୁ**

ଖାଲିହାତରେ କାହା ଘରକୁ ଯିବା ଶାଳୀନତାର ପରିଚୟ ଦିଏନା। ଯାହା ଘରକୁ ଯାଉଛନ୍ତି କିଛି ଗିଫ୍ଟ ନେଇ ଯା'ନ୍ତୁ। ଯଦି ତାଙ୍କ ଘରେ ପିଲା ଅଛନ୍ତି, ତେବେ ତାଙ୍କ ଲାଗି ବିସ୍କୁଟ୍, ମିକ୍ସଚର, ଯଦି ସମବୟସ୍କ ଘରକୁ ଯାଉଛନ୍ତି ତେବେ ତାଙ୍କ ଲାଗି ଫୁଲତୋଡ଼ା ଏବଂ ଯଦି ସେଠାରେ ବୟସ୍କ ବ୍ୟକ୍ତି ଅଛନ୍ତି ତେବେ ତାଙ୍କ ଲାଗି ଫ୍ରୁଟ୍ସ, ମିଠା ଆଦି ନେଇପାରିବେ। ଉଦାହରଣ ସ୍ୱରୂପ ଆପଣଙ୍କୁ ଗୃହ ପ୍ରବେଶ ଲାଗି ଆମନ୍ତ୍ରିତ କରାଯାଇଛି, ତେବେ ସେଥିଲାଗି ଘର ସାଜସଜ୍ଜାର କୌଣସି ଜିନିଷ ତାଙ୍କୁ ଦେଇପାରିବେ। ବିବାହ ବାର୍ଷିକୀ ଥିଲେ ତାଙ୍କ ପସନ୍ଦ ଅନୁଯାୟୀ ପର୍‌ଫ୍ୟୁମ୍ ନେଇପାରିବେ କିମ୍ବା ପିଲାର ଜନ୍ମଦିନ ଥିଲେ ତା' ଲାଗି ଖେଳନା କିମ୍ବା ପାଠ୍ୟପୁସ୍ତକ ମଧ୍ୟ ନେଇପାରିବେ।

**କଥାବାର୍ତ୍ତା ହୁଅନ୍ତୁ**

କାହା ଘରକୁ ଯାଉଥିଲେ କେବଳ ଦେଖା କରିବାର ଅଛି ବୋଲି ନୁହେଁ, ତାଙ୍କ ସହିତ କଥାବାର୍ତ୍ତା ହୁଅନ୍ତୁ। ଘରେ ଭାବିକି ଯା'ନ୍ତୁ ଯେ କ'ଣ ସେଠାରେ କଥାହେବେ। କିଛି ଏମିତି ବିଷୟ ଚୟନ କରନ୍ତୁ, ଯେଉଁଥିରେ ସମସ୍ତେ ନିଜକୁ ଜଡ଼ିତ ରଖି ସେ ସମୟର ମଜା ନେଇପାରିବେ। ସେଠାରେ ଏପରି ବିଷୟ ଆଲୋଚନା କରନ୍ତୁ ନାହିଁ, ଯାହାଦ୍ୱାରା କଥା ଯୁକ୍ତିତର୍କ ସ୍ତରରେ ପହଞ୍ଚିବ। ଆପଣଙ୍କର କୌଣସି ଅନୁଭୂତି ସମ୍ପର୍କରେ କିମ୍ବା ଆଉ କେବେ ଭେଟ ହେବ ସେ ବିଷୟରେ କଥାବାର୍ତ୍ତା ହୁଅନ୍ତୁ।

**ସମସ୍ତଙ୍କ ସହ ମିଶନ୍ତୁ :** ଆପଣ ଅନ୍ୟ ଲୋକଙ୍କ ସହ ପରିଚିତ ହୋଇ ନ ଥିବେ, କିନ୍ତୁ ହେଲେ ବି ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ। ହୋଇପାରେ ଆପଣ କ'ଣ କଥାହେବେ, ଯାହାଙ୍କୁ କେବେ ଭେଟିନାହାନ୍ତି କି କଥା ହୋଇନାହାନ୍ତି। ସେପରି ସ୍ଥିତିର ଅନ୍ୟ ଲୋକଙ୍କୁ ପ୍ରଥମେ କହିବାର ସୁଯୋଗ ଦିଅନ୍ତୁ, ଆପଣ କେବଳ ଶୁଣନ୍ତୁ। ଧୀରେ ଧୀରେ ସମସ୍ତଙ୍କ ସହ କଥାବାର୍ତ୍ତା କରନ୍ତୁ, ଯାହାଦ୍ୱାରା ନିଜର ବ୍ୟକ୍ତିତ୍ୱ ଆହୁରି ପ୍ରଶଂସିତ ହେବ।

**ଫର୍ମାଲ ଡିନର :** ଯଦି ଆପଣ ଫର୍ମାଲ ଡିନରରେ ଯାଉଛନ୍ତି ତେବେ ଟେବୁଲ୍ ମ୍ୟାନର ଶିଖିବା ବୁଦ୍ଧିମାନର କାମ। କଟଲେରିର ଉପଯୋଗ ଆସୁଥିବା ଅତିଥିଙ୍କ ପାଇଁ ସମ୍ମାନର ପ୍ରତୀକ ହୋଇପାରିବ।

**ଧନ୍ୟବାଦ ଅର୍ପଣ କରନ୍ତୁ**

ବିଦାୟ ନେବା ପୂର୍ବରୁ ଯିଏ ଆପଣଙ୍କୁ ଆମନ୍ତ୍ରିତ କରିଥା'ନ୍ତି ତାଙ୍କୁ ଧନ୍ୟବାଦ ଜଣାନ୍ତୁ। ତାଙ୍କ ଆତିଥ୍ୟର ମନଖୋଲି ପ୍ରଶଂସା କରନ୍ତୁ। ଘରର ସାଜସଜ୍ଜା, ପୋଷାକ, ପରଷା ହୋଇଥିବା ଖାଦ୍ୟ ଆଦିକୁ ପ୍ରଶଂସା କରିବାକୁ ଭୁଲନ୍ତୁ ନାହିଁ। ଏମିତି କି ଘରର ଡିଜାଇନ୍‌କୁ ମଧ୍ୟ।

**ଶେଷରେ....**

ଯଦି ସେଠାରେ ଜାଣତରେ ହେଉ ଅବା ଅଜାଣତରେ ଆପଣ କୌଣସି ଭୁଲ କରିଦେଇଛନ୍ତି ତେବେ ସେଥିପାଇଁ 'ସରି' କହିବାକୁ ଭୁଲନ୍ତୁ ନାହିଁ। ଅଯଥା ଆଲୋଚନା କରି ନିଜକୁ ସମାଲୋଚିତ କରିବା ଠିକ୍ ନୁହେଁ। ଆଚାର ବ୍ୟବହାର, କଥାବାର୍ତ୍ତା ଶୈଳୀରେ ନିଜକୁ ସଚେତନ ରଖନ୍ତୁ।

## ଏମାନେ କ'ଣ କରନ୍ତି



ମନ୍ଦାକିନୀ

**ସୂଚିତ କରି ଯାଆନ୍ତୁ :**
(ମନ୍ଦାକିନୀ ଦାସ,ଚୌଦ୍ୱାର,କଟକ)

ଆମର ଯଦି କାହା ଘରକୁ ଯିବାର ପ୍ଲାନିଂ ହୁଏ ତାଙ୍କୁ ଆଗରୁ ଏ ବିଷୟରେ ସୂଚନା ଦିଏ। ଫଳରେ ସେମାନେ ଆମ ପାଇଁ ନିର୍ଦ୍ଦିଷ୍ଟ ଦିନ ସମୟ ଦେଇ ପାରିବେ। ଆଜିକାଲି ବିଜି ସିଡ୍ୟୁଲ୍ ଭିତରେ ହଠାତ୍ କାହାକୁ କିଛି ନ କହି ଘରକୁ ଯିବା ପୂର୍ବରୁ ତାଙ୍କୁ ଏ ନେଇ ଜଣେଇ ଦେବା ଭଲ। ଅର୍ଥାତ୍ ଏଥିଲାଗି କାହା ଘରକୁ ଯିବା ପୂର୍ବରୁ ତାଙ୍କୁ ଇନ୍‌ଫରମେଶନ୍ ଦେବା ଆବଶ୍ୟକ।



ସମିତାଞ୍ଜଳି

**ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ :**
(ସମିତାଞ୍ଜଳି ବେଜ୍, କର୍ମଜୀବୀ,ଭାନରପୁର, ବାରିଗାଁ,କେଉଁଝର)

ଅତିଥି ହୋଇ ଯଦି କାହା ଘରକୁ ଯିବାର ଅଛି ପ୍ରଥମେ ଦେଖନ୍ତୁ ଯେ ଆପଣ କେଉଁ ଅକେଜନ୍ ପାଇଁ ନିମନ୍ତ୍ରିତ ହୋଇଛନ୍ତି । ସେହି ଅନୁଯାୟୀ କିଛି ଗିଫ୍ଟ ନେଇ ତାଙ୍କ ଘରକୁ ଯିବା ଆବଶ୍ୟକ। ଘରେ ଯଦି ଛୋଟ ପିଲା ଅଛନ୍ତି ତାଙ୍କ ଲାଗି ଚକୋଲେଟ୍ ଏବଂ ବୟସ୍କ ବ୍ୟକ୍ତି ଥିଲେ ତାଙ୍କ ପାଇଁ ଫ୍ରୁଟ୍ସ ନେଇ ଗଲେ ଭଲ। ତାଙ୍କ ଘରେ ପହଞ୍ଚିବା ପରେ ସମସ୍ତଙ୍କ ସହ ମିଶି କଥାବାର୍ତ୍ତା ହୁଅନ୍ତୁ , ଯେପରି ତାଙ୍କୁ ନ ଲାଗୁ ଆପଣ ଅନ୍‌କମ୍ଫେଟେବୁଲ୍ ଫିଲ୍ କରୁଛନ୍ତି।

# ମସଲାକୁ କିପରି ରଖିବେ ସତେଜ

**ଭାରତୀୟ ଖାଦ୍ୟରେ ମସଲାର ମହତ୍ତ୍ୱ ରହିଛି। ଏକା ସଙ୍ଗେ ସବୁ ମସଲା ଯଦି ଖୋଲା ରହେ ତାହା ଖରାପ୍ ହେବାର ଆଶଙ୍କା ରହିଛି। ଏଥିଲାଗି କିଛି ଟିପ୍ସ ଦେଉଛୁ ଯାହା ଦ୍ୱାରା ଆପଣଙ୍କ ମସଲା ରହିବ ଫ୍ରେଶ । ସେ ସମ୍ପର୍କରେ ଟିପ୍ସ...**



- ମସଲାକୁ କେବଳ ଜାର୍‌ରେ ରଖିଲେ ଭଲ ରହିବ ତାହା ନୁହେଁ। ଡାର୍କ ଜାର୍‌ରେ ମସଲା ରଖିଲେ ତା ଭିତରକୁ ଲାଇଟ୍ ଏତେଟା ପ୍ରବେଶ କରିପାରେ ନାହିଁ। ଫଳରେ ଏହା ଏତେଟା ଖରାପ୍ ହୋଇ ନ ଥାଏ। ଏହା ବ୍ୟତୀତ ଭ୍ୟାକ୍ୟୁମ୍ ସିଲ୍ ଥିବା ପ୍ରିଣ୍ଟ ଜାର୍‌ରେ ମସଲା ରଖିବା ଦ୍ୱାରା ମସଲା ସତେଜ ରହିଥାଏ। ମସଲାକୁ ଆଲୋକ ନ ପଡୁଥିବା ସ୍ଥାନରେ ରଖନ୍ତୁ।
- ଫ୍ରିଜ୍‌ରେ ଆପଣ ଯେକୌଣସି ଜିନିଷ ରଖୁଛନ୍ତି ତାହା ଖରାପ୍ ହୁଏ ନାହିଁ। ଏହାକୁ ଆପଣ କେତେଦିନ ପର୍ଯ୍ୟନ୍ତ ବ୍ୟବହାର କରିପାରନ୍ତି। କିନ୍ତୁ ମସଲାକୁ କେବେ ହେଲେ ଫ୍ରିଜ୍‌ରେ ରଖନ୍ତୁ ନାହିଁ। ମସଲା ଫ୍ରିଜ୍‌ରେ ରଖିବା ଦ୍ୱାରା ଏହାର ଫ୍ଲେଭର ନଷ୍ଟ ହୋଇଯାଏ। ଆପଣ ଏହାକୁ ଏୟାର ଲକ୍ କଣ୍ଟେନରରେ ପୂରାଇ ରଖନ୍ତୁ।
- ଗୋଟା ମସଲା ଜଲ୍‌ଦି ଖରାପ୍ ହୁଏନାହିଁ। ଏଥିପାଇଁ ଗୋଟା ମସଲାକୁ ଭଲ କରି ଷ୍ଟୋର କରି ରଖନ୍ତୁ। ନିଜ ଆବଶ୍ୟକତା ଅନୁସାରେ ଏହାକୁ ଅଳ୍ପ ଅଳ୍ପ ଗ୍ରାଇଣ୍ଡ କରି ରଖନ୍ତୁ।
- ଆର୍ଦ୍ର ତାପମାତ୍ରାରେ ମସଲା ଖରାପ୍ ହେବାର ଆଶଙ୍କା ଅଧିକ। ଏଥିପାଇଁ ମସଲାକୁ ରଖିବା ସ୍ଥାନ ଯେପରି ଶୁଖିଲା ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଏହା ଓଦାଳିଆ ସ୍ଥାନରେ ରଖୁଛନ୍ତି ଏହା ଜଲ୍‌ଦି ନଷ୍ଟ ହୋଇଯିବ।
- ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ଆପଣ ମସଲାକୁ ବ୍ୟବହାର କରିଥାନ୍ତି। ମସଲାରେ ଓଦା ଚାମଚ୍ ବ୍ୟବହାର କରନ୍ତୁ ନାହିଁ। ଯଦି ମସଲା ଓଦାଳିଆ ଲାଗୁଛି ତେବେ ଏହାକୁ ଖରାରେ ସିଧାସଳଖ ନ ଶୁଖାଇ ତା'ଉପରେ ଏକ କପଡା ପକାଇ ଶୁଖାନ୍ତୁ।

ଖାଦ୍ୟ ରୁଚି

# ହାଣ୍ଡି ପନିର



**ଆବଶ୍ୟକ ସାମଗ୍ରୀ:** ପନିର ୨୦୦ଗ୍ରାମ୍, ଘଷା ହୋଇଥିବା ଅଦା ଅଳ୍ପ, ହଳଦୀ ଅଧା ଚାମଚ, ଲାଲ୍ ଲଙ୍କାଗୁଣ୍ଡ ଅଧାଚାମଚ, ଗରମ ମସଲା ଅଧା ଛୋଟ ଚାମଚ, ଟମାଟୋ ଦୁଇଟି, ଗୋଲମରିଚ ଗୁଣ୍ଡ ଅଳ୍ପ ପରିମାଣର, ଛୋଟ ଆକାରରେ କଟା ହୋଇଥିବା ତିନୋଟି ପିଆଜ, ଦହି ଅଧା ଚାମଚ, ପାଣି ଅଧା କପ୍, ତେଲ ଆବଶ୍ୟକ ଅନୁସାରେ ଏବଂ ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ହାଣ୍ଡି ନିଅନ୍ତୁ। ତାକୁ ଗ୍ୟାସ୍ ଚୁଲାରେ ବସାଇ ଗରମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହା ଗରମ ହୋଇଗଲା ପରେ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ ସେଥିରେ କଟା ପିଆଜ ପକାନ୍ତୁ। ଏହାପରେ ଅଦା, ହଳଦୀ ପାଉଡର, ଲଙ୍କାଗୁଣ୍ଡ, ଗରମ ମସଲା ପକାନ୍ତୁ। ଅଳ୍ପ କଷି ହୋଇଗଲା ପରେ ସେଥିରେ ଟମାଟୋ ଓ କଞ୍ଚାଲଙ୍କା ପକାନ୍ତୁ। ଏହାପରେ ଦହି ପକାନ୍ତୁ। ଯେପର୍ଯ୍ୟନ୍ତ ସେଥିରୁ ପାଣି ନ ମରିଛି ସେପର୍ଯ୍ୟନ୍ତ ଗ୍ୟାସ୍ ଚଲାଉଥାନ୍ତୁ। ପାଣି ମରିଗଲେ ସେଥିରେ ଲୁଣ ଓ ପାଣି ଦେଇ ଫୁଟିବା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏବେ ପନିରକୁ ଏଥିରେ ପକାଇ ଦିଅନ୍ତୁ। ଏହାପରେ ଧନିଆପତ୍ର ପକାନ୍ତୁ। ଶେଷରେ ଗୋଲମରିଚ ଗୁଣ୍ଡ ପକାଇ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏବେ ଆପଣଙ୍କ ହାଣ୍ଡି ପନିର ପ୍ରସ୍ତୁତ ହୋଇଗଲା।



" ୨୦୨୪ ସୁଦ୍ଧା ରେଲୱେ ଶତପ୍ରତିଶତ ବିଦ୍ୟୁତ୍‌ରେ ପରିଚାଳିତ ହେବା।

– ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ



" ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପ ବର୍ତ୍ତମାନ ଚାପରେ ରହିଛି। ଏହାର ସହାୟତା ଲାଗି ସରକାର ସ୍ଥିତିରେ ନାହାନ୍ତି।

–ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ

# ୯୦,୩୯୪ କୋଟି ଋଣ ପ୍ରଦାନର ସମ୍ଭାବନା

ଭୁବନେଶ୍ୱର,୨୭-୧:




## ୨୦୨୦-୨୧ ଲାଗି ନାବାର୍ଡର ଫୋକସ ପେପର

- ଆନୁଷଙ୍ଗିକ କ୍ଷେତ୍ରକୁ ଟର୍ମ ଋଣ ଯୋଗାଣର ଆବଶ୍ୟକତା: ଅର୍ଥମନ୍ତ୍ରୀ ପୂଜାରୀ

୨୦୨୦-୨୧ ବର୍ଷ ଲାଗି ରାଜ୍ୟର ଅଗ୍ରାଧିକାର କ୍ଷେତ୍ରଗୁଡିକୁ ପ୍ରାୟ ୯୦,୩୯୫ କୋଟି ଟଙ୍କାର ଋଣ ଯୋଗାଣ ନେଇ ସମ୍ଭାବନା ରହିଛି। ବ୍ୟାଙ୍କଗୁଡିକ ଏ ଦିଗରେ ନିଜର ଯୋଗଦାନ ରଖିପାରିବେ। ଜାତୀୟ କୃଷି ତଥା ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଏଠାରେ ଅନୁଷ୍ଠିତ ରାଜ୍ୟ କ୍ରେଡିଟ୍ ସେମିନାର ୨୦୨୦-୨୧ ଅବସରରେ ପ୍ରକାଶିତ ଫୋକସ ପେପରରେ ଏହା ଉଲ୍ଲେଖ କରାଯାଇଛି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପଶୁପାଳନ,କୁକୁଡା ପାଳନ, ମାଛ ଚାଷ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ କ୍ଷେତ୍ରଗୁଡିକୁ କୃଷି ଟର୍ମ ଋଣ ଫାଇନାନ୍ସ ପ୍ରଦାନ ଦିଗରେ ବ୍ୟାଙ୍କଗୁଡିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଏଠାରେ ମତ ରଖିଛନ୍ତି।

ସେ କହିଛନ୍ତି ଯେ, ଏହା ଦ୍ୱାରା କୃଷକଙ୍କ ଆୟ ବଢାଇବା ଏବଂ ନୂଆ ସମ୍ପତ୍ତି ସୃଷ୍ଟିରେ ସହାୟକ ହେବ। ବ୍ୟାଙ୍କିଙ୍ଗ ସେବା ପହଞ୍ଚି ନଥିବା ସ୍ଥାନଗୁଡିକୁ ପହଞ୍ଚିବା ଲାଗି ସେ ବ୍ୟାଙ୍କଗୁଡିକୁ ଆହ୍ୱାନ ଜଣାଇଛନ୍ତି। ଏହା ହେଲେ ରାଜ୍ୟ ସରକାର ହାତକୁ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ସହଯୋଗ ବଢିବ। ସେହିଭଳି ଡିଜିଟାଲ ବ୍ୟାଙ୍କିଙ୍ଗ ଲାଗି ଏହା ପଥ ଉନ୍ମୁକ୍ତ କରିବ। ଦେଶର ଏକ ପ୍ରମୁଖ ରାଜ୍ୟ ଭାବେ ଓଡିଶାକୁ ଗଢି ତୋଳିବା ଲାଗି ସେ ସମସ୍ତ ଅଂଶୀଦାରଙ୍କ ସହାୟତା ଏହି ଅବସରରେ ଲୋଡିଥିଲେ।

ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କେ.କେ. ମୀନା କହିଛନ୍ତି ଯେ, ବ୍ୟାଙ୍କଗୁଡିକ ଏଫ୍‌ପିଓ ଏବଂ ଜେଏଲ୍‌ଜି ଫାଇନାନ୍ସିଂ ଉପରେ ଫୋକସ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି। ଗ୍ରାମାଞ୍ଚଳକୁ ଋଣ ଯୋଗାଣ ଧାରା ଉନ୍ନତ କରିବା ଦିଗରେ ବ୍ୟାଙ୍କିଙ୍ଗ ଶିଳ୍ପ ସହ ସରକାର ମିଳିତ ହୋଇ କାମ କରିବେ ବୋଲି ସେ ମତ ଦେଇଛନ୍ତି।କାର୍ଯ୍ୟକ୍ରମରେ ଆର୍‌ବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ.ମଲ୍ଲ, ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର, ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ଏସ୍‌ଏଲବିସି ଜିଏମ୍ ଏବଂ ଆବାହକ ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ୟୁସିଇର ନୂଆ ଇ-ଯାନ ବଜାରରେ

ଭୁବନେଶ୍ୱର,୨୭-୧

ଇ-ଭେଇକିଲ ମାନୁଫାକଚରିଂ କମ୍ପାନୀ ଉଷା କମ୍ୟୁନିକେଶନ ଆଣ୍ଡ ଏଣ୍ଟରପ୍ରାଇଜେସ ପକ୍ଷରୁ ୟୁସିଇ ଇ- ଭେଇକିଲର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୟୁସିଇ ଇ ଭି ଏମ୍ ପ୍ରାଇଭେଟ ଲିମିଟେଡର ଏକ ୟୁନିଟ କମ୍ପାନୀ ହୋଇଥିବା ବେଳେ ୨୦୧୪ରେ ସ୍ଥାପନ କରାଯାଇଛି। ଇ-ରିକ୍ସା, ଇ-ଅଟୋ, ଇ-ଲୋଡର, ଇ-ସ୍କୁଟର, ଇ-ବାଇକ ଉତ୍ପାଦନ, ଯୋଗାଣ ଏବଂ ହୋଲସେଲିଂ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି। ଟେକ୍ନୋଲୋଜି କମ୍ପୋନେଣ୍ଟ ଦ୍ୱାରା ଇ-ଯାନର ବିଭିନ୍ନ ପ୍ରଡକ୍ଟ ଏହା ପ୍ରସ୍ତୁତ କରୁଛି। ଏଗୁଡିକ ଆଇସିଏଟି ଏବଂ ଏଆର୍‌ଏଆଇ ଦ୍ୱାରା ଅନୁମୋଦନ ଲାଭ କରିଛି। ରାଜ୍ୟରେ ଏହା ୨୪ ଡିଲର ଏବଂ ସବ୍‌ଡିଲର ସହ କାର୍ଯ୍ୟ କରୁଛି। ଭୁବନେଶ୍ୱର କଟକ, ପୁରୀ, କେଉଁଝର, ନୟାଗଡ ଭଳି ସହରଗୁଡିକରେ ସ୍ମାର୍ଟ ବାଇକ, ସ୍କୁଟର , ମଲ୍ଟି ୟୁଟିଲିଟି ୩ ଚକିଆ ଯାନ ଏହି କମ୍ପାନୀ ବଜାରକୁ ଛାଡିଛି। ବ୍ୟାଟେରୀ ଚାଳିତ ଏହି ଯାନଗୁଡିକ ପରିବେଶ ଉପଯୋଗୀ ହୋଇଥିବାବେଳେ ଏହା ଦ୍ୱାରା ଗ୍ରାହକ ସଞ୍ଚୟ ଏବଂ ଶକ୍ତି ସଂରକ୍ଷଣ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଯୁବବର୍ଗଙ୍କୁ ସୁହାଇଲା ଭଳି ଡିଜାଇନ ଏବଂ ଷ୍ଟାଇଲ ଆଧାରରେ ନୂଆ ମଡେଲ ପ୍ରସ୍ତୁତ କରାଯାଇଥିବା ୟୁସିଇ ଅଧ୍ୟକ୍ଷ ରାଜନ ସୈନି କହିଛନ୍ତି।




## ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସଜବାଜ

ନୂଆଦିଲ୍ଲୀ,୨୭-୧

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଘରୋଇକରଣ ଲାଗି ସରକାର ପ୍ରଥମଥର ପ୍ରଚେଷ୍ଟାରେ ବିଫଳ ହେବା ପରେ ପୁଣି ଥରେ ଏନେଇ ମନ ବଳାଇଛନ୍ତି। ଏଥିଲାଗି ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଦୁଇ ବର୍ଷ ମଧ୍ୟରେ ସରକାର ଦ୍ୱିତୀୟ ଥର ଏହି ବିମାନ କମ୍ପାନୀକୁ ଘରୋଇକରଣ କରିବା ଲାଗି ପ୍ରୟାସ କରିଛନ୍ତି। ଏୟାର ଇଣ୍ଡିଆ, ଏୟାର ଇଣ୍ଡିଆ ଏକ୍ସପ୍ରେସରେ ସରକାର ୧୦୦% ଅଂଶଧନ ବିକ୍ରି କରିବେ। ସେହିଭଳି ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ଯୁଗ୍ମ କମ୍ପାନୀ ଏଆଇ-ସ୍ୟାଟ୍‌ସରେ ଥିବା ସରକାରଙ୍କ ୫୦% ଅଂଶଧନ ବିକ୍ରି କରାଯିବ। ଏଥି ଲାଗି ବିଡିଂ ପ୍ରକ୍ରିୟାରେ ସାମିଲ ହେବାକୁ ଇଚ୍ଛୁକ ଥିବା ପକ୍ଷ ୨୦୨୦ ମାର୍ଚ୍ଚ ସୁଦ୍ଧା ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଜାରି କରିବେ। କେଉଁ ବିଡରମାନେ ସଫଳ ହେଲେ ତାର ଏକ ତାଲିକା ମାର୍ଚ୍ଚ ୩୧ ସୁଦ୍ଧା ଜାରି କରାଯିବ। ଏହି ତାରିଖରେ ପରିବର୍ତ୍ତନ କରାଯାଇପାରେ ବୋଲି ପ୍ରାରମ୍ଭିକ ସୂଚନା ପତ୍ରରେ ଉଲ୍ଲେଖ ରହିଛି। ପୂର୍ବଥର ଅଂଶଧନ ବିକ୍ରିକୁ ସରକାରଙ୍କୁ ସଫଳତା ମିଳି ନ ଥିଲା। ଏୟାର ଇଣ୍ଡିଆର ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍, ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସେସ, ଏୟାର ଲାଇନ ଏଲାଏଡ ସର୍ଭିସେସ ଏବଂ ଭାରତ ହୋଟେଲରେ ଅଂଶଧନ ରହିଛି। ଏହି ସବୁ କମ୍ପାନୀଗୁଡିକରେ ଥିବା ସରକାରଙ୍କ ଅଂଶଧନକୁ ଅନ୍ୟ ଏକ କମ୍ପାନୀ ଏୟାର ଇଣ୍ଡିଆ ଆସେଟ ହୋଲ୍ଡିଂ ଲିମିଟେଡକୁ ହସ୍ତାନ୍ତର କରି ଦିଆଯିବ।

## ସାଧାରଣତନ୍ତ୍ର ଦିବସ



**କାନାରା ବ୍ୟାଙ୍କ:** କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ଏହି ଅବସରରେ ପତାକା ଉତ୍ତୋଳନ କରିଥିଲେ। ରାଷ୍ଟ୍ରର ବିକାଶ ନିମନ୍ତେ ଯୋଗଦାନ ରଖିବା ଲାଗି ସେ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଥିଲେ। ଉପମହାପ୍ରବନ୍ଧକ ଯୋଗିନ୍ଦର ସିଂ ଘଣଘସ ଙ୍କ ସମେତ ସର୍କଲ କାର୍ଯ୍ୟାଳୟ , ସ୍ଥାନୀୟ ଶାଖାଗୁଡିକର କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।



**ପୂର୍ବତଟ ରେଳପଥ:** ପୂର୍ବତଟ ରେଳପଥ ପକ୍ଷରୁ ସ୍ଥାନୀୟ ରେଳପଥ ଷ୍ଟାଡିୟମଠାରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମହାପ୍ରବନ୍ଧକ ବିଦ୍ୟାଭୂଷଣ ପତାକା ଉତ୍ତୋଳନ କରିଥିଲେ। ରେଳପଥ କର୍ମଚାରୀମାନଙ୍କ ନିଷ୍ଠାପର ସେବା, ରେଳପଥର କାର୍ଯ୍ୟଦକ୍ଷତା ସହ ଯାତ୍ରୀ ସୁବିଧା, ନିରାପତ୍ତା, ରେଳ ଭିତ୍ତିଭୂମି ବିକାଶ, ଡିଜିଟାଲ ସେବା ଏବଂ ମାନବ ସମ୍ବଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ବିଭାଗୀୟ ପ୍ରମୁଖ ଅଧିକାରୀ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



**କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ:** କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହାର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଚିତ୍ତରଞ୍ଜନ ମିଶ୍ରଙ୍କ ଉପସ୍ଥିତିରେ ପ୍ରଫେସର ସାମସନ ମହାରଣା ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସାମ୍ବିଧାନିକ ନୀତି ନିୟମ ଅବଲମ୍ବନ କରି ଜୀବନ ପଥରେ ଆଗକୁ ପାଦ ବଢାଇବା ଦିଗରେ ମହାରଣା ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପଠାଣି ସୁନ୍ଦର ମାନସିଂହ, ଉପାଧ୍ୟକ୍ଷ ଡ.ରୁଦ୍ର ମୋହନ ନନ୍ଦ,ଅଧ୍ୟାପିକା,ଅଧ୍ୟାପକ ମଣ୍ଡଳୀ ଏବଂ ବିଦ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।


# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

Radhe Finance
ଆଣିଛନ୍ତି ସବୁ ପ୍ରକାର ଋଣ ଯେପରି:
• ପ୍ରପର୍ଟି ଋଣ
• ପର୍ସନାଲ ଋଣ
• କୃଷି ଋଣ
• ବ୍ୟବସାୟ ଋଣ
• ଗ୍ରୁପ୍ ଋଣ
2% ସୁଧ 40% ଛାଡ଼
ମହିଳାଙ୍କ ପାଇଁ ବିଶେଷ ରିହାତି।
9084917682
9557039782
Address: Ahmedabad

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲି8 ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7653848464
H.No. 12, Sohana Distt. Mohali

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

See Color Display Classified on every Tuesday & Friday

CLASSIC FINANCE (Regd No -1125124)
No File Charge No Guarantor
Classic ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୪୮ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 30% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
9532571946
9455178069

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

DHARITRI Career appointment Every Wednesday and Saturday

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ – ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

REAL ESTATE SALE

GHARABARI
PLOT, 40 Ft Revenue Road access to Plot for Sale at Balianta, 4.5 km from Hanspal @ 550/- Sq. Ft., 2 BHK Flat at Hanspal @ 34 lakhs.
Contact No.: 9178500350

BUSINESS

ଗ୍ଲୋବାଲ ନେଟୱର୍କ କମ୍ପାନୀ
ଖାଲି ଜମି, ଚାଷ ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ୍ ନେଟୱର୍କ ସ୍ଥାପନ କରନ୍ତୁ।
ଅଗ୍ରିମ - 70,00,000/-, ଭଡ଼ା- 70,000/- ।
ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ ନେଟୱର୍କ ସ୍ଥାପନ। ମୋବାଇଲ, ବାଇକ୍ ଓ ମାସିକ 30,000ର ଅନ୍ୟାନ୍ୟ ସୁବିଧା।
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 8887184570

HEALTH CARE

ଔଷଧ ସବୁ ପ୍ରକାରର ପୁରାତନ ଓ ନୂତନ ରୋଗ ହୋମିଓ ପାଥିକ୍ (ଔଷଧ) ଦ୍ୱାରା ଆରୋଗ୍ୟ କରାଯାଏ।
ଯୋଗାଯୋଗ କରନ୍ତୁ
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ବୋଲିଂକୁ ସାମ୍ନା କରିବା କୌଶଳ ଆମକୁ ହାସଲ କରିବାକୁ ପଡ଼ିବ ।
–ଟିମ୍ ସିଫର୍ଟ, ନ୍ୟୁଜିଲାଣ୍ଡ ଉଇକେଟକିପର



“ ରିଷଭ ପନ୍ତ ହେଉଛନ୍ତି ଜଣେ ମ୍ୟାଚ ବିଜୟୀ ଉଇକେଟକିପର ବ୍ୟାଟ୍ସମ୍ୟାନ, ସେ ଶୀଘ୍ର ଭାରତୀୟ ଦଳକୁ ପ୍ରତ୍ୟାର୍ତ୍ତନ କରିବେ ।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ

## ସଂକ୍ଷେପରେ

### ଆହତ ସାଣ୍ଟାନା ଆଇଏସ୍ଏଲ୍‌ରୁ ବାଦ୍



**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ପଦାର୍ପଣ କରିଥିବା ଓଡ଼ିଶା ଏଫସିକୁ ଶକ୍ତ ଧକ୍କା ଲାଗିଛି। ଚଳିତ ସିଜନରେ ଚମତ୍କାର ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ଦଳକୁ ଫାଇଦାରେ ରଖି ଆସିଥିବା ତାରକା ଫରୱାର୍ଡ ଆଡ୍ରିଆନେ ସାଣ୍ଟାନା ବାମ ପାଦରେ ଆଘାତ ପାଇ ଲିଗ୍‌ର ଅବଶିଷ୍ଟ ମ୍ୟାଚ ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ସେ ୧୪ ମ୍ୟାଚରୁ ଦଳ ପକ୍ଷରୁ ସର୍ବାଧିକ ୯ଟି ଗୋଲ ଦେଇଛନ୍ତି। ଏଥିସହ ସେ ଟପ୍ ସ୍କୋରର ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କ୍ଲବ ପାଇଁ ସାଣ୍ଟାନା ସର୍ବଦା ଲଢ଼ୁଆ ମନୋଭାବ ପୋଷଣ କରି ଆସିଛନ୍ତି। ତାଙ୍କ ଗୋଲ ସ୍କୋରିଂ ଦକ୍ଷତା ଯୋଗୁ ଆମେ ଏବେ ଟପ୍-୪ରେ ରହିବାରେ ସକ୍ଷମ ହୋଇଛୁ ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଅନୁପସ୍ଥିତି ଅନୁଭବ ହେବ ବୋଲି ମୁଖ୍ୟ କୋଚ୍ ଜୋସେପ୍ ଗୋମ୍ବାଉ କହିଛନ୍ତି।

### ଆଇପିଏଲ୍: ମ୍ୟାଚ୍ ଟାଇମିଂ ଅପରିବର୍ତ୍ତିତ

**ନୂଆଦିଲ୍ଲୀ, ୨୭।୧ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରାତିରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ଆରମ୍ଭ ଟାଇମିଂରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ପୂର୍ବଭଳି ରାତି ମ୍ୟାଚ୍ ୮ଟାରେ ଆରମ୍ଭ ହେବ। ସୋମବାର ଅନୁଷ୍ଠିତ ହୋଇଥିବା ଆଇପିଏଲ୍ ଗଭର୍ନିଂ କାଉନସିଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହି ନିଷ୍ପତ୍ତି ନେଇଛନ୍ତି। ଆଇପିଏଲ୍‌ର ଆଗାମୀ ସଂସ୍କରଣରେ ୫ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବା କାର୍ଯ୍ୟସୂଚୀ ରହିଛି। ସେହିଭଳି ଆଇପିଏଲ୍ ପୂର୍ବରୁ ଏକ ଚ୍ୟାରିଟେବୁଲ ମ୍ୟାଚ୍ ଆୟୋଜନ ପାଇଁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହି ଅଲ୍ ଷ୍ଟାର୍‌ସ ଗେମ୍ସ ବିଶ୍ୱର ଶ୍ରେଷ୍ଠ ଅନ୍ତର୍ଜାତୀୟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବ। ଚଳିତ ବର୍ଷ ଆଇପିଏଲ୍‌ର ଫାଇନାଲ ମୁମ୍ବାଇରେ କରିବା ପାଇଁ ବିସିସିଆଇ ସଭାପତି ଗାଙ୍ଗୁଲି ଶେଷରେ ନିଷ୍ପତ୍ତି ନେଇଛନ୍ତି।

# ଇଡେନ ପାର୍କରେ ଭାରତର ସହଜ ବିଜୟ

**ଅକ୍‌ଲାଣ୍ଡ, ୨୭।୧**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଲୋକେଶ ରାହୁଲଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ଚଳିତ ସିରିଜର ଦ୍ୱିତୀୟ ଟ୨୦ ମ୍ୟାଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳକୁ ୭ ଉଇକେଟରେ ହରାଇ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଅଗ୍ରଣୀଲାଭ କରିଛି ଟିମ୍ ଇଣ୍ଡିଆ। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୩୩ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୭.୩ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରିନେଇଥିଲା। ୫୦ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୫୭ ରନରେ ଅପରାଜିତ ଥିବା ଲୋକେଶ ରାହୁଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରନ ଚେଜ୍ ସମୟରେ ଓପନର ରୋହିତ ଶର୍ମା(୮) ଓ ଅଧିନାୟକ ବିରାଟ କୋହଲି(୧୧) ଶୀଘ୍ର ଆଉଟ ହୋଇ ଯାଇଥିଲେ ହେଁ ତୃତୀୟ ଉଇକେଟ ଯୋଡ଼ିରେ ରାହୁଲ ଓ ଶ୍ରେୟାସ ଆୟାରଙ୍କ ୮୬ ରନର ଭାଗୀଦାରି ଦଳର

## ଦ୍ୱିତୀୟ ଟି୨୦

ବିଜୟକୁ ସହଜ କରି ଦେଇଥିଲା। ଆୟାର ୩୩ ବଲ୍‌ରୁ ୪୪(୧ ଚୌକା, ୩ ଛକା) ରନର ମୂଲ୍ୟବାନ ଇନିଂସ ଖେଳିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନିଂ ଯୋଡ଼ିରେ ୩୬ ବଲ୍‌ରୁ ୪୮ ରନ ସଂଗ୍ରହ କରି ଭଲ ଆରମ୍ଭ କରିଥିଲେ ହେଁ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେଇ ଆସିଥିଲେ। ୨ ଓଭରରେ ୨୧ ରନ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ଓପନିଂ ଯୋଡ଼ି ଭାଙ୍ଗି ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ ଶାର୍ଦ୍ଦୁଳ ଠାକୁର। ମାତ୍ର ୨୦ ବଲ୍‌ରୁ ୩୩(୪ ଚୌକା, ୨ ଛକା) ରନ କରି ବିପଜ୍ଜନକ ହୋଇ ଆସୁଥିବା ମାର୍ଟିନ ଗୁପ୍‌ଟିଲଙ୍କୁ ଆଉଟ କରି ଭାରତ ପାଇଁ ବଡ଼ ସଫଳତା ଆଣିଥିଲେ ଶାର୍ଦ୍ଦୁଳ। ସେଟ୍ ହୋଇ ସାରିଥିବା ଅନ୍ୟତମ ଓପନର କଲିନ୍ ମୁନ୍‌ରୋ(୨୬ ରନ, ୨୫ ବଲ, ୨ ଚୌକା, ୧ ଛକା)ଙ୍କୁ ଶିବମ୍ ଦୁବେ ପ୍ୟାଭିଲିୟନ ଫେରାଇବାପରେ ନ୍ୟୁଜିଲାଣ୍ଡ ରନ ହାରରେ ଅଙ୍କୁଶ ଲାଗିଥିଲା। ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇ ନ ଥିଲେ। ଅଧିନାୟକ କେନ୍ ୱିଲିୟମସନ, କଲିନ ଡି ଗ୍ରାଣ୍ଡହୋମ୍ ଓ ରସ୍ ଟେଲର ଫେଲ୍ ମାରିଥିବାବେଳେ ଉଇକେଟ କିପର ଟିମ୍ ସିଫର୍ଟଙ୍କ ଦ୍ରୁତ ୩୩(୨୬ ବଲ, ୧ ଚୌକା, ୨ ଛକା) ରନ ସଂଗ୍ରହ ଯୋଗୁ ନ୍ୟୁଜିଲାଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଜାଡେଜା ସର୍ବାଧିକ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ ଏକ ଅପରକଟ୍ ଶଟ୍ ଖେଳୁଛନ୍ତି।

### ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍‌ଟିଲ–କ–କୋହଲି–ବୋ–ଠାକୁର–୩୩
ମୁନ୍‌ରୋ–କ–କୋହଲି–ବୋ–ଦୁବେ–୨୬
ୱିଲିୟମସନ–କ–ଚହଲ–ବୋ–ଜାଡେଜା–୧୪
ଗ୍ରାଣ୍ଡହୋମ–କ ଆଣ୍ଡ ବୋ–ଜାଡେଜା–୩
ଟେଲର–କ–ରୋହିତ–ବୋ–ବୁମ୍‌ରା–୧୮
ସିଫର୍ଟ–ନଟଆଉଟ–୩୩
ସାଣ୍ଟନର–ନଟଆଉଟ–୦
ଅତିରିକ୍ତ–୫
ମୋଟ(୫ ଉଇକେଟ, ୨୦ ଓଭର) ୧୩୨।
ଉଇକେଟ ପତନ: ୧/୪୮, ୨/୬୮, ୩/୭୪, ୪/୮୧, ୫/୧୨୫।
ବୋଲିଂ(ଭାରତ)
ଶାର୍ଦ୍ଦୁଳ ଠାକୁର ୨–୦–୨୧–୧
ମହମ୍ମଦ ସାମି ୪–୦–୨୨–୦
ଯଶପ୍ରୀତ ବୁମ୍‌ରା ୪–୦–୨୧–୧
ୟୁଜବେନ୍ଦ୍ର ଚହଲ ୪–୦–୩୩–୦
ଶିବମ୍ ଦୁବେ ୨–୦–୧୬–୧
ରବୀନ୍ଦ୍ର ଜାଡେଜା ୪–୦–୧୮–୨।

**ଭାରତ ଇନିଂସ**
ରୋହିତ–କ–ଟେଲର–ବୋ–ସୌଦୀ–୮
ରାହୁଲ–ନଟଆଉଟ–୫୭
କୋହଲି–କ–ସିଫର୍ଟ–ବୋ–ସୌଦୀ–୧୧
ଆୟାର–କ–ସୌଦୀ–ବୋ–ସୋଧି–୪୪
ଦୁବେ–ନଟଆଉଟ–୮
ଅତିରିକ୍ତ–୭
ମୋଟ(୩ ଉଇକେଟ, ୧୭.୩ ଓଭର) ୧୩୫
ଉଇକେଟ ପତନ: ୧/୮, ୨/୩୯, ୩/୧୨୫।
ବୋଲିଂ(ନ୍ୟୁଜିଲାଣ୍ଡ)
ଟିମ୍ ସୌଦୀ ୩.୩–୦–୨୦–୨
ହାମିଶ ବେନେଟ ୩–୦–୨୯–୦
ବ୍ଲେୟାର ଟିକ୍‌ନର ୩–୦–୩୪–୦
ସାଣ୍ଟନର ୪–୦–୧୯–୦
ସୋଧି ୪–୦–୩୩–୧

# କ୍ୱାର୍ଟରରେ ନାଡାଲ, ୱାୱରିଙ୍କା, ହାଲେପ୍

**ମେଲବୋର୍ନ, ୨୭।୧ (ଏଏଫ୍‌ପି):** ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ଅଷ୍ଟ୍ରେଲିଆନ୍ ଓପନ୍‌ର ୭ମ ଦିବସ ଖେଳରେ ବିଶ୍ୱର ଏକ ନମ୍ବର ଖେଳାଳି ରାଫାଲ, ନାଡାଲ, ଷ୍ଟାନ ୱାୱରିଙ୍କା, ଡୋମିନକ୍ ଥିମ, ଆଲେକଜାଣ୍ଡର ଜେଭରେଭ ନିଜ ନିଜର ୩ୟ ରାଉଣ୍ଡ ମ୍ୟାଚ୍ ଜିତି ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ମହିଳା ସିଙ୍ଗଲ୍ସରେ ରୋମାନିଆର ସିମୋନା ହାଲେପ୍, ସ୍ପେନର ଗାର୍ବିନ ମୁଗୁରୁଜା, ଏନେଟ୍ଟ କୋଣ୍ଟାଭେଇଟ୍ ଓ ରୁଷିଆର ଆନାସ୍ତାସିଆ ପାଭଲ୍ୟୁଚେନକୋଭା ଅନ୍ତିମ-୮’ରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି।



ଇସ୍ତୋନିଆ ଏନେଟ୍ଟ

### ନାଡାଲ-କିର୍ଗିଅସ୍ ୩ ଘଣ୍ଟା ୩୮ ମିନିଟ୍ ଲଢ଼ିଲେ

ବିଶ୍ୱର ଏକ ନମ୍ବର ପୁରୁଷ ସିଙ୍ଗଲ୍ସ ଖେଳାଳି ସ୍ପେନର ନାଡାଲ ଚତୁର୍ଥ ରାଉଣ୍ଡରେ ଏକ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିଲେ। ଏହି ମ୍ୟାଚ୍‌ରେ ନାଡାଲ ୬–୩, ୩–୬, ୭–୬ (୮/୬), ୭–୬(୭/୪) ସେଟ୍‌ରେ ଅଷ୍ଟ୍ରେଲିଆର ନିକ୍ କିର୍ଗିଅସ୍‌ଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପାଇଁ ନାଡାଲ ୩ ଘଣ୍ଟା ୩୮ ମିନିଟ୍ ପର୍ଯ୍ୟନ୍ତ ଲଢ଼େଇ କରି ଶେଷରେ ବିଜୟ ଲାଭ କରିଥିଲେ। ଏହି ବିଜୟ ସହ ୩୩ ବର୍ଷୀୟ ନାଡାଲ କିମ୍ବଦନ୍ତୀ ଖେଳାଳି ରୋଜର ଫେଡରର (୨୦ଥର)ଙ୍କ ରେକର୍ଡ ଗ୍ରାଣ୍ଡସ୍ଲାମ ବିଜୟ ଆଶା ଉଜ୍ଜୀବିତ ରଖିଛନ୍ତି। ୧୯ଥରର ଗ୍ରାଣ୍ଡସ୍ଲାମ ବିଜେତା ଏହି ସ୍ପେନିଶ ଖେଳାଳି କ୍ୱାର୍ଟର ଫାଇନାଲରେ ଅନ୍ୟତମ ଘରୋଇ ପ୍ରତିଯୋଗୀ ଡୋମିନିକ୍ ଥିଏମ୍‌ଙ୍କୁ ଭେଟିବେ। ଥିଏମ୍ ୪ର୍ଥ ରାଉଣ୍ଡର ଏକ ମ୍ୟାଚ୍‌ରେ ଫ୍ରାନ୍ସର ଗେଲ୍ ମନଫିଲ୍ସଙ୍କୁ ୬–୨, ୬–୪, ୬–୪ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ସେହିଭଳି ସୁଇଜରଲାଣ୍ଡ ଷ୍ଟାର୍ ଷ୍ଟାନ୍ ୱାୱରିଙ୍କା ୬–୨, ୨–୬, ୪–୬, ୭–୬ (୭/୨), ୬–୨ ସେଟ୍‌ରେ ଡାନିଲ୍ ମେଡ୍‌ଭେଡେଭଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟ ଏକ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ଆଲେକ୍‌ଜାଣ୍ଡର ଜେଭରେଭ ୬–୪, ୬–୪, ୬–୪ ସିଧାସଳଖ ସେଟ୍‌ରେ ଆନ୍ଦ୍ରେ ରବ୍‌ଲେଭଙ୍କୁ ହରାଇଛନ୍ତି।

idco
Your power to grow
ISO 9001 & 14001 CORPORATION
OFFICE OF THE CHIEF GENERAL MANAGER (P&C)
IDCO, IDCO TOWER, BHUBANESWAR
No. HO/S&IP/476/2019/1684 Date: 22.01.2020
ADVERTISEMENT
No.CAD-878:- Applications are invited from the eligible candidates for engagement as Executive-Operation and Maintenance (O & M) for Cold Storage and other allied facilities in the Seafood Park, Deras, being developed by IDCO on contractual basis.
The details about Educational Qualification, Experience, Remuneration and Job Responsibilities etc. are available in the website of IDCO at www.idco.in.
The completed application shall reach the undersigned on or before 15th Feburary, 2020 by 4.30 PM.
The shortlisted candidates shall be intimated individually for attending the interview.
IDCO reserves the right to accept/ reject any or all applications without any reason thereof.
14003/11/0052/1920 Sd./- Chief General Manager (P&C)

# ଦୁର୍ଘଟଣାରେ ବାସ୍କେଟବଲ କିମ୍ବଦନ୍ତୀ ବ୍ରାଏଣ୍ଟଙ୍କ ମୃତ୍ୟୁ



ଝିଅ ଜିଆନାଙ୍କ ସହ କୋବେ ବ୍ରାଏଣ୍ଟ।

**କାଲିଫର୍ନିଆ,୨୭।୧:** ଲସ୍ ଏଞ୍ଜେଲ୍ସଠାରେ ରବିବାର ଏକ ମର୍ମନ୍ତୁଦ ହେଲିକପ୍ଟର ଦୁର୍ଘଟଣାରେ ଏନ୍‌ବିଏର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି କୋବେ ବ୍ରାଏଣ୍ଟଙ୍କର ପ୍ରାଣହାନି ଘଟିଛି। ୪୧ ବର୍ଷୀୟ ବ୍ରାଏଣ୍ଟଙ୍କ ବ୍ୟତୀତ ତାଙ୍କ ୧୩ ବର୍ଷୀୟା ଝିଅ ଓ ଅନ୍ୟ ୭ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ବାସ୍କେଟବଲ ଖେଳାଳି ହିସାବରେ ବ୍ରାଏଣ୍ଟ ମାତ୍ର ୧୮ ବର୍ଷ ବୟସରେ ଲୋକପ୍ରିୟତା ହାସଲ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ଲସ୍ ଏଞ୍ଜେଲ୍ସ ଲେକର୍ସ ପାଇଁ ଖେଳିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ୫ ଥର ଚାମ୍ପିୟନ ହୋଇଥିଲା। ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର କ୍ରୀଡ଼ାଜଗତରେ ଶୋକର ଛାୟା ଖେଳାଇଦେଇଛି। ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ ଓ ରାଷ୍ଟ୍ରୀୟ ପରିବହନ ସୁରକ୍ଷା ବୋର୍ଡ ଘଟଣାର ତଦନ୍ତ ଜାରି ରଖିଛି। କାରଣ ଜାଣିବା ପାଇଁ ଏକ ମାସ ଲାଗିପାରେ ବୋଲି ଅନୁମାନ କରାଯାଉଛି। ଖେଳିଲାବେଳଠାରୁ ଲସ୍ ଏଞ୍ଜେଲ୍ସର ଟ୍ରାଫିକରେ ନ ଫସିବା ପାଇଁ ସେ ହେଲିକପ୍ଟର ବ୍ୟବହାର କରିଆସୁଥିଲେ। କୁହୁଡ଼ିଆ ପାଗରେ ତାଙ୍କର ସିକୋର୍ସ୍କି ଏସ୍-୭୬ ହେଲିକପ୍ଟର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ କାଲିଫର୍ନିଆର କାଲାବାସାସର ପାହାଡିଆ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପାଇଲଟଙ୍କ ସମସ୍ତ ୯ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ବ୍ରାଏଣ୍ଟଙ୍କ ୪ ସନ୍ତାନ ମଧ୍ୟରୁ ଅନ୍ୟତମ ଝିଅ ଜିଆନା ଥିଲେ। ଜିଆନାଙ୍କ ଏକ ମ୍ୟାଚ ଦେଖିବା ଲାଗି ସେ ହେଲିକପ୍ଟରରେ ଯାଉଥିଲେ। ଜିଆନାଙ୍କ ଜଣେ ସାଥୀ ଖେଳାଳି ଏବଂ ତାଙ୍କ ପିତାମାତା ଦୁର୍ଘଟଣାଗ୍ରସ୍ତ ହେଲିପ୍ଟରରେ ଥିଲେ ବୋଲି ସ୍ପଷ୍ଟ କରିଛନ୍ତି ଏନ୍‌ବିଏ କମିଶନର ଆଡାମ ସିଲଭର। ସେ ବ୍ରାଏଣ୍ଟଙ୍କ ସ୍ତ୍ରୀ ଭାନେସାଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଅରେଞ୍ଜ କୋଷ୍ଟ କଲେଜ ବାସ୍କେଟବଲ କୋଚ୍ ଜନ ଆଲ୍ଟୋବେଲି ଓ ସହାୟକ କୋଚ୍ ରନ ଲା ରୁଫା ମଧ୍ୟ ମୃତକଙ୍କ ମଧ୍ୟରେ ରହିଛନ୍ତି। ତାଙ୍କ ଜର୍ସି ନମ୍ବର ୨୪କୁ ଟରଣ୍ଟୋ ରାପ୍ଟର୍ସ ଓ ସାନ ଆଣ୍ଟୋନିଓ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଲେକର୍ସ ପାଇଁ ସେ ୨୦ ବର୍ଷ ଧରି ଖେଳିଥିଲେ। ସେ ୫ ଥର ଚାମ୍ପିୟନଶିପ୍ ଜିତିଥିଲେ। ଆମେରିକା ବାସ୍କେଟବଲ ଦଳର ସଦସ୍ୟ ଭାବେ ୨୦୦୮ ଓ ୨୦୧୨ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ‘ବ୍ଲାକ ମାମ୍ବା’ ଭାବେ ପରିଚିତ ବ୍ରାଏଣ୍ଟ ଚଳିତବର୍ଷ ହଲ୍ ଅଫ୍ ଫେମ୍‌ରେ ସାମିଲ ହେବା ପାଇଁ ଯୋଗ୍ୟତା ହାସଲ କରିଥିଲେ। ଏନ୍‌ବିଏ ଲିଗ୍ ଇତିହାସରେ ସେ ତୃତୀୟ ସର୍ବାଧିକ ୩୩,୬୪୩ ପଏଣ୍ଟ ହାସଲକାରୀ ବାସ୍କେଟବଲ ଖେଳାଳି। ଲିବର୍ନ ଜେମ୍ସ ତାଙ୍କ ରେକର୍ଡକୁ ଶନିବାର ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

# କ୍ରୀଡ଼ା ଜଗତରେ ଶୋକର ଛାୟା

**କାଲିଫର୍ନିଆ,୨୭।୧:** କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାଏଣ୍ଟ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏଥି ଯୋଗୁ କ୍ରୀଡ଼ା ଜଗତରେ ଖେଳିଯାଇଛି ଶୋକର ଛାୟା। ଫୁଟବଲ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କଠାରୁ ଆରମ୍ଭ କରି ଟେନିସ ଖେଳାଳି ନୋଭାକ ଜୋକୋଭିଚ୍, ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ସୋସିଆଲ ମିଡିଆରେ ଶୋକ ପ୍ରକାଶ କରିଛନ୍ତି। କୋହଲି ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି, ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର ପାଇ ମୁଁ ଦୁଃଖିତ। ଛୋଟବେଳେ ସକାଳୁ ଉଠି ତାଙ୍କ ଖେଳ ଦେଖେ। ଜୀବନରେ କିଛି ବି ଘଟିପାରେ। ତାଙ୍କ ଝିଅ ଜିଆନା ମଧ୍ୟ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତାଙ୍କ ପରିବାର ପ୍ରତି ମୋର ସମବେଦନା ରହିଛି। ସେହିଭଳି ରୋହିତ ଶର୍ମା ମଧ୍ୟ ଏକ ଫଟୋ ପୋଷ୍ଟ କରିଛନ୍ତି, ଯେଉଁଥିରେ କ୍ରୀଡ଼ା ଜଗତ ପାଇଁ ଦୁଃଖର ଦିନ। ବାସ୍କେଟବଲ ଖେଳିଥିବା ଅନ୍ୟତମ ଶ୍ରେଷ୍ଠ ଖେଳାଳି ଏତେ ଶୀଘ୍ର ଚାଲିଗଲେ ବୋଲି ଲେଖିଛନ୍ତି। ଜୁଭେଣ୍ଟସ ଫରୱାର୍ଡ ରୋନାଲ୍ଡୋ ଟୁଇଟ୍‌ରେ ଲେଖିଛନ୍ତି, ଖୁବ୍ ଦୁଃଖିତ। ସେ ଜଣେ କିମ୍ବଦନ୍ତୀ ଓ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ସ୍ରୋତ ଥିଲେ। ତାଙ୍କ ପରିବାର ଓ ବନ୍ଧୁମାନଙ୍କ ପ୍ରତି ମୋର ସମବେଦନା ରହିଛି। ଏହି ତାଲିକାରେ ମାରିଆ ଶାରାପୋଭା, ନାଓମି ଓସାକା, ଲିଓନେଲ ମେସି, ଶେନ ୱର୍ନ, ଲିବର୍ନ ଜେମ୍ସଙ୍କ ଭଳି ବିଭିନ୍ନ କ୍ରୀଡ଼ାର ଆହୁରି କିମ୍ବଦନ୍ତୀମାନେ ରହିଛନ୍ତି। ବ୍ରାଏଣ୍ଟଙ୍କ ମୃତ୍ୟୁ ଖବର କେବଳ କ୍ରୀଡ଼ା ଜଗତକୁ ମର୍ମାହତ କରିଦେଇଛି, ତା’ ନୁହେଁ ଫିଲ୍ମ ଷ୍ଟାର, ରାଜନେତାମାନେ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି।

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION, SUNDARGARH
E.Mail: rw_sundargarh@yahoo.co.in
E-PROCUREMENT NOTICE
No.O-927:- BID IDENTIFICATION NO. ONLINE-EESNG-13 of 2019-20
1. Name of Work :- Building & Road works
2. Total No. of works :- 01 No. Road & 2 Nos. Building
3. Estimated cost :- Rs. 15.93 Lakhs & Rs. 31.75 Lakhs
4. Class of contractor :- 'D', 'C' & 'B'
5. Period of completion :- 06 & 01 calendar months
6. Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-13 of 2019-20 | 28.01.2020 10.00 AM | 07.02.2020 05.00 PM |

Further details can be seen from the website www.tendersorissa.gov.in.
25046/11/0025/1920 Sd./- Executive Engineer, Rural Works Division, Sundargarh

OFFICE OF EXECUTIVE ENGINEER
MINOR IRRIGATION DIVISION, NABARANGPUR
No. A-612
Letter No. 139 Dt. 24.01.2020
GOVERNMENT OF ODISHA e-Procurement Notice
Bid Identification No. EEMIDNGPUR- 05 /2019-20
E-mail ID :-mingpur@yahoo.in Ph No. 06858222130
1. Name of work :- Improvement to M.I.Ps in different Blocks of Nabarangpur District. under critical grant 2019-20
2. Total Number of work :- 10 (Ten)
3. Estimated cost :- Varies from Rs. 6.04 lakhs to Rs. 17.85 lakhs
4. Class of Contractor :- “D” & “C”
5. Tender paper Cost(Online) :- Varies from Rs. 4000/- to Rs. 6000/-
6. Bid Security (Online) :- Varies from Rs.6,100/- to Rs. 17,900/- as per DTCN
7. Period of Completion :- 1 (One) Calender Month
8. Availabilily of Bid Document :- From 03.02.2020, 10.00 AM to 12.02.2020, 5.000 PM in website (www.tendersorissa.gov.in)
9. Last date & Time of receipt of Bid :- 12.02.2020 at 5.00 PM through online
10. Date of opening of Bid documents:-13.02.2020 at 11.00 A.M in the office of the EE, M.I.Division,Nabarangpur
11. Date of Lottery, if required :- 17.02.2020 at 11.00AM in the office of the EE, M.I.Division, Nabarangpur
12. Name and address of the OIT :- Executive Engineer, M.I.Division, Nabarangpur At/P.O :- Nabarangpur District :-Nabarangpur PINCODE 764059
Further details can be seen from the Government of Odisha Web-Site :-www.tendersorissa.gov.in
32294/11/0005/1920 Sd/- Executive Engineer M.I.Division, Nabarangpur

OFFICE OF THE REGULATED MARKET COMMITTEE, BALUGAON
At: Shanti Nagar, Post: Balugaon, Dist: Khordha, Pin: 752030, e-mail: rmcbalu@nic.in
Tender Call Notice No. 17 / Date 21.01.2020
No.H-14:- The sealed tenders are invited by the Sub-Collector, Khordha-cum-Chairman, RMC, Balugaon from the reputed registered firm/Company/Dealer with valid License & GST No. for supply of the **Electronic Weighing Scale-55 Nos., Digital Moisture Meter-25 Nos. and Set of Sieves- 20 Nos.** for the Regulated Market Committee, Balugaon through speed post/ Regd. Post./ Courier. All guidelines, terms and conditions along with tender Schedule can be available in the District website http// www.khordha.nic.in for the following items as per approved specification of OSAM Board Bhubaneswar. The closing date of the tender is 31.01.2020 at 5 PM and opened on 01.02.2020 at 11 AM. The authority reserves all rights to reject all tender papers without assigning any reason thereof.
Sd./-
Sub-Collector, Khordha
07025/11/0001/1920 -cum-Chairman, RMC, Balugaon

OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA
Govt. of Odisha “e” Procurement Notice
E-mail: eerwssnpd@rediffmail.com
Bid Identification No. RWS&S_07 /2019-20
No.O-921 :- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the Percentage Rate Contract (P1) contract form.
Nature of Work :- Water supply to Govt. Polytechnic College, Nuapada at Kalabhera under Nuapada block.
No. of Tender :- 1 (one) no.
Approx. Estimated Cost :- Rs.52.61 Lakhs
Period of completion :- 05 (five) months
Tender Cost :- Rs.10000/-
Class of Contractor :- Class ‘B’ and ‘A’
Date and Time of availability of bid document in the portal :- 01.02.2020 at 10.00 A.M.
Last date /Time for receipt of bids in the portal :- 15.02.2020 up to 5.00 P.M.
Date of Opening of bid: - 17.02.2020 at 11.00 A.M.
The bidders have to participate in online bidding only. Further details can be seen from the website http://tendersorissa.gov.in
Sd/-24.01.2020
(Er. B. P. Panda)
Executive Engineer,
RWSS Division, Nuapada
25043/11/0006/1920



ଆସନ୍ତା ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତି ଭାରତ ରତ୍ନ ସମ୍ମାନ ହାସଲ କରିବା ଲାଗି ମୋର ଅଭିଳାଷ ରହିଛି ।

–ଏମ୍.ସି. ମେରୀକମ୍, ଭାରତୀୟ ମହିଳା ବକ୍ସର



ମୋ ଆଗରୁ ଯଦି ବେମ୍ ବେମ୍ ଦେବୀ ପଦ୍ମ ପୁରସ୍କାର ପାଇଲେ, ତେବେ ପୁରସ୍କାରର ଚୟନ ପ୍ରକ୍ରିୟାକୁ ନେଇ ମୋ ମନରେ ନାନା ପ୍ରଶ୍ନ ଆସୁଛି ।

–ଭିନେଶ ପୋଗଟ୍, ଭାରତର ଷ୍ଟାର କୁସ୍ତିଯୋଦ୍ଧା

## ସିରିଜ୍ ହାରିଲା ଭାରତ ଏ'

**ଖ୍ରାଷ୍ଟଚର୍ଚ୍ଚ,୨୭।୧:** ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏ' ୫ ରନ୍‌ରେ ଭାରତ ଏ'କୁ ହରାଇ ଦେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ନ୍ୟୁଜିଲାଣ୍ଡ ଏ' ୨-୧ ବ୍ୟବଧାନରେ ଜିତିନେଇଛି। ୨୭୧ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭ୍ରମଣକାରୀ ଭାରତୀୟ ଦଳକୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ଓଭରରେ ୭ ରନ୍ ଦରକାର ଥିଲା। ସେତେବେଳେ ଭାରତ ଏ' ୮ ଉଇକେଟ ହରାଇ ସାରିଥିବାବେଳେ ଇଶାନ କିଷନ ୭୦ ରନ୍ କରି ଅପରାଜିତ ଥିଲେ। ମାତ୍ର ଓଭରର ଦ୍ୱିତୀୟ ବଲରେ କିଷନ ଏକ ସିଙ୍ଗଲ ନେଇଥିଲେ। ପରବର୍ତ୍ତୀ ଦୁଇ ବଲରେ ଦୁଇ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଥିଲେ। ଫଳରେ ୪୯.୪ ଓଭରରେ ୨୬୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଇନ ଫର୍ମ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ' ୫୫, ରୁତୁରାଜ ଗାଏକ୍ୱାଡ ୪୪ ଓ ଅକ୍ଷର ପଟେଲ ୩୨ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ କାଇଲ ଜେମିସନ ୪ ଓ ଏଜାଜ ପଟେଲ ୩ ଉଇକେଟ ହାତେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ମାର୍କ ଚାପମ୍ୟାନ ୧୧୦ ଓ ଟଡ ଆଶଲେଙ୍କ ୫୬ ରନ୍‌ର ଇନିଂସ ଯୋଗୁ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୭୦ ରନ୍ କରିଥିଲା। ଭାରତ ଲାଗି ବୋଲିଂରେ ଇଶାନ ପୋରେଲ ୩ ଓ ରାହୁଲ ଚହର ୨ ଉଇକେଟ ହାସଲ କରିଥିଲେ।

# ଶାନ୍ତନୁ, ଅନୁରାଗ, ପୋଦ୍ଦାରଙ୍କ ଅର୍ଦ୍ଧଶତକ

**କଟକ ଅଫିସ,୨୭।୧**

ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର୍‌ଠାରୁ ଓଡ଼ିଶା–ଆସାମ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟ ହରାଇ ୨୧୫ରନ କରିଛି। ଶାନ୍ତନୁ ମିଶ୍ର ଓ ଅନୁରାଗ ଷଡ଼ଙ୍ଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୫୪ ଓ ବିପ୍ଳବ ସାମନ୍ତରାୟ ୩୨ରନରେ ଅପରାଜିତ ଅଛନ୍ତି। ଏହି ମ୍ୟାଚ୍‌ରେ ଅଭିଜ୍ଞ ଅଲରାଉଣ୍ଡର ଅଭିଷେକ ରାଉତଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଇକେଟ କିପର ସୁଜିତ ଲେଙ୍କାଙ୍କୁ ବିଶ୍ରାମ ଦିଆଯାଇ ରାଜେଶ ଧୂପରଙ୍କୁ ନିଆ ଯାଇଥିଲା। ଗୋକୁଳ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ଅନୁରାଗ ଓ ଶାନ୍ତନୁ ଦମ୍‌ଦାର ବ୍ୟାଟିଂ କରିଥିଲେ। ଓପନିଂ ଯୋଡ଼ିରେ ଓଡ଼ିଶା ୯୬ରନ ସଂଗ୍ରହ କରିଥିଲା। ୧୧୨ବଲରୁ ୧୦ଟି ଚୌକା ଓ ୧ ଛକା ବଳରେ ୫୮ରନ କରି ଅନୁରାଗ ଡାହାଣହାତୀ ପେସ୍ ବୋଲର ରଞ୍ଜିତ ମାଲିଙ୍କ ପ୍ରଥମ ଶିକାର ହୋଇଥିଲେ।



ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ।

## ରଣଜୀ ଟ୍ରଫି: ଓଡ଼ିଶା ୨୧୫/୩

ପରେ କ୍ରିଜକୁ ଆସିଥିବା ଅଧିନାୟକ ଶୁଭ୍ରାଂଶୁ ସେନାପତି ଖାତା ଖୋଲିବା ପୂର୍ବରୁ ରଞ୍ଜିତଙ୍କ ବଲ୍‌ରେ ଉଇକେଟ କିପର କୁନାଲ ସାଇକିଆଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ୯୬ରନରେ ଓଡ଼ିଶାର ୨ଟି ଉଇକେଟ ପତନ ଘଟିଥିଲା। ଶାନ୍ତନୁ ଓ ଗୋବିନ୍ଦ ପୋଦ୍ଦାର ସତର୍କତାର ସହ ବ୍ୟାଟିଂ କରି ୩ୟ ଉଇକେଟ ଭାଗିଦାରୀରେ ୫୪ରନ ସଂଗ୍ରହ କରିଥିଲେ। ଯାହା ଫଳରେ ଓଡ଼ିଶାର ସ୍ଥିତି ସୁଦୃଢ଼ ହୋଇଥିଲା। ୧୮୨ବଲରୁ ୬୬ରନ କରିଥିବା ଶାନ୍ତନୁ ପ୍ରିତମ ଦାସଙ୍କ ବଲରେ କ୍ୟାଚ୍ ଆଉଟ ହୋଇଥିଲେ। ୧୪୮ରନରେ ଓଡ଼ିଶାର ୩ୟ ଉଇକେଟ ପତନ ଘଟିଥିଲା। ପରେ ଓଡ଼ିଶାର ଦୁଇ ଭେଟେରାନ ଖେଳାଳି ବିପ୍ଳବ ସାମନ୍ତରାୟ ଓ ଗୋବିନ୍ଦ ଆସାମର ବୋଲିଂ ଆକ୍ରମଣକୁ ଧୈର୍ଯ୍ୟର ସହ ସମ୍ମୁଖୀନ କରିଥିଲେ। ଗୋବିନ୍ଦ ୧୪୩ବଲରୁ ୫୪ ଓ ବିପ୍ଳବ ୮୨ବଲରେ ୩୨ରନ କରି ଅପରାଜିତ ଅଛନ୍ତି। ଏହି ଦୁଇ ଖେଳାଳି ମଙ୍ଗଳବାର ଅଧିକ ସମୟ କ୍ରିଜରେ ରହିଲେ ଓଡ଼ିଶା ପ୍ରଥମ ଇନିଂସରେ ବିଶାଳ ସ୍କୋର କରିବ ବୋଲି ଆଶା କରାଯାଉଛି। ଆସାମ ପକ୍ଷରୁ ରଞ୍ଜିତ ମାଲି ୨ଟି ଓ ପ୍ରିତମ ଦାସଙ୍କୁ ଗୋଟିଏ ଉଇକେଟ ମିଳିଛି।

## ପୂର୍ବତନ ସିପକ୍‌ଟାକ୍ର ଖେଳାଳିଙ୍କ ପରଲୋକ



**କଟକ ଅଫିସ, ୨୭।୧:** ରାଜ୍ୟର ପୂର୍ବତନ ସିପକ୍‌ଟାକ୍ର ଖେଳାଳି ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) କାର୍ଯ୍ୟାଳୟର କର୍ମଚାରୀ ମୁନା ବାରିକ(୩୨)ଙ୍କର ସୋମବାର ପୂର୍ବାହ୍ନରେ ପରଲୋକ ଘଟିଛି। ଗତ ୨୦ ତାରିଖରେ ମୁନା ଟ୍ରେନ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ଝିଅର ଏକୋଇଶିଆ ପାଳନ କରିବାକୁ ବ୍ରହ୍ମପୁର ସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ମୁନା ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ମୁନାଙ୍କ ମୃତ୍ୟୁରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି। ନିଜର ମେଳାପି ବ୍ୟକ୍ତିତ୍ୱ ଓ କର୍ତ୍ତବ୍ୟନିଷ୍ଠା ଯୋଗୁ କେବଳ ଫାଓ କାର୍ଯ୍ୟାଳୟ ନୁହେଁ,ବାରବାଟୀ ଷ୍ଟାଡିୟମରେ ଥିବା ସମସ୍ତ କ୍ରୀଡ଼ା ସଂଘରେ ସେ ବେଶ ପରିଚିତ ଥିଲେ। ଫାଓ ଆନୁକୂଲ୍ୟରେ ଆୟୋଜିତ ବିଭିନ୍ନ ଟୁର୍ନାମେଣ୍ଟରେ ମୁନା ଗୁରୁ ଦାୟିତ୍ୱ ତୁଲାଉଥିଲେ। ସୋମବାର ମଧ୍ୟାହ୍ନରେ ମୁନାଙ୍କ ମରଶରୀରକୁ ଷ୍ଟାଡିୟମ ପରିସରକୁ ଅଣାଯାଇଥିଲା। ଅନେକ ଜାତୀୟ, ଅନ୍ତର୍ଜାତୀୟ ଖେଳାଳି ଶେଷଦର୍ଶନ କରିଥିଲେ। ଫାଓ ସମେତ ସମସ୍ତ କ୍ରୀଡ଼ା ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ଦ୍ୱିତୀୟ ମ୍ୟାଚ୍‌ରେ ହାରିଲା ଭାରତ

**ଅକ୍‌ଲାଣ୍ଡ,୨୭।୧ (ପି.ଟି.):** ଭାରତୀୟ ମହିଳା ହକି ଦଳ ୧–୨ ଗୋଲରେ ନ୍ୟୁଜିଲାଣ୍ଡଠାରୁ ଦ୍ୱିତୀୟ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ସାଲିମା ଟେଟେ ଏକମାତ୍ର ସ୍କୋର କରିଥିଲେ।

## ମହିଳା ହକି ସିରିଜ

ପ୍ରଥମ ମ୍ୟାଚ୍‌ରେ ଭାରତ ୪–୦ ଗୋଲରେ ନ୍ୟୁଜିଲାଣ୍ଡ ଡେଭଲପମେଣ୍ଟ ଦଳକୁ ହରାଇ ଅଭିଯାନ ଆରମ୍ଭ କରିଥିଲା।

ମ୍ୟାଚ୍ ଆରମ୍ଭରୁ ଘରୋଇ ଦଳ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୩ୟ ମିନିଟରେ ଦଳକୁ ମିଳିଥିଲା ପ୍ରଥମ ପେନାଲ୍ଟି କର୍ନର (ପିସି)। ଏହାକୁ ମେଗାନ ହଲ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧର ଅନ୍ତିମ ମିନିଟ୍‌ରେ ଭାରତକୁ ମିଳିଥିବା ପିସିକୁ ଓଡ଼ିଆ ଖେଳାଳି ସାଲିମା ଗୋଲରେ ପରିଣତ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ଦୁଇ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ଖେଳାଳି ଭାରତୀୟ ଡିଫେନ୍ସ ଭାଗରେ ପ୍ରବେଶ କରିପାରି ନ ଥିଲେ। କିନ୍ତୁ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଡିଫେନ୍ସ ଭାଗର ଖେଳାଳିଙ୍କ ତ୍ରୁଟି ଯୋଗୁ ଘରୋଇ ଦଳକୁ ମିଳିଥିଲା ପେନାଲ୍ଟି ଷ୍ଟ୍ରୋକ। ବିନା କୌଣସି ତ୍ରୁଟି ନ କରି ମେଗାନ ଗୋଲ ଦେଇଥିଲେ। ଏହି ଗୋଲକୁ ଭାରତ ପରିଶୋଧ କରିପାରି ନ ଥିଲା। ପରାଜୟରେ ଭାରତୀୟ କୋଚ୍ ଜୋର୍ଡ ମାରିଜନେ ନିରାଶା ଜାହିର କରିଛନ୍ତି। ଆମେ ବହୁ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲୁ। ମାତ୍ର ସ୍କୋର କରିବାରେ ବିଫଳ ହେଲୁ। ଆମ ଅପେକ୍ଷା ନ୍ୟୁଜିଲାଣ୍ଡ ଖେଳାଳି ନିଜ ଯୋଜନା କାର୍ଯ୍ୟକାରୀ କରିବାରେ ସଫଳ ହୋଇଥିଲେ। ଆରମ୍ଭରୁ ଆମେ ସଂଘର୍ଷ କରୁଥିଲୁ। ପ୍ରଥମ କ୍ୱାର୍ଟର ପରେ ମ୍ୟାଚ୍‌କୁ ଫେରି ପ୍ରତିପକ୍ଷ ଗୋଲପୋଷ୍ଟ ଉପରେ ୮ ଶଟ ମାରିଥିଲୁ ଓ ୪ ପିସି ମଧ୍ୟ ହାସଲ କରିଥିଲୁ। କେବଳ ସୁଯୋଗ ସୃଷ୍ଟି କଲେ ହେବ ନାହିଁ। ଆମକୁ ଆହୁରି କାର୍ଯ୍ୟ କରିବାକୁ ପଡ଼ିବ। ସିରିଜ୍‌ର ତୃତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ମ୍ୟାଚ୍ ଅବସରରେ ଭାରତୀୟ ଅଧିନାୟିକା ରାଣୀ ରାମପାଲ।

# ହକି ଓଡ଼ିଶାକୁ ହରାଇଲା ଗାଙ୍ଗପୁର

**କଟକ ଅଫିସ, ୨୭।୧:** ଉତ୍ତରପ୍ରଦେଶର ଝାନସୀଠାରେ ଚାଲିଥିବା ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପରେ ହକି ଗାଙ୍ଗପୁର ସୋମବାର ବିଜୟୀ ହୋଇଛି। ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ରାଜ୍ୟର ଅନ୍ୟ ଦଳ ହକି ଓଡ଼ିଶାକୁ ୧–୦ ଗୋଲରେ ହରାଇଛି। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟର ତଥା ମ୍ୟାଚର ୧୭ତମ ମିନିଟରେ ହକି ଗାଙ୍ଗପୁରକୁ ଏକ ପେନାଲ୍ଟି ସୁଯୋଗ ମିଳିଥିଲା। ଅଧିନାୟକ ଷ୍ଟାଲିନ ଭିକ୍ଟର ମିଞ୍ଜ ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁଁ ହକି ଗାଙ୍ଗପୁର ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛି। ପୂର୍ବରୁ ହକି ଗାଙ୍ଗପୁର କର୍ଣ୍ଣାଟକଠାରୁ ୦–୧ ଗୋଲରେ ପରାସ୍ତ ହୋଇଛି। ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ବିପକ୍ଷରେ ହକି ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିଥିଲା। ପୁଲ୍–ଡିରେ ସ୍ଥାନ ପାଇଥିବା ଏହି ଦୁଇ ଦଳ ଲିଗ୍ ପର୍ଯ୍ୟାୟରେ ଆଉ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ।

# ଜେପି ପବ୍ଲିକ ସ୍କୁଲ ବାଳିକା, ଡିପିଏସ୍ ଏନ୍‌ଟିପିସି ବାଳକ ଚାମ୍ପିୟନ

**ନୂଆଦିଲ୍ଲୀ, ୨୭।୧:** ଗ୍ରେଟର ନୋଏଡା ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି (ଜିଏନ୍‌ଆଇଡିଏ)ର ସହଯୋଗରେ ଆସିଷ୍ଟ (ଏଏସ୍‌ଏସ୍‌ଆଇଏସ୍‌ଟି) ଦ୍ୱାରା ଗ୍ରେଟର ନୋଏଡା କାର୍ନିଭାଲର ଏକ ଅଂଶବିଶେଷ ସ୍ୱରୂପ ୩ x ୩ ବାସ୍କେଟବଲ୍ ଟୁର୍ନାମେଣ୍ଟ ଶହୀଦ ବିଜୟ ସିଂ ପାଥିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିନ୍ନକ୍ଷମ ଛାତ୍ରୀ ଓ ଛାତ୍ର ଦଳ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଡିପିଏସ୍ ଏନ୍‌ଟିପିସି ଚାମ୍ପିୟନ ହୋଇଛି। ଏହି ଦଳ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ସେଣ୍ଟ ଯୋଶେଫ୍ ସ୍କୁଲକୁ ୧୪–୧୨ ସ୍କୋରରେ ହରାଇ ଦେଇଥିଲା। ସେହିପରି ବାଳିକା ବିଭାଗ ଫାଇନାଲରେ ଜେପି ପବ୍ଲିକ ସ୍କୁଲ ୬–୧ରେ ଡିପିଏସ୍ ଏନଟିପିସି ସ୍କୁଲକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛି। ଏହି ଅବସରରେ ଏକ ଜୋନ ବାସ୍କେଟବଲ ପ୍ରଦର୍ଶନୀ ମ୍ୟାଚ ଆୟୋଜିତ ହୋଇଥିଲା, ଯେଉଁଥିରେ କି ଅନ୍ୟ ଛାତ୍ରମାନଙ୍କ ସହ ଭିନ୍ନକ୍ଷମ ଛାତ୍ରମାନେ ମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ଜେୱାର ବିଧାୟକ ଧୀରେନ୍ଦ୍ର ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ମଧ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏହି ଅବସରରେ ଜିଏନ୍‌ଆଇଡିଏ ତରଫରୁ ଆସିଷ୍ଟର ପ୍ରତିଷ୍ଠାତା କାର୍ତ୍ତିକ ଗୋଏଲ ଏବଂ ସହପ୍ରତିଷ୍ଠାତା ପାର୍ଥ ସାରଥୀଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ବାସ୍କେଟବଲ ଖେଳର ପ୍ରସାର ପାଇଁ ଆସିଷ୍ଟ ପକ୍ଷରୁ ମାଗଣା ଟ୍ରେନିଂର ବ୍ୟବସ୍ଥା ରହିଛି। ଅବହେଳିତ ଛାତ୍ରୀଛାତ୍ରଙ୍କ ପାଇଁ ବାସ୍କେଟବଲ୍ ପ୍ରଶିକ୍ଷଣର କ୍ଷେତ୍ର ପ୍ରସ୍ତୁତ କରିଥାଏ। ଏହି ପରିପ୍ରେକ୍ଷୀରେ ଆସିଷ୍ଟ ପ୍ରତିଷ୍ଠାତା ଗୋଏଲ ତାଙ୍କ ବକ୍ତବ୍ୟ ରଖି କହିଥିଲେ, ଭେଦଭାବ ଶୂନ୍ୟର ଆବଶ୍ୟକତାକୁ ନେଇ ସାଧାରଣରେ ଜନସେଚତନତା ସୃଷ୍ଟି କରିବା ନେଇ ହ୍ୱିଲଚେୟାର ନିର୍ଭରଶୀଳ ଛାତ୍ରଙ୍କୁ ପ୍ରତିଯୋଗିତାରେ ଭାଗ ନେବା ଲାଗି ଆସିଷ୍ଟ ତରଫରୁ ଉତ୍ସାହିତ କରାଯାଇଥିଲା। ସେରିବ୍ରାଲ ପ୍ଲାସି ଅଟିଜିମ ଏବଂ ଡିଫ୍‌ନେସ୍‌ରେ ପୀଡ଼ିତମାନଙ୍କୁ ସାଧାରଣ ଛାତ୍ରୀଛାତ୍ରଙ୍କ ସହିତ ଖେଳୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। କ୍ରୀଡ଼ା ଏଭଳି ଏକ କାର୍ଯ୍ୟକ୍ରମ ଯାହା ଭାରତକୁ ଏକତ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଭାରତୀୟ ସମାଜରେ କୌଣସି ବର୍ଗ ପ୍ରତି ଭେଦଭାବ ରହିବା ଉଚିତ ନୁହେଁ ବୋଲି ଏହି ବାସ୍କେଟଲ ଟୁର୍ନାମେଣ୍ଟ ଜରିଆରେ ସଚେତନ କରାଯାଇଛି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଗ୍ରେଟର ନୋଏଡା କାର୍ନିଭାଲରେ ଭିନ୍ନକ୍ଷମ ବାସ୍କେଟବଲ

# ସ୍ୱପ୍ନିଲ ଚାମ୍ପିୟନ, ସୌମ୍ୟ ରନର୍ସଅପ୍



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି):** ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସ୍ୱପ୍ନିଲ ପ୍ରିୟଦର୍ଶୀ ଓ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ୬.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜ ପଏଣ୍ଟରେ ସ୍ୱପ୍ନିଲ ଚାମ୍ପିୟନ ଓ ସୌମ୍ୟ ରନର୍ସଅପ୍ ହୋଇଛନ୍ତି। ଫଳରେ ଟ୍ରଫି ସହ ସ୍ୱପ୍ନିଲ ୫,୦୦୦ ଓ ସୌମ୍ୟ ୩,୦୦୦ଟଙ୍କାର ପୁରସ୍କାର ରାଶି ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦାଶରଥି ସାହୁ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ପ୍ରତ୍ୟୁଷ ମହାପାତ୍ର, ପ୍ରିୟବ୍ରତ ସାମନ୍ତ ସିଂ, ଯାଶିତା ରାଉତ, ସୃଜନ ରାୟ, ହୃଦାନନ୍ଦ ସାମନ୍ତରାୟ, ଅମିତ ମହାନ୍ତି, ଓମ୍ ଆଦିତ୍ୟ ଖାଡ଼ଙ୍ଗା ଓ ଶାଶ୍ୱତ ମଲିକ ଶୀର୍ଷ ୧୨ ମଧ୍ୟରେ ରହି ପୁରସ୍କୃତ ହୋଇଛନ୍ତି। ମୋଟ ୪୪ ଜଣଙ୍କୁ ଆର୍ଥିକ ପୁରସ୍କାର ଏବଂ ୩୧ ଜଣଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଛି। ୭, ୮, ୯, ୧୦, ୧୧, ୧୩ ଓ ୧୫ ବର୍ଷରୁ କମ୍ କାଟେଗୋରିର ବାଳିକା ବାଳକ ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନବନିତା ପଟ୍ଟନାୟକ ଓ ଅନୋତୟା ଚାଟାର୍ଜୀ ଶ୍ରେଷ୍ଠ ଦୁଇ ମହିଳା ଖେଳାଳିଭାବେ ପୁରସ୍କୃତ ହୋଇଛନ୍ତି। ସେହିପରି ମହେଶ୍ୱର ମିଶ୍ର ଓ ଭୀମସେନ ପ୍ରଧାନ ଶ୍ରେଷ୍ଠ ଭେଟେରାନ ଖେଳାଳି ପୁରସ୍କାର ପାଇଛନ୍ତି। ଖୋର୍ଦ୍ଧା ଉପଜିଲାପାଳ ଶାନ୍ତନୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଏଚ୍‌ଡିଏଫସି ବ୍ୟାଙ୍କ୍ (ଭୁବନେଶ୍ୱର) ଉପସଭାପତି ଅଭିଷେକ ମହାପାତ୍ର, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କିଶୋର ବେହେରା, ଏସଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ବିଟର ଭବେଶ ମହାନ୍ତି ଓ ସନ୍ତୋଷ ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ କେବଳ ଖୋର୍ଦ୍ଧା ଜିଲା ଖେଳାଳିମାନେ ଭାଗ ନେଇଥିଲେ।

## ଖୋର୍ଦ୍ଧା ଜିଲା ଚେସ୍ ଉଦ୍‌ଯାପିତ


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ସଂଯୁକ୍ତା ଦାସ
ପ୍ଲଟ୍ ନଂ.୧୧୬୪, ଗଡ଼ସାହି, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଆବିର୍ଭାବ: ୧୯.୦୭.୧୯୬୩
ତିରୋଧାନ:୦୮.୦୨.୨୦୧୯
ତୁମେ ଯିବାର ବର୍ଷେ ହୋଇଗଲା। ସ୍ନେହ, କରୁଣା, ଆଶୀର୍ବାଦ ଓ ଅଧିକାରରେ ଯେଉଁ ପରିବାରକୁ ବାନ୍ଧି ରଖିଥିଲ ସେ ପରିବାର ଆଜି ବି ସେମିତି ଅଛି। ତୁମ ଘର ବି ସେମିତି ରହିଛି। କିନ୍ତୁ ସମସ୍ତେ ଉଦାସ। ଘରର ସବୁ ଜିନିଷ କେମିତି ମଳିନ, ଧୂସର। ପରିବାରଠୁ ଘରର କୋଣ ଅନୁକୋଣ ସମସ୍ତେ ଖୋଜୁଛନ୍ତି ତୁମକୁ। ଭଲ ଲୋକଙ୍କୁ ଈଶ୍ୱର ଶୀଘ୍ର ନେଇଯାନ୍ତି। ତୁମକୁ ନେଇଗଲେ। ତାଙ୍କ ପାଖରେ ପ୍ରାର୍ଥନା କରୁଛୁ ସେ ତୁମ ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ବିରଞ୍ଚି ନାରାୟଣ ଦାସ (ସ୍ୱାମୀ), ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ମଉସା, ମାଉସୀ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ପରିବାର ଓ ବନ୍ଧୁବର୍ଗ।
ଧ–୬୮୬୫୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା କୌଶଲ୍ୟା ସାହୁ
ବାସସ୍ଥାନ– ଜଗନ୍ନାଥପୁର (ବାଲିପାହାଡ଼)
ବଳଭଦ୍ରପୁର, କଳାପଥର, କଟକ
ତିରୋଧାନ: ତା.୧୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ।
ଧ–୧୬୪୩୨

**୧୧ତମ ଶ୍ରାଦ୍ଧବାର୍ଷିକୀ**



✓ ଡାକ୍ତର ବ୍ରହ୍ମାନନ୍ଦ ସାବତ
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ : ୧୯୪୧ ଫେବୃଆରୀ ୨୧ ତାରିଖ (ଗୁରୁବାର)
ତିରୋଧାନ : ୨୦୦୯ ଜାନୁଆରୀ ୨୮ ତାରିଖ (ବୁଧବାର)
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବାପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ । ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ
ଧ–୬୮୫୫୫

**ନବମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
(କାର୍ତ୍ତିକ ବଡ଼ ଏକାଦଶୀ)
ତିରୋଧାନ: ୦୫।୦୨।୨୦୧୧
(ମାଘ ତୃତୀୟା)
ଆପଣଙ୍କର ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଧର୍ମପତ୍ନୀ, ଭଉଣୀ, ପୁତ୍ର, ପୁତ୍ରବଧୂ, ଝିଅ–ଜ୍ୱାଇଁ ଓ ନାତି–ନାତୁଣୀ।
ଧ–୧୬୩୦୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନିରଞ୍ଜନ ମାର୍ଥା (ବୁଢ଼ା)
ଆବିର୍ଭାବ: ତା. ୦୭।୦୨।୧୯୫୪ରିଖ (ରବିବାର)
ତିରୋଧାନ: ତା. ୦୮।୦୨।୨୦୧୯ରିଖ (ଶୁକ୍ରବାର)
ଚାହୁଁ ଚାହୁଁ ଏକବର୍ଷ ବିତିଗଲା, ବିନା ମେଘରେ ବଜ୍ରପାତ ପରି ଆମ୍ଭମାନଙ୍କ ଜୀବନରୁ ଭଗବାନ୍ ତୁମକୁ ନେଇଗଲେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ଆଦର୍ଶ, ଧୈର୍ଯ୍ୟ, ପରୋପକାର ଓ ବିଷମ ପରିସ୍ଥିତିକୁ ସାମ୍ନା କରିବାର ସାହାସ ଆମ ଜୀବନରେ ସଦାସର୍ବଦା ପାଥେୟ ହେଉ, ତୁମ ଆତ୍ମା ଚିରଶାନ୍ତି ଲାଭ କରୁ ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ଶୋକାତୁର ପରିବାର:
ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ନାତୁଣୀ: ପିହୁ, ସାଇନା, ପୂର୍ବୀ ।
ଧ–୧୬୪୨୯




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଚାଷୀଙ୍କ ବାଇକ୍ ଡିକି ଭାଙ୍ଗି ୪୩ ହଜାର ଟଙ୍କା ଲୁଟ

ନୂଆପଡ଼ା ଅଫିସ/ କୋମନା, ୨୭।୧ (ଡି.ଏନ.ଏ.)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଉଦ୍ୟାନବନ୍ଧରେ ସୋମବାର ଦିନ ଦ୍ୱିପ୍ରହରେ ଦୁର୍ବୃତ୍ତମାନେ ଜଣେ ଚାଷୀଙ୍କ ବାଇକ୍ ଡିକି ଭାଙ୍ଗି ୪୩ ହଜାର ଟଙ୍କା ଲୁଟି ନେଇଛନ୍ତି । ଏ ନେଇ କୋମନା ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ସୂଚନା ମତେ ସ୍ଥାନୀୟ ଦାନୋଝଲା ଗାଁର ବଳଦେବ ନାଗ ନାମକ ଜଣେ ଚାଷୀ ତାଙ୍କ ଧାନ ବିକ୍ରି ଟଙ୍କା ଉଦ୍ୟାନବନ୍ଧ ଷ୍ଟେଟବ୍ୟାଙ୍କ ଶାଖାରୁ ସୋମବାର ମଧ୍ୟାହ୍ନ ୧୨ଟା ୩୪ ମିନିଟରେ ଉଠାଇ ଥିଲେ। ସେଠାରୁ ଆସି ଜାତୀୟ ରାଜପଥ ୩୫୩ ପାର୍ଶ୍ୱ ବଜାରରେ ବାଇକ୍ ରଖି ଏକ ହୋଟେଲକୁ ଯାଇଥିଲେ। ସେଠାରୁ ଆସି ଦେଖିଲା ବେଳକୁ ଡିକି ଭାଙ୍ଗି କିଏ ଟଙ୍କା ନେଇଯାଇଥିଲେ। ଏହାପରେ ବଳଦେବ ତୁରନ୍ତ ଥାନାକୁ ଯାଇ ଲିଖିତ ଭାବେ ଅଭିଯୋଗ କରିଥିଲେ। ସେହି ଡିକିରେ ବଳଦେବଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସ ବୁକ ଆଦି ରହିଥିଲା। ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ବ୍ୟାଙ୍କ ସିସିଟିଭି ଫୁଟେଜ ସଂଗ୍ରହ ସହ ପରବର୍ତ୍ତି ତଦନ୍ତ ଜାରି ରହିଥିବା ସେ ଥାନା ଅଧିକାରୀ ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ କୋମନା ଅଞ୍ଚଳରେ ଚୋରି ରାହାଜାନି ବୃଦ୍ଧି ପାଇଛି । ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ସହ ପୋଲିସ ସଂଖ୍ୟା ବୃଦ୍ଧି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।




## ଟ୍ରକ-କଣ୍ଟେନର ଧକ୍କା: ଚାଳକ ଗୁରୁତର

ଭଣ୍ଡାରିପୋଖରୀ, ୨୭।୧ (ଡି.ଏନ.ଏ.)

୧୬ନଂ ଜାତୀୟ ରାଜ ପଥର ଭଣ୍ଡାରିପୋଖରୀ ଥାନା ଚନ୍ଦ୍ରଭାନୁପୁର ନିକଟରେ ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ କୋଇଲା ବୋଝେଇ ଟ୍ରକ ପାଣିକୋଇଲି ଆଡୁ ଭଦ୍ରକ ଅଭିମୁଖେ ଯାଉଥିଲା। ଭଦ୍ରକ ପଟୁ ପାଣିକୋଇଲି ଆଡ଼କୁ ଯାଉଥିବା ଏକ କଣ୍ଟେନର ସହ ଟ୍ରକର ଧକ୍କା ହୋଇଥିଲା। ଏଥିରେ କୋଇଲା ଟ୍ରକର ଚାଳକ କାନପୁର ଥାନା ପାଇକ ବାରବାଟୀ ଅଞ୍ଚଳର ହାଡ଼ିବନ୍ଧୁ ବେହେରା ଚାପି ହୋଇ ରହିଯାଇଥିଲେ। କଣ୍ଟେନର ଚାଳକ ମହେନ୍ଦ୍ର ସିଂ ମଧ ଆହତ ହୋଇଥିଲେ। ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣା ପରେ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁଥିବାବେଳେ ଡାଇଭର୍ଶନଠାରେ ଦୁର୍ଘଟଣା ଘଟିଥିଲା।







LOK | SAATCHI & SAATCHI



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ପରମେଶ୍ୱରୀ ଫୁଟବଲ: ବିଶିପଡା ଚାମ୍ପିୟନ

ଉଲୁଣ୍ଡା, ୨୭।୧(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ବିଶିପଡାଠାରେ ଏକଦିବସୀୟ ପରମେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅୟୋଜିତ ହୋଇଯାଇଛି। ଫାଇନାଲ ଖେଳରେ ପରମେଶ୍ୱରୀ ସ୍ପୋର୍ଟି ବିଶିପଡା ଦଳ ଦେଓଗାଁକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସ୍ଥାନୀୟ ସରପଞ୍ଚ ପିଙ୍କି ବିଶି ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳାଯାଇଥିବା ପ୍ରଥମ ଲିଗ ମ୍ୟାଚରେ କହ୍ନେଇପାଲି ଦଳ ଆଇଟିଆଇ ସୋନପୁରକୁ ୪-୩ ଗୋଲରେ, ଦ୍ୱିତୀୟ ମ୍ୟାଚରେ ମେଦିନିପାଲି ଦଳ ପୋଢ଼ଟିକିରାକୁ ୧-୦ ଗୋଲରେ, ତୃତୀୟ ମ୍ୟାଚରେ ବିଶିପଡା ଦଳ ବଡମାଲକୁ ୧-୦ ଗୋଲରେ, ଚତୁର୍ଥ ମ୍ୟାଚରେ ଦେଓଗାଁ ଦଳ ଉଲୁଣ୍ଡାକୁ ୩-୦ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମିଫାଇନାଲରେ ବିଶିପଡା ଦଳ କହ୍ନେଇପାଲିକୁ ୫-୪ ଗୋଲରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ସେମିରେ ଦେଓଗାଁ ଦଳ ମେଦିନିପାଲିକୁ ୩-୨ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଖେଳକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଲା, ସିର୍ଦ୍ଧାଥ ପାତ୍ର ପରିଚାଳନା କରିଥିଲେ। ଆୟୋଜକ ସଭାପତି ଗୋବର୍ଦ୍ଧନ ବେହେରାଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ସଦାନନ୍ଦ ସାନବଡଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ବିକାଶ ବିଶି, ପ୍ରଭୁଦତ ବିଶି ଅତିଥି ଭାବେଯୋଗଦେଇ ବିଜେତା ବିଶିପଡା ଦଳକୁ ଟ୍ରଫିସହ ନଗଦ ୩ ହଜାର ଏବଂ ଉପବିଜେତା ଦେଓଗାଁ ଦଳକୁ ଟ୍ରଫିସହ ନଗତ ୨ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।

# ସେମିଫାଇନାଲରେ ରାଞ୍ଚି, ବିଳାସପୁର

## ୩୪ତମ ସର୍ବଭାରତୀୟ ଲାଲମନି କ୍ରିକେଟ୍

ସୋନପୁର,୨୭।୧(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ରବିବାରଠାରୁ ଆରମ୍ଭ ହୋଇଛି ମର୍ଯ୍ୟାଦାଜନକ ସର୍ବଭାରତୀୟ ଲାଲମନି ସ୍ମାରକି କ୍ରିକେଟ୍ ଟୁର୍ନାମେଣ୍ଟ। ଜିଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଚାଲିଥିବା ଚଳିତ ୩୪ତମ ସଂସ୍କରଣର ସୋମବାର ଦ୍ୱିତୀୟ ଦିବସ ମ୍ୟାଚ୍ ଗତବର୍ଷର ଚାମ୍ପିୟନ ସେରସା(ରାଞ୍ଚି) ଓ କରିମ୍ ସ୍ପୋର୍ଟିଂ ନାଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଗପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଟି ୨୦ ମ୍ୟାଚ୍‌ରେ ୧୮.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୪୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପୱନ ଚାନ୍ଦେଲ ୨୧ବଲରୁ ଦ୍ରୁତ ୪୦, ମହମ୍ମଦ କରିମ ୨୦ ଓ ହିମେଶ କୁମାର ୧୦ ରନ ସଂଗ୍ରହ କରିଥିଲେ। ରାଞ୍ଚି ପକ୍ଷରୁ ଚନ୍ଦନ ମୁଖି ଓ ସୁପ୍ରିୟ ୩ଟି ଲେଖାଏ, କୁଲଦୀପ ଶର୍ମା ୨ଟି ଏବଂ ବିନୟ ସିଂହ ଗୋଟିଏ ଲେଖାଏ ଉଇକେଟ ଅକ୍ତିୟାର କରିଥିଲେ। ଜବାବରେ ରାଞ୍ଚି ଦଳର ବିକାଶ ଚୌଧୁରୀଙ୍କ ୪୫ ରନ, କୌଶଲ ସିଂହଙ୍କ ୩୫ ରନ, ଉଜ୍ଜ୍ୱଲ ପାଲଙ୍କ ୨୦ରନ ଗୁରୁଜିତ ସିଂଙ୍କ ୧୯ ରନ ସହାୟତାରେ ୧୬.୨ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ୧୪୧ ରନ ହାସଲ କରି ବିଜୟୀ ହୋଇଥିଲା। ନାଗପୁର ପକ୍ଷରୁ କାଜି କିଷାନ ସର୍ବାଧିକ ୪ଟି, ମହମ୍ମଦ କରିମ ଓ ଜିତେନ୍ଦ୍ର ୨ଟି ଲେଖାଏ ଉଇକେଟ୍ ଅକ୍ତିୟାର କରିଥିଲେ ।

ଟି ୧୦ ମ୍ୟାଚ୍‌ରେ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ପୱନ ଚାନ୍ଦେଲଙ୍କ ୩୯ ରନ, ଗୌରବଙ୍କର ୧୪ ରନ, ରବିନ ସିଂହଙ୍କ ୧୨ ରନ ଓ ସଞ୍ଜୟ ଭାଟିଙ୍କ ୧୦ ରନ ସହାୟତାରେ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ଦଳ ଉଜ୍ଜ୍ୱଳ ପାଲଙ୍କ ଅପରାଜିତ ୧୭ ରନ, ସୁରଜିତ ସିଂହଙ୍କ ୧୪ ରନ ଓ ବିକାଶ ଚୌଧୁରୀଙ୍କ ୧୩ ରନ ସହାୟତାରେ ୯ ଓଭରରେ ୪ ଉଇକେଟ ହରାଇ ୯୮ ରନର ବିଜୟ ଲକ୍ଷ୍ୟକୁ ହାସଲ କରିଥିଲା। ରାଞ୍ଚି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ବିକାଶ ଚୌଧୁରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ରଞ୍ଜନ ହୋତା ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍ ପରିଚାଳନା କରିଥିଲେ ସମୀର ପାଣିଗ୍ରାହୀ ଓ ପୃଥ୍ୱୀରାଜ ମିଶ୍ର ।



ରାଞ୍ଚିର ବିକାଶ ଚୌଧୁରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ସେହିପରି ରବିବାର ଉଦ୍‌ଘାଟନୀ ମ୍ୟାଚ୍ ବିଳାସପୁରର ୱିଜ୍‌ଡମ କ୍ରିକେଟ୍ ଏକାଡେମୀ ଏବଂ ଏସଡିସିଏ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଳାସପୁର ଦଳ ଟି୨୦ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ବିନିମୟରେ ୧୪୯ ରନ ସଂଗ୍ରହ କରିଥିଲେ। ୧୫୦ ରନର ବିଜୟ ଲକ୍ଷ୍ୟର ପିଛା କରି ଏସଡିସିଏ ଦଳ ୧୬.୪ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୫ ରନ ସଂଗ୍ରହ କରିଥିଲା । ଟୁର୍ନାମେଣ୍ଟ ଫର୍ମାଟ ନିୟମ ଅନୁଯାୟୀ ବିଳାସପୁର ଦଳକୁ ୯ ରନ ବୋନସ ମିଳିଥିଲା । ଟି-୧୦ ମ୍ୟାଚ୍‌ରେ ବିଳାସପୁର ଦଳ ପ୍ରଥମେ ବ୍ୟାଟିଂ କରି ଟି-୨୦ରେ ମିଳିଥିବା ୯ ରନକୁ ମିଶାଇ ସଂଗ୍ରହ କରିଥିଲା ୧୦୯ ରନ। ଜବାବରେ ସୁବର୍ଣ୍ଣପୁର ୯୬ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଉଭୟ ମ୍ୟାଚ୍‌ର ଫଳାଫଳ ଅନୁଯାୟୀ ବିଳାସପୁର ଦଳ ୩୪ ରନରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା । ବିଳାସପୁରର ଅତୁଲ ଶର୍ମାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ଶୁଭେନ୍ଦୁ ମଲ୍ଲିକ ଓ ଶୁଭାଶିଷ ରଥ। ମ୍ୟାଚ୍ ପରିଚାଳନା କରିଥିଲେ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସମୀର ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ପଣ୍ଡା। ବିନୋଦ ପାତ୍ର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଅଚ୍ୟୁତ୍ ମିଶ୍ର, ସଞ୍ଜିବ ମିଶ୍ର, ମ୍ୟାକ୍‌ମିଲାନ ମହାକୁଡ, ବିଏସ ରାଓ ଓ ପାର୍ଥ ।



ଅତିଥିଙ୍କ ସହ ଫାଇନାଲ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

# ନାରାୟଣୀ ଭଲିବଲ ଟୁର୍ନାମେଣ୍ଟ: ଅଡ଼ଗାଁ ଚାମ୍ପିୟନ

ଉଲୁଣ୍ଡା, ୨୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜାଲୋଏଠାରେ ପଲ୍ଲିସେବା ଯୁବକ ସଂଘ ଆନୁକୂଲ୍ୟରେ ମାଁ ନାରାୟଣୀ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଅଡଗାଁ ଦଳ ତାଲପଦରକୁ ହରାଇ ୨-୧ ପଏଣ୍ଟରେ ହରାଇ ଚାମ୍ପିୟନ ହୋଇଥିଲା। ଟୁଇଙ୍କିଲ ମିଶ୍ର ମଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ କାଳିଆ ପଧାନ, ଶିକ୍ଷାବିତ ବୁଧୁରାମ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମିଫାଇନାଲରେ ଅଡଗାଁ ଦଳ ଡୁଙ୍ଗୁରିପାଲିକୁ ଓ ଦ୍ୱିତୀୟ ସେମିରେ ତାଲପଦର ଦଳ କୁଇବାହାଲକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଖେଳକୁ ପ୍ରଶାନ୍ତ ପଟ୍ଟନାଏକ, ହୃଦାନନ୍ଦ ଭୋଇ, ଶ୍ୟାମଶୁନ୍ଦର ନାଏକ, ସଞ୍ଜୟ କୁମାର ସାହୁ ପରିଚାଳନା କରିଥିଲେ। ଆୟୋଜକ ସଭାପତି ସୁବାଷ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଭଲିବଲ ପ୍ରଶିକ୍ଷକ ଆଲୋକ ଦାସ , ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାସ, ସମରେନ୍ଦ୍ର ପାଣିଗ୍ରାହୀ, ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ , ହାବିଲଦାର ସଂଘ ସମ୍ପାଦକ ଦିନେଶ ମିଶ୍ର, ପିଇଓ ଧିରେନ ବାଘ, ଜିଆରଏସ ଶିବରାମ ମିଶ୍ର, ସାମାଜିକ କର୍ମୀ ଶତୃଘନ ବଘାର ପ୍ରମୁଖ ଯୋଗଦେଇ ବିଜେତା ଅଡଗାଁ ଏବଂ ଉପବିଜେତା ତାଲପଦର ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।

# ଗଣତାନ୍ତ୍ରିକ ରାଷ୍ଟ୍ର ନାଗରିକ ଭାବେ ସମ୍ବିଧାନ ଅଧିକାର ଦେଇଛି

ଅମରପାଲି, ୨୭।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର, ରାଜସ୍ୱ ଅଧିକାରୀ ଅଭିଳାଶ ପୁରୋହିତ, ଆଇଆଇସି ପ୍ରଭାଧନ, ବିଡିଓ ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଉପଖଣ୍ଡର ବିଭିନ୍ନ ଶିକ୍ଷାନୁଷ୍ଠାନ, ପୋଲିସ, ଦମକଳ, ଏନସିସି ଆଦି ବିଭାଗରୁ ପ୍ରାୟ ୩୨ଟି ପରେଡ ଦଳ ଅଂଶଗ୍ରହଣ କରିଥିଲେ। ପରେଡରେ ବୀରମହାରାଜପୁର କଲେଜର ଏନସିସି ବାହିନୀ ସିନିୟର ବିଭାଗରେ ପ୍ରଥମ ଓ ବୀରମହାରାଜପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରେଡ ଦଳ ଜୁନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜେନେରାଲ କମାଣ୍ଡର ହାବିଲଦାର ମଧୁସୂଦନ ସାହୁ ଓ ଏନସିସି ବିଭାଗର ଅଧିକାର ଭୋଳାନାଥ ସେଠୀ ପରେଡ ପରିଚାଳନା କରିଥିଲେ । ଉପଖଣ୍ଡ ସ୍ତରୀୟ ଶ୍ରେଷ୍ଠ ସାମ୍ବାଦିକ ଭାବେ ରବୀନ୍ଦ୍ର କୁମାର ହୋତା ଓ ଶେଷଦେବ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅଭିମନ୍ୟୁ ବଗର୍ତ୍ତିଙ୍କୁ ଶ୍ରେଷ୍ଠ ପ୍ରାଥମିକ ଶିକ୍ଷକ ଏବଂ ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବୀରମହାରାଜପୁର ବାଳକ ହାଇସ୍କୁଲର ରୋହନ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ବୀରମହାରାଜପୁର ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଶ୍ରୀଅରବିନ୍ଦ ଶିକ୍ଷା ଗବେଷଣା କେନ୍ଦ୍ର, ଚମ୍ପାମାଳ ସରକାରୀ ୟୁପି ସ୍କୁଲ ଓ ମେଣ୍ଡାମାଳ ସରକାରୀ ୟୁପି ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବୀରମହାରାଜପୁର ସୂଚନା ଓ ଲୋକସମ୍ପର୍କ ବିଭାଗର ସୂଚନା ଅଧିକାରୀ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିବା ବେଳେ କ୍ରୀଡା ଶିକ୍ଷକ ନରେନ୍ଦ୍ର ଚାନ୍ଦ, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରାଯାଉଛି ।

## ପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି, ୨୭।୧ (ଡି.ଏନ.ଏ)

ଉଲୁଣ୍ଡା ଧର୍ମଶାଳା ସରକାରୀ ପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସୋନପୁର ଜିଲା ଶିକ୍ଷା ଅଧିକାରିଣୀ ପୁଷ୍ପ ମିଞ୍ଜ ମୁଖ୍ୟଅତିଥି, ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜର ଇଂଲିଶ ଅଧାପକ ମଦନମୋହନ କ୍ଷେତି ମୁଖ୍ୟବକ୍ତା ଏବଂ ଉଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଶଶିଭୂଷଣ ସେଠୀ, ସ୍କୁଲ ପରିଚାଳନା କମିଟି ସଭାପତି ରବି ଜଗଦଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ସହଦେବ ପାତ୍ର ସଭାକୁ ସଂଯୋଜନା କରିଥିବା ବେଳେ ଅଶ୍ୱିନୀ ବଡମାଲୀ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର ୧୨୫ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ପୁରସ୍କାର ବିତରଣରେ ସହଯୋଗ କରିଥିଲେ । ସଭାପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ପାତାଳି ପରିଚିତ ପୁସ୍ତକ ପୁସ୍ତିକାର ଲୋକାର୍ପଣ କରୁଛନ୍ତି।

# ପାତାଳି ମହୋତ୍ସବ ଉଦ୍‌ଘାଟିତ

ଉଲୁଣ୍ଡା, ୨୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ୧୫ତମ ପାତାଳି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ସମ୍ମାନୀତ ଅତିଥି ବିଡିଓ ନିଳାମ୍ବର ମହାନନ୍ଦ, ଭାରପ୍ରାପ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ଲିଖିତ ପ୍ରଥମ ଖଣ୍ଡ ପାତାଳି ପରିଚିତ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପଞ୍ଚକୁଣ୍ଡୀୟ ଘୃତଯଜ୍ଞରେ କର୍ତ୍ତାଭାବେ ଚମରା ଅମାତ, ଗୋପାଳ ପଣ୍ଡା, ନରସିଂହ ପଧାନ, ସତ୍ୟାନନ୍ଦ ମେଣ୍ଡଲି, ନାରାୟଣ ତ୍ରିପାଠୀ ଦାୟିତ୍ୱ ତୁଲାଉଛନ୍ତି। ବ୍ୟାସ ଭାବେ ଭଗବାନ ଷଡଙ୍ଗୀ ଯୋଗଦେଇ ଛଳିଆ ପାହାଡରେ ସପ୍ତାହ ପାରାୟଣ କରୁଛନ୍ତି। ଏହି ଉତ୍ସବକୁ ପୁରୀ ରାମଜୀ ମଠର ମଠାଧିଶ ବଂଶୀଧର ଦାସଜୀ ମହାରାଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ହଜାର ହଜାର ଦର୍ଶକ ଶମାଗମ ହୋଇଥିବା ବେଳେ ପାହାଡ ଚଢିବାର ମଜା ନେଇଥିଲେ।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଉଲୁଣ୍ଡା, ୨୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ଗ୍ରାମର ଏସଏଚଜି ମହିଳାମାନେ ମଦ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି। ଗ୍ରାମାଞ୍ଚଳରେ ମଦ କାରାବାର ବୃଦ୍ଧି ପାଉଛି। ମଦ ପିଇ ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଏଥିଯୋଗୁ ନାନାଦି ଅପ୍ରତିକର ପରିସ୍ଥିତ ସୃଷ୍ଟି ହେଉଛି। ପରିବାରରେ କଳହ ଲାଗି ରହୁଛି। ଏଣୁ ସୋମବାର ଲସ୍ତଲା, ହରିଜନପଡାର ଏସଏଚଜି ମହିଳାମାନେ ମଦ ବନ୍ଦ ଅଭିଯାନ ଆରମ୍ଭ କରିଥିଲେ। ଲସ୍ତଲା ସମେତ ହରିଜନପଡାକୁ ଯାଇ ବେଆଇନ ଭାବେ ବିକ୍ରି କରୁଥିବା ମଦକୁ ବନ୍ଦ କରିଥିଲେ। ମଦବିକ୍ରି ବନ୍ଦ ନକଲେ ଆଇନର ଆଶ୍ରୟ ନେବା ପାଇଁ ଚେତାବନୀ ଦେଇଥିଲେ। ଏହି ଅଭିଯାନରେ ମାଁ ନାରାୟଣୀ, ମାଁ ସନ୍ତୋଷୀ, ମା ସରସ୍ୱତୀ, ମାଁ ସାରଳା, ଜୟ ଜଗନ୍ନାଥ ଆଦି ଏସଏଚଜିର ମହିଳଙ୍କ ସହ ସ୍ଥାନୀୟ ସରପଞ୍ଚ ଦୀପାଳୀ ସେଠୀ, ଅଙ୍ଗନାୱାଡି କର୍ମୀ କୁନ୍ତୀ କର୍ଣ୍ଣ, ଜ୍ୟୋତିର୍ମୟୀ ଭରାସାଗର, ୱାର୍ଡସଭ୍ୟ କାଶିନାଥ ରଣା ପ୍ରମୁଖ ସାମିଲ ହୋଇଥିଲେ।



ମଦବିକ୍ରି ବିରୋଧରେ ବାହାରିଥିବା ମହିଳାମାନେ।

# ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଆହ୍ୱାନ

ସୋନପୁର,୨୭।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଦର ମହକୁମାର ରାମେଶ୍ୱରସ୍ଥିତ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ସମାରୋହରେ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ଜାତୀୟ ପତାକା ଉତ୍ତେଳନ ପୂର୍ବକ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରି ଅଭିଭାଷଣ ପ୍ରଦାନ କରିଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଦେଶ ଗଠନ ଓ ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଅବଦାନକୁ ମନେ ପକାଇ ଥିଲେ। ଦେଶର ସମ୍ବିଧାନକୁ ସମ୍ମାନ ଦେବା ଓ ସାମଗ୍ରିକ ବିକାଶ ହିଁ ପ୍ରକୃତ ଗଣତନ୍ତ୍ର ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲା କଳା ଓ ସଂସ୍କୃତି କ୍ଷେତ୍ରରେ ସମୃଦ୍ଧ। ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସୁବର୍ଣ୍ଣପୁରକୁ ଏକ ଅଗ୍ରଣୀ ଜିଲା ଭାବରେ ଗଢି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଜିଲାରେ ଅନେକ ଜ୍ଞାନୀ ଓ ଗୁଣୀ ଲୋକ ପଦ୍ମଶ୍ରୀ ସମ୍ମାନ ପାଇବା ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଚାଲୁ ରହିଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଅଞ୍ଚଳର ବିକାଶ ସାଧିତ ହେବ ବୋଲି ମନ୍ତ୍ରୀ ଆରୁଖ ଆଶାବ୍ୟକ୍ତ କରିଥିଲେ।



ସୁବର୍ଣ୍ଣପୁରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ଗାନ କରାଯିବା ସହ ସହରରେ ଥିବା ସମସ୍ତ ଯୁବକ ସଂଘ, ଶିକ୍ଷାନୁଷ୍ଠାନ, ବାପୁଜୀ କ୍ଲବ ଓ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ସହରରେ ଥିବା ବରପୁତ୍ରଙ୍କ ମାଲ୍ୟାର୍ପଣ କରାଯାଇଥିଲା । ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରକ୍ଷୀ ବିଭାଗର ପ୍ଲାଟୁନ, ପୋଲିସ ବ୍ୟାଣ୍ଡ ପାର୍ଟି, ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଏନସିସି ଦଳ ଓ ଅଣ ଏନସିସି ଦଳ ଗୁଡିକ ମିଶି ମୋଟ ୪୩ଟି ଦଳ ପରେଡରେ ଭାଗ ନେଇଥିଲେ। ପରେଡ ପ୍ରତିଯୋଗିତାର ସିଭିଲିଆନ ଜୁନିଅର ବାଳିକା ବର୍ଗରେ ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲି, ପ୍ରଥମ, ସିନିଅର ବାଳକ ବର୍ଗରେ ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲ ପ୍ରଥମ, କଲେଜସ୍ତର ପରେଡ ପ୍ରତିଯୋଗିତା ବାଳିକା ବର୍ଗରେ ସୁକାନ୍ତି ଏକାଡେମୀ ପ୍ରଥମ, ଗାଇଡ୍‌ସରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍କାଉଟ୍‌ରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ, ଏନସିସିରେ ସିନିୟର ଡିଭିଜନ ସୋନପୁର କଲେଜ ପ୍ରଥମ ସ୍ଥାନ ଅଧିକାର କରିଥିଲା। ମୁଖ୍ୟ ଅତିଥି ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ଚାଷୀ, ଶ୍ରେଷ୍ଠ କୃଷକ ସାଥୀ, ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ବିବେଚିତ ପ୍ରଜ୍ଞାପନ ମେଢ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରିଥିଲେ। ଦିବସ ପାଳନ ଅବସରରେ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା ସହିତ ଅନାଥାଶ୍ରମର ଅନ୍ତେବାସୀ, ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀଙ୍କୁ ମନ୍ତ୍ରୀ ଆରୁଖ ମିଷ୍ଟାନ୍ନ ଓ ପୋଷାକ ବଣ୍ଟନ କରିଥିଲେ। ପରେ ସୁବର୍ଣ୍ଣମେରୁ ମନ୍ଦିର ନିକଟସ୍ଥ ନାରାୟଣ ଆଶ୍ରମର ଅନ୍ତେବାସୀମାନଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ଓ ବସ୍ତ୍ର ବଣ୍ଟନ ସହିତ ସୋନପୁର ସବ ଜେଲର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସଂସ୍କୃତି ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲାପାଳ, ଡିଆଇପିଆରଓ ହରିଚରଣ ମିଶ୍ର, ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ
ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ...

### ସାମୂହିକ ବ୍ରତୋପନୟନ

ପଦ୍ମପୁର, ୨୭।୧ (ଡି.ଏନ.ଏ)
ପଦ୍ମପୁରଠାରେ ବ୍ରାହ୍ମଣ ସମାଜ ଓ ପର୍ଶୁରାମ ବାହିନୀ ତରଫରୁ ସୋମବାର ସାମୂହିକ ବ୍ରତୋପନୟନ କରାଯାଇଛି । ବିଭିନ୍ନ ଅଞ୍ଚଳର ୯ଜଣଙ୍କୁ ବ୍ରତୋପନୟନ କରାଯାଇଛି । ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ଦାଶ ଓ ସନ୍ତୋଷିନୀ ଦାଶ ଦମ୍ପତି ମୁଖ୍ୟ କର୍ତ୍ତା ଥିଲେ । ମୁଖ୍ୟ ପଣ୍ଡିତ ଅତ୍ୟାହୀ ରଞ୍ଜନ ଦାସଙ୍କ ସହ ୯ଜଣ କର୍ମକାଣ୍ଡ ବ୍ରାହ୍ମଣ ପୂଜାରେ ନିୟୋଜିତ ଥିଲେ। ସାମୂହିକ ବ୍ରତୋପନୟନରେ ପଦ୍ମପୁର ଅଞ୍ଚଳର ସମସ୍ତ ବ୍ରାହ୍ମଣ ପରିବାର ଯୋଗଦାନ କରିଥିଲେ ।

### ସିଆର୍‌ପିଏଫ୍‌ର ସିଭିକ ଆକ୍ସନ ପ୍ରୋଗ୍ରାମ

ପଦ୍ମପୁର, ୨୭।୧ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ଜଗଦଲପୁରଠାରେ ଥିବା ସିଆରପିଏଫ ଇ-୧୮୯ ବ୍ୟାଟାଲିୟନ ତରଫରୁ ସିଭିକ ଆକ୍ସନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଛି। ଅସାମାଜିକ ବ୍ୟକ୍ତି, ପଥଭ୍ରଷ୍ଟ ବେକାର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରପିଏଫ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ, ସିଏମ୍‌ଓ ଡା. ରାମ ରଘୁନାଥ, ଡେପୁଟି କମାଣ୍ଡାଣ୍ଟ ସୁରେଶ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାଜବୀ କୁମାର, ସୁରେନ୍ଦ୍ର କୁମାର, ଥାନାଧିକାରୀ ଲିଲିମା ଲଳିତା ବାର୍ଲା, ଡା. ତ୍ୟାଗରାଜ ସିଂ, ଡା. ପିକେ ଦାଶ, ଡା. ଗାୟତ୍ରୀ ନନ୍ଦ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨ଶହ ଜଣଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୧୭୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

# ସ୍ୱଚ୍ଛ, ସୁନ୍ଦର ବରଗଡ଼ ଗଢ଼ିବାକୁ ଆହ୍ୱାନ

ବରଗଡ଼ ଅଫିସ୍,୨୭।୧
ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ସହିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ମୁଖ୍ୟଅତିଥି ପ୍ରଧାନ ନିଜ ବକ୍ତବ୍ୟରେ ଏକ ସ୍ୱଚ୍ଛ, ସୁନ୍ଦର ବରଗଡ଼ ଗଢ଼ିବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଥିଲେ । ଏହା ସହିତ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ହୋଇଥିବା ପରେଡ୍‌ରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାସହିତ ମୁଖ୍ୟଅତିଥି ତଥା ଜିଲାପାଳ ପ୍ରଧାନ ଜିଲା ମୁଖ୍ୟ ଡାକ୍ତରଖାନାଙ୍କୁ ଯାଇ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ଏବଂ କାରାଗାରର ବିଚାରାଧୀନ ବନ୍ଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସକାଳେ ଜିଲାପାଳ ପ୍ରଧାନ ଗାନ୍ଧୀଛକସ୍ଥିତ ମହାତ୍ମାଗାନ୍ଧୀ, କବି ଗଙ୍ଗାଧର ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ପତାକା ଉତ୍ତୋଳନ କରିଥିବାବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସିମେଣ୍ଟନଗରସ୍ଥିତ ଏସିସି ବିକାଶ ଇଂଲିସ ମିଡ଼ିୟମ ସ୍କୁଲରେ ବରଗଡ଼ ସିମେଣ୍ଟ କାରଖାନାର ପ୍ଲାଣ୍ଟ ପ୍ରକ୍ୟୁମେଣ୍ଟ ମୁଖ୍ୟ ଗୋବିନ୍ଦ ଦାସ ମୁଖ୍ୟଅତିଥି, ବିକାଶ ସ୍କୁଲ ସମୂହର

**ଜିଲାସ୍ତରୀୟ ଜନରାଜ୍ୟ ଦିବସରେ ଅଭିବାଦନ ଗ୍ରହଣ କଲେ ଜିଲାପାଳ, ଏସ୍‌ପି**



ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ସମାରୋହରେ ଜିଲାପାଳ ଓ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି ।

ପରାମର୍ଶଦାତା ପି.କେ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନୃତ୍ୟ ଶିକ୍ଷକ ପ୍ରୀତମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ)ରେ ବିଦ୍ୟାଳୟର ସଭାପତି ଉମେଶ ଚନ୍ଦ୍ର ଡଃ ଉମେଶ ଚନ୍ଦ୍ର ଖାଡ଼ାଙ୍ଗା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରାହଗୋଡ଼ାସ୍ଥିତ ବିକାଶ ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ସମାରୋହରେ ଉକ୍ତ ଶିକ୍ଷାନୁଷ୍ଠାନର ଡାଇରେକ୍ଟର(ଏକାଡ଼େମିକ) ଭି. ଶ୍ରୀନିବାସ ପତାକା ଉତ୍ତୋଳନ କରିଥିଲେ । ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି, ଜେସିଆଇ ସିନେଟର ମୁକେଶ ଆସାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଇମ୍ପେରିୟଲ କଲେଜରେ ଛାତ୍ରୀ ପ୍ରଜ୍ଞା ଶର୍ମା ପତାକା ଉତ୍ତୋଳନ କରିଥିଲେ । କଲେଜର ଚେୟାରମ୍ୟାନ ଦୀପକ ଗୋୟଲଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଭଟଲିରେ ଅନୁଷ୍ଠିତ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ ଚନ୍ଦ୍ରକାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡ଼ିଓ ଧୀରେନ୍ଦ୍ର ସେଠୀ, ତହସିଲଦାର ରାମକୃଷ୍ଣ ମିଶ୍ର, ଉପାଧ୍ୟକ୍ଷ ମଦନ ସାହୁ, ଆରସିଏମଏସ ସଭାପତି ହେମନ୍ତ ପଣ୍ଡା, ବିଇଓ ଛତ୍ରପତି ସାହୁ, ଆଇଆଇସି ରଞ୍ଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡରେ ସାଧାରଣତନ୍ତ୍ର ଦିବସ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ପାଳିତ ହୋଇଛି। ଏଥିରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମବେତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପଖଣ୍ଡ ପୋଲିସ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

**ପାଇକମାଳ, (ଡି.ଏନ.ଏ):** ପାଇକମାଳ ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ପାଇକମାଳ ବିନ୍ଧ୍ୟବାସିନୀ କଲେଜରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପାଇକମାଳ ତହସିଲରେ ତହସିଲଦାର ସୁଶାନ୍ତ ରଣା, ନୃସିଂହନାଥ ମନ୍ଦିରରେ ପୁରୁଷୋତ୍ତମ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ।

**ଝାରବନ୍ଧ, (ଡି.ଏନ.ଏ):** ଝାରବନ୍ଧ ବ୍ଲକ ପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ବିଡିଓ ରୁନୁ ଲାକ୍ରା ପତାକା ଉତ୍ତୋଳନ କରି ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସେହିପରି ଥାନାରେ ଥାନାଧିକାରୀ ଠାକୁର ଦାସ ମୁର୍ମୁ, ତହସିଲରେ ତହସିଲଦାର ପର୍ଶୁରାମ ଆର୍ଯ୍ୟନ ପଣ୍ଡା, ବିଇଓ ଅଫିସ୍‌ରେ ବିଇଓ ରଞ୍ଜିତ ଭୋଇ, ବଣିକ ସଂଘରେ ପର୍ଶୁରାମ ପଣ୍ଡା, ଗ୍ଲୋବାଲ ସ୍ପୋର୍ଟିଂରେ କୁମାର ଗୌରବ ବେହେରା, ସମବାୟ ସମିତିରେ ସଭାପତି ଦୀପକ ପାଣିଗ୍ରାହୀ, ଶାସ୍ତ୍ରୀ ଯୁବକ ସଂଘରେ ଜଗଦୀଶ ସାହୁ ପତାକା ଉତ୍ତୋଳନ କରିଥିଲେ ।

**ଗାଇସିଲେଟ,(ଡି.ଏନ.ଏ):** ଗାଇସିଲେଟ ମିନି ଷ୍ଟାଡିୟମରେ ବିଡିଓ ନିରଞ୍ଜନ ସାହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ପୁଷ୍ପକ ପ୍ରଧାନ, ପୋଲିସ ଓଆଇସି ଥ୍ରୀକା ଓଝା, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଧାୟକ ପ୍ରତିନିଧି ମନୋଜ ପଣ୍ଡା, ସରପଞ୍ଚ ପୁଷ୍ପାଞ୍ଜଳି ଦାଶ, ସମିତି ସଭ୍ୟ ପୂର୍ଣ୍ଣାନନ୍ଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ତାଲପାଲିରେ ସରପଞ୍ଚ ସତ୍ୟ ସାହୁ, ଷ୍ଟେଟବ୍ୟାଙ୍କରେ ଝସକେତନ ସାହୁ, ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ସିଫଲ ସାହୁ ପତାକା ଉତ୍ତୋଳନ କରିଥିଲେ।

**ବିଜେପୁର: (ଡି.ଏନ.ଏ.):** ବିଜେପୁର ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସ୍ଥାନୀୟ ଏନଏସି ଅଫିସ୍‌ରେ କାର୍ଯ୍ୟନିର୍ବାହୀ ଅଧିକାରୀ ରୁକ୍ମଣ ମେହେର ପତାକା ଉତ୍ତୋଳନ କରିଥିଲେ । ଏନଏସି ପକ୍ଷରୁ ମଧପଡା ସ୍ଥିତ ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଓ ବ୍ଲକ ସ୍ଥିତ ସଂଗ୍ରାମୀ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା ।

**ଅମ୍ବାଭୋନା, (ଡି.ଏନ.ଏ):** ଅମ୍ବାଭୋନା ବ୍ଲକ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ ପତାକା ଉତ୍ତୋଳନ କରିଥିଲେ। ବିଡିଓ ଆଲଫ୍ରାନ୍ସ ବିଲୁଙ୍ଗ ଗଣତନ୍ତ୍ର ଦିବସ ଅବସରରେ ସାଧାରଣ ଜନତା ଓ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ମହାତ୍ମାଗାନ୍ଧୀ ଜୁନିୟର କଲେଜ ଭୁଲ୍ଟାରେ ଅଧ୍ୟକ୍ଷ ଧ୍ରୁବଚରଣ ସାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଭୁଲ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ହିତାକାଂକ୍ଷୀ ପଧାନ ପତାକା ଉତ୍ତୋଳନ କରିଥିଲେ ।

**ସୋହେଲା,(ଡି.ଏନ.ଏ):** ସୋହେଲା ବ୍ଲକ ଜାତୀୟ ଦିବସ ପାଳନ କମିଟି ଦ୍ୱାରା ସ୍ଥାନୀୟ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସୋହେଲା ତହସିଲଦାର ଅଶୋକ କୁମାର ଗଡତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ବିଶ୍ୱରଞ୍ଜନ କର, ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ର, ସବ୍‌ଜେଲର ଅଞ୍ଜଳି ପଟେଲ ମଞ୍ଚାସୀନ ଥିଲେ ।

**ଭେଡ଼େନ,(ଡି.ଏନ.ଏ):** ରଣଜିତା ଷ୍ଟାଡ଼ିୟମରେ ଭେଡେନ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ଉତ୍ସବରେ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ଥାନା ଆଇଆଇସି ହେମନ୍ତ ରାଓ, ବିଇଓ ମଛିନ୍ଦ୍ର ମଲିକ, ଅତିରିକ୍ତ ତହସିଲଦାର ନାରାୟଣ ଡ଼ନସନା, ଏବିଇଓ ହେମବତୀ ମହେର, ଅଭିମନ୍ୟୁ ଭୋଇ, ଜିପିଓ ଗିରିନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ କରୁଛନ୍ତି ।

## ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ

ବରଗଡ଼ ଅଫିସ୍,୨୭।୧
ବରଗଡ଼ ବ୍ଲକ ଖୁଣ୍ଟପାଲି ନିକଟ କଟାଚିକ୍ରାରେ ମାଁ ମେଟାକାନୀ ମନ୍ଦିର ପ୍ରତିଷ୍ଠା ସମାରୋହ ରବିବାରରୁ ଆରମ୍ଭ ହୋଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ହୋଇଥିଲା । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ମୁକୁନ୍ଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜଟା ଭୁଏ, ଡା. ଦିଲୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଆସନ୍ତା ୨୯ତାରିଖରେ ଉକ୍ତ କାର୍ଯ୍ୟକ୍ରମ ଉଦଯାପିତ ହେବ ବୋଲି ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୁବଳ ଭୋଇ ସୂଚନା ଦେଇଛନ୍ତି ।

## ଷଡ଼ମଲ୍ଲ ନିଧନରେ କଂସ ମର୍ମାହତ

ଅମ୍ବାଭୋନା, ୨୭।୧ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକର ଚିଚୋଲିଠାରେ ଚାଲିଥିବା ୨୪ତମ ବିରାଟ୍ ଧନୁଯାତ୍ରା ମହୋତ୍ସବର ପଞ୍ଚମ ରଜନୀରେ ବିଜୁଳି କନ୍ୟାର ଦୈବବାଣୀ, ପୁତନାକୁ ଗୋପପୁର ପ୍ରେରଣ, ଷଡମଲ୍ଲ ନିଧନ, କଂସ ମର୍ମାହତ, ଲକ୍ଷେଭାର ପଦ୍ମପୁଷ୍ପ ପଠାଇବାକୁ ଗୋପକୁ ଚିଠାଉ ପ୍ରେରଣ ନାବକେଳି, କାଳୀୟଦଳନ ଆଦି ଦୃଶ୍ୟ ଅଭିନୀତ ହୋଇଛି। ଗ୍ରାମର ନୂଆବନ୍ଧ କାଳିନ୍ଦୀ ହ୍ରଦ ପାଲଟିଛି । କୃଷ୍ଣ ଭୂମିକାରେ ନରେନ ଏବଂ ବଳରାମ ଭୂମିକାରେ ପିଣ୍ଟୁ ଅଭିନୟ କରିଛନ୍ତି । କାଳୀୟ ଦଳନ ଦୃଶ୍ୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା ।



ଚିଚୋଲି ଧନୁଯାତ୍ରାର ଦୃଶ୍ୟ ।

## ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୭।୧
ଶିକ୍ଷାବିଭାଗର ରିହାବିଲିଟେଶନ ଏସିଷ୍ଟାଣ୍ଟ ସ୍କିମରେ ନିଯୁକ୍ତି ଦାବିରେ ସୋମବାର ଜିଲାର ବହୁ ଆବେଦନକାରୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆର୍.ଏ ସ୍କିମରେ ନିଯୁକ୍ତି ଦେବା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି । ଏହି କ୍ରମରେ ଜିଲାରେ ସେହି ଶ୍ରେଣୀର ଆବେଦନକାରୀମାନେ ନିର୍ଦ୍ଧାରିତ ସମୟରେ ଆବେଦନ କରିଛନ୍ତି। ମାତ୍ର ସମୟ ଗଡ଼ି ଚାଲିଥିବାବେଳେ ସେମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ମିଳିପାରି ନାହିଁ। ଅନ୍ୟପଟେ ଏହି ସ୍କିମରେ ଅନ୍ୟ ଜିଲାରେ ନିଯୁକ୍ତି ପ୍ରକ୍ରିୟା ସରିଥିବା ଆବେଦନକାରୀମାନେ ଉଲ୍ଲେଖ କରିଛନ୍ତି। ଏହି ସ୍କିମରେ ବରଗଡ଼ ଜିଲାର ଯୋଗ୍ୟ ଆବେଦନକାରୀଙ୍କ ପ୍ରୋଭିଜିନାଲ ତାଲିକା ଗତ ଡିସେମ୍ବର ୧୨ତାରିଖରୁ ପ୍ରକାଶ ପାଇସାରିଛି । କିନ୍ତୁ ସେହି ତାଲିକା ପ୍ରକାଶ ପାଇବାର ମାସାଧିକ ସମୟ ଅତିବାହିତ ହେବା ସତ୍ତ୍ୱେ ନିଯୁକ୍ତି ଦିଆଯାଇନାହିଁ । ଅନ୍ୟପଟେ ପ୍ରୋଭିଜିନାଲ ତାଲିକା ପ୍ରକାଶ କରିଥିବା ତତ୍କାଳୀନ ଜିଲା ଶିକ୍ଷା ଅଧିକାରୀ ପଦୋନ୍ନତି ସହିତ ବଦଳି ହୋଇଥିବାବେଳେ ବରଗଡ଼ରେ ନୂତନ ଡିଇଓ ଯୋଗଦାନ କରିଛନ୍ତି। ଫଳରେ ଯୋଗ୍ୟ ଆବେଦନକାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ପୁଷ୍ପାଞ୍ଜଳି ପଧାନ, ସାବିତ୍ରୀ ମିର୍ଧା, ଜ୍ୟୋସ୍ନାମୟୀ ଭୁଏଙ୍କ ସମେତ ବହୁ ହିତାଧିକାରୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆବେଦନକାରୀବୃନ୍ଦ ।

## ସବୁଜ ବନୀକରଣ: ଶ୍ରମିକଙ୍କ ପାଉଣା ହେରଫେର ଅଭିଯୋଗ

ଗଣ୍ଡତୁରୁମ, ୨୭।୧ (ଡି.ଏନ.ଏ)
ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସରକାର ସାମାଜିକ ବନୀକରଣ ଯୋଜନାରେ ପ୍ରତିବର୍ଷ ଚାରା ପ୍ରସ୍ତୁତି ସହ ରୋପଣ ପର୍ଯ୍ୟନ୍ତ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ଏଥିପାଇଁ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ତେବେ ବନ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ ନ ଥିବା ବିଭିନ୍ନ ଲୋକଙ୍କ ନାମରେ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ମିଳିଛି ବରଗଡ ଜିଲା ଭେଡେନ ବ୍ଲକ ଗଣ୍ଡତୁରୁମ ବନ ବିଭାଗ କାର୍ଯ୍ୟାଳୟରେ ।

ଏହି ବନ ବିଭାଗ କାର୍ଯ୍ୟାଳୟ ଅଧୀନରେ ଏମଜିଏନଆରଇଜିଏସରେ ଚାରା ପ୍ରସ୍ତୁତିଠାରୁ ବଣ୍ଟନ ଏବଂ ରୋପଣ କରାଯାଇଥାଏ । ୨୦୧୯ ଫେବୃୟାରୀ ୪ ତାରିଖରୁ ଚାରା ପ୍ରସ୍ତୁତି ପାଇଁ ବେଡ ନିର୍ମାଣଠୁ ବଣ୍ଟନ ଏବଂ ରୋପଣ ପରେ ସେଗୁଡିକର ଯତ୍ନ ପାଇଁ ୬ଜଣ ଶ୍ରମିକ ନିୟୋଜିତ ଥିଲେ । ବିଭାଗୀୟ କର୍ମଚାରୀ ପ୍ରାୟ ୩୦ଜଣଙ୍କ ନାମରେ ମିଥ୍ୟା ମଷ୍ଟର ରୋଲ୍ ପ୍ରସ୍ତୁତ କରି ସେମାନଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ଟଙ୍କା ଉଠାଣ ବେଳେ ତାଙ୍କ ପାଖରୁ ଦସ୍ତଖତ ବାବଦକୁ ମାତ୍ର ୨୦୦ ଟଙ୍କା ଦେଇ ବାକିତକ ହଡପ କରାଯାଇଥିବା ଜଣାଯାଇଛି। ଏପରିକି ଯେଉଁମାନଙ୍କୁ ଶ୍ରମିକ ଦର୍ଶାଇ ତାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉଛି ସେମାନଙ୍କ ମଧ୍ୟରୁ କିଏ ଚାଷ କରୁଛି ତ ଆଉ କିଏ ଶିକ୍ଷକତା ଟ୍ରେନିଂ ଯାଉଛି। କିଏ ଅନ୍ୟ ପାଖରେ ଡ୍ରାଇଭର କାମ କରୁଛି । ଏପରିକି କଲେଜ ପଢୁଆଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା ହେଉଛି।

**ଗଣ୍ଡତୁରୁମ ବନ ବିଭାଗ**

ଅନ୍ୟପକ୍ଷରେ ଏହି ଯୋଜନାରେ ଆସିଥିବା ୧୭ବସ୍ତା ଗ୍ରୋମୋର ସାରକୁ ଜଣେ କର୍ମଚାରୀ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ(ଡିଏଫଓ) ସନ୍ଦିପ ରତିକଙ୍କୁ ପଚାରିବାରୁ ମୋ ପାଖକୁ ୨ଜଣ ଶ୍ରମିକ ଆସି ମୌଖିକ ଅଭିଯୋଗ କରିଛନ୍ତି । ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫଓ ରତିକ ପ୍ରକାଶ କରିଥିଲେ ।

## ଏକଦିବସୀୟ କ୍ରିକେଟ: ଏମ୍‌ଶ୍ରୀଗିଡା ଚାମ୍ପିୟନ

ବିଜେପୁର, ୨୭।୧ (ଡି.ଏନ.ଏ)
ବିଜେପୁର ବ୍ଲକ ଅଇଲପୁରରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଇଲପୁର, ଏମଶ୍ରୀଗିଡା, ମହଖଣ୍ଡ, ଜାମପାଲି, କେ.ଗଣ୍ଡପାଲି, ପୁଟୁକିଗ୍ରୀଞ୍ଜେଲ, ଖୁଣ୍ଟପାଲି ଦଳ ସାମିଲ ହୋଇଥିଲେ । ଅଇଲପୁର ବନାମ ଏମଶ୍ରୀଗିଡା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏମଶ୍ରୀଗିଡା ଦଳ ଅଇଲପୁର ଟିମକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। କ୍ରୀଡାଶିକ୍ଷକ ଦଶରଥ ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବଡବାଉଁଶେନ ସମବାୟ ସମିତି ସଭାପତି ସଞ୍ଜୀବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରାଯାଇଥିଲା । ଶେଷଦେବ ଗଡତିଆ, ମଦନ ପଧାନ, ହୃଷି ପଧାନ ଖେଳ ପରିଚାଳନା କରିଥିଲେ । ମଣ୍ଟୁ ସାହୁ ଓ ସୁମନ୍ତ ସାହୁ ସ୍କୋରିଂ କରିଥିଲେ । ରୁକ୍ମଣ ସାହୁ, ପ୍ରଫୁଲ୍ଲ ସେଠ ଧାରା ବିବରଣୀ ପ୍ରଦାନ ଏବଂ ଟିଙ୍କୁ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ରିକେଟ: କଟାପାଲି, ଲିଟିଲ ଏଞ୍ଜେଲ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୭।୧
ବରଗଡ଼ରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଜିଲା ଆନ୍ତଃ କ୍ଲବ ଜୁନିୟର କ୍ରିକେଟ ପ୍ରତିଯୋଗିତାର ସୋମବାର ମ୍ୟାଚ ଗୁଡ଼ିକରେ କଟାପାଲି ଏବଂ ଲିଟିଲ ଏଞ୍ଜେଲ କ୍ରିକେଟ କ୍ଲବ ପ୍ରତିପକ୍ଷ ଦଳକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଗ୍ରାଉଣ୍ଡରେ ଲିଟିଲ ଏଞ୍ଜେଲ କ୍ଲବ ଓ ସୋହେଲା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା । ସୋହେଲା ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୯ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୪ରନ୍ ସଂଗ୍ରହ କରିଥିଲା। ଦଳର ପ୍ରିୟାଂଶୁ ବାବୁ ଏବଂ ନିତିନ ମଲ୍ଲିକ ୨୮ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ଅନ୍ୟପଟେ ଲିଟିଲ ଏଞ୍ଜେଲର ଅରୁଣ ସୁନା ୬ ଏବଂ ଆୟୁଷ ମହାନ୍ତି ଓ ଆଦିତ୍ୟ କର୍ମୀ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଲିଟିଲ ଏଞ୍ଜେଲ ୧୯ଓଭରରେ ୭ଉଇକେଟ୍ ହରାଇ ୧୧୮ରନ୍ ସଂଗ୍ରହ ସହିତ ମ୍ୟାଚକୁ ଜିତିଥିଲା। ଦଳର ଆଦିତ୍ୟ କର୍ମୀ ୨୩, ରାକେଶ ଭୋଇ ୨୦, ସୁବଳ ଡନସନା ୧୨ରନ୍ ସଂଗ୍ରହ କରିଥିଲେ। ଅନ୍ୟପଟେ ସୋହେଲାର ନିଶିକାନ୍ତ ଥାପା ୪, ଚିନ୍ମୟ ବାଗ ୨ଟି ଉଇକେଟ୍ ନେଇଥିଲେ। ବିଦ୍ୟାସାଗର ଗ୍ରାଉଣ୍ଡରେ କଟାପାଲି ଓ କମଗାଁ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା । କମଗାଁ ଟସ୍ ଜିଣି ବ୍ୟାଟିଂ ପାଇଁ ପ୍ରତିପକ୍ଷ ଦଳକୁ ଆମନ୍ତ୍ରଣ କରିଥିଲା । କଟାପାଲି ବ୍ୟାଟିଂ କରି ନିର୍ଦ୍ଧାରୀତ ଓଭରରେ ୫୮୦ରନ ସଂଗ୍ରହ କରିଥିଲା । ଦଳର ଶ୍ରୁତିରାଜ ମିଶ୍ର ସର୍ବାଧିକ ୨୬୪ରନ ସଂଗ୍ରହ କରି ଜୀବନ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ । ସେ ୧୪୯ବଲର ସମ୍ମୁଖୀନ ହୋଇଥିବାବେଳେ ୪୨ଟି ଚୌକା, ୫ଟି ଛକ୍କା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ନିହାର ରଞ୍ଜନ ପ୍ରଧାନ ୧୨୪, ପପୁନ ସେଠ ୧୦୧ରନ୍ ସଂଗ୍ରହ କରିଥିଲେ । ଅନ୍ୟପଟେ କମଗାଁ ଦଳର ଶୁଭମ ଜାଲ ୨ଟି ଏବଂ ବଲବୀର ବେହେରା ଗୋଟିଏ ଉଇକେଟ୍ ନେଇଥିଲେ । ଜବାବରେ କମଗାଁ ଦଳ ୨୪.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଶୁଭମ ଜାଲ ୨୬, ଅଭିନାଶ ସିଂ ୨୯, ବଲବୀର ବେହେରା ୨୫ରନ୍ ସଂଗ୍ରହ କରିଥିଲେ । ଅନ୍ୟପଟେ କଟାପାଲିର ଶ୍ରୁତିରାଜ ମିଶ୍ର ୩, ବିନୟ ସାହୁ ୪, ସୂର୍ଯ୍ୟକାନ୍ତ ମେହେର ୨ଟି ଉଇକେଟ୍ ନେଇଥିଲେ । ବିକାଶ ଗ୍ରାଉଣ୍ଡରେ ଚେତନ ପଣ୍ଡା, ସଂକଳ୍ପ ରାଉତ ଏବଂ ବିଦ୍ୟାସାଗର ଗ୍ରାଉଣ୍ଡରେ ତୋଷବନ୍ତ ମହାରଣା, ଶୁଭମ ପାତ୍ର ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ ।



ମଣିଷର ପ୍ରକୃତି ଯାହା ଉପରେ ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବା। ଛାତକୁ ଚଢ଼ି ସାରିଲାପରେ ଶିଢ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



**ସଂକ୍ଷେପରେ...**

## ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଅମ୍ଭାଭୋନା, ୨୭।୧ (ଡି.ଏନ.ଏ) ଅମ୍ଭାଭୋନା ବ୍ଲକ ଚିଚୋଲି ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଏହି କଳସଯାତ୍ରାରେ ୨୧୦୦ ମହିଳା ସାମିଲ ହୋଇ ପ୍ରକାଶପୁର ସ୍ଥିତ ମହିମାଶ୍ରମ ପରିସର ନିମୁହି ବନ୍ଧରୁ କଳସରେ ପାଣି ନେଇ ମନ୍ଦିର ପରିସରରେ ସ୍ଥାପନ କରିଥିଲେ । ସୋମବାର ପୂଜାରମ୍ଭ ହୋଇଛି। ପଣ୍ଡିତ ଜୈମିନୀ ରଥ, ଗୁଣନିଧି ମିଶ୍ର, ରୋହିତ ମହାପାତ୍ର, ପ୍ରଫୁଲ୍ଲ ଶତପଥି, ଶ୍ୟାମ ଶତପଥି, ଲକ୍ଷ୍ମଣ ପଣ୍ଡା ପ୍ରମୁଖ ପୂଜାପାଠ କରୁଛନ୍ତି । ଗ୍ରାମର ଗୌନ୍ତିଆ ଅଖିଳ ସାଙ୍କ ସମେତ ମନୋହର ପଧାନ, କିଶୋର ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

## ରୋଗ ପରୀକ୍ଷଣ, ଚିକିତ୍ସା ଶିବିର

ଅମ୍ଭାଭୋନା, ୨୭।୧ (ଡି.ଏନ.ଏ) ଅମ୍ଭାଭୋନା ବ୍ଲକର ଖୋଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଚର୍ମରୋଗ, ଅଣସଂକ୍ରାମକ ରୋଗର ପରୀକ୍ଷଣ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭୁକ୍ତା ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉତ୍ତମର ମିଳିତ ସହାୟତାରେ ଆୟୋଜିତ ଏହି ଶିବିରରେ ଶତାଧିକ ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା କରାଯାଇଥିଲା। ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ହିତାକାଂକ୍ଷୀ ପଧାନ, ବରଗଡ ଜିଲା ଲେପର୍ସି କନସଲଟାଣ୍ଟ ଡା. ବୀରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଶିବିରରେ ସାମିଲ ହୋଇଥିଲେ। କ୍ଷେତ୍ରବତୀ ଜେନା, ସସ୍ମିତା ଚୌହାନ, ଜ୍ୟୋତିର୍ମୟୀ ସାହୁ, ଜୟପ୍ରକାଶ ମହାପାତ୍ର, ସନ୍ତୋଷ ଗରିଆ, ଖୋଲା ସରପଞ୍ଚ ସଞ୍ଜୟ ଖଡିଆ, ଆଶାକର୍ମୀ ହୀରାବତୀ ସିଂ, ରୀନା ବୁଡା ଓ କିରନ ସିଦାର ପ୍ରମୁଖ ସହଯୋଗ କରିଥିଲେ ।

# ସ୍ୱଚ୍ଛ, ଦୁର୍ନୀତିମୁକ୍ତ ସମାଜ ଗଠନ ଆହ୍ୱାନ

ବୌଦ୍ଧ,୨୭।୧(ସ୍ୱ.ପ୍ର)

ବୌଦ୍ଧ କଚେରୀ ଖେଳପଡିଆରେ ୭୧ ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏକ ସ୍ୱଛ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ମୁଖ୍ୟଅତିଥି ମିଶ୍ର ଆହ୍ୱାନ ଜଣାଇଥିଲେ । ଜିଲାସ୍ତରୀୟ ସମାରୋହରେ ୩୭ଟି ଦଳ ପରେଡରେ ଓ ୫ଟି ଅନୁଷ୍ଠାନ ଶାରୀରିକ କ୍ରୀଡା ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ । ଏଥିସହିତ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ ମଧ୍ୟ ପରେଡରେ ସାମିଲ ହୋଇଥିଲା। ପରେଡକୁ ପୋଲିସ ଆର୍ ଆଇ ରାଜୀବ ଲୋଚନ ସେଠ ପରିଚାଳନା କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ବୌଦ୍ଧ ଜିଲାକୁ ମିଳିଥିବା ଏକ ଆମ୍ବୁଲାନ୍ସକୁ ମୁଖ୍ୟଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ୍ ପ୍ରଚାର କରାଯାଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଜିଲା ପ୍ରଶାସନ ପକ୍ଷରୁ ଟାଉନହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ଜିଲା କୋର୍ଟ ପରିସରରେ ଜିଲା ଦୌରାଜଜ ଅରବିନ୍ଦ କୁମାର ଗୁରୁ, ଜିଲା ଓକିଲ ସଂଘରେ ସଭାପତି ତାରେଣି କୁମାର ମହାପାତ୍ର, ଜିଲା ସାମ୍ବାଦିକ ସଂଘରେ ଉପସଭାପତି ରବିନ୍ଦ୍ର କୁମାର ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସୁଚନା ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପରିଚାଳନା କରିଥିଲେ ।



ମୁଖ୍ୟଅତିଥି ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ।

ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପଞ୍ଚାୟତରେ ଜାତୀୟ ଦିବସ ପାଳନ ପରିଚାଳନା କମିଟି ତରଫରୁ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସଭାପତି ଗୋକୁଳାନନ୍ଦ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିଶୁ ମଙ୍ଗଳ ବୋର୍ଡ ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ମୁଖ୍ୟଅତିଥି, ପ୍ରାଣୀଧନ ଚିକିତ୍ସକ ପ୍ରିୟବ୍ରତ ବେହେରା, ଆବାହକ ରାଜେନ୍ଦ୍ର ମେହେର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ହିମାଂଶୁ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଘଣ୍ଟାପଡା, (ଡି.ଏନ.ଏ): କନ୍ଧମାଳ ବ୍ଲକ ଆମ୍ବଗାଁ ବିଜୁ ପଟ୍ଟନାୟକ ଖେଳ ପଡିଆରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହିଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଶିକ୍ଷାବିତ ନିଳାଞ୍ଚଳ ଭୋଇ ମୁଖ୍ୟବକ୍ତା ଓ ବିଡିଓ ସୁଶ୍ରୀ ବନ୍ଦନା ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ନୃସିଂହନାଥ କପ୍: ଭାଲେଶ୍ୱର ଚାମ୍ପିୟନ

ପାଇକମାଳ, ୨୭।୧ (ଡି.ଏନ.ଏ)

ପାଇକମାଲରେ ଚାଲିଥିବା ନୃସିଂହନାଥ କପ୍ କ୍ରିକେଟରେ ଢୁଢୁକିଝରିଆକୁ ହରାଇ ଭାଲେଶ୍ୱର ଚାମ୍ପିୟନ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ଖେଳର ଉଦ୍‌ଯାପନୀ ଉତ୍ସବରେ ସୁଶାନ୍ତ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, କୁସୁମ ରାଓ, ସୁରଥ କୁମାର ସାହୁ , ନାନକି ସାହୁ, ଦଶରଥ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାଲେଶ୍ୱର ଓ ଢୁଢୁକିଝରିଆ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭାଲେଶ୍ୱର ବିଜୟୀ ହୋଇଥିଲା । ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୬ ହଜାର ଓ ଉପବିଜୟୀ ଦଳକୁ ଟ୍ରଫି ସହ ନଗଦ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ରବିନ୍ଦ୍ର ପ୍ରଧାନ, ଆଲୋକ ମିଶ୍ର ଓ ଚନ୍ଦନ ପ୍ରଧାନ ଖେଳ ପରିଚାଳନା କରିଥିଲେ । ଅମନ ସିଂ ଓ ବିଦ୍ୟା ବରିହା ସ୍କୋରର ଥିବା ବେଳେ ଦିଲୀପ ପ୍ରଧାନ, ପପୁ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ଶିଶିର ସାହୁ, ହିମାଂଶୁ ରାଉତ, ଦୀପକ ରାଉତ, ସ୍ୱିଟୁ ପ୍ରଧାନ, ଶଶାଙ୍କ ମିଶ୍ର, ରୂପଶ ସିଂ, ଜତିନ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ଜହ୍ନାପଙ୍କ କ୍ରିକେଟ: ସିସି ସ୍ପୋର୍ଟିଂ ଚାମ୍ପିୟନ

ଜହ୍ନାପଙ୍କ, ୨୭।୧ (ଡି.ଏନ.ଏ)

ଜହ୍ନାପଙ୍କ ମେଡିକାଲ ପଡିଆରେ ଗତ ୧୮ ତାରିଖରୁ ଜହ୍ନାପଙ୍କ ୟୁଥ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଜେପିଏଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ତିନି ଫର୍ମାଟ ବିଶିଷ୍ଟ ହୋଇଥିଲା । ଫାଇନାଲ ମ୍ୟାଚ ଟୁନିଖିମାର ଓ ସିସି ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା । ପ୍ରଥମେ ସିସି ସ୍ପୋର୍ଟିଂ ୧୨ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରିଥିଲା । ଜବାବରେ ଟୁନିଖିମାର ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୪୨ ରନ କରିବାରୁ ଟୁନିଖିମାର ୧୮ ରନରେ ପ୍ରଥମ ସେଟରେ ବିଜୟୀ ହୋଇଥିଲା। ୨ୟ ସେଟରେ ସିସି ସ୍ପୋର୍ଟିଂ ବ୍ୟାଟିଂ କରି ୮ ଓଭରରେ ୧୦୦ ରନ କରିଥିଲା । ଜବାବରେ ଟୁନିଖିମାର ୭.୩ ଓଭରରେ ୨ ଉଇକେଟ ହରାଇ ୧୦୩ ରନ କରି ବିଜୟୀ ହୋଇଥିଲା। ୩ୟ ସେଟରେ ଟୁନିଖିମାର ୪ ଓଭରରେ ୪ ଉଇକେଟ ହରାଇ ୩୦ ରନ କରିଥିଲା। ଜବାବରେ ସିସି ସ୍ପୋର୍ଟିଂ ୩.୪ ଓଭରରେ ୨ ଉଇକେଟ ହରାଇ ୩୪ ରନ କରି ୨-୧ ସେଟ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆଜିର ଖେଳକୁ ଅମ୍ପାୟାର ବିଶ୍ୱଜିତ ପୁରୋହିତ ଓ ମଙ୍ଗୁଲୁ ଦୋରା ପରିଚାଳନା କରଇଥିଲେ। ପ୍ରକାଶ ବାରିକ ସ୍କୋରର ଥିବା ବେଳେ ଗାର୍ଗବ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସମିତି ସଭ୍ୟ ସରୋଜ ପ୍ରଧାନ ମୁଖ୍ୟଅତିଥି, ସରପଞ୍ଚ ରାଜେନ୍ଦ୍ର ମେହେର, ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି, କୁଶଙ୍ଗ ବନପାଳ ସୁଶୀଲ କୁମାର ହୋତା, ସଚେତନ ଯୁବ ସମାଜ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ସ୍ୱଚ୍ଛ ଭାରତ ଅଭିଯାନ ବୌଦ୍ଧର ସଂଯୋଜକ ଶ୍ୟାମସୁନ୍ଦର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପବିଜେତା ଟୁନିଖିମାର ଦଳକୁ ଟ୍ରଫି ସହ ୭୦୦୧ ଟଙ୍କା ଓ ଚାମ୍ପିୟନ ସିସି ସ୍ପୋର୍ଟିଂ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ଓ ସିରିଜ ଭାବେ ଖାନାପୁରୀ, ବେଷ୍ଟ ସିକ୍ସର୍ ଭାବେ ମନସିଂ ମାଝୀ ଓ ବେଷ୍ଟ ଭଲ୍ୟୁଣ୍ଟିଅର ଭାବେ ରାକେଶ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ମଙ୍ଗୁଲୁ ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶରତ ଦୀପ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିପୁନ ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ୟୁଥ ସ୍ପୋର୍ଟିଂର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୨ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୨୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସତ୍ୟନାରାୟଣ ଷଡଙ୍ଗୀ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ସୋମବାର ଦୁଇ ଅଭିଯୁକ୍ତଙ୍କୁ ୧୨ ବର୍ଷ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଗତ ତା୨।୮।୧୪ରିଖରେ କନ୍ଧମାଳ ପୋଲିସ ଏକ ବୋଲେରୋରୁ ୧୧୦ କେଜି ଗଞ୍ଜେଇ ଜବତ କରିବା ସହ ବଡଛପାପାଲି ଗ୍ରାମର ବିରେନ୍ଦ୍ର ଖଟୁଆ ଓ ମୁକ୍ତେଶ୍ୱର ବନଛୋରଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୬୬/୧୪) ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରିଥିଲା । ଏହି ମାମଲାରେ ବିଚାରପତି ସରକାରଙ୍କ ପକ୍ଷରୁ ୧୨ ଜଣ ସାକ୍ଷୀ ଓ ଅଭିଯୁକ୍ତଙ୍କ ପକ୍ଷରୁ ୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସୋମବାର ଦୁଇ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଆଦେଶ ଦିଆଯାଇଛି ।

## ଗନ୍ଧରାଡି କଲେଜରେ କ୍ୟାରିୟର ପରାମର୍ଶ କର୍ମଶାଳା

ଜହ୍ନାପଙ୍କ, ୨୭।୧ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଯୁକ୍ତ ୨ କନିଷ୍ଠ ମହାବିଦ୍ୟାଳୟରେ କ୍ୟାରିୟର ପରାମର୍ଶ ସମ୍ପର୍କିତ ଏକ କର୍ମଶାଳା ରମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାରେ ସଫଳତା ପରେ ସଫଳତା ଅର୍ଜନ ଶୀର୍ଷକ ଆଲୋଚନାରେ ଇତିହାସ ବିଭାଗର ଅଧ୍ୟାପକ ପ୍ରଭାତ କୁମାର ଶତପଥି, ସଂସ୍କୃତ ଅଧ୍ୟାପକ ପ୍ରସନ୍ନ କୁମାର ଶତପଥି, ଓଡିଆ ଅଧ୍ୟାପିକା ପ୍ରଭାତୀ ତ୍ରିପାଠୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ଏବଂ ଜିଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ନିଶିପଦ୍ମା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଉତ୍ତମ ପ୍ରଦର୍ଶନ କରିବା ପାଇଁ ନିଜର ଅନୁଭୂତି ପ୍ରଦାନ କରିଥିଲେ। ଛାତ୍ରୀ ନିବେଦିତା ପ୍ରଧାନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତାର ମନ୍ତ୍ର ପ୍ରଦାନ କରିଥିଲେ। କ୍ୟାରିୟର ପରାମର୍ଶଦାତା ଇଂରାଜୀ ଅଧ୍ୟାପକ ଧୃବଚରଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବାଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ: ମଲିକୁଦ ଚାମ୍ପିୟନ



ଅତିଥିମାନେ ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

ଘଣ୍ଟାପଡା, ୨୭।୧ (ଡି.ଏନ.ଏ)

ଜମ୍ବେଶ୍ୱର ମେମୋରିଆଲ ଟ୍ରଷ୍ଟ ଏସଏସ ସ୍ପୋର୍ଟିଂ ଦ୍ୱାରା ଘଣ୍ଟାପଡା ହାଇସ୍କୁଲ ଖେଳ ପଡିଆରେ ୩ଦିନ ଧରି ଚାଲିଥିବା ଚତୁର୍ଥ ଜମ୍ବେଶ୍ୱର ମାଝୀ ଓ ପ୍ରକାଶ କଅଁର ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଖଇରଭାଟି ଓ ମଲିକୁଦ ମଧ୍ୟରେ ହୋଇଥିଲା। ମଲିକୁଦ ଦଳ ୭-୬ ଗୋଲରେ ଖଇରଭାଟିକୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟା ମମତା ପ୍ରଧାନ, ସରପଞ୍ଚ ପ୍ରମୋଦ ରଣା, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି ଓ ଡିଗ୍ରୀ କଲେଜର ଅଧ୍ୟକ୍ଷା ମଧୁସ୍ମିତା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା, ଉପବିଜେତା ଦଳ ସମେତ ମ୍ୟାନ ଅଫ୍ ଦି ଫାଇନାଲ, ମ୍ୟାନ ଅଫ୍ ଦି ସିରିଜ ଓ ଶୃଙ୍ଖଳିତ ଦଳକୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପରେଶ ସାହୁ, ଶିକ୍ଷକ ନୀଳାଞ୍ଚଳ ଭୋଇ, ଦିବାକର ମିଶ୍ର, ସମାଜସେବୀ ପ୍ରେମରାଜ ରଣା, ପ୍ରଶାନ୍ତ, କମିଟି ସଭାପତି ବସନ୍ତ ମାଝୀ ଓ ସମ୍ପାଦକ ନାରଣ କଅଁର ଉପସ୍ଥିତ ଥିଲେ । ପ୍ରଶାନ୍ତ ନାଏକ, ବୀରବାହୁ ମାଝୀ, ଦଶରଥ ବେହେରା ଓ ଆଭାସ ନାଏକ ଖେଳ ପରିଚାଳନା କରିଥିବା ବେଳେ ମହେନ୍ଦ୍ର କୁମାର ଦାସ, ଅଶୋକ ସାହୁ, ଦେବେନ୍ଦ୍ର ନାଥ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ଟ୍ରଷ୍ଟର ସଭାପତି ସୁଶାନ୍ତ ମାଝୀ ଓ କମିଟି ସମ୍ପାଦକ ଲଳିତ କଅଁର, ଆରତ ବାଇ ସହଯୋଗ କରିଥିଲେ ।

## ଦିନକରେ ୨ ଝୁଲନ୍ତା ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୨୭।୧

ବରଗଡ଼ ଟାଉନ ଥାନା ପୋଲିସ ସୋମବାର ତିଲପାଲି ଏବଂ ନାଗେନପାଲି (ବଡ଼ଟିକ୍ରା)ରେ ଦୁଇଟି ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ତିଲପାଲିରେ ଉଦ୍ଧାର ହୋଇଥିବା ମୃତକ ହେଲେ ବ୍ରଜ ଭୁଏ(୫୨) । ସେ ଜଣେ ଟ୍ରାକ୍ଟର ଡ୍ରାଇଭର ଏବଂ ଗ୍ରାମର ଏକ କ୍ଷେତ ହିଡ଼ରେ ରହିଥିବା ନିମ୍ବଗଛରୁ ପୂର୍ବାହ୍ନରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା । ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦୨୦) ରୁଜୁ ହୋଇଛି । ସେହିପରି ନାଗେନପାଲି (ବଡ଼ଟିକ୍ରା)ରେ ଅନ୍ୟ ଜଣେ ଯୁବକ ସରୋଜ ସାଗର(୨୬)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର ହୋଇଛି। ରାତ୍ରି ହୋଇଯାଇ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ଏ ନେଇ ଟାଉନ ଥାନା ପୋଲିସ ଅପମୃତ୍ୟୁ ମାମଲା(ନଂ.୮/୨୦) ରୁଜୁ କରି ତଦନ୍ତ କରୁଛି ।

## ପୁଅର ଚିକିତ୍ସା ପାଇଁ ଦମ୍ପତିଙ୍କ ନିବେଦନ

ବରଗଡ଼ ଅଫିସ୍,୨୭।୧

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୁଅର ଚିକିତ୍ସା ସହାୟତା ପାଇଁ ସୋମବାର ବରଗଡ଼ ଜିଲା ଖାରବନ୍ଧର ଦମ୍ପତି ଜିତେସିଂ ଓ ଉପାସୀ ସୁନା ଜିଲାପାଳଙ୍କ ଫେରାଦ ହୋଇଛନ୍ତି। ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନେ ପୁଅର ଚିକିତ୍ସା ସହାୟତା ପାଇଁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଏହି ଦମ୍ପତିଙ୍କ ପୁଅ ସାମୁଏଲ ଛତିଶଗଡ଼ ରାଜ୍ୟ ମୁଙ୍ଗେଲି ଜିଲାର ଲୋରମିର ଏକ ଘରୋଇ ସ୍କୁଲରେ ଶିକ୍ଷକତା କରନ୍ତି । ଗତବର୍ଷ ନଭେମ୍ବର ୨୩ ତାରିଖରେ ସେ ସ୍କୁଲରୁ ଫେରିବା ବାଟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ରାୟପୁରର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେହିଦିନଠାରୁ ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି।

## ସରସରାକୁ ହରାଇ ପଞ୍ଚରା ଚାମ୍ପିୟନ

ଜହ୍ନାପଙ୍କ, ୨୭।୧ (ଡି.ଏନ.ଏ)

ମାଁ ମାହେଶ୍ୱରୀ ସ୍ପୋର୍ଟିଂ ଆଣ୍ଡ କଲଚରାଲ ଆସୋସିଏଶନ ଆନୁକୂଲ୍ୟରେ ୨୩ ତାରିଖରୁ ଚାଲିଥିବା ମାଁ ମାହେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ପଞ୍ଚରା ଓ ସରସରା ମଧ୍ୟରେ ହୋଇଥିଲା। ପଞ୍ଚରା ସରସରାକୁ ୧-୦ ଗୋଲ ଦେଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ବେଦବ୍ୟାସ ମେହେର ପରିଚାଳନା କରିଥିବା ବେଳେ ତାପସ ଭୋକ୍ତା ଓ ଶ୍ରବଣ ବେହେରା ଲାଇନରେ ସହଯୋଗ କରିଥିଲେ । ଚତୁର୍ଥ ରେଫରି ଭାବେ ରଞ୍ଜିତ ରଞ୍ଜନ ଚାନ୍ଦ ଦାୟିତ୍ୱ ତୁଲାଇଥିଲେ। ଦେବାର ବିଶିଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ ମୁଖ୍ୟଅତିଥି, ସମିତି ସଭ୍ୟ ଯୁଧିଷ୍ଠିର ବାରିକ, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପବିଜେତା ସରସରା ଦଳକୁ ଟ୍ରଫି ସହ ୪ ହଜାର ଟଙ୍କା ଓ ଚାମ୍ପିୟନ ପଞ୍ଚରା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ସମୀର ପ୍ରଧାନ, ସମ୍ପାଦକ ସଲିଲ ପ୍ରଧାନ, ଆବାହକ ପ୍ରକାଶ ପ୍ରଧାନ, ସିଦ୍ଧାର୍ଥ କର୍ମୀ, କମ୍ବୁପାଣି ଅମାତ ପ୍ରମୁଖ ସହଯୋଗ କରିଥିଲେ ।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୨୭।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୋର୍ଟ ପରିସରରେ ରବିବାର ନାଗରିକର ମୌଳିକ କର୍ତ୍ତବ୍ୟ ଓ ଅଧିକାର, ଶିଶୁ କନ୍ୟାର ମୂଲ୍ୟବୋଧ ଓ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରଜଜ ତଥା ପ୍ରାଧିକରଣର ଅଧ୍ୟକ୍ଷ ଅରିବନ୍ଦ କୁମାର ଗୁରୁ ଏହାକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଫ୍ୟାମିଲି ଜଜ୍ ଗୌରିମାଳି ମହାରଣା, ଅତିରିକ୍ତ ଜିଲା ଦୌରଜଜ୍ ସତ୍ୟନାରାୟଣ ଷଡଙ୍ଗୀ, ସିଜିଏମ ହୃଷିକେଶ ଆଚାର୍ଯ୍ୟ, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ସବଜଜ୍ ଦୁର୍ବାସା ଦୁର୍ଗା, ଏସଡିଜେଏମ ସୂର୍ଯ୍ୟ ଦାସ, ଜେଏମଏଫସି ଶିବାନୀ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ସୁଧୀର କର୍ଣ୍ଣ ଓ ଚନ୍ଦ୍ରଶେଖର ପାଢୀ ମଞ୍ଚାସୀନ ଥିଲେ ।

## ରାଜ୍ୟସ୍ତରୀୟ ଫୁଟବଲ: ସେମିରେ ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ

ପୁରୁଣାକଟକ,୨୭।୧(ଡି.ଏନ.ଏ)

ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪ତମ ମା ଭୈରବୀ କପ୍ ଫୁଟବଲ୍ ପ୍ରତିଯୋଗିତାର ଗ୍ରୁପ ବି ପ୍ରଥମ ମ୍ୟାଚ ବଲାଙ୍ଗୀର ସାଇଟ୍ ବନାମ ସମ୍ବଲପୁର କ୍ରୀଡା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଖେଳର ପ୍ରଥମାର୍ଦ୍ଧର ୧୫ ମିନିଟରେ ସମ୍ବଲପୁର ଦଳର ଭଗବାନ ତୁନିଅର ଏକ ଗୋଲ ସ୍କୋର କରିଥିଲେ । ଦ୍ୱିତିୟାର୍ଦ୍ଧରେ ବଲାଙ୍ଗୀରର ୮ ନମ୍ବର ଖେଳାଳି ଏକ ଗୋଲ୍ ସ୍କୋର କରିବାରୁ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ଫଳରେ ଟାଇବ୍ରେକର ଜରିଆରେ ସମ୍ବଲପୁର ୩-୨ ଗୋଲରେ ବଲାଙ୍ଗୀରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ବୌଦ୍ଧ ସିଡିଏମଓ ଲକ୍ଷ୍ମୀଧର ସାହୁ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷଦେବ ବେହେରା ମୁଖ୍ୟ ରେଫରୀ ଭାବେ ଖେଳ ପରିଚାଳନା କରିଥିବା ବେଳେ ବିଭୂତି ଭୂଷଣ ବେହେରା, ସୁରେନ୍ଦ୍ର କୁମାର ବେହେରା, ଶ୍ରୀକାନ୍ତ ଦାଶିଆ ସହଯୋଗ କିଥିଲେ । ସଞ୍ଜୟ କୁମାର ଜେନା ୪ର୍ଥ ରେଫରୀ ଓ ମ୍ୟାଚ କମିଶନର ଉମାଶଙ୍କର ରାଉତ ଖେଳ ପରିଚାଳନା କରିଥିଲେ । ସେହିପରି ରବିବାର ଗ୍ରୁପ 'ଏ'ର ପ୍ରଥମ ସେମିଫାଇନାଲ ମ୍ୟାଚ ଭୈରବୀ କ୍ଲବ ପୁରୁଣାକଟକ ସହିତ ୟୁନାଇଟେଡ ସ୍ପୋର୍ଟିଙ୍ଗ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନିର୍ଦ୍ଧାରିତ ସମୟସୀମା ଭିତରେ ଉଭୟ ଦଳ ୧-୧ ଗୋଲ ଦେଇ ସମାନ ସ୍ଥିତିରେ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଟାଇବ୍ରେକରରେ ରାଉରକେଲା ୬-୫ ଗୋଲରେ ପୁରୁଣାକଟକକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆସୋସିଏଶନ ସଭାପତି ସୁରେନ ପ୍ରଧାନ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ସଂଯୋଜକ ସୁକାନ୍ତ ପଟ୍ଟନାୟକ, ଆବାହକ ପ୍ରଦତ୍ତ ଭୋକ୍ତା, କ୍ୟାସିୟର ଶତୀଶ ବେହେରା, କୈଳାସ ଅଗ୍ରୱାଲା, ଅଜିତ ଦେହୁରୀ, ଶୁଭ୍ରଜିତ ପ୍ରଧାନ, ସିପୁନ ମିଶ୍ର, ନାରଦ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଯୁକ୍ତ ୨ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପାଠୀ ଧାରା ବିବରଣୀ ପାଠ କରିଥିଲେ । ମଙ୍ଗଳବାର ସ୍ପୋର୍ଟସ୍ ହଷ୍ଟେଲ ବାରିପଦା ସହିତ ଜେ ଡି କ୍ଲବ ଫୁଲବାଣୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ଉଲୁଣ୍ଡା, ୨୭।୧(ଡି.ଏନ.ଏ) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ଥାନା ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ପରିଚୟ ପତ୍ର ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିଦ୍ୟୁଭୂଷଣ ପୁଟାଙ୍କ ଅଧ୍ୟକ୍ଷତା କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଆସିଥିବା ବୈଷ୍ଣବ ଚରଣ ତରାଇ, କାଳିଆକାହ୍ନୁ ଆଚାର୍ଯ୍ୟ, ବାବାଜି ଆଚାର୍ଯ୍ୟ, ବାହାଦୁର କର୍ମୀ, ରଘୁନାଥ ମହାକୁର, ସୌମିତ୍ରୀ ପୁରୋହିତ, ଭକ୍ତପ୍ରସାଦ ପ୍ରାଣିଗ୍ରାହୀ, ରାମହରି ପଣ୍ଡା ପ୍ରମୁଖଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ପରିଚୟପତ୍ର ମାଧ୍ୟମରେ ବିଭୀନ୍ନ ସରକାରୀ ଯୋଜନାରେ ଆଗ୍ରାଧିକାର ସେବା ପାଇପାରିବେ ବୋଲି ପୁଟା ପ୍ରକାଶ କରିଛନ୍ତି।

### ଆମ ପୋଲିସ ସମିତି ବୈଠକ

**ସଇଁତଲା, ୨୭।୧ (ଡି.ଏନ.ଏ.):** ସଇଁତଲା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ହୋଇଥିବା ଏହି ବୈଠକରେ ଥାନା ଅଧିକାରୀ ବାରିଣୀ ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରିବା, ଆମ ପୋଲିସ ସମିତିର ବୈଠକ ନିୟମିତ ଭାବରେ ଆୟୋଜନ କରିବା, ଗ୍ରାମାଞ୍ଚଳରେ ହେଉଥିବା ଛୋଟଛୋଟ ଗଣ୍ଡଗୋଳ ନିର୍ବାଚିତ ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସମାଧାନ କରିବା, ଜାତୀୟ ରାଜପଥ କଡ଼ରେ ଚାଲିଥିବା ମଦ, ଗଞ୍ଜେଇ, ସଟ୍ଟା କାରବାର ପ୍ରତି ପୋଲିସ ପ୍ରଶାସନ ଜନସଚେତନତା ସୃଷ୍ଟି କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ପରେ ପୋଲିସ ଅଧିକାରୀ ଦାସ ଉପସ୍ଥିତ ସମସ୍ତଙ୍କୁ ଟ୍ରାଫିକ ନିୟମ ମାନିବା ସହ ଅନ୍ୟମାନଙ୍କୁ ମାନିବା ପାଇଁ କହିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥାରେ ସୁଧାର ଅଣାଯିବ ବୋଲି କହିଥିଲେ। ବୈଠକରେ ଥାନା ଏସଆଇ ଦୁର୍ବାଦଳ ମେହେର, ଏଏସ୍ଆଇ ସଙ୍ଗୀତା ବେକ, କମଳା ବିଶ୍ୱାଳ, ଏମ.ଡି. ସୁନାନୀଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ଏକଲ ବିଦ୍ୟାଳୟ ଆଚାର୍ଯ୍ୟଙ୍କ ବନବିହାର

**ଟିକ୍ରାପଡା,୨୭।୧(ଡି.ଏନ.ଏ.):** ସଇଁତଲା ବ୍ଲକ ଦେଓଗାଁ ନିକଟ ଖପରାଡୁଙ୍ଗୁରୀ ମଠରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ବିଦ୍ୟାଳୟ ଅଭିଯାନରେ କାର୍ଯ୍ୟରତ ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କ ବନବିହାର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ଇନ୍ଦ୍ରମଣୀ ବନଛୋର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃପାସିନ୍ଧୁ ମିଶ୍ର, ମୋହନ ନାଏକ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୩୦ଖଣ୍ଡ ଗ୍ରାମରେ କାର୍ଯ୍ୟରତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ ।

### ୧୯୮୫ ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

**ଦେଓଗାଁ,୨୭।୧(ଡି.ଏନ.ଏ):** ଦେଓଗାଁ ବ୍ଲକ ଜରାସିଂହା ଲକ୍ଷ୍ମଣଝୁଲାଠାରେ ନେତ୍ରଭାନୁ ହାଇସ୍କୁଲର ୧୯୮୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ତତ୍କାଳୀନ ଶିକ୍ଷକ ନରସିଂହ ଦଣ୍ଡସେନା ଓ ପରମାନନ୍ଦ ଥନାପତି ଯୋଗଦେଇ ଏହିପରି ବନ୍ଧୁମିଳନ ଛାତ୍ରମାନଙ୍କ ଏକତ୍ୱର ନିଦର୍ଶନ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ରାଜେଶ ଅଗ୍ରୱାଲ, ଆଦିତ୍ୟ ମିଶ୍ର, ଉପେନ୍ଦ୍ର ଥନାପତି, ରଜନୀକାନ୍ତ ଦାସ, ସୁବାଷ ପାଣିଗ୍ରାହୀ, ଘାସିରାମ ରଣା, ବ୍ରଜ ପୁଟେଲ, ବିଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ୧୬୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଦେଓଗାଁ, ୨୭।୧(ଡି.ଏନ.ଏ.)


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ସୋମବାର ଜିଲା ପ୍ରଶାସନ ତରଫରୁ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ରୀନା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ପ୍ରଧାନ ଯୋଗଦେଇ ୧୬୫ଜଣ ପଞ୍ଜିକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗର ବିଭାଗୀୟ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଥିଲା । ବଡବାହାଲ ସରପଞ୍ଚ ଜୟ ରଣାଙ୍କ ନେତୃତ୍ୱରେ ଜନପ୍ରତିନିଧି ତଥା ଗ୍ରାମବାସୀ ବଡବାହାଲ ଗାଁରେ ପାନୀୟ ଜଳ ସମସ୍ୟା ଉପରେ ଅବଗତ କରି ବସୁଧା ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଚାଷୀମାନେ ଜିଲାପାଳଙ୍କୁ ଭେଟି ଉଠା ଜଳସେଚନ ବିଭାଗ ତରଫରୁ ଗଭୀର ନଳକୂପ ପାଇଁ ଅନଲାଇନରେ ଆବେଦନ କଲେ କେବଳ ଦେଓଗାଁ ବ୍ଲକର ଚାଷୀଙ୍କ ଆବେଦନ ଗ୍ରହଣ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡାର ଜନସାଧାରଣ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ଅନେକ ଦିନହେଲା ସଭାପତି ଚୟନରେ ସମସ୍ୟା ଉପୁଜିଥିବାରୁ ପରିଚାଳନା କମିଟି ଗଠନ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ । ସମସ୍ତ ସଭ୍ୟଙ୍କ ବିନା ସହମତିରେ ଜନୈକ ବ୍ୟକ୍ତିଙ୍କୁ କିପରିଭାବେ ସଭାପତି କରାଗଲା ବୋଲି ପ୍ରଶ୍ନ କରିବା ସହ କମିଟି ସଦସ୍ୟଙ୍କ ସହମତିରେ ସଭାପତି ଚୟନ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଉପଜିଲାପାଳ ମିଶ୍ର ଗ୍ରାମବାସୀଙ୍କ ସହମତି ଅନୁସାରେ ତୁରନ୍ତ କମିଟି ସଭାପତି ଚୟନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ବଗଡା ତଥା ଦେଓଗାଁ ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ ଇଟାଭାଟି

**ଦେଓଗାଁ ବ୍ଲକରେ ଜନ ଅଭିଯୋଗ ଶୁଣାଣି**

ଚାଲିଥିବା ଅଭିଯୋଗ ହୋଇଥିଲା । ଦେଓଗାଁ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀ, କୃଷି ବିଭାଗ,ସମନିତ ଶିଶୁବିକାଶ ପ୍ରକଳ୍ପ, ପ୍ରାଣୀଧନ ଚିକିତ୍ସାଳୟ ଓ ତହସିଲ ଆଦିକୁ ଯିବା ରାସ୍ତାର କଙ୍କ୍ରିଟକରଣ ଓ ନିକଟସ୍ଥ ରେଳ ଲାଇନଠାରେ ନୂତନଭାବେ ରେଳ ବିଭାଗ ତରଫରୁ ଏକ ଭୂତଳରାସ୍ତା କରାଯାଇଛି। ଏଠାରେ ସନ୍ଧ୍ୟା ସମୟରେ ଅନ୍ଧାର ହେଉଥିବାରୁ ଦୁର୍ଘଟଣା ସମ୍ଭାବନା ରହିଥିବାରୁ ତୁରନ୍ତ ଲାଇଟ ବ୍ୟବସ୍ଥା କରିବାକୁ ନରେନ୍ଦ୍ର କୁମାର ବିଶ୍ୱାଳ, ଅମର ଦଣ୍ଡସେନା, ଆକାଶ ଶିକା, ଅମିତ ରଣା, ଧନମତ ପନୁଆଁ, ଅମ୍ବରୀଶ ଥନାପତି,ଭୋପାଳ ପଧାନ, ଭୋଜରାଜ ମଲ୍ଲିକ ପ୍ରମୁଖ ଦାବି କରିଥିଲେ । ବଡବାହାଲ ଗ୍ରାମପଞ୍ଚାୟତ ନିକଟସ୍ଥ ତେଲନଦୀରେ ମେଗା ଉଠାଜଳସେଚନ ପ୍ରକଳ୍ପ ରହିଥିଲେ ମଧ ବିଭାଗୀୟ ଖାମଖିଆଲି ନୀତିଯୋଗୁଁ ଚଳିତବର୍ଷ ମରୁଡିର ଶିକାର ହୋଇଥିବା ଚାଷୀ ସିଂତାଶୁ ମିଶ୍ର, ବିଜୟ ରଣା, ନୀଳାଞ୍ଚଳ ରଣା, ବିରଞ୍ଚି ରଣା, ଆଶିଷ ସାହୁ, ଚୌଧୁରୀ ରଣା, ବାଳମୁକୁନ୍ଦ ସାହୁ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱଚାଷୀ ଅଭିଯୋଗ କରିଥିଲେ । ଭତ୍ତା,ରାସନକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ଅନେକ ଆବେଦନ କରିଥିଲେ । ଶିବିରରେ ବିଡିଓ ବେର୍ଣ୍ଣଦେତ ଲାକ୍ରା, ତହସିଲଦାର ସୋନାଲି ପାତ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ତିନି ଦଫା ଦାବିରେ ଯୁବକଙ୍କ ସଚେତନତା ପଦଯାତ୍ରା

ଖପ୍ରାଖୋଲ, ୨୭।୧(ଡି.ଏନ.ଏ)

ଜଗତସିଂହପୁରଠାରୁ ତିନି ଦଫା ଦାବିରେ ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାଶ ତାଙ୍କ ପଦଯାତ୍ରାରେ ଖପ୍ରାଖୋଲଠାରେ ସୋମବାର ପହଞ୍ଚିଥିଲେ । ଓଡିଶାକୁ ସ୍ୱାତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଜଳ ସମସ୍ୟାର ତୁରନ୍ତ ସମାଧାନ, ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ହେଡକ୍ଲାର୍କ ବ୍ରଜବନ୍ଧୁ ଠାକୁରଙ୍କୁ ପ୍ରଦାନ କରିଥିଲେ । ପଦଯାତ୍ରା ମାଧ୍ୟମରେ ସ୍ମାରକ ପତ୍ର ପ୍ରଦାନ ସହ ଜନସଚେତନତା ସୃଷ୍ଟି ପାଇଁ ରାଜ୍ୟର ସମସ୍ତ ବ୍ଲକରେ ପହଞ୍ଚି ତିନି ଦଫା ଦାବି ରଖିଥିବା ମଞ୍ଚ ଆବାହକ ଦାଶ ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ ।


ଦାବିପତ୍ର ଦେବା ଅବସରରେ ସ୍ଥାନୀୟ ଯୁବକମାନଙ୍କ ସହ ସତ୍ୟବ୍ରତ ଦାସ।

# ୨୦ ବଛର ହେଲା ଆବେଦନ କରିଆସୁଛନ୍ ଭତାରୁ ବଁଚିତ୍ ୯୦ ବଛରିଆ ବୁରୁଧ୍

ଦେଓଗାଁ,୨୭।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଁଚେତ୍ ଲୁହାଖାନା ଗାଁର ୯୦ ବଛ୍ରିଆ ବୁରୁଧ୍ ମଧୁ ପଟେଲ। ବଏସର ଶେଷ ମୁଡ଼ସାକେ ପୁହୁଁଚି ସାରିଥିଲେ ବି ସେ ଭତାରୁ ବଁଚିତ୍ ହେଇ ରହିଛନ୍। ଭୋଟ ପରିଚଏପତର ଆର ଆଧାରକାର୍ଡର ସୂଚନା ଅନ୍ସାରେ ମଧୁକଁର ଜନମ୍ ୧୯୩୦ ସାଲେ। ସେ ହିସାବେ ଏହେଦେ ତାକର ବଏସ୍ ୯୦ ବଛର। ମଧୁକଁର ଅଭିଯୋଗ ହେଲା ଆଏଜ୍କେ ୨୦ ବଛରରୁ ଅଧିକା ହେଲା ସେ ଭତାର ଲାଗି ଆବେଦନ କରିଆସୁଛନ୍। ହେଲେ ସବୁବେଳେ ତାହାକୁ ନିରାଶ ହେବାକେ ପଡୁଛେ। ମାସକେତେ ତଲେ ସରକାରକଁର ପିଠା କାୟକରମରେ ବି ସେ ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ଏନ୍ତାଥି ସେ ସୋମବାର ବ୍ଲକରେ ଜିଲାପାଳକଁର ଜନ ଅଭିଯୋଗ ଶୁନାନି ହେଉଥିବାର ସୂଚନା ପାଇ ବୁରୁଧ୍ ମଧୁ ଭତାର ଲାଗି ଆବେଦନ ସଂଗେ ଗୁହାରି କରବାକେ ଆସିଥିବାର କହିଥିଲେ।


ବୁରୁଧ୍ ମଧୁ ପଟେଲ ଭତାର ଲାଗି ବ୍ଲକ ଅଫିସକେ ଆସିଛନ୍।



## ଗଞ୍ଜେଇ ଜବତ, ଜଣେ ଗିରଫ

ସୋନପୁର,୨୭।୧(ନି.ପ୍ର.)

ଡୁଙ୍ଗୁରିପାଲି ଥାନା ଚେରୁପାଲି ବସ୍‌ଷ୍ଟାଣ୍ଡରୁ ସୋମବାର ସକାଳେ ୨୧ କିଲୋ ଗଞ୍ଜେଇ ଜବତ ହୋଇଛି। ବିନିକା ଅବକାରୀ ବିଭାଗ ପକ୍ଷରୁ ଏହି ଘଟଣାରେ ଚେରୁପାଲିର ସୁରୁ ଓରଫ ହିମାଂଶୁ ଚଣ୍ଡନ(୪୭)ଙ୍କୁ ଗିରଫ କରାଯାଇଛି। ସୁରୁ ଏକ ପ୍ଲାଷ୍ଟିକ୍ ବସ୍ତାରେ ଗଞ୍ଜେଇ ଧରି ବସକୁ ଅପେକ୍ଷା କରି ରହିଥିଲେ। ଅବକାରୀ ଏସଆଇ ଲକ୍ଷ୍ମଣ ପଣ୍ଡା, ଏଏସଆଇ କେଶବ ଧରୁଆ, ପ୍ରଦୀପ କୁମାର ରଥ, କନେଷ୍ଟବଳ ଭେଙ୍କଟ ରମଣ ବେହେରା, ଡୋଳାମଣି ପଧାନ, ମମତା ବାଗ ଓ ଗଣେଷ ଭୋଇ ପ୍ରମୁଖ ଏହି ଚଢାଉ କରିଥିଲେ। ସୋମବାର ଅଭିଯୁକ୍ତ ହିମାଂଶୁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସାମାଜିକ ଆର୍ଥିକ ସୁରକ୍ଷା ବୀମା ଯୋଜନା ଜନସଚେତନତା ଶିବିର

ବଲାଙ୍ଗୀର ଅଫିସ, ୨୭।୧

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲିଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଚୁଡାପାଲି ଶାଖା ଓ ବଲାଙ୍ଗୀର ଆଞ୍ଚଳିକ କାର୍ଯ୍ୟାଳୟ ଆର୍ଥିକ ସୁରକ୍ଷା ବୀମା ଯୋଜନା ବିଭାଗ ତରଫରୁ ବ୍ୟାଙ୍କ ଗ୍ରାହକମାନଙ୍କୁ ନେଇ ଏକ ଜନସଚେତନା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବଲାଙ୍ଗୀର ସାମାଜିକ ଆର୍ଥିକ ସୁରକ୍ଷା ଶାଖା ପରିଚାଳକ ଓମପ୍ରକାଶ ମୁଣ୍ଡ ଓ ଚୁଡାପାଲି ଶାଖା ପରଚାଳକ ଦେବବ୍ରତ ପତି ଯୋଗଦାନ କରି ଉପସ୍ଥିତ ଗ୍ରାହକମାନଙ୍କୁ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ବିଷୟରେ ଗ୍ରାହକମାନଙ୍କୁ ଅବଗତ କରିଥିଲେ । ଏହି ସମସ୍ତ ଯୋଜନା ସରକାରଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟର ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସୂଚନା ଦେଇ ଏହାର ସୁବିଧା ନେବା ପାଇଁ ଜନସାଧାରଣଙ୍କୁ କହିଥିଲେ । ଶିବିରେ ଅଞ୍ଚଳର ବିଭିନ୍ନ ଗାଁର ଲୋକଙ୍କ ସହ ସ୍ଥାନୀୟ ଗ୍ରାହକ ସେବା କେନ୍ଦ୍ରର ଅପେରେଟରମାନେ ଉପସ୍ଥିତ ଥିଲେ । ଶେଷରେ ଶାଖା ପରିଚାଳକ ପତି ସମସ୍ତ ଗ୍ରାହକ, ବ୍ୟାଙ୍କ ଅଧିକାରୀ ଏବଂ ବୀମା ସୁରକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ ।



ଚୁଡାପାଲିଠାରେ ଆର୍ଥିକ ସୁରକ୍ଷା ବୀମା ଯୋଜନା ବିଭାଗ ତରଫରୁ ବ୍ୟାଙ୍କ ଗ୍ରାହକମାନଙ୍କୁ ନେଇ ଅନୁଷ୍ଠିତ ଜନସଚେତନା ଶିବିର ।

# କନ୍ୟାପିତା ମାନିଲେ, ଛଅ ମାସ ପରେ ହେବ ବିବାହ

ବିନିକା,୨୭।୧(ଡି.ଏନ୍.ଏ.)

**କନ୍ୟା ନାବାଳିକା ଅଭିଯୋଗ ଘଟଣା**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଏବଂ ବିନିକା ଶିଶୁ ସମନ୍ୱିତ ବିଭାଗ କାର୍ଯ୍ୟାଳୟରେ ଶନିବାର ଜଣେ ନାବାଳିକା କନ୍ୟାଙ୍କର ବିବାହ କରାଯିବାକୁ ଥିବା ଭଳି ଏକ ଅଭିଯୋଗ ଖୋଦ୍ ବରପାତ୍ରଙ୍କ ଭାଇ ଆଣିଥିଲେ। ବୌଦ୍ଧ ଜିଲା ସାହାଜପାଳ ଗ୍ରାମର ବରପାତ୍ରଙ୍କ ବଡଭାଇ ଆଣିଥିବା ଅଭିଯୋଗ ଅନୁସାରେ ବିବାହ ଆସନ୍ତା ୩୧ ତାରିଖ ଦିନ ବନିକା ବ୍ଲକ ସିଲାଟି ଗ୍ରାମରେ ହେବାର ଥିଲା। ଅଭିଯୋଗକୁ ଭିତ୍ତି କରି ସୋମବାର ବିନିକା ଶିଶୁ ସମନ୍ୱିତ ବିଭାଗ ସିଡିପିଓ ସୁଭାଗିନୀ ହରିପାଲ, ଆଇସିଡିଏସ୍ ପର୍ଯ୍ୟବେକ୍ଷିକା ପଙ୍କଜିନୀ କର ଏବଂ ସିଲାଟି ୪ନମ୍ବର ଅଙ୍ଗନବାଡି କର୍ମୀ ସସ୍ମିତା ଦାଶ ସିଲାଟି ଗ୍ରାମରେ ପହଞ୍ଚି କନ୍ୟା ପିତାଙ୍କୁ ଭେଟି ଅଭିଯୋଗର ସତ୍ୟାସତ୍ୟ ପଚାରିଥିଲେ। ପଚରାଉଚୁରା ପରେ ଓ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ନାବାଳିକାଙ୍କ କେନ୍ଦ୍ରରେ ରହିଥିବା ରିପୋର୍ଟ ମତେ କନ୍ୟାଙ୍କ ଜନ୍ମ ତାରିଖ ତା୨୬।୭।୨୦୦୩ରିଖ ରହିଥିଲା। ରିପୋର୍ଟ ମତେ ନାବାଳିକା କନ୍ୟାକୁ ସାବାଳିକା ହେବାପାଇଁ ଆଉ ୬ମାସ ବାକି ରହିଛି। ଏଣୁ କନ୍ୟାପିତାଙ୍କୁ ଆଉ ୬ମାସ ପରେ ବିବାହ କରାଇବାକୁ ବିଭାଗ ପକ୍ଷରୁ ସିଡିପିଓ ନିର୍ଦ୍ଦେଶ ଦେଇଥିଲେ। ଆଇନ ଅମାନ୍ୟ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ । ଚେତାବନୀ ସହିତ କନ୍ୟାପିତାଙ୍କ ଠାରୁ ଏକ ସ୍ୱୀକରୋକ୍ତି ପତ୍ର ବିନିକା ଶିଶୁ ସମନ୍ୱିତ ବିଭାଗ ପ୍ରମାଣ ଆକାରରେ ଗ୍ରହଣ କରିଥିଲା । ମଙ୍ଗଳବାର ନାବାଳିକା କନ୍ୟାକୁ ଧରି ବିନିକା ଶିଶୁ ସମନ୍ୱିତ କାର୍ଯ୍ୟାଳୟରେ ପହଞ୍ଚିବାକୁ ହରିପାଲ ନିର୍ଦ୍ଦେଶ ଦେଇଥିଲେ ।

# ତମାଖୁ ବର୍ଜନ ସଚେତନତା ରାଲି

ବିନିକା,୨୭।୧(ଡି.ଏନ୍.ଏ)

ବିନିକା ବ୍ଲକ ସିଂଘିଯୁବା ସରକାରୀ ୟୁପି ସ୍କୁଲର ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଦ୍ୱାରା ସୋମବାର ତମାଖୁ ସେବନ ବର୍ଜନ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୟାସାଗର ପଧାନଙ୍କ ଅଧକ୍ଷତାକ୍ରମେ ରାଲି ଆୟୋଜିତ ହୋଇଥିଲା । ପିଲାମାନେ ହାତରେ ତମାଖୁ ବର୍ଜନ ସମ୍ପର୍କିତ ପ୍ଲାକାର୍ଡ ଧରି କିଷାନ୍ ଛକ୍, ମଝିପଡା, ତଳିପଡା, ଉପରପଡା, ହାଇସ୍କୁଲ ଛକ୍, ଇନ୍ଦ୍ରା କଲୋନୀ ଆଦି ପରିକ୍ରମା କରିଥିଲେ । ଶିକ୍ଷୟିତ୍ରୀ କ୍ରିଷ୍ଣାମୟୀ ମହତମ୍ ସାମିଲ ହୋଇଥିଲେ ।


ତମାଖୁ ବର୍ଜନ ରାଲିରେ ପିଲାମାନେ ବାହାରିଛନ୍ତି।

# ଟିକ୍ରାପଡ଼ା ଫୁଟବଲ ଟୁର୍ନାମେଣ୍ଟ: ବଲାଙ୍ଗୀର ଚାମ୍ପିୟନ

ଟିକ୍ରାପଡା,୨୭।୧(ଡି.ଏନ.ଏ.)

ସଇଁତଲା ବ୍ଲକ ଟିକ୍ରାପଡାଠାରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବର୍ଷ ତିନିଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଜୁରପଡା ଦଳକୁ ୫-୦ ଗୋଲରେ ହରାଇ ବଲାଙ୍ଗୀର ଚାମ୍ପିୟନ ହୋଇଥିଲା। ସୁଦୟ ବାରିକ, ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ନାହାକ, ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଭକ୍ତବନ୍ଧୁ ପସାୟତ ଖେଳ ପରିଚାଳନା କରିଥିଲେ । ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ଯୋଗ ଦେଇଥିଲେ । ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଦୋରା, ଏମ୍‌ପି ପ୍ରତିନିଧି ରାଜେଶ ଅଗ୍ରୱାଲ, ଅକ୍ଷୟ ରଣା, କରୁଣାସିନ୍ଧୁ ପସାୟତ ସମ୍ମାନିତ ଅତିଥି ରହିଥିଲେ। ବରିଷ୍ଠ ଫୁଟବଲ ଖେଳାଳି ଅରବିନ୍ଦ ସୁପକାର ମୁଖ୍ୟବକ୍ତା ରହିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସ୍ ଅପ ଦଳକୁ ଟ୍ରଫି ସହ ୪୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଉପ ସଭାପତି ସତ୍ୟନାରାୟଣ ରାଜପଲିଆ ଅତିଥି ପରିଚୟ ଓ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

## ପାଚିକା ସହାୟିକା ମହାସଂଘ ବୈଠକ

ଦେଓଗାଁ ,୨୭।୧(ଡି.ଏନ.ଏ)

ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ସାରସବାହାଲ ଡାକ ବଙ୍ଗଳାଠାରେ ପାଚିକା ସହାୟିକା ମହାସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଚିକ ସଂଘ ରାଜ୍ୟ ସଭାନେତ୍ରୀ ବୈଦେହି ଭୋଇଙ୍କ ସଭାପତିତ୍ୱରେ ଦେଓଗାଁ, ଗୁଡଭେଲା ଓ ସଇଁନ୍ତଲା ବ୍ଲକର ସମସ୍ତ ବିଦ୍ୟାଳୟର ପାଚିକା ସହାୟିକାମାନେ ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ମାର୍ଚ୍ଚ ୨ରେ ୭ ଦଫା ଦାବି ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏପରିକି କାର୍ଯ୍ୟରତ ସମସ୍ତ ପାଚିକା ଓ ସହାୟିକାଙ୍କୁ ମାସିକ ୯ ହଜାର ଟଙ୍କା, ମନମୁଖୀ ଛଟେଇ ବ୍ୟବସ୍ଥା ବନ୍ଦ କରିବା, ପ୍ରତି ମାସରେ ନିର୍ଦ୍ଧାରିତ ତାରିଖରେ ଦରମା ପ୍ରଦାନ, ନିଯୁକ୍ତିର ସ୍ଥାୟିତ୍ୱ ପ୍ରଦାନ ପାଇଁ ଦାବି କରିଛନ୍ତି ।

# ବୁଢ଼ିମାଉଳୀ ଫୁଟବଲ: ନାଇକେନସିରା ଚାମ୍ପିୟନ

ଦେଓଗାଁ, ୨୭।୧(ଡି.ଏନ.ଏ.)

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ଚାଲିଥିବା ୭ମ ବୁଢ଼ିମାଉଳୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନାଇକେନସିରା ଓ କୁଦେଇପାଲି ମଧରେ ଅନୁଷ୍ଠିତ ଫାଇନାଲ ଖେଳରେ ୨-୦ଗୋଲରେ ନାଇକେନସିରା ଦଳ ବିଜୟୀ ହୋଇଥିଲା। ଶ୍ରୀବତ୍ସ ମେହେର, ପ୍ରଶାନ୍ତ ଥନାପତି, ପ୍ରଫୁଲ୍ଲ ମେହେର ଖେଳ ପରିଚାଳନା କରିଥିଲେ । ସୁରେନ୍ଦ୍ର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜରାସିଂହା କୃଷି ସମବାୟ ସମିତିର ସଭାପତି ସୁରେଶ କୁମାର ମେହେର, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କାହ୍ନୁଚରଣ ମେହେର, ପ୍ରମୋଦ ବହିଦାର, ରାଜୁ ବାଗ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

## ସଂକ୍ଷେପରେ

### ଦୋକାନ ପୋଡ଼ିଦେଲେ ଦୁର୍ବୃତ୍ତ

**ସଇଁତଲା, ୨୭।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡେଙ୍ଗ ପଞ୍ଚାୟତର ବ୍ରାହ୍ମଣୀ ଗ୍ରାମରେ ଥିବା ଏକ ଦୋକାନକୁ ଶନିବାର ରାତିରେ ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣୀ ଗ୍ରାମର ଗୋକୁଳ ସାହୁ (୪୨) ଗ୍ରାମଠାରୁ କିଛି ଦୂରରେ ନଡ଼ାଛପର ଘରେ କୁକୁଡ଼ା ଦୋକାନ କରିଥିଲେ । ରବିବାର ସକାଳେ ଉକ୍ତ ଦୋକାନ ପୋଡ଼ି ଯାଇଥିବା ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡ ଯୋଗୁ ଏହା ଭିତରେ ଥିବା ସାମଗ୍ରୀ ମଧ୍ୟ ଜଳି ଯାଇଛି । ଏ ନେଇ ଗୋକୁଳ ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଆମ ପୋଲିସ ସମିତି ବୈଠକ

**ସଇଁତଲା, ୨୭।୧ (ଡି.ଏନ.ଏ.):** ସଇଁତଲା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ହୋଇଥିବା ଏହି ବୈଠକରେ ଥାନା ଅଧିକାରୀ ବାରିଣୀ ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରିବା, ଆମ ପୋଲିସ ସମିତିର ବୈଠକ ନିୟମିତ ଭାବରେ ଆୟୋଜନ କରିବା, ଗ୍ରାମାଞ୍ଚଳରେ ହେଉଥିବା ଛୋଟଛୋଟ ଗଣ୍ଡଗୋଳ ନିର୍ବାଚିତ ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସମାଧାନ କରିବା, ଜାତୀୟ ରାଜପଥ କଡ଼ରେ ଚାଲିଥିବା ମଦ, ଗଞ୍ଜେଇ, ସଟ୍ଟା କାରବାର ପ୍ରତି ପୋଲିସ ପ୍ରଶାସନ ଜନସଚେତନତା ସୃଷ୍ଟି କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ପରେ ପୋଲିସ ଅଧିକାରୀ ଦାସ ଉପସ୍ଥିତ ସମସ୍ତଙ୍କୁ ଟ୍ରାଫିକ ନିୟମ ମାନିବା ସହ ଅନ୍ୟମାନଙ୍କୁ ମାନିବା ପାଇଁ କହିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପାଟ୍ରୋଲିଂ ବ୍ୟବସ୍ଥାରେ ସୁଧାର ଅଣାଯିବ ବୋଲି କହିଥିଲେ। ବୈଠକରେ ଥାନା ଏସଆଇ ଦୁର୍ବାଦଳ ମେହେର, ଏଏସ୍ଆଇ ସଙ୍ଗୀତା ବେକ, କମଳା ବିଶ୍ୱାଳ, ଏମ.ଡି. ସୁନାନୀଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ଏକଲ ବିଦ୍ୟାଳୟ ଆଚାର୍ଯ୍ୟଙ୍କ ବନବିହାର

**ଟିକ୍ରାପଡା,୨୭।୧(ଡି.ଏନ.ଏ.):** ସଇଁତଲା ବ୍ଲକ ଦେଓଗାଁ ନିକଟ ଖପରାଡୁଙ୍ଗୁରୀ ମଠରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ବିଦ୍ୟାଳୟ ଅଭିଯାନରେ କାର୍ଯ୍ୟରତ ଆଚାର୍ଯ୍ୟା ଓ ଆଚାର୍ଯ୍ୟଙ୍କ ବନବିହାର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ପଣ୍ଡା ଅଧକ୍ଷତା କରିଥିଲେ। ଇନ୍ଦ୍ରମଣୀ ବନଛୋର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃପାସିନ୍ଧୁ ମିଶ୍ର, ମୋହନ ନାଏକ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୩୦ଖଣ୍ଡ ଗ୍ରାମରେ କାର୍ଯ୍ୟରତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ ।

### ୧୯୮୫ ମାଟ୍ରିକ ବ୍ୟାଚ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

**ଦେଓଗାଁ,୨୭।୧(ଡି.ଏନ.ଏ):** ଦେଓଗାଁ ବ୍ଲକ ଜରାସିଂହା ଲକ୍ଷ୍ମଣଝୁଲାଠାରେ ନେତ୍ରଭାନୁ ହାଇସ୍କୁଲର ୧୯୮୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ତତ୍କାଳୀନ ଶିକ୍ଷକ ନରସିଂହ ଦଣ୍ଡସେନା ଓ ପରମାନନ୍ଦ ଥନାପତି ଯୋଗଦେଇ ଏହିପରି ବନ୍ଧୁମିଳନ ଛାତ୍ରମାନଙ୍କ ଏକତ୍ୱର ନିଦର୍ଶନ ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ରାଜେଶ ଅଗ୍ରୱାଲ, ଆଦିତ୍ୟ ମିଶ୍ର, ଉପେନ୍ଦ୍ର ଥନାପତି, ରଜନୀକାନ୍ତ ଦାସ, ସୁବାଷ ପାଣିଗ୍ରାହୀ, ଘାସିରାମ ରଣା, ବ୍ରଜ ପୁଟେଲ, ବିଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ୧୬୫ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ଦେଓଗାଁ, ୨୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାଗୃହରେ ସୋମବାର ଜିଲା ପ୍ରଶାସନ ତରଫରୁ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ରୀନା ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲାପାଳ ଅରିନ୍ଦମ ଡାକୁଆ, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ପ୍ରଧାନ ଯୋଗଦେଇ ୧୬୫ଜଣ ପଞ୍ଜିକୃତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗର ବିଭାଗୀୟ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଥିଲା । ବଡବାହାଲ ସରପଞ୍ଚ ଜୟ ରଣାଙ୍କ ନେତୃତ୍ୱରେ ଜନପ୍ରତିନିଧି ତଥା ଗ୍ରାମବାସୀ ବଡବାହାଲ ଗାଁରେ ପାନୀୟ ଜଳ ସମସ୍ୟା ଉପରେ ଅବଗତ କରି ବସୁଧା ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ଚାଷୀମାନେ ଜିଲାପାଳଙ୍କୁ ଭେଟି ଉଠା ଜଳସେଚନ ବିଭାଗ ତରଫରୁ ଗଭୀର ନଳକୂପ ପାଇଁ ଅନଲାଇନରେ ଆବେଦନ କଲେ କେବଳ ଦେଓଗାଁ ବ୍ଲକର ଚାଷୀଙ୍କ ଆବେଦନ ଗ୍ରହଣ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ। ମହଲାଇ ପଞ୍ଚାୟତ ଅନ୍ତର୍ଗତ ବଗଡାର ଜନସାଧାରଣ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ହାଇସ୍କୁଲରେ ଅନେକ ଦିନହେଲା ସଭାପତି ଚୟନରେ ସମସ୍ୟା ଉପୁଜିଥିବାରୁ ପରିଚାଳନା କମିଟି ଗଠନ ହୋଇପାରୁ ନ ଥିବା ଅଭିଯୋଗ କରିଥିଲେ । ସମସ୍ତ ସଭ୍ୟଙ୍କ ବିନା ସହମତିରେ ଜନୈକ ବ୍ୟକ୍ତିଙ୍କୁ କିପରିଭାବେ ସଭାପତି କରାଗଲା ବୋଲି ପ୍ରଶ୍ନ କରିବା ସହ କମିଟି ସଦସ୍ୟଙ୍କ ସହମତିରେ ସଭାପତି ଚୟନ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଉପଜିଲାପାଳ ମିଶ୍ର ଗ୍ରାମବାସୀଙ୍କ ସହମତି ଅନୁସାରେ ତୁରନ୍ତ କମିଟି ସଭାପତି ଚୟନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ବଗଡା ତଥା ଦେଓଗାଁ ଆଖପାଖ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ହୋଇଥିଲା । ଦେଓଗାଁ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ଚିକିତ୍ସାଳୟ, ବ୍ଲକ ଶିକ୍ଷାଧିକାରୀ, କୃଷି ବିଭାଗ,ସମନିତ ଶିଶୁବିକାଶ ପ୍ରକଳ୍ପ, ପ୍ରାଣୀଧନ ଚିକିତ୍ସାଳୟ ଓ ତହସିଲ ଆଦିକୁ ଯିବା ରାସ୍ତାର କଂକ୍ରିଟକରଣ ଓ ନିକଟସ୍ଥ ରେଳ ଲାଇନଠାରେ ନୂତନଭାବେ ରେଳ ବିଭାଗ ତରଫରୁ ଏକ ଭୂତଳରାସ୍ତା କରାଯାଇଛି। ଏଠାରେ ସନ୍ଧ୍ୟା ସମୟରେ ଅନ୍ଧାର ହେଉଥିବାରୁ ଦୁର୍ଘଟଣା ସମ୍ଭାବନା ରହିଥିବାରୁ ତୁରନ୍ତ ଲାଇଟ ବ୍ୟବସ୍ଥା କରିବାକୁ ନରେନ୍ଦ୍ର କୁମାର ବିଶ୍ୱାଳ, ଅମର ଦଣ୍ଡସେନା, ଆକାଶ ଶିକା, ଅମିତ ରଣା, ଧନମତ ପନୁଆଁ, ଅମ୍ବରୀଶ ଥନାପତି,ଭୋପାଳ ପଧାନ, ଭୋଜରାଜ ମଲ୍ଲିକ ପ୍ରମୁଖ ଦାବି କରିଥିଲେ । ବଡବାହାଲ ଗ୍ରାମପଞ୍ଚାୟତ ନିକଟସ୍ଥ ତେଲନଦୀରେ ମେଗା ଉଠାଜଳସେଚନ ପ୍ରକଳ୍ପ ରହିଥିଲେ ମଧ ବିଭାଗୀୟ ଖାମଖିଆଲି ନୀତିଯୋଗୁଁ ଚଳିତବର୍ଷ ମରୁଡିର ଶିକାର ହୋଇଥିବା ଚାଷୀ ସିଂତାଶୁ ମିଶ୍ର, ବିଜୟ ରଣା, ନୀଳାଞ୍ଚଳ ରଣା, ବିରଞ୍ଚି ରଣା, ଆଶିଷ ସାହୁ, ଚୌଧୁରୀ ରଣା, ବାଳମୁକୁନ୍ଦ ସାହୁ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱଚାଷୀ ଅଭିଯୋଗ କରିଥିଲେ । ଭତ୍ତା,ରାସନକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ଅନେକ ଆବେଦନ କରିଥିଲେ । ଶିବିରରେ ବିଡିଓ ବେର୍ଣ୍ଣଦେତ ଲାକ୍ରା, ତହସିଲଦାର ସୋନାଲି ପାତ୍ର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଦେଓଗାଁ ବ୍ଲକରେ ଜନ ଅଭିଯୋଗ ଶୁଣାଣି**

# ତିନି ଦଫା ଦାବିରେ ଯୁବକଙ୍କ ସଚେତନତା ପଦଯାତ୍ରା

**ଖପ୍ରାଖୋଲ, ୨୭।୧(ଡି.ଏନ.ଏ)**

ଜଗତସିଂହପୁରଠାରୁ ତିନି ଦଫା ଦାବିରେ ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାଶ ତାଙ୍କ ପଦଯାତ୍ରାରେ ଖପ୍ରାଖୋଲଠାରେ ସୋମବାର ପହଞ୍ଚିଥିଲେ । ଓଡିଶାକୁ ସ୍ୱାତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଜଳ ସମସ୍ୟାର ତୁରନ୍ତ ସମାଧାନ, ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ହେଡକ୍ଲାର୍କ ବ୍ରଜବନ୍ଧୁ ଠାକୁରଙ୍କୁ ପ୍ରଦାନ କରିଥିଲେ । ପଦଯାତ୍ରା ମାଧ୍ୟମରେ ସ୍ମାରକ ପତ୍ର ପ୍ରଦାନ ସହ ଜନସଚେତନତା ସୃଷ୍ଟି ପାଇଁ ରାଜ୍ୟର ସମସ୍ତ ବ୍ଲକରେ ପହଞ୍ଚି ତିନି ଦଫା ଦାବି ରଖିଥିବା ମଞ୍ଚ ଆବାହକ ଦାଶ ପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ ।



ଦାବିପତ୍ର ଦେବା ଅବସରରେ ସ୍ଥାନୀୟ ଯୁବକମାନଙ୍କ ସହ ସତ୍ୟବ୍ରତ ଦାସ ।

# ୨୦ ବଛର ହେଲା ଆବେଦନ କରିଆସୁଛନ୍ ଭତାରୁ ବଁଚିତ୍ ୯୦ ବଛରିଆ ବୁରୁଧ୍

**ଦେଓଗାଁ,୨୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଁଚେତ୍ ଲୁହାଖାନା ଗାଁର ୯୦ ବଛ୍‌ରିଆ ବୁରୁଧ୍ ମଧୁ ପଟେଲ। ବଏସର ଶେଷ ମୁଡ଼ସାକେ ପୁହୁଁଚି ସାରିଥିଲେ ବି ସେ ଭତାରୁ ବଁଚିତ୍ ହେଇ ରହିଛନ୍। ଭୋଟ ପରିଚଏପତର ଆର ଆଧାରକାର୍ଡର ସୂଚନା ଅନ୍‌ସାରେ ମଧୁକଁର ଜନମ୍ ୧୯୩୦ ସାଲେ। ସେ ହିସାବେ ଏହେଦେ ତାକର ବଏସ୍ ୯୦ ବଛର। ମଧୁକଁର ଅଭିଯୋଗ ହେଲା ଆଏଜ୍‌କେ ୨୦ ବଛରରୁ ଅଧିକା ହେଲା ସେ ଭତାର ଲାଗି ଆବେଦନ କରିଆସୁଛନ୍। ହେଲେ ସବୁବେଲେ ତାହାକୁ ନିରାଶ ହେବାକେ ପଡୁଛେ। ମାସକେତେ ତଲେ ସରକାରକଁର ପିଠା କାଏ୍‌କରମରେ ବି ସେ ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ଏନ୍‌ତାଥି ସେ ସୋମବାର ବ୍ଲକରେ ଜିଲାପାଳକଁର ଜନ ଅଭିଯୋଗ ଶୁନାନି ହେଉଥିବାର ସୂଚନା ପାଇ ବୁରୁଧ୍ ମଧୁ ଭତାର ଲାଗି ଆବେଦନ ସଂଗେ ଗୁହାରି କରବାକେ ଆସିଥିବାର କହିଥିଲେ।



ବୁରୁଧ୍ ମଧୁ ପଟେଲ ଭତାର ଲାଗି ବ୍ଲକ ଅଫିସକେ ଆସିଛନ୍।



### ଗଞ୍ଜେଇ ଜବତ, ଜଣେ ଗିରଫ

**ସୋନପୁର,୨୭।୧(ନି.ପ୍ର.)**

ଡୁଙ୍ଗୁରିପାଲି ଥାନା ଚେରୁପାଲି ବସ୍‌ଷ୍ଟାଣ୍ଡରୁ ସୋମବାର ସକାଳେ ୨୧ କିଲୋ ଗଞ୍ଜେଇ ଜବତ ହୋଇଛି। ବିନିକା ଅବକାରୀ ବିଭାଗ ପକ୍ଷରୁ ଏହି ଘଟଣାରେ ଚେରୁପାଲିର ସୁରୁ ଓରଫ ହିମାଂଶୁ ଚଣ୍ଡନ(୪୭)ଙ୍କୁ ଗିରଫ କରାଯାଇଛି। ସୁରୁ ଏକ ପ୍ଲାଷ୍ଟିକ୍ ବସ୍ତାରେ ଗଞ୍ଜେଇ ଧରି ବସକୁ ଅପେକ୍ଷା କରି ରହିଥିଲେ। ଅବକାରୀ ଏସଆଇ ଲକ୍ଷ୍ମଣ ପଣ୍ଡା, ଏଏସଆଇ କେଶବ ଧରୁଆ, ପ୍ରଦୀପ କୁମାର ରଥ, କନେଷ୍ଟବଳ ଭେଙ୍କଟ ରମଣ ବେହେରା, ଡୋଳାମଣି ପଧାନ, ମମତା ବାଗ ଓ ଗଣେଷ ଭୋଇ ପ୍ରମୁଖ ଏହି ଚଢାଉ କରିଥିଲେ। ସୋମବାର ଅଭିଯୁକ୍ତ ହିମାଂଶୁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସାମାଜିକ ଆର୍ଥିକ ସୁରକ୍ଷା ବୀମା ଯୋଜନା ଜନସଚେତନତା ଶିବିର

**ବଲାଙ୍ଗୀର ଅଫିସ, ୨୭।୧**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲିଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଚୁଡାପାଲି ଶାଖା ଓ ବଲାଙ୍ଗୀର ଆଞ୍ଚଳିକ କାର୍ଯ୍ୟାଳୟ ଆର୍ଥିକ ସୁରକ୍ଷା ବୀମା ଯୋଜନା ବିଭାଗ ତରଫରୁ ବ୍ୟାଙ୍କ ଗ୍ରାହକମାନଙ୍କୁ ନେଇ ଏକ ଜନସଚେତନା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବଲାଙ୍ଗୀର ସାମାଜିକ ଆର୍ଥିକ ସୁରକ୍ଷା ଶାଖା ପରିଚାଳକ ଓମପ୍ରକାଶ ମୁଣ୍ଡ ଓ ଚୁଡାପାଲି ଶାଖା ପରଚାଳକ ଦେବବ୍ରତ ପତି ଯୋଗଦାନ କରି ଉପସ୍ଥିତ ଗ୍ରାହକମାନଙ୍କୁ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା ବିଷୟରେ ଗ୍ରାହକମାନଙ୍କୁ ଅବଗତ କରିଥିଲେ । ଏହି ସମସ୍ତ ଯୋଜନା ସରକାରଙ୍କ ଦ୍ୱାରା ସ୍ୱଳ୍ପ ମୂଲ୍ୟର ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସୂଚନା ଦେଇ ଏହାର ସୁବିଧା ନେବା ପାଇଁ ଜନସାଧାରଣଙ୍କୁ କହିଥିଲେ । ଶିବିରେ ଅଞ୍ଚଳର ବିଭିନ୍ନ ଗାଁର ଲୋକଙ୍କ ସହ ସ୍ଥାନୀୟ ଗ୍ରାହକ ସେବା କେନ୍ଦ୍ରର ଅପେରେଟରମାନେ ଉପସ୍ଥିତ ଥିଲେ । ଶେଷରେ ଶାଖା ପରିଚାଳକ ପତି ସମସ୍ତ ଗ୍ରାହକ, ବ୍ୟାଙ୍କ ଅଧିକାରୀ ଏବଂ ବୀମା ସୁରକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ ।




ଚୁଡାପାଲିଠାରେ ଆର୍ଥିକ ସୁରକ୍ଷା ବୀମା ଯୋଜନା ବିଭାଗ ତରଫରୁ ବ୍ୟାଙ୍କ ଗ୍ରାହକମାନଙ୍କୁ ନେଇ ଅନୁଷ୍ଠିତ ଜନସଚେତନା ଶିବିର ।

# ସିଆରପିଏଫ୍‌ର ଜନସମ୍ପର୍କ କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୨୭।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତର ତୁର୍ଲା ଓ ମହରାପଦର ପଞ୍ଚାୟତ ଚାଉଳବାଂଜିଠାରେ ସିଆରପିଏଫ ୧୮୯ ବାଟଲିଅନ ତରଫରୁ ଜନସମ୍ପର୍କ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଡେପୁଟି କମାଣ୍ଡାଣ୍ଟ ଏସ୍.ସୁରେଶ୍ , ମେଡିକାଲ ଅଫିସର ଡା.ରାମ ରଘୁନାଥ ରାମ, ଡା.ଓମପ୍ରକାଶ ଯାଦବ ଉପସ୍ଥିତ ଥିଲେ । ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ପରେ ମଶାରୀ, କମ୍ବଳ, ସୋଲାର ଲାଇଟ, ପାଣି ଟାଙ୍କି, ବାସନ ଏବଂ ଖେଳ ଉପକରଣ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ସରୋଜ କଲେତ, ଇନ୍ସପେକ୍ଟର ଲିମସଙ୍ଗ, ଏସ.ଆଇ ସତ୍ୟନାରାୟଣ ବର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅଧିକାରୀମାନେ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରୁଛନ୍ତି।

### ଅଭିଯୋଗ କରିବାକୁ ଆସିଥିବା ଯୁବକଙ୍କୁ ଥାନା ପରିସରରେ ମାଡ

**କଣ୍ଟାବାଞ୍ଜି, ୨୭।୧(ଡି.ଏନ.ଏ.)**

କଣ୍ଟାବାଞ୍ଜି ରେଳବାଇ ଫୁଟବଲ ଗ୍ରାଉଣ୍ଡରେ ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସରିଲା ପରେ ଶିବାଜୀ ନଗର ଅଞ୍ଚଳର କେତେକ ଯୁବକ ଜଣେ ଝିଅକୁ କମେଣ୍ଟ ମାରିଥିଲେ। ଏହି ସମୟରେ ପାଖରେ ଥିବା କେତେକ ଯୁବକ ସେମାନଙ୍କୁ ବିରୋଧ କରିବାରୁ ମାରପିଟର ରୂପ ନେଇଥିଲା । ଉଭୟ ପକ୍ଷ ମଧ୍ୟରେ ମାରପିଟ ହୋଇ ଘଟଣା ଥାନାକୁ ଆସିଥିଲା। ଏହା ଉପରେ ବିଟୁ ରାଏ ନାମକ ମାଡ ଖାଇଥିବା ଯୁବକ ଏ ନେଇ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ପୋଲିସ ସମ୍ମୁଖରେ କେତେକ ଯୁବକ ବିଟୁଙ୍କୁ ନିଘୁଣ ମାଡ ମାରିଥିଲେ । ଅଟକାଇବାକୁ ଯାଇ ପୋଲିସ କର୍ମଚାରୀ ମଧ ଆକ୍ରମଣର ଶିକାର ହୋଇଥିବା କୁହାଯାଉଛି। ଫଳରେ ଥାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ଜଣେ ଆକ୍ରମଣକାରୀକୁ ରାତିରେ ଜଣକୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଦଫା ୩୦୭/୩୪ରେ ଏକ ମାମଲା (ନଂ. ୨୮/୨୦) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୋଲିସ।

# ଟିକ୍ରାପଡ଼ା ଫୁଟବଲ ଟୁର୍ନାମେଣ୍ଟ: ବଲାଙ୍ଗୀର ଚାମ୍ପିୟନ

**ଟିକ୍ରାପଡା,୨୭।୧(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡାଠାରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବର୍ଷ ତିନିଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଖଜୁରପଡା ଦଳକୁ ୫-୦ ଗୋଲରେ ହରାଇ ବଲାଙ୍ଗୀର ଚାମ୍ପିୟନ ହୋଇଥିଲା। ସୁଦୟ ବାରିକ, ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ନାହାକ, ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ଭକ୍ତବନ୍ଧୁ ପସାୟତ ଖେଳ ପରିଚାଳନା କରିଥିଲେ । ମନଧର ଦୀପ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ଯୋଗ ଦେଇଥିଲେ । ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଦୋରା, ଏମ୍‌ପି ପ୍ରତିନିଧି ରାଜେଶ ଅଗ୍ରୱାଲ, ଅକ୍ଷୟ ରଣା, କରୁଣାସିନ୍ଧୁ ପସାୟତ ସମ୍ମାନିତ ଅତିଥି ରହିଥିଲେ। ବରିଷ୍ଠ ଫୁଟବଲ ଖେଳାଳି ଅରବିନ୍ଦ ସୁପକାର ମୁଖ୍ୟବକ୍ତା ରହିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସ୍ ଅପ ଦଳକୁ ଟ୍ରଫି ସହ ୪୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଉପ ସଭାପତି ସତ୍ୟନାରାୟଣ ରାଜପଲିଆ ଅତିଥି ପରିଚୟ ଓ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

### ପାଚିକା ସହାୟିକା ମହାସଂଘ ବୈଠକ

**ଦେଓଗାଁ ,୨୭।୧(ଡି.ଏନ.ଏ)**

ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ସାରସବାହାଲ ଡାକ ବଙ୍ଗଳାଠାରେ ପାଚିକା ସହାୟିକା ମହାସଂଘର ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଚିକ ସଂଘ ରାଜ୍ୟ ସଭାନେତ୍ରୀ ବୈଦେହି ଭୋଇଙ୍କ ସଭାପତିତ୍ୱରେ ଦେଓଗାଁ, ଗୁଡଭେଲା ଓ ସଇଁନ୍ତଲା ବ୍ଲକର ସମସ୍ତ ବିଦ୍ୟାଳୟର ପାଚିକା ସହାୟିକାମାନେ ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ମାର୍ଚ୍ଚ ୨ରେ ୭ ଦଫା ଦାବି ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏପରିକି କାର୍ଯ୍ୟରତ ସମସ୍ତ ପାଚିକା ଓ ସହାୟିକାଙ୍କୁ ମାସିକ ୯ ହଜାର ଟଙ୍କା, ମନମୁଖୀ ଛଟେଇ ବ୍ୟବସ୍ଥା ବନ୍ଦ କରିବା, ପ୍ରତି ମାସରେ ନିର୍ଦ୍ଧାରିତ ତାରିଖରେ ଦରମା ପ୍ରଦାନ, ନିଯୁକ୍ତିର ସ୍ଥାୟିତ୍ୱ ପ୍ରଦାନ ପାଇଁ ଦାବି କରିଛନ୍ତି।

# ବୁଢ଼ିମାଉଳୀ ଫୁଟବଲ: ନାଇକେନସିରା ଚାମ୍ପିୟନ

**ଦେଓଗାଁ, ୨୭।୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ଚାଲିଥିବା ୭ମ ବୁଢ଼ିମାଉଳୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନାଇକେନସିରା ଓ କୁଦେଇପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ୨-୦ଗୋଲରେ ନାଇକେନସିରା ଦଳ ବିଜୟୀ ହୋଇଥିଲା। ଶ୍ରୀବତ୍ସ ମେହେର, ପ୍ରଶାନ୍ତ ଥନାପତି, ପ୍ରଫୁଲ୍ଲ ମେହେର ଖେଳ ପରିଚାଳନା କରିଥିଲେ । ସୁରେନ୍ଦ୍ର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜରାସିଂହା କୃଷି ସମବାୟ ସମିତିର ସଭାପତି ସୁରେଶ କୁମାର ମେହେର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ କାହ୍ନୁଚରଣ ମେହେର, ପ୍ରମୋଦ ବହିଦାର, ରାଜୁ ବାଗ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କୋମନା,୨୭।୧(ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନରେ ପରିବେଶ ସୁରକ୍ଷା ପାଇଁ ଏକତ୍ର ହୋଇଛନ୍ତି। ରବିବାର ବରିଷ୍ଠ ନାଗରିକ ସଂଘ ସଭାପତି ଗଙ୍ଗାଧର ହୋତାଙ୍କ ତତ୍ତ୍ୱାବଧାନରେ କୋମନା ଅଞ୍ଚଳର ବହୁ ବରିଷ୍ଠ ନାଗରିକ ସାମୂହିକ ଭାବେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଏବଂ ବାହାରେ ପଡିଥିବା ଆବର୍ଜନାକୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସଫେଇ କରିଥିଲେ। ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ରଙ୍କ ସମେତ ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୋଦ ପାଢୀ, ଦୁର୍ଯ୍ୟୋଧନ ପ୍ରଧାନ, କୃଷ୍ଣରାଜ ମହାପାତ୍ର, ଗୋଲାପ ସେଠୀ, ଈଶ୍ୱର ସାହୁ, ନବକିଶୋର ପଣ୍ଡା, ହିରାଧର ପୋଡ, ଗଗନ ପଣ୍ଡା, ଭୁବନେଶ୍ୱର ନାଏକ, ଅଷାଡୁ ଦୁରିଆ, ରାଏସିଂ ଦରଜି ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ରୋଗୀମାନଙ୍କୁ ବରିଷ୍ଠ ନାଗରିକ ଓ ରାଷ୍ଟ୍ରୀୟ ଯୁବକ ସଂଘ ସଦସ୍ୟଙ୍କ ଦ୍ୱାରା ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ବସ୍ କାଚ ଭାଙ୍ଗି ୨ ଯୁବକ ଜେଲ ଗଲେ

**ଭବାନୀପାଟଣା,୨୭।୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା କୁନ୍ଦେଇରୁ ଭୁବନେଶ୍ୱର ଯାଉଥିବା ଘରୋଇ ବସ ଦିଲଖୁସ୍‌ର କାଚ ଭାଙ୍ଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଶୁକ୍ରବାର ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଗତ ୨୧ ତାରିଖରେ ଭୁବନେଶ୍ୱର ଯାଉଥିବା ବେଳେ ରାତି ପ୍ରାୟ ସାଢେ ୧୦ଟାରେ ଭବାନୀପାଟଣା ଆମ୍ବଗଛ ପଡା ଛକରେ ୨ ଯୁବକ ବସକୁ ଅଟକାଇ ଗାଳିଗୁଲଜ କରିଥିଲେ। ଏହା ସହିତ ଆଗ ଓ ପଛ କାଚ ଢେଲା ମାରି ଭାଙ୍ଗି ଦେଇଥିଲେ। ଥାନାରେ ଏ ନେଇ ଅଭିଯୋଗ ପରେ ଏସ୍ଆଇ ଶିବ ପ୍ରସାଦ ଭଦ୍ର ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ।

### କଂଗ୍ରେସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

**ଭବାନୀପାଟଣା,୨୭।୧ (ଡି.ଏନ.ଏ.):** କଳାହାଣ୍ଡି କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ ଜାତୀୟ ପତାକା ଉତ୍ତୋଳନ କରି ସାମ୍ପ୍ରତିକ ଦେଶରେ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ବେକାରୀ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ଦେବୀ ପ୍ରସାଦ ସିନ୍ଦୁର, ଉଚ୍ଛବ ସାହୁ, ସାଧାରଣ ସମ୍ପାଦକ ବ୍ରଜମୋହନ ସାହୁ, ଆଦିବାସୀ ସମାଜ ସଂଯୋଜକ ପ୍ରେମାନନ୍ଦ ମାଝି, ନଗର କଂଗ୍ରେସ ସଭାପତି ନିମାଞ୍ଚଳ ନାଏକ ପ୍ରମୁଖ ଯୋଗଦେଇଥିଲେ।

# ଜଙ୍ଗଲ ଜମି ଅଧିକାର ପାଇଁ ଜିଲାପାଳ ଅଫିସ ଘେରାଉ

**ନୂଆପଡା ଅଫିସ,୨୭।୧**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ଦାବି ପୂରଣ ଯାଏଁ ଧାରଣା ଜାରି ରହିବ
- ଅଫିସ ସମ୍ମୁଖରେ ଚୁଲି ଜାଳି ରାନ୍ଧୁଛନ୍ତି

ସରକାର ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କରିବାର ଦୀର୍ଘ ବର୍ଷ ପରେ ମଧ୍ୟ ଜଙ୍ଗଲ ଇଲକାରେ ପୁରୁଷାନୁକ୍ରମେ ରହି ଆଦିବାସୀଙ୍କୁ ଅଧିକାର ମିଳିପାରୁନାହିଁ । ଏହାକୁ ନେଇ ସରକାର ବିଭିନ୍ନ ସମୟରେ ଦୋମୁହାଁ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଭିନ୍ନ ଭିନ୍ନ ୧୬ ଦଫା ଦାବି ନେଇ ଆଦିବାସୀମାନେ ସୋମବାର ଜିଲାପାଳ ଅଫିସ ଘେରାଉ କରିଥିବାବେଳେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ ନ କରିବା ଯାଏଁ ଏଠାରେ ଅନିର୍ଦ୍ଦିଷ୍ଟକାଳଯାଏଁ ଧାରଣାରେ ବସି ରହିବେ ବୋଲି ଅଡି ବସିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚୂଲି ଜାଳି ରନ୍ଧାଖାଦ୍ୟ ଖାଇ ବସି ରହିଛନ୍ତି ।

ସୋମବାର ମଧ୍ୟାହ୍ନ ୧୨ଟରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ବ୍ୟାନରରେ ଜିଲାର ସହସ୍ରାଧିକ ଆଦିବାସୀ ସ୍ଥାନୀୟ ମିନିଷ୍ଟାଡିୟମରେ ଠୁଳ ହୋଇଥିଲେ। ଏଠାରୁ ଏକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଠୁଳ ହୋଇଥିଲେ। ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ଶେଷରେ ଜିଲାପାଳଙ୍କ ପକ୍ଷରୁ ଉପଜିଲାପାଳ ତରଣୀସେନ ନାଏକ ଦାବିପତ୍ର ଗ୍ରହଣ କରିଥିଲେ। ଏଥିରେ ସମସ୍ତ ଗ୍ରାମର ଗ୍ରାମସଭାକୁ ଗୋଷ୍ଠି ଜଙ୍ଗଲ ଏବଂ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ କରିବା, ଛୋଟ ଛୋଟ ଅଣ ରାଜସ୍ୱ ଗ୍ରାମ ତଥା ବସତିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା, ଆଦିବାସୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ବର୍ଗର ସମସ୍ତ ଆବେଦନକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ସୁନାବେଡାକୁ ଅଭୟାରଣ୍ୟ ଭାବେ ବିବେଚନା କରା ନ ଯାଉ। ଏଭଳି ୧୬ଟି ଦାବି ଉଲ୍ଲିଖ ରହିଛି। ଆନ୍ଦୋଳନରେ ଜିଲା ଆବାହକ ହୀରାସିଂ ମାଝି, ଖୁଟୁରାମ ସୁନାନୀ, ମେଘନାଦ ଖର୍ସେଲ, ହନୁରାମ ମାଝି, ବିଜୁ ଝାଙ୍କର, ଭୁଜବଲ ମାଝି, ତିଲସିଂ ଝାଙ୍କର, ପିଙ୍ଗଲ ମାଝି, ଲୁଦ୍ର ମାଝି, ତିରମନ ମାଝି, ଟିକେରାମ ମାଝି, ବୁଧୁରାମ ପହରିଆ, କେଶବ ମାଝି, ଧରମ ସିଂ ମାଝି, ବଲାଙ୍ଗୀରରୁ ସଂଗ୍ରାମୀ ନେତା ତ୍ରିଲୋଚନ ପୁଞ୍ଜି ପ୍ରମୁଖ ସାମିଲ ଥିଲେ। ଅନ୍ୟପକ୍ଷେ ଦାବିଗୁଡିକ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନ କରିବାଯାଏଁ ଧାରଣା ଜାରି ରଖିବେ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଆନ୍ଦୋଳନକାରୀମାନେ ସାଙ୍ଗରେ ଜାଳେଣି କାଠ ସହ ଚାଉଳ, ଡାଲି ମଧ୍ୟ ଆଣି ଆସିଛନ୍ତି।

# ଯୋଗେଶ୍ୱର ପୀଠରେ ସ୍ନାନ କଲେ କଂସ

**ନୂଆପଡା ଅଫିସ,୨୭।୧**

୮ ଦିନ ଧରି କୋଶଲୀ ଧନୁଯାତ୍ରାରେ ନିଜକୁ କଂସ ଭୂମିକାରେ ଅବତୀର୍ଣ୍ଣ କରିଥିବା ମଧୁସୂଦନ ପାଣିଗ୍ରାହୀ ନିଜର ପାପ କ୍ଷୟ ପାଇଁ ପତୋରା ଯୋଗେଶ୍ୱର ପୀଠକୁ ଯାଇ ସ୍ନାନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ନୂଆପଡାରୁ କଂସ ନିଜ ପାଟ ମନ୍ତ୍ରୀଙ୍କ ସହ ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ପତୋରାରେ ପହଞ୍ଚିଥିଲେ। ସେଠାରେ ପତୋରା ଡ୍ୟାମରେ ସ୍ନାନ କରିଥିଲେ। ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବା ପରେ ଯୋଗେଶ୍ୱର ବାବାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଧରମବନ୍ଧା ପଞ୍ଚାୟତ ପକ୍ଷରୁ ସରପଞ୍ଚ ଓମପ୍ରକାଶ କଲାର ସଦଳବଳେ ଆସି ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟର ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ସୁବଳ ଶ୍ୟାମ ପଣ୍ଡା, ଉଜ୍ୱଳ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମସ୍ତେ ଭୋଗ ଗ୍ରହଣ କରିଥିଲେ।



କଂସ ସ୍ନାନ ପରେ ଯୋଗେଶ୍ୱରଙ୍କ ପୂଜାର୍ଚ୍ଚନା କରୁଛନ୍ତି ।



ବୁଢାରଜା କ୍ରିକେଟ କପ୍‌ର ତୃତୀୟ ଦିବସରେ ମଞ୍ଚାସୀନ ଅତିଥି ।

# ବୁଢାରଜା କ୍ରିକେଟ କପ୍‌ର ତୃତୀୟ ଦିବସ: ଖରିଆର୍ ବିଜୟୀ

**ସିନାପାଲି, ୨୭।୧ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ସିଂଗଝର ଗ୍ରାମଠାରେ ଚାଲିଥିବା ବୁଢାରଜା କ୍ରିକେଟ କପ୍‌ର ତୃତୀୟ ଦିବସରେ ଖରିଆର ଏକାଦଶ ଓ ରାଉରକେଲା ଏକାଦଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଖରିଆର୍ ଦଳ ବିଜୟୀ ହୋଇଥିଲା। ଖରିଆର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭର୍‌ରେ ୧୦ ଉଇକେଟ ବିନିମୟରେ ୧୩୬ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ରାଉରକେଲା ଦଳ ୧୫.୫ ଓଭର୍ ଖେଳି ୧୦ ଉଇକେଟ୍ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା। ଏହି ମ୍ୟାଚରେ ଖରିଆର୍ ଦଳର ସୁରଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୁଷ୍ପ ନିଆଲ ଓ ଫୟୋଜ କଶ୍ୟପ ଖେଳ ପରିଚାଳନା କରିଥିବା ବେଳେ ବିଜୁ ସେଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ମ୍ୟାଚରେ ନାଏକ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବୁଢାରଜା କ୍ରିକେଟ କପ୍ ଆୟୋଜକ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ମ୍ୟାଚରେ ସିନାପାଲି ବ୍ଲକ୍ ଅଧ୍ୟକ୍ଷା ତପସ୍ୱିନୀ ମାଝି, କେନ୍ଦୁଲିଫ୍‌ରେର୍ ମଣ୍ଟୁ ସୁତାର, ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

### ବୋଲେରୋ ସହ ୫୦ ହଜାର ଟଙ୍କାର ମୂଲ୍ୟବାନ କାଠ ଜବତ

**ଭବାନୀପାଟଣା,୨୭।୧(ଡି.ଏନ.ଏ.)**

କଳାହାଣ୍ଡି ଉତ୍ତରବନଖଣ୍ଡ ଡିଏଫ୍ଓ ନିତେଶ କୁମାରଙ୍କ ନିର୍ଦ୍ଦେଶ ଓ ଏସିଏଫ୍ ବଂଶିଧର ଶ୍ରୀଇଁଙ୍କ ତତ୍ତ୍ୱାବଧାନରେ ଗତ ରବିବାର ନର୍ଲା ରେଞ୍ଜ ଅଫିସର ଗିରିଧାରୀ ନାଗଙ୍କ ତତ୍ତ୍ୱାବଧାନରେ ପାଟ୍ରୋଲିଂ କରୁଥିବା ବେଳେ ବୋଲେରୋ ସହ ୫୦ ହଜାର ଟଙ୍କାର ମୂଲ୍ୟବାନ କାଠ ଜବତ କରାଯାଇଛି। ପାଟ୍ରୋଲିଂ କରୁଥିବା ସମୟରେ ନର୍ଲା ଗ୍ରାମ ନିକଟରେ ଏକ ବୋଲେରୋରେ କାଠ ଯାଉଥିବା ଖବର ପାଇ ପିଛା କରି ଧରିଥିଲେ। ଉକ୍ତ ବୋଲେରୋ ଓ କାଠକୁ ଜବତ୍ କରାଯାଇଛି। ଉକ୍ତ ବୋଲେରୋରେ ୮ ଖଣ୍ଡ ମୂଲ୍ୟବାନ ବିଜା କାଠ ଥିବା ଜଣାପଡିଥିଲା। ଯାହାର ମୂଲ୍ୟ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଚାଳକ ଫେରାର ହୋଇଯାଇଥିଲା। ମୂଲ୍ୟବାନ କାଠ ବୋଝେଇ ବୋଲେରୋ (ନଂ. ଓଡି୧୭ଡି-୮୩୨୫) ସହ କାଠ ଜବତ କରିଥିଲେ। ଏହି ଚଢାଉରେ ରେଞ୍ଜର ନାଗଙ୍କ ସହିତ ଫରେଷ୍ଟର ନର୍ଲା ଭବାନୀଶଙ୍କର ନାଏକ, ଫରେଷ୍ଟଗାଡ ସୁଜିତ୍ କୁମାର ସାହୁ ଓ ନର୍ଲା ରେଞ୍ଜର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଆମ ପୋଲିସ ପକ୍ଷରୁ ବରିଷ୍ଠ ସଚେତନତା ବୈଠକ

**କୋମନା,୨୭।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ଥାନା ପରିସରରେ ଆମ ପୋଲିସ ସମିତି ପକ୍ଷରୁ ବରିଷ୍ଠ ନାଗରିକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ହୋତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପ୍ରଧାନ, କୋମନା ସିଏଚସି ଇନଚାର୍ଜ ଅଧିକାରୀ ଡା. ଦିବାକର ଓଝା, ମାୟାଧର ସରାଫ ପ୍ରମୁଖ ଯୋଗଦେଇ ଆଜିର ଉନ୍ନତିମୂଳକ ସମାଜରେ ଗୁଣିଗାରେଡି ଭଳି ବିଭିନ୍ନ ଅନ୍ଧବିଶ୍ୱାସକୁ ଗ୍ରହଣ କରୁଥିବାରୁ ଏହାର ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ। ଯୋଗଦେଇଥିବା ଶତାଧିକ ବରିଷ୍ଠ ନାଗରିକଙ୍କୁ ସଡକ ସୁରକ୍ଷା, ଗୁଣିଗାରେଡି, ଅନଲାଇନ ଓ ଏଟିଏମ ଠକେଇ ଭଳି ହେଉଥିବା ବିଭିନ୍ନ ଠକେଇର ଶିକାର ପ୍ରତି ସଚେତନ କରାଯାଇଥିଲା। ସ୍ଥାନୀୟ ଡା.ଦିବାକର ଓଝା ଓ ଟିମ୍ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସୁସ୍ଥ ରହିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାପରେ ବରିଷ୍ଠ ନାଗରିକମାନଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପଦ୍ମଲୋଚନ ହଂସ, ଯୁଦ୍ଧେଶ୍ୱର ନାଏକ, ଶରତ ପାଣିଗ୍ରାହୀ, କୃଷ୍ଣରାଜ ମହାପାତ୍ର, ଈଶ୍ୱର ସାହୁ, ଚିତ୍ତରଞ୍ଜନ ସୁନାନୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ପୋଲିସ ବିଭାଗ ସମସ୍ତ କର୍ମକର୍ତ୍ତା ବୈଠକରେ ସହଯୋଗ କରିଥିଲେ।



ଜଣେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି ।

# ଜୀବନ ଜୀବିକା ପରାମର୍ଶ କାର୍ଯ୍ୟକ୍ରମ

**ସିନାପାଲି,୨୭।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ମହାବିଦ୍ୟାଳୟଠାରେ କ୍ୟାରିୟର୍ କାଉନ୍‌ସେଲ୍‌ସେଲ୍ (ସିସିସି) ଆନୁକୂଲ୍ୟରେ ଜୀବନ ଜୀବିକା ପରାମର୍ଶ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଲେଜ ଅଧକ୍ଷ ଡ.ମୋହନ ସାହୁଙ୍କ ସଭାପତିତ୍ୱରେ ଶିଳ୍ପ ବିକାଶ ଅଧିକାରୀ ଆନନ୍ଦ କୁମାର ବେହେରା ଓ ବିପିଏମ୍ (ଓଏଲ୍ଏମ୍) ସୁରେଶ କୁମାର ମଲ୍ଲିକ ପରାମର୍ଶଦାତା ଭାବେ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଛାତ୍ରୀ ପୂଜା ନିଆଲ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପକ ଉଦୟନାଥ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବୀରେନ୍ଦ୍ର କୁମାର ବେହେରା କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପରାମର୍ଶଦତାମାନେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀ ହୋଇ ଶିଳ୍ପ ତଥା ଅନ୍ୟାନ୍ୟ ଜୀବନ ଜୀବିକା କ୍ଷେତ୍ରରେ ସାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏବି ଡୁଙ୍ଗ ଡୁଙ୍ଗ, ରଜନୀକାନ୍ତ ମେହେର, ଜିତେନ ରାଉତ, ସୁଜାତା ସାନ୍ତରା ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀଛାତ୍ର ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ । ଅଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ସମଲେଶ୍ୱରୀ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ

**ଖଡିଆଳ,୨୭।୧ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଜାପଡାଠାରେ ଖଡିଆଳ ଯୁବ ମୋର୍ଚ୍ଚା ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଷଷ୍ଠତମ ଜିଲାସ୍ତରୀୟ ଡବଲ୍ସ ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ କୁନୁ କରୁଆଁ ଏବଂ ରାହୁଲ ମେହେର ପାର୍ଟନର ଦଳ ରିତେଶ ବାବୁ ଏବଂ ବନବିହାରୀ ବେହେରାଙ୍କୁ ସିଧାସଲଖ ୨-୦ ସେଟରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡିଆଳ ବଣିକ ସଂଘର ସଭାପତି ରଶ୍ମିରଞ୍ଜନ ଚଲାନ, ବିନୋଦବିହାରୀ ପାଢ଼ୀ, ସୁଧିର ପଟ୍ଟନାୟକ, ବିଜୟ ସିଂ ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜୟୀ କୁନୁ କରୁଆଁ ଏବଂ ରାହୁଲ ମେହେର ପାର୍ଟନର ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ରିତେଶ ଏବଂ ବନବିହାରୀ ପାର୍ଟନର ଦଳକୁ ରନର୍ସଅପ୍ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଫାଇନାଲ ମ୍ୟାଚ ସରୋଜ ପଣ୍ଡା, ମାନସ ପତି ଓ ଉଦିତ ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ଖଡିଆଳ ଯୁବମୋର୍ଚ୍ଚାର ସଭାପତି ଅଭିଳାଷ ସିଂଦେଓ, ସୁବୀର ସିଂଦେଓ, ପଞ୍ଚାନ ସେଠି, ରଶ୍ମିରଞ୍ଜନ ପାଣିଗ୍ରାହୀ, ବିକାଶ ସିଂଘଲ, ବଭ୍ରୁବାହାନ ବର୍ମା, କୌଶିକ ସରାଫ ପ୍ରମୁଖ ପରିଚାଳନା କରିଥିଲେ ।



ଚାମ୍ପିୟନ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ସବୁ କ୍ଷେତ୍ରରେ ଜିଲା ପ୍ରଗତି କରୁଛି: ଜିଲାପାଳ

**ନୂଆପଡ଼ା ଅଫିସ,୨୭।୧**



ଜିଲାପାଳ ମଧୁସ୍ମିତା ସାହୁ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି ।

- ଜିଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ପ୍ରଗତିର ମଞ୍ଜି ପଡିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଯୋଗାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଗତି କରିଛି। ଏଥିପାଇଁ ଜିଲାବାସୀଙ୍କ ସହଯୋଗ ରହିଛି। ସମସ୍ତେ ନିଜର ଅଧିକାର ଏବଂ କର୍ତ୍ତବ୍ୟ ପାଇଁ ସଚେତନ ହୋଇ ଆଗକୁ ଆସିବାକୁ ହେବ ବୋଲି ଜିଲାପାଳ ମଧୁସ୍ମିତା ସାହୁ କହିଛନ୍ତି । ସ୍ଥାନୀୟ ମିନିଷ୍ଟାଡିୟମରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଅଭିବାଦନ ଗ୍ରହଣ ପରେ ଜିଲାବାସୀଙ୍କୁ ଉଦ୍‌ବୋଧନ ଦେଇ ଏହା କହିଥିଲେ। ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ କରି ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାବାସୀଙ୍କୁ ସମ୍ବୋଧନ କରି ଜିଲାର ଉନ୍ନତି ସକାଶେ ବହୁ କିଛି କରିବାର ରହିଛି ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲ। ଏହିଭଳି ସମଗ୍ର ଶିକ୍ଷା ନୂଆପଡାର ୧୭ଟି ପ୍ରାଥମିକ/ଉଚ୍ଚ ବିଦ୍ୟାଳୟକୁ ଗାରିମା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ବିଭୁଦତ୍ତ ମିଶ୍ର, ସୀମାଞ୍ଚଳ ମହାପାତ୍ର, ରାଜୁ ବହିଦାର ପ୍ରମୁଖ ପରିଚାଳନା କରିଥିଲେ।

**କୋମନା,(ଡି.ଏନ.ଏ.):** କୋମନା ବ୍ଲକସ୍ଥିତ ଜିତାମିତ୍ର ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସାମୂହିକ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଡିଓ ଶ୍ୟାମଳ କୁମାର ରୟ,ଏବିଡିଓ ଦେବାଶିଷ ସିହ୍ନା, ବରିଷ୍ଠ ନାଗରିକ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଦୁର୍ଯ୍ୟୋଧନ ପ୍ରଧାନ, ଗଙ୍ଗାଧର ହୋତା, ଜୟକୃଷ୍ଣ ମିଶ୍ର, ଈଶ୍ୱର ସାହୁ, ଗୋଲାପ ସେଠୀ ଓ ପ୍ରଧାନ ଶିକ୍ଷକ କୁଳମଣି ନିଆଁଲ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡା.ଦୀପକ ଦାସ ଓ କୃଷ୍ଣରାଜ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

**ସିନାପାଲି, (ଡି.ଏନ.ଏ.):** ସିନାପାଲି ବ୍ଲକ୍ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରି ପତାକା ଉତ୍ତୋଳନ କରିଥିଲେ। ସ୍ଥାନୀୟ ଜିଲା ପରିଷଦ ପ୍ରିୟରଞ୍ଜନ ମେହେର, ଆଇନଜୀବୀ ସଞ୍ଜୟ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସରେ ସିନାପାଲି ବିଡିଓ ସୁରେନ୍ଦ୍ର କୁମାର ମେହେର ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି, ଆଇନଜୀବୀ ବୈଶମ୍ପାୟନ ମେହେର, ପୂର୍ବତନ ବ୍ଲକ୍ ଅଧକ୍ଷ ନୀଳମଣି ମେହେର, ଆଇଆଇସି ଜ୍ୟୋତିରନ ଗୌଡ, ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଶିକ୍ଷକ ଲଳିତ କୁମାର ସୁନାରୀ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରାସ୍କୃତ କରାଯାଇଥିଲା। ସେହିଭଳି ସିନାପାଲି ବ୍ଲକ୍ ବିଭିନ୍ନ ବେସରକାରୀ ଓ ସରକାରୀ କାର୍ଯ୍ୟାଳୟ ତଥା ଯୁବକ ସଂଘମାନଙ୍କ ଦ୍ୱାରା ମଧ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

**ଖଡିଆଳ, (ଡି.ଏନ.ଏ.):** ଖଡିଆଳ ରାଜାଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡିଆଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଖଡିଆଳ ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ରମାନେ ପରେଡ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନ ୪ଟାରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଖଡିଆଳ ବିଡିଓ ଉତ୍ତମ ବାଗ, ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଏଏନସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ପ୍ରଧାନଶିକ୍ଷକ ନକୁଳ ଶବର, ରାଜେନ୍ଦ୍ର ମହାପାତ୍ର, ପିଏଲ ବର୍ମା ଉପସ୍ଥିତ ଥିବାବେଳେ ଖଡିଆଳ ବିଇଓ ଜଗଦିଶ ପ୍ରସାଦ ଖମାରୀ ସମ୍ପାଦକ ଥିଲେ। ସହସମ୍ପାଦକ ନୁର ମହମ୍ମଦ ଓ ମମତା ପାଢ଼ୀ, କୋଷାଧ୍ୟକ୍ଷ ଅମୟ କୁମାର ରଥ ସହଯୋଗ କରିଥିଲେ। ସେହିପରି ଖଡିଆଳ ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ପତାକା ଉତ୍ତୋଳନ କରିଥିଲେ। ବେସରକାରୀ ବସ ମାଲିକ ସଂଘ ତରଫରୁ ଆୟୋଜିତ ସାଧାରଣତନ୍ତ୍ର ଦିବସର ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ପତାକା ଉତ୍ତୋଳନ କରିଥିଲେ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ରିଷିଡ଼ାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

**ରିଷିଡା,୨୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ବାପୁଜୀ ମିନି ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପରେଡରେ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପଞ୍ଚାୟତରେ ସରପଞ୍ଚ ସରସ୍ୱତୀ ମାଝି ଓ ସର୍ବସାଧାରଣରେ ଜେକେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ପତାକା ଉତ୍ତୋଳନ କରି ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ହିରୋଜ କୁମାର ଚାନ୍ଦ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ନରୋତ୍ତମ ସେଲମା ସଂଯୋଜନା କରିଥିଲେ । ସିନିୟର ପରେଡରେ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜୁନିୟରରେ ଶିଶୁ ବିଦ୍ୟାମନ୍ଦିର ପୁରସ୍କୃତ ହୋଇଥିଲେ ।

### ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଘାଟିତ

**ରିଷିଡା,୨୭।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ରିଷିଡା, ଗଜବାହାଲ ଓ ପୌରକେଲା ପଞ୍ଚାୟତର ମିଳିତ ଉଦ୍ୟମରେ ୨ୟ ବର୍ଷ ପାଇଁ ଗଜବାହାଲଠାରେ ଆଞ୍ଚଳିକ ଲୋକମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି । ପୂର୍ବାହ୍ନରେ ୩ଟି ପଞ୍ଚାୟତର ୧୯ ଖଣ୍ଡ ଗ୍ରାମକୁ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ରାଜ୍ୟସ୍ତରୀୟ କଳାକାରଙ୍କ ଦଳଗତ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜକ କମିଟି ସଭାପତି ତଥା ଗଜବାହାଲ ସରପଞ୍ଚ ପୂଜା ସାହୁ, କାର୍ଯ୍ୟକାରୀ ସଭାପତି ନରୋତ୍ତମ ସେଲମା, ସମ୍ପାଦକ ମଧୁସୂଦନ ବାଗ, ଯୁଗ୍ମ ସମ୍ପାଦକ ଭଜଶ୍ୟାମ ସାହୁ, କ୍ୟାଶିୟର ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ନେତୃତ୍ୱ ନେଉଛନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା ମଧୁସୂଦନ ବାଗ ପରିଚାଳନା କରିଥିଲେ ।

### କୃଷି ସୂଚନା, ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

**କଲମପୁର,୨୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁର ବ୍ଲକରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ନୂତନ କୋଠା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆତ୍ମା କମିଟି ଅଧକ୍ଷ କାମାକ୍ଷୀ ବେହେରା ଗୃହ ପ୍ରବେଶ ପୂଜାରେ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ନୂତନ କୋଠା ଉଦ୍‌ଘାଟନ କରିଥିଲେ। ଏଥିରେ ଆତ୍ମା କମିଟି ଅଧକ୍ଷ କାମାକ୍ଷୀ ବେହେରାଙ୍କ ସମେତ ବିଧାୟକ ପ୍ରତିନିଧି ସଦାନନ୍ଦ ଚନ୍ଦନ, ସହକାରୀ କୃଷି ଅଧିକାରୀ ତଥା ବିଟିଟି କନଭେନର ଗଜାନନ ସାହୁ, ସରକାରୀ ଉଦ୍ୟାନ ଅଧିକାରୀ ରଜନୀ କାନ୍ତ ବନ୍ଧିଛୋଡ, ଭିଏଏସ୍ ପ୍ରତୀକ ଦାସ, ମା' ମଙ୍ଗଳା ଏଏସ୍‌ଜି ଅଧକ୍ଷା ଚିତ୍ରାଙ୍ଗୀନି ରଣା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କୃଷକ ସାଥି, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ରନ ସରାଫ କରିଥିବା ବେଳେ କୃଷକ ସାଥି କୁନ୍ତଭଞ୍ଜ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଜନଶୁଣାଣି ଶିବିର

**କେସିଙ୍ଗା,୨୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଜନଶୁଣାଣି ଶିବିର ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ନେତୃତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କେସିଙ୍ଗା ବ୍ଲକ ବିଭିନ୍ନ ଗ୍ରାମରୁ ଶତାଧିକ ହିତାଧିକାରୀମାନେ ଯୋଗଦେଇଥିଲେ। ଏହି ଶିବିରରେ ମୁଖ୍ୟତଃ କେସିଙ୍ଗା ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅଣ୍ଡର ବ୍ରିଜ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ଯୋଗାଣ ଏହିପରି ବିଭିନ୍ନ ପ୍ରକାର ସମସ୍ୟା ଗୁଡିକ ହିତାଧିକାରୀମାନେ ଏହି ଶିବିରରେ ଅଭିଯୋଗ କରିଥିଲେ। ଏହି ଶିବିରରେ ଉପଜିଲାପାଳ ସୁଶାନ୍ତ ସିଂ, ପିଡି ଡିଆରଡିଏ ପ୍ରଭାତ କୁମାର ମହାପାତ୍ର, କେସିଙ୍ଗା ବିଡିଓ ଭୀମସେନ ଶବତ, ବ୍ଲକ ଅଧକ୍ଷା ସୁକାନ୍ତି ବେହେରା ସମେତ ବିଭିନ୍ନ ବିଭାଗରୁ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ମଣ୍ଡିରେ ଅବ୍ୟବସ୍ଥା ନେଇ ଉତ୍ତେଜନା

**ଜୁନାଗଡ, ୨୭।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲିହାରୀ ମଣ୍ଡିରେ ଅବ୍ୟବସ୍ଥାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ମଣ୍ଡିରୁ ଧାନ ଉଠିପାରୁ ନ ଥିବାରୁ ସ୍ଥାନୀ ଚାଷୀ ଉତ୍ତ୍ୟକ୍ତ ହୋଇ ମଣ୍ଡି ମୁଖ୍ୟ ଫାଟକ ଓ ପ୍ୟାକ୍ସ କର୍ମଚାରୀ ରହୁଥିବା କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ପ୍ରକାଶ ଯେ, କୁଲିହାରୀ ମଣ୍ଡିରେ ବର୍ତ୍ତମାନ ପ୍ରାୟ ୮୨ଜଣ ଚାଷୀଙ୍କ ୪ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। କିଛି ଚାଷୀ ଟୋକନ ଥାଇ ମଧ ଧାନ ବିକ୍ରି କରି ପାରୁ ନ ଥିବାବେଳେ ଆଉ କିଛି ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଟୋକନ ମିଳିପାରିନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହା ପୂର୍ବରୁ ଚାଷୀମାନେ ଟୋକନ ପାଇ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଯାହାକୁ ନେଇ ସୋମବାର ଚାଷୀମାନେ ଉତ୍ତ୍ୟକ୍ତ ହୋଇ ମଣ୍ଡି ମୁଖ୍ୟ ଫାଟକ ଓ ପ୍ୟାକ୍ସ କର୍ମଚାରୀ ରହୁଥିବା କାର୍ଯ୍ୟାଳୟ ତାଲା ପକାଇଥିଲେ। କୁଲିହାରୀ ମଣ୍ଡିରେ ବର୍ତ୍ତମାନ ସୁର୍ଦ୍ଧା ୧୫୫୨ ଜଣ ଚାଷୀଙ୍କ ୮୯ ହଜାର ୪୯୭.୨୩ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେହିପରି ଏହି ମଣ୍ଡିରେ ଚଳିତବର୍ଷ ୨୦୪୬ଜଣ ଚାଷୀ ୯୭ ହଜାର ୨୬୭ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିବା ଜଣାପଡିଛି।

ଏହି ମଣ୍ଡିରେ ଏଥର ବିଡି ଉଦୌଗ କେସିଙ୍ଗା, ରବୀନ ଫୁଡ ବନମାଳୀପୁର, ଜୟ ଭବାନୀ ମହିଭର, ଶ୍ରୀଶ୍ୟାମଜୀ ବ୍ରାହ୍ମନୀଗୁଡା, ନୀଳକଣ୍ଠ ଉଦୌଗ କୋଲିଗାଁ, ଶ୍ରୀ ବାଲାଜି ବୁଡିପଦର ଆଦି ମିଲ୍‌ସକୁ ନିୟୋଜିତ କରାଯାଇଛି। ପ୍ରାୟ ମିଲ୍‌ସଙ୍କ ଟାର୍ଗେଟ ଶେଷ ହେଉଥିବାରୁ ସେମାନେ ଠିକ ଭାବରେ ଗାଡି, ଏଜେଣ୍ଟ ପଠାଉ ନ ଥିବା ଜଣାପଡିଛି। ଏ ନେଇ କୁଲିହାରୀ ପ୍ୟାକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ବେହେରାଙ୍କୁ ପଚାରିବାରୁ ମିଲ୍‌ସମାନେ ଗାଡି ପଠାଉ ନ ଥିବାରୁ ଏପରି ସମସ୍ୟା ଦେଖାଦେଇଛି ବୋଲି କହିଥିଲେ। ଘଟଣା ସମ୍ପର୍କରେ ଉପରୋକ୍ତ ଅଧିକାରୀ ଜଣାଇଦିଆଯାଇଛି ବୋଲି କହିଥିଲେ।



କୁଲିହାରୀ ମଣ୍ଡିରେ ଚାଷୀଙ୍କ ଉତ୍ତେଜନା ।

**କୁଲିହାରୀ ମଣ୍ଡି**

- ପ୍ୟାକ୍ସ କର୍ମଚାରୀଙ୍କୁ ତାଲା ପକାଇଲେ ଚାଷୀ
- ଟୋକନ ପାଇ ମଧ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ

# ବିରୋଧୀ ଦଳ ନେତାଙ୍କୁ ୬ଦଫା ଦାବିପତ୍ର

**ଜୁନାଗଡ ସିଟିଜେନ୍ ଫୋରମର ବୈଠକ**

**ଜୁନାଗଡ,୨୭।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମସି ସଭାଗୃହରେ ଜୁନାଗଡ ସିଟିଜେନ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମ ସଭାପତି ଅଶୋକ କୁମାର ପାତ୍ରଙ୍କ ଅଧକ୍ଷତାରେ ଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ବେଦ ପ୍ରକାଶ ଗୋୟଲ, ନବ କିଶୋର ବେହେରା, ଈଶ୍ୱର ପୁଝାରୀ ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋକପାତ କରିଥିଲେ। ଯୁଗ୍ମ ସମ୍ପାଦକ ସନ୍ତୋଷ ସିଂଦେଓ ସଭା ପରିଚାଳନା କରିଥିଲେ।

ଜୁନାଗଡ ସହରେ ବାଇପାସ ରାସ୍ତା ନିର୍ମାଣ, ଜୁନାଗଡ ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲାଦାର ମୁତୟନ, ଏନ୍‌ଏସିରେ ସ୍ଥାୟୀ କାର୍ଯ୍ୟନିର୍ବାହୀ ମୁତୟନ, ଏହାସହ ଜୁନାଗଡ ଏନଏସିକୁ ମ୍ୟୁନିସିପାଲିଟିରେ ପରିଣତ କରିବା, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶାରଦ(ଏମ୍‌ଡି) ଓ ଶଲ୍ୟ ବିଶାରଦ(ଏମଏସ୍) ନିଯୁକ୍ତି କରିବା ଆଦି ୬ଦଫା ଦାବି ପତ୍ର ଫୋରମ ସମ୍ପାଦକ ବିଜୟ କୁମାର ବେହେରା ବିରୋଧୀ ଦଳ ନେତାଙ୍କୁ ପ୍ରଦାନ କରିଥିଲେ। ଶୀଘ୍ର ଏହି ସମସ୍ୟାଗୁଡିକର ସମାଧାନ କରିବାକୁ ବିରୋଧୀ ଦଳ ନେତା ପ୍ରତିଶ୍ରୁତି ଦେଇଥିଲେ। ଜୁନାଗଡ ସିଟିଜେନ ଫୋରମ ପକ୍ଷରୁ ବିରୋଧୀ ଦଳ ନେତା ନାଏକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ଯୁଗଳ କିଶୋର ନାଏକ, ମଳୟ କୁମାର ମୁଣ୍ଡ, ଜଗବନ୍ଧୁ ନାଏକ, ସମୀର କୁମାର ସାହୁ, ଟଙ୍କଧର ସାହୁ, ଭୁବନେଶ୍ୱର ସାହୁ, ରମେଶଚନ୍ଦ୍ର ନାୟକ, ଦିଲୀପ ଧଙ୍ଗଡାମାଝି, ସୁବାଷ ଅଗ୍ରୱାଲ, ରଜନୀକାନ୍ତ ମିଶ୍ର, ନୀଳକଣ୍ଠ ରାଉତ, ପଦ୍ମନାଭ ମେହେର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଫୋରମର ସକ୍ରିୟ ସଭ୍ୟ ଈଶ୍ୱର ପୂଝାରୀ ଧନ୍ୟବାଦ ଦେଇଥିଲେ।

# ରାତି ୯ଯାଏଁ ଉଡ଼ିଲା ତ୍ରିରଙ୍ଗା, ଏଏନ୍‌ଏମ୍ ସେଣ୍ଟରରେ ପାଳନ ହେଲାନି

**ଲାଞ୍ଜିଗଡ଼, ୨୭।୧ (ଡି.ଏନ.ଏ.)**

**ସାଧାରଣତନ୍ତ୍ର ଦିବସରେ ତ୍ରୁଟି**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଆଶ୍ରମପଡ଼ାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କିନ୍ତୁ ଏଥିରେ ଲାଞ୍ଜିଗଡ଼ ଆଶ୍ରମପଡ଼ା ସ୍କୁଲ କର୍ତ୍ତୃପକ୍ଷ ରାତି ୯ଟା ଯାଏଁ ଜାତୀୟ ପତାକା ଉଡ଼ାଇ ଅସମ୍ମାନ କରିଛନ୍ତି । ସୂଚନା ଯେ, ସକାଳୁ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ ପରେ ସମସ୍ତେ ନିଜ ଘରକୁ ଚାଲିଯାଇଥିଲେ । ସନ୍ଧ୍ୟାରେ ଜାତୀୟ ପତାକାକୁ ସମ୍ମାନର ସହ ଅବତରଣ କରିବା କଥା ସତେ ଯେମିତି ଭୁଲିଯାଇଥିଲେ। ଏ ନେଇ ସହରରେ ଚର୍ଚ୍ଚା ହେବା ପରେ ବିଳମ୍ବିତ ରାତିରେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ବାହାର କରି ଦେଇଥିବା ଜଣାପଡ଼ିଛି। ଅଭିଯୋଗଟିକୁ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କାମିନୀ ରାୟ ଖଣ୍ଡନ କରିଥିବାବେଳେ ଅଭିଯୋଗ ସତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକ ପ୍ରକାଶ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ରାତି ୯ ଯାଏଁ ତ୍ରିରଙ୍ଗା ଉଡିବା ଅର୍ଥାତ୍ ନେସନାଲ୍ ଅନର ଏକ୍ଟ-୧୯୭୧ ଓ ୨୦୦୩ର ସଂପୂର୍ଣ୍ଣ ଉଲ୍ଲଂଘନ ଏଥିପାଇଁ ଉପଯୁକ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏହି ଆଇନ ଅନୁସାରେ କର୍ତ୍ତୃପକ୍ଷ ପଦକ୍ଷେପ ନେବା କଥା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ସେହିପରି ମାସ ମାସ ଧରି ବନ୍ଦ ରହୁଥିବା ଦୁର୍ଗମ ବିଜେପୁର ଏଏନ୍‌ଏମ୍ ସେଣ୍ଟର ସାଧାରଣତନ୍ତ୍ର ଦିବସ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିନରେ ତାଲା ବନ୍ଦ ରହିବା ସାଧାରଣରେ ଭ୍ରୁକୁଞ୍ଚନ ସୃଷ୍ଟି କରିଛି। ଏଠାରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ମାସ ମାସ ଧରି ସେଣ୍ଟରକୁ ଆସୁ ନ ଥିବାବେଳେ କୋମଳମତି ଶିଶୁ ଓ ଗର୍ଭବତୀ ତଥା ପ୍ରସୂତିଙ୍କ ଅତ୍ୟନ୍ତ ଆବଶ୍ୟକତା ଟୀକାକରଣରେ ମଧ ଅନୁପସ୍ଥିତ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ସାଧାରଣତନ୍ତ୍ର ଦିବସକୁ ମଧ ସେ ଅଣଦେଖା କରିବାକୁ ନେଇ ଜନସାଧାରଣରେ କ୍ଷୋଭ ପ୍ରକାଶ ପାଇଥିବାବେଳେ ତାଙ୍କ ବିରୋଧରେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳିତ

**ଗୋଲାମୁଣ୍ଡା/କେଗାଁ, ୨୭।୧ (ଡି.ଏନ.ଏ.)**

ଗୋଲାମୁଣ୍ଡା ସ୍ୱାମୀ ବିବେକାନନ୍ଦ ଯୁବ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଶିବାଜୀ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ନେଗୀ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ତହସିଲଦାର ମନିଷା ଦାସ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାମୀ ବିବେକାନନ୍ଦ ଯୁବ ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କ ଉଦ୍ୟମକ୍ରମେ ପ୍ରଥମ ଥର ପାଇଁ ଶିବାଜୀ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଗୋଲାମୁଣ୍ଡା ବ୍ଲକ ପରିସରରେ ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ ଓ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ ପତାକା ଉତ୍ତୋଳନ କରି ଉପସ୍ଥିତ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗୋଲାମୁଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରକ୍ମଣୀ ମଙ୍ଗରାଜ ପତାକା ଉତ୍ତୋଳନ କରିଥିଲେ। ସେହିପରି କେଗାଁ ଅଞ୍ଚଳିକ ଉଚ୍ଚ ବିଦ୍ୟାଳୟ, କେଗାଁ ରାଜସ୍ୱ ବିଭାଗ ଅଫିସ ଆଦି ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**ଭବାନୀପାଟଣା,୨୭।୧ (ଡି.ଏନ.ଏ.)**

ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଗତ ରବିବାର ଏକ ଚିତ୍ତାକର୍ଷକ ପରିବେଶ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି କରିଥିଲେ। ମନ୍ତ୍ରୀ ଦାସ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜିଲା ପୋଲିସ, ଏନ୍‌ସିସି, ନାଭାଲ୍, ସିଭିଲିୟାନ୍ ଓ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ତଥା ସ୍କାଉଟ ଗାଇଡଙ୍କ ୪୮ଟି ପ୍ଲାଟୁନ୍ ମିଳିତ ପରେଡ଼ରେ ସାମୂହିକ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀଙ୍କ ସହ ମଞ୍ଚରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଓ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ ବି. ଗଙ୍ଗାଧର ଉପସ୍ଥିତ ଥିଲେ । ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଶ୍ରେଷ୍ଠ ସିନିୟର ଏନସିସି, ଶ୍ରେଷ୍ଠ ଜୁନିୟର ଏନ୍‌ସିସି ପୋଲିସ ହାଇସ୍କୁଲ ଭବାନୀପାଟଣା, ଶ୍ରେଷ୍ଠ ସିନିୟର ସ୍କାଉଟ ମାଣିକେଶ୍ୱରୀ ହାଇସ୍କୁଲ, ଶ୍ରେଷ୍ଠ ଜୁନିୟର ସ୍କାଉଟ୍ ସରସ୍ୱତୀ ଶିଶୁ ମନ୍ଦିର ବାଲାଜିବିହାର, ଶ୍ରେଷ୍ଠ ଗାଇଡ୍ ଟାଉନ ବାଳିକା ଉଚ୍ଚବିଦ୍ୟାଳୟ, ଶ୍ରେଷ୍ଠ ଜୁନିୟର ରେଡକ୍ରସ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଶ୍ରେଷ୍ଠ ସିନିୟର ସିଭିଲିୟନ୍ ବିମଳା କନ୍‌ଭେଣ୍ଟ ସ୍କୁଲ, ଶ୍ରେଷ୍ଠ ଜୁନିୟର ସିଭିଲିୟନ ଶାସ୍ତ୍ରୀଜୀ ଶିକ୍ଷା ନିକେତନକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ସରକାର ଜନସାଧାରଣଙ୍କ ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ କରିଥିବା ବହୁ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପରେ ମନ୍ତ୍ରୀ ଦାସ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ୱାର୍ଡରେ ଥିବା ରୋଗୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ସ୍ଥାନୀୟ ଜିଲା ଜେଲ ଅନ୍ତେବାସୀ ଓ ପରମାନନ୍ଦପୁରଠାରେ ରେଡକ୍ରସ ପକ୍ଷରୁ ଅନ୍ଧ ଓ ମୁକ ବିଦ୍ୟାଳୟ, ଜୟପ୍ରକାଶ ନାରାୟଣ ସେବା ଅନୁଷ୍ଠାନ ପକ୍ଷରୁ ଫଳ ଓ ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସନ୍ଧ୍ୟା ୬ଟାରେ ସ୍ଥାନୀୟ ଲାଲବାହାଦୂର ଷ୍ଟାଡିୟମ୍‌ଠାରେ ଜିଲା ସଂସ୍କୃତି ପରିଷଦ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗ ମିଳିତ ଉଦ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା।




ସାଧାରଣତନ୍ତ୍ର ଦିବସରେ ମୁଖ୍ୟଅତିଥି ମନ୍ତ୍ରୀ ନବକିଶୋର ଦାସ ପତାକା ଉତ୍ତୋଳନ କରୁଛନ୍ତି ।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଜୁନାଗଡ,୨୭।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ହାଇସ୍କୁଲ ପଡିଆଠାରେ ରବିବାର ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜୁନାଗଡ ସାଧାରଣତନ୍ତ୍ର ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ, ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ପୂର୍ବତନ ଏନ୍‌ଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜୁନାଗଡ ଅଗ୍ନିଶମ ଅଧିକାରୀ ଅପୂର୍ବ ସାହୁ, ଜିପିଓ ସିଦ୍ଧେଶ୍ୱର ମେହେର, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ଏନଏସି ମୁଖ୍ୟ କିରାଣୀ ବିଜୟ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ମୁଣ୍ଡ ପରିଚାଳନା କରିଥିବାବେଳେ ଉପେନ୍ଦ୍ର ମୁଣ୍ଡ, ରମେଶ ରାଉତ ଓ ଶୁଭେନ୍ଦୁ ତ୍ରିପାଠୀ ସହଯୋଗ କରିଥିଲେ। ସହରର ବିଭିନ୍ନ ବିଦ୍ୟାଳୟ ଓ ବଳଦିଆମାଲ ଏମକେଏମସିଇ ସ୍କୁଲ ଛାତ୍ରୀଛାତ୍ରଙ୍କ ପରେଡ ପ୍ରଦର୍ଶନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତୀ ହୋଇଥିବା ବିଦ୍ୟାଳୟ, ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**କଲମପୁର,(ଡି.ଏନ.ଏ.):** କଲମପୁର ବ୍ଲକର ବିଭିନ୍ନ ସ୍କୁଲ, କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନରେ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ପ୍ରଭାତ ଫେରି କରି ସ୍ଲୋଗାନ ଦେଇଥିଲେ। ସେହିଭଳି ଅନୁସୁଚିତ ଜାତି ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଚାରିଛକସ୍ଥିତ ଡା. ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

**କୋକସରା,(ଡି.ଏନ.ଏ.):** କୋକସରା ବ୍ଲକ ସଦରମହକୁମାସ୍ଥିତ ଗୁଡହାଣ୍ଡି ମଞ୍ଚଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋକସରା ବିଡିଓ ବସନ୍ତ କୁମାର ସେଠୀ ପରେଡ ଅଭିବାଦନ ଗ୍ରହଣ କରି ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗ, କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝି ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀମାନେ ଦେଶାତ୍ମକବୋଧକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ବ୍ଲକସ୍ତର ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ପରିଚାଳନା କରିଥିଲେ। ସେହିପରି କୋକସରା ଜେଏମ୍‌ଏଫ୍‌ସି କୋର୍ଟରେ ମାଜିଷ୍ଟ୍ରେଟ ଅଭିନନ୍ଦନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ବ୍ଲକର ବିଭିନ୍ନ ସ୍କୁଲ, କଲେଜ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ଲାଞ୍ଜିଗଡ଼, (ଡି.ଏନ.ଏ.):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ଼ ବ୍ଲକ ଅଧକ୍ଷ ଇଂ.ଫକୀର ମୋହନ ମାଝି ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତି ଭୁଷଣ ଶତପଥି, ସିଡିପିଓ କୁସୁମ କୁମାରୀ ପ୍ରହରାଜଙ୍କ ସମେତ ବିଭିନ୍ନ ସ୍କୁଲ ଓ ଦୁଇଟି କଲେଜର ଛାତ୍ରୀଛାତ୍ର ସାମୁହିକ ପରେଡ଼ରେ ଭାଗ ନେଇଥିଲେ। ସେହିପରି ଦୁର୍ଗମ ପାହାଡପଦର ଗ୍ରା.ପଠାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଗୋବର୍ଦ୍ଧନପୁର ଗ୍ରା.ପ.ଠାରେ ସରପଞ୍ଚ ସୁରେନ୍ଦ୍ର ମାଝି, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଓ ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ମିଶ୍ରଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସେହିପରି ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଲାଞ୍ଜିଗଡ଼ସ୍ଥିତ ହାଇସ୍କୁଲ ପଡ଼ିଆଠାରେ ଲାଞ୍ଜିଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସରେ ବେଦାନ୍ତ ଲିମିଟେଡ ମାନବ ସମ୍ବଳ ବିଭାଗ ମୁଖ୍ୟ ହେମନ୍ତ କୁମାର ଭାଞ୍ଜିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆଙ୍କ ତତ୍ତ୍ୱାବଧାନରେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସୁଶ୍ରୀ ମଣି ମାଝି, ବ୍ଲକ ଉପାଧକ୍ଷା ତୁଳସୀ ନାଏକ, ଲାଞ୍ଜିଗଡ଼ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର, ଲାଞ୍ଜିଗଡ଼ ସମିତିସଭ୍ୟ ପ୍ରଦୀପ ମାଝି, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ ପ୍ରମୁଖ ଯୋଗ ଦେଇଥିଲେ । ଲାଞ୍ଜିଗଡ଼ ଅଞ୍ଚଳର ୧୦ଟି ସ୍କୁଲ ଛାତ୍ରୀଛାତ୍ର ପରେଡ଼ରେ ଅଂଶଗ୍ରହଣ କରିଥିଲେ ।





ଜୁନାଗଡ଼ ଶ୍ରୀଇଣ୍ଟର ଡ୍ୟାନ୍ସ ଏକାଡେମୀକୁ ପୁରସ୍କୃତ କରାଯାଉଛି (ବାମ) । କୋକସରାରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ କରାଯାଉଛି।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୨୮ ଜାନୁୟାରୀ, ୨୦୨୦



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ

## ସଂକ୍ଷେପରେ

### ବୃଦ୍ଧାଶ୍ରମର ଭୂମି ପୂଜନ

**ଟିକ୍ରାପଡା,୨୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ଦେଓଗାଁଠାରେ ବୃଦ୍ଧାଶ୍ରମର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଚୂଡାମଣି ମେହେର ସଭାରେ ଅଧକ୍ଷତା କରିଥିଲେ । କୃପାସିନ୍ଧୁ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ଭୂମିଦାତା ଗୋବର୍ଦ୍ଧନ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା । ଟିକ୍ରାପଡା ସରପଞ୍ଚ ଭାରତୀ ରାଜପଲିଆ, ସାମାଜିକ କର୍ମୀ ବନମାଳୀ ନାୟକ, ବାହାଦୁର ସାହାଣୀ ଅତିଥିଭାବେ ଯୋଗ ଦେଇଥିଲେ।ନିତ୍ୟାନନ୍ଦ ଯୋଶୀ, ଭାଗବତିଆ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ୧୦ ଜଣ ବୃଦ୍ଧଙ୍କୁ କମ୍ବଳ ବିତରଣ କରାଯାଇଥିଲା ।

### ସୁକ୍‌ତେଲ ପ୍ରକଳ୍ପ, ବାଇପାସ୍, ରେଳପ୍ରକଳ୍ପ ନିର୍ମାଣ ଦାବି

**ବଲାଙ୍ଗୀର ଅଫିସ, ୨୭।୧:** ବଲାଙ୍ଗୀର ପଥରଚେପା ସ୍ଥିତ ଅରୁଣ ମିଶ୍ରଙ୍କ କୃଷି ଉଦ୍ୟାନରେ ୧୯୭୭ ମସିହା ପୃଥ୍ୱୀରାଜ ହାଇସ୍କୁଲ ମାଟ୍ରିକ ବ୍ୟାଚର ପାରିବାରିକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଆଡଭୋକେଟ୍ ରତନ ମହାରଣାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ସଭାରେ କେନ୍ଦ୍ର ଓ ରାଜ୍ୟ ସରକାର ବଲାଙ୍ଗୀର ଜିଲାବାସୀଙ୍କ ପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରାଯାଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପ, ବଲାଙ୍ଗୀର ସହରରେ ବାଇପାସ ରାସ୍ତା ନିର୍ମାଣ, ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପ ନିର୍ମାଣ ଦିଗରେ ସରକାର ଘୋର ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରାଯାଇଥିଲା । ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରି ବଲାଙ୍ଗୀର ଜିଲାର ବିକାଶ ଦିଗରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଜିଲାର ମରୁଡି ସମସ୍ୟା, ଦାଦନ ସମସ୍ୟା ଦୂର ହୋଇପାରିବା ସହ ଆର୍ଥିକ ଅଗ୍ରଗତି ହେବ ଓ ସଡକ ଦୁର୍ଘଟଣା କମିଯିବ ବୋଲି ଆଲୋଚନା ହୋଇଥିଲା । ଏହି ପ୍ରକୃତ ୩ଟି ଦାବି ପୂରଣ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିବା ସହ ଏହା ନହେଲେ ଆଗାମୀ ଦିନରେ ୧୯୭୭ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ନିଷ୍ପତ୍ତି ହୋଇଥିଲା । ସଭାରେ ଅନ୍ୟମାନଙ୍କ ମଧରେ ବୀରେନ୍ଦ୍ର କୁମାର ମିଶ୍ର, ସୁକାନ୍ତ ପୁରୋହିତ, ରାଜ କିଶୋର ଦାସ, ଭଗବାନ ବଗର୍ତ୍ତି, ବ୍ରଜବନ୍ଧୁ ସାଏ, ଗୁଣନିଧି ତ୍ରିପାଠୀ, ପ୍ରଦୀପ କୁମାର ସାଏ, ସିଦ୍ଧେଶ୍ୱର ମିଶ୍ର, ତାରା ଶଙ୍କର ପଟ୍ଟନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ନରେନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

# ଭାରତକୁ ଜାଗ୍ରତ ରାଷ୍ଟ୍ରଭାବେ ଗଢ଼ିବାକୁ ଆହ୍ୱାନ







ମୁଖ୍ୟଅତିଥି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାଜେନ୍ଦ୍ର କଲେଜ ଏନ୍‌ସିସି ଦଳକୁ ପୁରସ୍କୃତ କରୁଛନ୍ତି (ବାମ)। ଆଇଡିଏମ୍ ପବ୍ଲିକ ସ୍କୁଲର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି (ମଝି) । ତୁଷୁରା ଏନଏସିସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

**ବଲାଙ୍ଗୀର ଅଫିସ, ୨୭।୧**

ବଲାଙ୍ଗୀର ଜିଲା ସଦର ମହକୁମାଠାରେ ଜିଲାସ୍ତରୀୟ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ପ୍ରତ୍ୟୁଷରୁ ରାମଧୂନ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେଙ୍କ ପ୍ରଭାତଫେରି ଶୋଭାଯାତ୍ରା କରି ଗାନ୍ଧୀନଗରପଡା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀଛକସ୍ଥିତ ଡ. ବି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଓ ଜିଲାପାଳଙ୍କ ବାସଭବନ ସମ୍ମୁଖସ୍ଥ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଅରିନ୍ଦମ ଡାକୁଆ ମାଲ୍ୟାର୍ପଣ କରିଥିଲେ । ପୂର୍ବାହ୍ନ ସାଢ଼େ ୮ରେ ମନୋହରପୁର ପୋଲିସ ପଡିଆଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଦେଶର ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଏବଂ ଭାରତ ବର୍ଷର ସମ୍ବିଧାନ ପ୍ରଣେତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ବିଧାନ ପ୍ରଣେତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ କରି ଏକ ଜାଗ୍ରତ ରାଷ୍ଟ୍ରଭାବେ ଗଢ଼ି ତୋଳିବା ସମସ୍ତ ନାଗରିକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି କହିଥିଲେ। ପରେଡରେ ମୋଟ ୪୧ଟି ଦଳ ଅଂଶଗ୍ରହଣ କରିଥିଲେ ।

ସାଇଟ୍ କଲେଜ: ସଦାଇପାଲି ସାଇଟ କଲେଜର ପଲ୍ଲିଶ୍ରୀ ଷ୍ଟଡିୟମରେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସିଆରପିଏଫ୍ କମାଣ୍ଡାଣ୍ଟ କର୍ନେଲ ଯୋଗେନ୍ଦ୍ର ସିଂ ମୌର୍ଯ୍ୟ ମୁଖ୍ୟଅତିଥି ଓ ଆଇନଜୀବୀ ଭବାନୀ ଶଙ୍କର ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ପଲ୍ଲୀଶ୍ରୀ ହାଇସ୍କୁଲ ପ୍ରଧାନଶିକ୍ଷକ ବୃନ୍ଦାବନ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ଦିଆଯାଇଥିଲା । ଶେଷରେ ସାଇଟ ନର୍ସିଂ ଅଧକ୍ଷା ସ୍ନିଗ୍ଧାମିନତୀ ଦାନୀ ଧନ୍ୟବାଦ ଦେଇଥିଲେ ।

**ଟିଟିଲାଗଡ(ଡି.ଏନ.ଏ)**

ସ୍ଥାନୀୟ ହାଇସ୍କୁଲ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ସୁଧାକର ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୨୭ ପ୍ଲାଟୁନ ଅଂଶଗ୍ରହଣ କରିଥିଲେ ଏବଂ ୬ଟି ସ୍କୁଲ ସାଂସ୍କୃତିକ ନୃତ୍ୟ ସହ ଦୁଇଟି ଅନୁଷ୍ଠାନ ପ୍ରଦର୍ଶନୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ସ୍କୁଲ ଏବଂ କଲେଜ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେଡ ଉତ୍ସବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦଉଡି ଟଣା ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ପ୍ରତିଯୋଗୀତା, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ।

ବେଲପଡା(ଡି.ଏନ.ଏ)

ବେଲପଡା ବ୍ଲକ ଧୁମାଭଟା ନୋଡାଲ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଯମୁନା ରଣା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରଧାନଶିକ୍ଷକ ପର୍ଶୁରାମ ପାଢୀଙ୍କ ଅଧ୍ୟକ୍ଷତା ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମହେନ୍ଦ୍ର ଭୁଏଙ୍କ ପରିଚାଳନାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥିଭାବେ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ବୁଡେକ, ଧୁମାଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉତ୍ତମ ବୁଡେକ, ସମିତି ସଭ୍ୟା ଯଶୋବନ୍ତୀ ବୁଡେକ, ବନମାଳୀ ନାଏକ ଯୋଗ ଦେଇଥିଲେ । ବେଲପଡା ଗାନ୍ଧୀ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଅପେରା ପଡିଆରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେଡରେ ବେଲପଡା ନବୋଦୟ ବିଦ୍ୟାଳୟ ଏନସିସି ଛାତ୍ରୀଛାତ୍ର, ଆସ୍ଥା ପବ୍ଲିକ ସ୍କୁଲ, ନୋଡାଲ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଗାନ୍ଧୀ କ୍ଲବ ସଭାପତି ମହାଦେବ ମେହେରଙ୍କ ସଭାପତିତ୍ୱ ଓ ଅଧ୍ୟାପକ ସୁରେଶ ମେହେର, ଶିକ୍ଷକ ବଳଦେବ ପାଢୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଶଙ୍କର ପ୍ରସାଦ ଜୈନ, ବିଡିଓ ଭିକ୍ଟର ସୋରେଙ୍ଗ, ଥାନା ଅଧକାରୀ କିରନ କୁମାର ଜାନୀ, ପଞ୍ଚାୟତ ସମିତି କଲେଜ ପ୍ରିନ୍ସିପାଲ ନବୀନ ମେହେର, ସମିତି ସଭ୍ୟ ଆଲୋକ ବେହେରା ଯୋଗଦେଇଥିଲେ । ସେହିପରି ନବୋଦୟ ବିଦ୍ୟାଳୟରେ ପ୍ରିନ୍ସିପାଲ ମଣି କଣ୍ଠନମ, ବ୍ଲକ ଅଫିସରେ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମହାଦେବ ମହେର, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏବିଓ ଚତୁର୍ଭୁଜ ମିର୍ଦ୍ଧା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରବୀନ୍ଦ୍ର ମେହେର ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ସାଧାରଣତନ୍ତ୍ର ଦିବସ ପାଳିତ**

**ଖପ୍ରାଖୋଲ(ଡି.ଏନ.ଏ)**

ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ତରଣୀ ସୁନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ନାଚଗୀତ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଥାନା ଏସଆଇ ପଞ୍ଚାନନ ନେଗୀ, ଏବିଇଓ ବୀରେନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ସେନ୍ଦ୍ରିଆ, ରଘୁନାଥ ସିଂ ବରିହା, ସରିତା କୁଜୁରୁ, ମୋହନ ସୁନା, ଶୋଭନମୟ ମିଶ୍ର, ଅକ୍ଷୟ ପଧାନ, ରାମାନନ୍ଦ ବେହେରା, ଅନିଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅଭୟ ତ୍ରିପାଠୀ ଏବଂ ହୃଷିକେଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଗୁଡ଼ଭେଲା,(ଡି.ଏନ.ଏ.)**

ତୁଷୁରା ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ଏନଏସିସ୍ତରୀୟ ମିଳିତ ପରେଡ଼ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ନାଗ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ଉପାଧକ୍ଷ ଦୀନଦୟାଲ କେଡ଼ିଆ, ଅବକାରୀ ଅଧିକାରୀ ଅରୁଣ ଯୋଷୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ମାର୍ଚ୍ଚଫାଷ୍ଟରେ ବାଳିକା ହାଇସ୍କୁଲ ପ୍ରଥମ ଓ ତୁଷୁରା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ରନର୍ସ ଅପ ହୋଇଥିଲେ । ସେହିପରି ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଡିଓ ସୂର୍ଯ୍ୟ କୁମାର ନାୟକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା ।

**ମୁରିବାହାଲ(ଡି.ଏନ.ଏ)**

ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ବିଡିଓ ନରେଶ ଚନ୍ଦ୍ର ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ହଂସରାଜ ଜୈନ, ଉପାଧକ୍ଷା ସୁନ୍ଦରମତୀ ବାଗ, ଆଇଆଇସି ତାରାଜ୍ୟୋତି ଗୁରିଆ, ସିଡିପିଓ ସରସି ପଣ୍ଡା, ଡିଗ୍ରୀ କଲେଜ ଅଧକ୍ଷ ସରୋଜ ନାୟକ, ଯୁକ୍ତ ୨ କଲେଜ ଅଧକ୍ଷ ରମେଶ ମହାନନ୍ଦ, ପଞ୍ଚାୟତି ହାଇସ୍କୁଲ ପ୍ରଧାନଶିକ୍ଷକ ପୀତବାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଦର୍ଶ ବିଦ୍ୟାଳୟ ପରେଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ସେହିପରି ସ୍ୱାମୀ ବିବେକାନନ୍ଦ କ୍ଲବ, ଗୋପବନ୍ଧୁ କ୍ଲବ, ଡିସିସି ବ୍ୟାଙ୍କ, ସାମ୍ବାଦିକ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା ପରିଚାଳନା କରିଥିଲେ ।

**କଣ୍ଟାବାଞ୍ଜି (ଡି.ଏନ.ଏ.)**

କଣ୍ଟାବାଞ୍ଜି ଏନଏସିସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ପାଳିତ ହୋଇଛି । ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ଗୀତା ଶତପଥୀ, ଏସ.ଲକ୍ଷ୍ମୀ, ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୦ତମ ସ୍ଥାନ ରଖି ସଫଳତା ପାଇଥିବା ବିଭୁତି ଭୂଷଣ ମହାପାତ୍ର, ପ୍ଲାଷ୍ଟିକମୁକ୍ତ ଚା ଦୋକାନୀ ମହେନ୍ଦ୍ର ବାଗ, ନୋ ପ୍ଲାଷ୍ଟିକ ଉପରେ ସେବା ଜାରି ରଖିଥିବା ସ୍ୱେଚ୍ଛାସେବୀ ମହିଳା ସୀତଲ ଅଗ୍ରୱାଲଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ମଞ୍ଚାସୀନ ଥିଲେ।

**ଲୋଇସିଂହା(ଡି.ଏନ.ଏ)**

ଲୋଇସିଂହା ଷ୍ଟାଡିୟମଠାରେ ସ୍ଥାନୀୟ ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ତରଫରୁ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକ ଉତ୍ତୋଳନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ, ଆଇନଜୀବୀ ପ୍ରଶାନ୍ତ ବେହେରା, ନବକିଶୋର ନାଏକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଉତ୍ତର କୁମାର ହେର୍ଣ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଙ୍କଠାରୁ ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛତ୍ର ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକଭାବେ ଭକ୍ତବନ୍ଧୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକପାଠାଗାରଠାରେ ଆୟୋଜିତ ସମାରୋହରେ ଡାକ୍ତର ସଞ୍ଜୀବ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

## ଗାନ୍ଧୀ ପାଠାଗାର ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ,୨୭।୧**

ଟିକ୍ରାପଡା ସ୍ଥିତ ଗାନ୍ଧୀ ପାଠାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପାଠାଗାର ସଭାପତି ପ୍ରକାଶ ନେପାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସଦର ବ୍ଲକ ଅଧକ୍ଷ ଗୋଲାପ ବାଗ ଯୋଗଦେଇ ପାଠାଗାରର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହାଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ପାଠାଗାର ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶରେ ସାମଗ୍ରିକ ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନାଗରିକ କମିଟିର ସଭାପତି ବିକ୍ରମାନନ୍ଦ ବହିଦାର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ବରିଷ୍ଠ ସଭ୍ୟ ଭଗବାନ ବଗର୍ତ୍ତି ଯୋଗ ଦେଇଥିଲେ। ଶେଷରେ ପାଠାଗାର ସମ୍ପାଦକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗୀତା, କୌତୁକ ବେଷ ପୋଷାକ ପ୍ରତିଯୋଗୀତା, ସଙ୍ଗୀତ ପ୍ରତିଯୋଗୀତା ଓ ନୃତ୍ୟ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ଗତ ଅକ୍ଟୋବର ଦୁଇ ତାରିଖରେ ପାଠାଗାର ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ପାଠାଗାରର ବରିଷ୍ଠ ସଭ୍ୟ ସନ୍ତକ କୁମାର ବହିଦାର, ଚିତ୍ତରଞ୍ଜନ ସାହୁ, ସଂଗ୍ରାମ ବହିଦାର, ରାଜୁ ମିଶ୍ର, ଅଜିତ ପଣ୍ଡା, ଜିତେନ୍ଦ୍ର ନାଗ ଓ ଆନିଶ ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## କୋସଲି କବିତା ପାଠ

**ଲୋଇସିଂହା,୨୭।୧(ଡି.ଏନ.ଏ)**

ଲୋଇସିଂହା ଗାନ୍ଧୀସ୍ମୃତି ପାଠାଗାର ପରିସରରେ ଆଦ୍ୟାଶା କୋସଲି ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ୨ୟ ମାସିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଧର୍ମସିଂ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠାନିକ କାର୍ଯ୍ୟକ୍ରମକୁ ବ୍ରଜମୋହନ ବିଶୋଇ ସଂଯୋଜନା କରିଥିଲେ । ଧର୍ମସିଂ ମିଶ୍ର, ବିଭୂତିଭୂଷଣ ସାହାଣୀ, ଅଶୋକ କୁମାର ବେହେରା, ପଞ୍ଛୁ ସା, ମଞ୍ଜୁବାଳା ମାହେର, ରମେଶଚନ୍ଦ୍ର ମେହେର, ନିସାର ଅହମ୍ମଦ ନିସାର, ନିତ୍ୟାନନ୍ଦ ଜୁଏଡ ପ୍ରମୁଖ ସ୍ୱରଚିତ କୋସଲି କବିତା ପାଠ କରିଥିଲେ ।

## ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ, ଯୁଗ୍ମ ସଚିବଙ୍କ ଖୋଳତାଡ

**ପାଟଣାଗଡ/ବେଲପଡା, ୨୭।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)କୁ ସୋମବାର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚିବ ଏବଂ ଯୁଗ୍ମ ସ୍ୱାସ୍ଥ୍ୟ ସଚିବ ସ୍ୱତନ୍ତ୍ର ପରିଦର୍ଶନରେ ଆସିଥିଲେ। ଡାକ୍ତରଖାନା ପରିସରରେ ଚାଲିଥିବା ବେଆଇନ କ୍ଲିନିକ ନେଇ ଗଣମାଧମରେ ଯେଉଁ ଖବର ପ୍ରକାଶିତ ହୋଇଥିଲା ତାହାର ତଦନ୍ତ କରିଥିଲେ। ବିଭିନ୍ନ ଗଣମାଧମରେ ଡାକ୍ତରଖାନାରେ ବେଆଇନ କ୍ଲିନିକ କରି ଡାକ୍ତରମାନେ ରୋଗୀଙ୍କଠାରୁ ଟଙ୍କା ଆଦାୟ, ସରକାରୀ ଔଷଧ ବିକ୍ରୟ, ଗୋଟିଏ ଡାକ୍ତରଙ୍କ ପ୍ରେସକ୍ରିପସନରେ ଅନ୍ୟ ଡାକ୍ତରଙ୍କ ଔଷଧ ଲେଖା ପ୍ରଭୃତି ବିଭିନ୍ନ ଅଭିଯୋଗମାନ ପ୍ରକାଶ ପାଇଥିଲା। ଏହି ସବୁ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ସାମନ୍ତରାଏ ଏବଂ ଯୁଗ୍ମ ସଚିବ ବିଶିକେଶନ ଦେହୁରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପ୍ରଥମେ ଡାକ୍ତରଖାନାର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଡ. ରବିନ୍ଦ୍ର ମେହେରଙ୍କ ସହିତ ଆଲୋଚନା କରିଥିଲେ। ପରେ ଡାକ୍ତର ରବିନ୍ଦ୍ର ମେହେର, ଡାକ୍ତର ପ୍ରିତମ ସୁନା ଏବଂ ଗଣମାଧମ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ସଚିବଙ୍କ ପ୍ରତିକ୍ରିୟା ନେବାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ।



ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

## ବ୍ୟାଡମିଣ୍ଟନ: ସୂର୍ଯ୍ୟ-ମଣ୍ଟୁ ଯୋଡ଼ି ଚାମ୍ପିୟନ

**ଲୋଇସିଂହା, ୨୭।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଜୟହିନ୍ଦ ସ୍ପୋର୍ଟିଂ ଆନୁକୂଲ୍ୟରେ ଦୁଇଦିନଧରି ଚାଲିଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଲୋଇସିଂହାର ୨ଯୋଡି ଫାଇନାଲକୁ ଉନ୍ନୀତ ହୋଇଥିଲେ । ୧୫-୩ ସେଟରେ ଜ୍ୟୋତି ଆଣ୍ଡ ଶ୍ରୀକାନ୍ତ ଯୋଡିକୁ ହରାଇ ସୂର୍ଯ୍ୟ-ମଣ୍ଟୁ ଯୋଡି ଚାମ୍ପିୟନ ହୋଇଥିଲେ। ଡୁଙ୍ଗରିପାଲିର ସିକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ମଣ୍ଟୁ ପଣ୍ଡା ମ୍ୟାନ ଅଫ ଦ ସିରିଜ, ଜ୍ୟୋତିରଞ୍ଜନ ବେହେରା ମ୍ୟାନ ଅଫ ଦ ମ୍ୟାଚ ପୁରସ୍କୃତ ହୋଇଥିଲେ । ଚାମ୍ପିୟନ ଯୋଡିକୁ ଟ୍ରଫି ସହ ୩୩୩୩ ଓ ରନର୍ସ ଅଫ ଯୋଡିକୁ ଟ୍ରଫି ସହ ୨୨୨୨ ଟଙ୍କା ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସନ୍ଧ୍ୟାରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଯୁବନେତା ନିହାର ରଞ୍ଜନ ବେହେରା, ଆଇଆଇସି ଲଳିତା ଲାକ୍ରା, ଲୋଇସିଂହା ସରପଞ୍ଚ ସୁନୀଲ ଅଗ୍ରୱାଲ, ଝାରମୁଣ୍ଡା ସରପଞ୍ଚ ସୁନୀଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଟୁର୍ଣ୍ଣାମେଣ୍ଟ ଅୟୋଜିତ ହୋଇଥିଲା । ସଭାପତି କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ନୀତେଶ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟରୁ ଶୁଭାରମ୍ଭ କରିଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା, ଲୋଇସିଂହା ରେଞ୍ଜର ରାଜକିଶୋର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକାରୀ ସଭାପତି ଘାସିରାମ ବାରିକ, ସମ୍ପାଦକ ପ୍ରତିରଞ୍ଜନ ସାହୁ, ରିଣ୍ଟୁ ସାହାଣୀ, ଅଜିତ ସାହୁ, ସୁଦାମ ଝାଙ୍କର ଓ ସାଥୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।




ଚାମ୍ପିୟନ, ରନର୍ସଅପ ଯୋଡି ସହ ଅତିଥି ଓ ଆୟୋଜକ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବଣାଇ ପୋଲିସ ଉପଖଣ୍ଡକୁ ୫ ପିସିଆର ଭ୍ୟାନ

**ବଣାଇଁ,୨୭।୧(ସ୍ୱ.ପ୍ର.):** ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ ପାଇଁ ବଣାଇଁ ଉପଖଣ୍ଡ ପୋଲିସକୁ ଜିଲା ପୋଲିସ ୫ଟି ପିସିଆର ଭ୍ୟାନ ପ୍ରଦାନ କରିଛି। ଉପଖଣ୍ଡରେ ଥିବା ୮ଟି ଥାନା ଅଞ୍ଚଳରେ ଏହି ପିସିଆର ଭ୍ୟାନ ଗୁଡିକ ଚଳାଚଳ କରିବ। ଏହା ସହିତ ଉପଖଣ୍ଡ ଦେଇ ଯାଇଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥରେ ଏଗୁଡିକ ସକ୍ରିୟ ଭାବେ କାମ କରିବ। ଜନସାଧାରଣ ପୋଲିସଠାରୁ ତ୍ୱରିତ ସେବା ପାଇବା ପାଇଁ ଏହି ବ୍ୟବସ୍ଥା ପ୍ରଚଳିତ ହୋଇଛି। ଜନସାଧାରଣ ଏଥିରୁ ନିଶ୍ଚିତ ଭାବେ ସୁବିଧା ପାଇପାରିବେ ବୋଲି ସ୍ଥାନୀୟ ପୋଲିସ ପ୍ରଶାସନ କହିଛି।

### ୧୫୦ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ରାଉରକେଲା ଅଫିସ,୨୭।୧:** ରାଉରକେଲା ଜଗଦାସ୍ଥିତ କମ୍ୟୁନିଟି ୱେଲଫେୟାର ସୋସାଇଟି ହସ୍ପିଟାଲ ପକ୍ଷରୁ ୧୫୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଡାକ୍ତର ଆଶିଷ ସାହା, ଏ.କେ. ସାଙ୍ଗା ଓ ରବି କୁମାର ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ। ହସ୍ପିଟାଲର ଅଧକ୍ଷ ଫାଦର କେ.ପିଟରଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ବ୍ରତୀ ହୁଅ

**ସୁନ୍ଦରଗଡ, ୨୭।୧ (ଡି.ଏନ୍.ଏ.)**

ସୁନ୍ଦରଗଡ ଷ୍ଟାଡିୟମରେ ୭୧ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟ ଅତିଥି ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ, ଦେଶର ସମ୍ବିଧାନକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ବ୍ରତୀ ହେବା ଆବଶ୍ୟକ। ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ସଂପର୍କରେ ଆଲୋକପାତ କରି ଏହାର ସୁଫଳ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୫ଟି ଦଳ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବିଭିନ୍ନ ସାମାଜିକ ସେବା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ, ବିଦ୍ୟାଳୟ ଗାରିମା ଯୋଜନାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ଶିଶୁ ପ୍ରତିଯୋଗୀ ଓ ଶ୍ରେଷ୍ଠ ପରେଡ ପ୍ରଦର୍ଶନକାରୀ ଦଳକୁ ପୁରସ୍କୃତ କରାଯାଇଥିଲା। ପରେ ଜିଲା ଡାକ୍ତରଖାନା, ଜିଲା କାରାଗାର, ଭିନ୍ନକ୍ଷମ ବିଦ୍ୟାଳୟ ସାର୍ଥକ ଓ ଆସ୍ଥା ଗୃହରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ, ଏସ୍‌ପି ସୌମ୍ୟା ମିଶ୍ରାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଜିଲା କାରାଗାରରେ ମନ୍ତ୍ରୀଙ୍କ ସହ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଯୋଗଦେଇ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିଭଳି ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟକୁ ମନ୍ତ୍ରୀ ପରିଦର୍ଶନରେ ଯାଇ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ସଂପର୍କୀତ ପ୍ରସ୍ତୁତି ନେଇ ଆଲୋଚନା କରିଥିଲେ।



ସୁନ୍ଦରଗଡ଼ ଜିଲାସ୍ତରୀୟ ଉତ୍ସବରେ ମନ୍ତ୍ରୀ, ଏସ୍‌ପି ଓ ଜିଲାପାଳ।





ଖପୁରିକଛାରସ୍ଥିତ ଏନଟିପିସି କାର୍ଯ୍ୟାଳୟ ପରିସରରେ କମ୍ପାନୀର ଅଧିକାରୀ ସି.ଆର. ବାରିକ ଉଦବୋଧନ ଦେଉଛନ୍ତି।

**ରାଜଗାଙ୍ଗପୁର/କୁତ୍ରା, (ଡି.ଏନ.ଏ.):** ରାଜଗାଙ୍ଗପୁରର ଖେଳ ପଡିଆରେ ପୌରପରିଷଦ ଆନୁକୂଲ୍ୟରେ ସାଧାରଣ ତନ୍ତ୍ର ଦିବସ ପାଳନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ନୃସିଂହଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲଦାର ରୀନା ନାଏକ, ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ଓ ରାଜଗାଙ୍ଗପୁର ବନବିଭାଗ ଅଧିକାରୀ ଚନ୍ଦ୍ରଶେଖର ଗଡ଼ନାୟକ ଯୋଗ ଦେଇଥିଲେ।

## ସମ୍ବିଧାନକୁ ସମ୍ମାନ ଦିଅ

**ଲହୁଣୀପଡା, (ଡି.ଏନ.ଏ.):** ଲହୁଣୀପଡାରେ ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ପତାକା ଉତ୍ତୋଳନ କରିଥିଲେ। ବିଡିଓ ଧାନାଇଚରଣ ଟୁଡୁ, ତହସିଲଦାର ଆଲୋକ କୁମାର ଦେହୁରୀ, ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡି, କୃଷି ଅଧିକାରୀ ଗୟାଧର ସାହୁ, ଏବିଡିଓ ପ୍ରଶାନ୍ତ ପଣ୍ଡା, ଏବିଇଓ ନରହରି କିଷାନ, ବ୍ଲକ ଉପାଧ୍ୟକ୍ଷା ସୁକମତୀ ମହାନ୍ତ, ସିଡିପିଓ ମିନାକ୍ଷୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ।

**ବଡଗାଁ, (ଡି.ଏନ.ଏ.):** ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ କୃପା ମିଞ୍ଜ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିଭଳି ବଡଗାଁ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ କାଥରିନା ଖାଲଖୋ, ଆଇଟିଆଇରେ ରାମଚନ୍ଦ୍ର ନାୟକ, ଥାନାରେ ଆଇଆଇସି ସୂର୍ଯ୍ୟକାନ୍ତି ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**କୁଆଁରମୁଣ୍ଡା, (ଡି.ଏନ.ଏ.):** କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ଜାତୀୟ ପତାକା ଉତୋଳନ କରଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ, ଶିଶୁ ବିଦ୍ୟାମନ୍ଦିର ଓ ଡୁମେରଯୋର ହାଇସ୍କୁଲରେ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁର ଜାତୀୟ ପତାକା ଉତୋଳନ କରିଥିଲେ। କଟାରୁ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶିବପ୍ରାସଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାନେତ୍ରୀ ତିଳବତୀ କେରା, ଲିଟିଲବର୍ଡ଼ ସ୍କୁଲରେ ଅଧ୍ୟକ୍ଷ ସାଦ୍ରାକ ବାରା, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ଶ୍ରୀମନ୍ତ ପଟ୍ଟନାୟକ, କୁଆଁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ସୁଧାଂଶୁ ଚନ୍ଦ୍ର ସାହାଣୀ, ୱେଷ୍କୋ ଉପଖଣ୍ଡ କାର୍ଯ୍ୟାଳୟରେ ଏସଡିଓ ଇଂ. ଶୁଭାଶିଷ ମହାନ୍ତି, ପ୍ରାଣୀ ଚିକିତ୍ସାଳୟରେ ଡା.ଧୀରେନ୍ଦ୍ର କୁମାର ବେହେରାଙ୍କ ତତ୍ତ୍ୱାବଧାନରେ କୁଆଁରମୁଣ୍ଡା ସରକାରୀ ଡାଏରୀଫାର୍ମ ଅଧୀକ୍ଷକ ଡା. ମୁକ୍ତିକାନ୍ତ ଭୂୟାଁ, କୁଆଁରମୁଣ୍ଡା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଏସ୍‌ଡିଓ ବିଭୂତିଭୂଷଣ ଭଞ୍ଜ, କୁଆଁରମୁଣ୍ଡା ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାମୁଏଲ ପ୍ରମୁଖ ଜାତୀୟ ପତାକା ଉତୋଳନ କରିଥିଲେ। ସେହିପରି ବୀରମିତ୍ରପୁର ପୌରପାଳିକା ନିର୍ବାହୀ ଅଧିକାରୀ ସମ୍ବିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପୌର ପରିଷଦସ୍ତରୀୟ ସାଧାରଣତନ୍ତ୍ର ସମାରୋହ ବାରି ମଇଦାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ନିବେଦିତା ସୋରେନ୍ ଜାତୀୟ ପତାକା ଉତୋଳନ କରିଥିଲେ।

**ବଣାଇଁ, (ସ୍ୱ.ପ୍ର.):** ବଣାଇଁରେ ଉପଜଲାପାଳ ପ୍ରଦୀପ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିଭାଦନ ଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିକା ଏକ୍କା, ଯୁଧିଷ୍ଠିର ତ୍ରିପାଠୀ, ଅକ୍ଷୟ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅନ୍ତର୍ଯ୍ୟାମୀ ରଣା ସଂଯୋଜନା କରିଥିଲେ।

**ବେଦବ୍ୟାସ, (ଡି.ଏନ.ଏ.):** ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ପତାକା ଉତ୍ତୋଳନ କରିଥିଲେ। କଲୁଙ୍ଗା କରତକଳ ସରକାରୀ ପ୍ରାଥମିକ ବିଦ୍ୟାଳୟର କଲୁଙ୍ଗା ବିଜେଡି ଯୁବ ନେତା ଶୁକଦେବ ନନହାର ପତାକା ଉତ୍ତୋଳନ କରିଥିଲେ । କଲୁଙ୍ଗା କରତକଳ ଛକ ସ୍ଥିତ ଷ୍ଟାର କ୍ଲବରେ ଦାଶରଥି କିଶାନ ଓ ପଟେଲ ଲାକ୍ରାଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଥିଲା । ସେହିପରି କଲୁଙ୍ଗା ଶିଳ୍ପାଞ୍ଚଳ ସାଂସ୍କୃତିକ ପରିଷଦର ସାଂଗଠନିକ ସମ୍ପାଦକ ବୀର କିଶୋର ରାଉତଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା।





ବଣାଇରେ ସଚେତନତା ଶୋଭାଯାତ୍ରା ବାହାରିଛି।

# ନାଗରିକର ପ୍ରଥମ ଅଧିକାର ମତଦାନ

**ବଣାଇଁ,୨୭।୧ (ସ୍ୱ.ପ୍ର.)**

ବଣାଇଁ ସଦର ମହକୁମାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା ସଭା ସ୍ଥାନୀୟ ବଣାଇଁଗଡ଼ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ବଣାଇଁ ଉପଜଲାପାଳ ପ୍ରଦୀପ ଡାଙ୍ଗ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଡିଓ ସନ୍ତୋଷ ସାହୁ, ବଣାଇଁଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ପରେଶଚନ୍ଦ୍ର ଗିରି, ଅଧ୍ୟାପକ ଜେନାମଣି ସାହୁ, ପ୍ରେମସାଗର ମାହାନ୍ତ, ବରୁଣ କରକରିଆ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ନଗେନ୍ଦ୍ର କୁମାର ଦାସ ଯୋଗଦେଇ ଭୋଟରଙ୍କୁ ମତସାବ୍ୟସ୍ତ କରିବାକୁ ସଚେତନ କରାଇଥିଲେ। ମତଦାନ କରିବା ନାଗରିକର ପ୍ରଥମ ଅଧିକାର। ଏଣୁ ନିର୍ବାଚନରେ ମତଦାତାମାନେ ନିଜର ମତସାବ୍ୟସ୍ତ କରିବାକୁ ସମସ୍ତଙ୍କୁ ସଚେତନ କରାଇବାକୁ କୁହାଯାଇଥିଲା। ଏହାପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଲୋକକଳା, ସଂସ୍କୃତିର ପ୍ରଚାର ପ୍ରସାରର ସଫଳ ପ୍ରୟାସ

**ସୁନ୍ଦରଗଡ,୨୭।୧ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ସାଂସ୍କୃତିକ ମହୋତ୍ସବ ଯତ୍‌ରା-୨୦୨୦ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ଜିଲା ସଂସ୍କୃତି ପରିଷଦ, ଓରମାସ ଏବଂ ଜିଲା ପ୍ରଶାସନ ଆନୁକୁଲ୍ୟରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ରଘୁନାଥପାଲି ବିଧାୟକ ସୁବ୍ରତ କୁମାର ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବିଧାୟକ ଉଦ୍‌ଘାଟନ କରିଥିଲେ । ସମଗ୍ର ଓଡିଶାରେ ସୁନ୍ଦରଗଡ ଜିଲାର ଏକ ସ୍ୱତନ୍ତ୍ର ପରିଚିୟ ରହିଛି । କ୍ରୀଡା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଏହି ମାଟିର କ୍ରୀଡାବିତ୍ ଖ୍ୟାତି ଅର୍ଜନ କରି ଜିଲାର ଗୌରବ ବୃଦ୍ଧି କରି ପାରିଛନ୍ତି। ଜିଲାର ବିକାଶ ପାଇଁ ଯାହାର ଯେଉଁ କ୍ଷେତ୍ରରେ ଆଗ୍ରହ ରହିଛି ତାକୁ ସାକାର କରିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ଯତ୍‌ରା ସାଂସ୍କୃତିକ ଭାବଧାରାର ଆଦାନପ୍ରଦାନ ଓ ପ୍ରଚାର ପ୍ରସାର ଏକ ମାଧ୍ୟମ ବୋଲି ସେ କହିବା ସହ ୫ଦିନ ଧରି ଜିଲାବାସୀ ଉତ୍ସାହର ସହ ଏହାକୁ ଉପଭୋଗ କରିବା ଏବଂ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାର ଓ ସ୍ୱୟଂ ସହାୟକ ଦଳଙ୍କୁ ଉତ୍ସାହିତ କରିବାକୁ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଏହି ସାଂସ୍କୃତିକ ମହୋତ୍ସବ ଜିଲାବାସୀଙ୍କ ମଧ୍ୟରେ ଐକ୍ୟ ବୃଦ୍ଧିରେ ବିଶେଷ ସହାୟକ ହୋଇପାରିଛି ବୋଲି କହିଥିଲେ। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ନିଖିଲ ପବନ କଲ୍ୟାଣ କହିଲେ ଯେ, ସୁନ୍ଦରଗଡ ଭଳି ଶାନ୍ତିପ୍ରିୟ ସରଳ ଅଧିବାସୀଙ୍କ ଅମାୟିକ ବ୍ୟବହାରରେ ସେ ଅଭିଭୂତ। ଏହି ଅବସରରେ ମୁଖପତ୍ର ଯତ୍‌ରା -୨୦୨୦ ଉନ୍ମୋଚିତ ହୋଇଥିଲା। ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଉପଜିଲାପାଳ ଅଭିମନ୍ୟୁ ବେହେରା ବକ୍ତବ୍ୟ ରଖିଥିଲେ। ଡା ଅନନ୍ତଚରଣ ଆଚାର୍ଯ୍ୟ ଅତିଥି ପରିଚୟ ଓ ସଭା ସଞ୍ଚାଳନ କରିଥିଲେ । ଏହି ଅବସରରେ ବାଲୁକା ଶିଳ୍ପୀ ରାଜ କିଶୋର ସାହୁ , ଜାତୀୟ କବାଡି ପ୍ରତିଯୋଗିତାରେ ଭାଗ ନେଇଥିବା କୁତ୍ରା ହାଇସ୍କୁଲର ସଂଜୟ ତିର୍କୀ, ଗୋଗୁଆ ହାଇସ୍କୁଲର ଝରଣା ପାଉଲେ, ବନ୍ଦନା କିଶାନ, ଲହୁଣୀପଡା ହାଇସ୍କୁଲର ଟ୍ୱିଙ୍କିଲ କିଶାନ୍, ଜାତୀୟ ବକ୍ସିଂରେ ଲେଡିମଙ୍ଗ ୟୁପିସ୍କୁଲର କବିତା କିଶାନ୍, ବରଙ୍ଗା କଛାର ସରକାରୀ ହାଇସ୍କୁଲର ସବିତା ଭେଙ୍ଗରା, ଲେଡିମଙ୍ଗ ହାଇସ୍କୁଲର ରୋଜାଲିନ୍ କୁଜୁର, ସୁନ୍ଦରଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନିକିତା ଡୁଙ୍ଗଡୁଙ୍ଗ, ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟର ରାଇଲା ରାହୁଲ, ଗୁରୁଦେବ ବାଗ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ନୃତ୍ୟମଧୁରମ୍ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ରାଜସ୍ଥାନର ଘୁମର, ସୋନପୁର କଳାଜୀବୀ ଅନୁଷ୍ଠାନର ଚୁଟୁକୁଚୁଟା, ସମ୍ବଲପୁରୀ ନୃତ୍ୟ, କଳାହାଣ୍ଡିର ଘୁମୁରା, କୋରାପୁଟର ଢେମସା ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଜିଲା ସଂସ୍କୃତି ପରିଷଦ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେ ଏହି ମହୋତ୍ସବ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ଚିତ୍ରକଳା କର୍ମଶାଳା, ପୁସ୍ତକ ମେଳା, ସାହିତ୍ୟ ଆସର ଆଦି ଅନୁଷ୍ଠିତ ହେବ।



ଲୋକକଳା, ସଂସ୍କୃତିର ପ୍ରଚାର ପ୍ରସାରର ସଫଳ ପ୍ରୟାସ

## ଜିଲା ସାଂସ୍କୃତିକ ମହୋତ୍ସବ 'ଯତ୍‌ରା'-୨୦୨୦ ଉଦ୍‌ଘାଟିତ



ବେଦବ୍ୟାସ ମହାବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବରେ ଅତିଥିମାନେ।

# ପାଠପଢ଼ା ସହ ସେବା ପ୍ରତି ଆନ୍ତରିକତା ରଖ

**ବେଦବ୍ୟାସ, ୨୭।୧ (ଡି.ଏନ.ଏ.)**

ବେଦବ୍ୟାସ ମହାବିଦ୍ୟାଳୟର ୩୮ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଲାଭ ସହ ସମାଜର ସେବା ପ୍ରତି ଆନ୍ତରିକତା ରଖିବା ଉଚିତ। ଅଭିଭାବକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବା ସହ ଆସ୍ଥାଭାଜନ ହେବା ପାଇଁ ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଷ୍ଟିଲ କାରଖାନା ପ୍ଲେଟ ମିଲର ମୁଖ୍ୟ ସାଧାରଣ ପରିଚାଳକ ଏକେ ପ୍ରଧାନ ଯୋଗ ଦେଇ କଠିନ ପରିଶ୍ରମ ଦ୍ୱାରା ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ତାହା ରାଷ୍ଟ୍ରର ବିକାଶ ପଥରେ ସହାୟକ ହୋଇପାରିବ ବୋଲି କହିଥିଲେ । ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ପତିତପାବନ ମଣ୍ଡଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରଫେସର ତନୁଶ୍ରୀ ଜେନା, ଅଧ୍ୟାପିକା ସସ୍ମିତା କାଲୋ, ପ୍ରଫେସର ସୁଧୀରରଞ୍ଜନ ନାୟକ, ପ୍ରଫେସର ଲୁନା ଜେନା, ପ୍ରଫେସର ଡାକ୍ତର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟକ୍ଷ ଆଶୁତୋଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସାମଗ୍ରୀକ କୃତୀତ୍ୱ ହାସଲ କରିଥିବା ଛାତ୍ର ମହେଶ କୁମାର ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦାଶ, ଅଭୟ ସ୍ୱାଇଁ, ସୁରେଶ କହଁର, ରଙ୍ଗଧର ସାହୁ, ଚିତ୍ତରଞ୍ଜନ ନାୟକ, ସଞ୍ଜୁ ଦେଇ, ପ୍ରଫେସର ଚିନ୍ତାମଣୀ ସାହୁ, ଅଭିମନ୍ୟୁ ଗୌଡ, ସୁଶୀଲା ତନ୍ତି, ଟୁକୁ ସୁନା, ପ୍ରଫେସର ବିନାୟକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ତନୁଶ୍ରୀ ଜେନା ଓ ପ୍ରଫେସର ସସ୍ମିତା କାଲୋ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଫେସର ଲୁନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ମଦଭାଟି ସ୍ଥାନାନ୍ତର ଦାବିରେ ଅନଶନ

# ଲହୁଣୀପଡ଼ା ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଲହୁଣୀପଡା, ୨୭।୧ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଛକ ସ୍ଥିତ ଜୟ ହନୁମାନ ଶିବ ସାଇ ମନ୍ଦିରର ଅଷ୍ଟମ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଯଜ୍ଞରେ ବୈଦ୍ୟନାଥ ରାୟ ଓ ତାଙ୍କ ସହଧର୍ମିଣୀ ବିମଳା ଦେବୀ ଓ ନାମଯଜ୍ଞରେ ରିଙ୍କୁ ଚୌଧୁରୀ ଓ ସହଧର୍ମିଣୀ ରୁବି ଚୌଧୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଗୋପାଳ ଝା, ସିତରାମ ଝା ଓ ନାମଯଜ୍ଞରେ ସୁନ୍ଦରମଣୀ ଦାଶ ଯଜ୍ଞ ସଞ୍ଚାଳନ କରିଥିଲେ।

ଏଥିରେ ଅର୍କେଇକଳା, ଲହୁଣୀପଡା, ଉଲକୁଣ୍ଡେଇ, ଗୌତମଦିହି, ବିଲେଇପଡା, ଉଲସୁରେଇ, ହାତୀବାହାଲ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଅରବିନ୍ଦ ରାୟ, ଗଙ୍ଗା ମହାନ୍ତ, ଉମେଶ ରାୟ, ହୃଦାନନ୍ଦ ମହାନ୍ତ, ସନ୍ତୋଷ ସାହୁ, କୁନାଲ ରାୟ, ବିଶ୍ୱନାଥ ରାୟ, ସୁରଜ ସା, ରଣଜିତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲହୁଣୀପଡା ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା ବାହାରିଛି।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ...

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବ୍ରଜରାଜନଗର, ୨୭।୧ (ଡି.ଏନ.ଏ)
ଓରିଏଣ୍ଟ ଥାନା ଅନ୍ତର୍ଗତ ଦୁର୍ଗାନଗର ଛକରେ ସୋମବାର ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ମଣ୍ଡଳିଆର ପ୍ରଭାତ ବିଶ୍ୱାଳ (୩୪) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ପ୍ରଭାତ ନୂଆ ବାଇକ ଧରି ଦ୍ରୁତ ଗତିରେ ଯାଉଥିବା ବେଳେ ଅନ୍ୟ ଜଣଙ୍କ ବାଇକକୁ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲା । ଓରିଏଣ୍ଟ ପୋଲିସ ଦୁଇ ବାଇକକୁ ଜବତ କରି ତଦନ୍ତ କରୁଛି ।

### ୧୫୦ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା ଅଫିସ,୨୭।୧
ରାଉରକେଲା ଜଗଦାସ୍ଥିତ କମ୍ୟୁନିଟି ୱେଲଫେୟାର ସୋସାଇଟି ହସ୍ପିଟାଲ ପକ୍ଷରୁ ୧୫୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଡାକ୍ତର ଆଶିଷ ସାହା, ଏ.କେ. ସାଙ୍ଗା ଓ ରବି କୁମାର ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ। ହସ୍ପିଟାଲର ଅଧ୍ୟକ୍ଷ ଫାଦର କେ.ପିଟରଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା।

### ଗଛରେ ପିଟିହେଲା ବାଇକ୍, ଚାଳକ ମୃତ

ଲଖନପୁର,୨୭।୧(ଡି.ଏନ.ଏ)
ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି)ର ବନହରପାଲି ସ୍ଥିତ ଇବ୍ ଥର୍ମାଲ ସିକ୍ୟୁରିଟ୍ ବ୍ୟାରେକ୍ ସମ୍ମୁଖରେ ଥିବା ଏକ ଆମ୍ବଗଛରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ (ନଂ.ଓଡି୨୩ଇ ୭୬୩୫) ପିଟି ହୋଇଯିବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପଣ୍ଡରୀ ଗ୍ରାମର କିରଣ ପ୍ରଧାନ (୨୩)। ଏହି ଦୁର୍ଘଟଣାରେ ଜତୀନ୍ଦ୍ର ଧରେଇ (୨୨) ଆହତ ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଓପିଜିସି ହସ୍ପିଟାଲ୍‌ରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡମେଡିକାଲ୍‌କୁ ପଠାଇ ଦିଆଯାଇଛି । ଏ ନେଇ ମୃତକଙ୍କ ବାପା ମୋହନ ପ୍ରଧାନଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ୍ ବନହରପାଲି ଥାନାରେ ଏକ ମାମଲା (ନଂ.୧୦/୨୦) ରୁଜୁ କରିଛି । ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି ।

### ଆମ ପୋଲିସ ସମିତି ବୈଠକ

**ସଇଁତଲା, ୨୭।୧ (ଡି.ଏନ.ଏ.):** ସଇଁତଲା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ବାରିଣୀ ଦାସ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରିବା ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

# ଦେଶ ପାଇଁ ଆମର ଗୁରୁଦାୟିତ୍ୱ ରହିଛି

ରାଉରକେଲା ଅଫିସ,୨୭।୧

ବର୍ତ୍ତମାନର ଭାରତ ଏକ ବିକାଶୀଳ ଭାରତ। ପ୍ରତ୍ୟେକ କ୍ଷେତ୍ରରେ ଏହାର ବୈଶିଷ୍ଟ୍ୟତା ରହିଛି। ଭାରତକୁ ସ୍ୱାଧୀନ କରିବା ପାଇଁ ପ୍ରାଣବଳି ଦେଇଥିବା ମହାପୁରୁଷ ଓ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ସବୁବେଳେ ସୁଯୋଗ ମିଳେନି। ଏହି ମହାନ ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା, ଧର୍ମନିରପେକ୍ଷତା ବଜାୟ ରଖିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ। ତେଣୁ ଏଥିପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ଆହୁରି ସର୍ବାଙ୍ଗୀନ ବିକାଶ କରିବା ଉପରେ ଯତ୍ନବାନ ହେବା ମଧ୍ୟ ଆବଶ୍ୟକ । ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ଏହା କହିଛନ୍ତି।

ଜଲା ପ୍ରଶାସନ ପକ୍ଷରୁ ଉଦିତନଗର ପରେଡ୍ ପଡିଆରେରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ ପରେଡରେ ୫୦ଟି ଦଳ ଭାଗ ନେଇଥିଲେ । ରିଜର୍ଭ ପୋଲିସ୍ ଇନିସପେକ୍ଟର କମାଣ୍ଡର ଦୀପ୍ତିପ୍ରସାଦ ଜେନାଙ୍କ ନେତୃତ୍ୱରେ ଆୟୋଜିତ ମିଳିତ ପରେଡ୍‌ରେ ସେକେଣ୍ଡ ଇନ୍ କମାଣ୍ଡର ବିରେନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମିଳିତ ପରେଡରେ ଓଏସ୍ଏପି, ଏପିଆର୍, ହୋମଗାର୍ଡ, ସିଭିଲ ଡିଫେନ୍ସ, ସିନିୟର ଡିଭିଜନ ଏନ୍‌ସିସି, ଜୁନିୟର ଡିଭିଜନ ଏନ୍‌ସିସି, ରୋଭର, ସ୍କାଉଟ୍, ଗାଇଡ୍, ଜୁନିୟର ରେଡ୍‌କ୍ରସ, ସିନିୟର ଓ ଜୁନିୟର ସିଭିଲିୟାନ, ସିଭିଲିୟାନ ଗାର୍ଲ ଏବଂ କବ୍ ବୁଲ୍ ବୁଲ୍ ଓ ଏପିଆର୍ ଏବଂ ଓଏସ୍ଏପିର ଯୁଗ୍ମ ବ୍ୟାଣ୍ଡପାର୍ଟି ଅଂଶଗ୍ରହଣ କରିଥିଲେ । ମିଳିତ ପରେଡରେ ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ସିନିୟର ଡିଭିଜନ ଏନ୍‌ସିସିରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, ଜୁନିୟର ଡିଭିଜନ ଏନ୍‌ସିସି ଓ ସିଭିଲିୟାନରେ ଯଥାକ୍ରମେ ଇଣ୍ଡୋ ଇଂଲିଶ ସ୍କୁଲର ବାଳିକା ବିଭାଗ ଓ ବାଳକ ବିଭାଗ, ରୋଭର ମ୍ୟୁନିସିପାଲ କଲେଜ ରାଉରକେଲା, ସ୍କାଉଟ୍‌ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାଇଡ୍ ଓ ଜୁନିୟର ରେଡ୍‌କ୍ରସ୍‌ରେ ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟ, ସିଭିଲିୟାନ ଗାର୍ଲସରେ ଓଏସ୍ଏପି ହାଇସ୍କୁଲ, କବ୍ ବୁଲ୍ ବୁଲ୍‌ରେ ଗୁରୁନାନକ ପବ୍ଲିକ୍ ସ୍କୁଲ ବାଳିକା ବିଭାଗକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ପରେ ପରେ ପରେଡ ପଡିଆରେ ଦେଶାତ୍ମବୋଧକ ଚିତ୍ତାକର୍ଷକ ନୃତ୍ୟ ସେକ୍ଟର-୧୭ର ମଧୁସୂଦନ ଶିକ୍ଷାନିବାସ, ଉଦିତନଗର ସରକାରୀ ହାଇସ୍କୁଲ, ଡିଏଭି ପବ୍ଲିକ୍ ସ୍କୁଲ, ଇଣ୍ଡୋ ଇଂଲିଶ ସ୍କୁଲ, ଆଇଟିଆଇ, ରାଉରକେଲା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ଅନ୍ୟପକ୍ଷେ ମୁଖ୍ୟ ଅତିଥି ରାଉରକେଲା ପର୍ଯ୍ୟବେକ୍ଷଣ ଆବାସରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ପ୍ୟାକେଟ, ରାଉରକେଲା ସ୍ୱତନ୍ତ୍ର କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ପ୍ୟାକେଟ୍ ଓ ଜିଲା ସରକାରୀ ଡାକ୍ତରଖାନାରେ ରୋଗୀମାନଙ୍କୁ ମିଷ୍ଟାନ୍ନ ଓ ପାଉଁରୁଟି ପ୍ୟାକେଟ୍ ବିତରଣ କରିଥିଲେ। ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲାପାଳ ଅବୋଲୀ ସୁନୀଲ ନରୱଣେ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ, ଅତିରିକ୍ତ ଏସ୍‌ପି ସୁରେଶ ପାଠୀ, ରାଉରକେଲା ମହାନଗର ନିଗମ ଉପାୟୁକ୍ତ ସୁଧାଂଶୁ ଭୋଇ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅପରାହ୍ନରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଉଦିତନଗର ପରେଡ୍ ପଡିଆରେ ପୋଲିସ୍ ଏକାଦଶ ଓ ଓକିଲ ସଂଘ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ପୋଲିସ୍ ଏକାଦଶ ବିଜେତା ହୋଇଥିବା ବେଳେ ଉପବିଜେତା ଭାବେ ଓକିଲ ସଂଘ ଏକାଦଶ ଦଳକୁ ପୁରସ୍କୃତ କରାଯାଇଥିଲା।



ରାଉରକେଲାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆର୍‌ଡିସି ନିରଞ୍ଜନ ସାହୁ ଓ ଅନ୍ୟ ଅଧିକାରୀଗଣ।

ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସେକ୍ଟର-୫ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ସଭାପତି ଡ. ଭାବଗ୍ରାହୀ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ପି.ପି.ରାୟ, ଜଗବନ୍ଧୁ ଜେନା, ମିନତି ଦେବତା, ଜଟାଧାରୀ ମାଝି, ନିତ୍ୟାନନ୍ଦ ସେନଗୁପ୍ତ, ଚିତ୍ତରଞ୍ଜନ ଦାସ, ରଞ୍ଜନ କୁମାର ଲେଙ୍କା, ସୁରେଶ ଚନ୍ଦ୍ର ଗୁପ୍ତା, ସୁବ୍ରତ କୁମାର ମଲ୍ଲିକ, କୁଞ୍ଜବିହାରୀ ରାଉତ, ଡାକ୍ତର ବସନ୍ତ କୁମାର ଦାସ, କୁଞ୍ଜବିହାରୀ ରାଉତ, ରାଜକିଶୋର ମିଶ୍ର, ଅନ୍ତର୍ଯ୍ୟାମୀ ଦାସ, ଚକ୍ରାନ୍ତ ଜେନା, ବିଷ୍ଣୁଚରଣ ସାମଲ, ଉପେନ୍ଦ୍ର କୁମାର ନାୟକ, ରତ୍ନାକର ଭାରିମଲ, ହୃଷୀକେଶ ପ୍ରଧାନ, ଗୁରୁଚରଣ ଦାସ, ହରିହର ବେହେରା, ମାୟାଧର ଦାସ, ଏ.ଆର.କ୍ୟୁରେସି, ବେଣୁଧର ପଲେଇ, ଭୁବନାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନିରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ରାମକୃଷ୍ଣ ମିସନ ହାଇସ୍କୁଲଠାରେ ଧାମରା ସଂଘ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ମହେନ୍ଦ୍ର ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ଭଗବାନ ରଉତ, ନିତ୍ୟାନ୍ଦ ବିଶ୍ୱାଳ, ଅମୂଲ୍ୟ ସେଠୀ, ସୁଶାନ୍ତ ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟରେ ଦିଲ୍ଲୀପ ମହାପାତ୍ର, ପିସି ମହାନ୍ତ, ଅଭିମନ୍ୟୁ ରଉତ, ନିହାର ସାମଲ, ପି.କେ. ପଣ୍ଡା, ବାବୁଲି ସାହୁ, ନିହାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଆଳିଆ ଖଣ୍ଡାୟତ ସମାଜର ସାଂସ୍କୃତିକ ସମ୍ମିଳନୀ

ବେଲପାହାଡ଼,୨୭।୧ (ଡ଼ି.ଏନ୍.ଏ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳ ଗୁମାଡ଼େରା ସ୍ଥିତ ଗୌରୀଶଙ୍କର ମନ୍ଦିରରେ ସୋମବାର ଆଳିଆ ଖଣ୍ଡାୟତ ସମାଜ ଜିଲା ମଣ୍ଡଳ କମିଟି ପକ୍ଷରୁ ଏକ ସାଂସ୍କୃତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରଜରାଜନଗର, ବନ୍ଧବାହାଲ, ବେଲପାହାଡ଼ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଖଣ୍ଡାୟତ ସମାଜର ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ । ସମ୍ମିଳନୀରେ ଉପସ୍ଥିତ ସଦସ୍ୟା ଓ ସଦସ୍ୟ ସମାଜରେ ବଢିଚାଲିଥିବା ନାରୀ ନିର୍ଯ୍ୟାତନା ଓ ବଧୂହତ୍ୟା ସମସ୍ୟା ନିରାକରଣ ଏବଂ ସମାଜ ଗଠନରେ ଯୁବ ଗୋଷ୍ଠୀଙ୍କ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଜୟନ୍ତୀ ପଡ଼ିହାରୀ ସମାଜର ଉନ୍ନତି ଓ ସଂସ୍କାରମୂଳକ କାର୍ଯ୍ୟ ଉପରେ ଉଦବୋଧନ ଦେଇଥିଲେ । ସନ୍ତୋଷ କୁମାର ଲେଙ୍କା, ଦୟାନିଧି ନାହାକ, ବିଜୟ ସ୍ୱାଇଁ, ବଂଶୀଧର ରାଉତ, ସୂର୍ଯ୍ୟମଣି ସ୍ୱାଇଁ ଓ ହାଡିବନ୍ଧୁ ନାହାକଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସମ୍ମିଳନୀରେ ଯୋଗ ଦେଇଥିଲେ ।

### ଦୋକାନ ପୋଡ଼ିଦେଲେ ଦୁର୍ବୃତ୍ତ

**ସଇଁତଲା, ୨୭।୧ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡେଙ୍ଗ ପଞ୍ଚାୟତର ବ୍ରାହ୍ମଣୀ ଗ୍ରାମରେ ଥିବା ଏକ ଦୋକାନକୁ ଶନିବାର ରାତିରେ ଦୁର୍ବୃତ୍ତ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣୀ ଗ୍ରାମର ଗୋକୁଳ ସାହୁ (୪୨) ଗ୍ରାମଠାରୁ କିଛି ଦୂରରେ ନଡ଼ାଛପର ଘରେ କୁକୁଡ଼ା ଦୋକାନ କରିଥିଲେ ।

## ଡିଏଭି ସ୍କୁଲ ଫି ବୃଦ୍ଧି ଆନ୍ଦୋଳନ ତେଜିଲା

ବ୍ରଜରାଜନଗର, ୨୭।୧ (ଡି.ଏନ.ଏ)

ବ୍ରଜରାଜନଗର ଅଞ୍ଚଳରେ ଥିବା ଡିଏଭି ସ୍କୁଲ ଫି ବୃଦ୍ଧି ପ୍ରତିବାଦ ଆନ୍ଦୋଳନ ଜୋରଦାର କରାଯାଇଛି। ଆନ୍ଦୋଳନକାରୀମାନେ ସୋମବାର ସକାଳ ୧୦ଟା ସମୟରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ । ମଧ୍ୟାହ୍ନରେ ବ୍ରଜରାଜନଗର ଥାନା ପ୍ରଭାରୀ ନଳିତା ମୋଦୀଙ୍କ ସହିତ ଇବ୍ କ୍ଷେତ୍ର ମହାପ୍ରବନ୍ଧକ ମଧୁସୂଦନ ଶର୍ମା ଘଟଣାସ୍ଥଳକୁ ଆସି ଆଲୋଚନା କରିଥିଲେ ମଧ ତାହା ସଫଳ ହୋଇ ନ ଥିଲା । ପରେ ଝାରସୁଗୁଡା ତହସିଲଦାର ଦିଲୀପ ପଧାନ, ଅତିରିକ୍ତ ଏସପି ଘଟଣାସ୍ଥଳକୁ ଆସି ଜିଏମଙ୍କ ସହିତ ଆଲୋଚନା କରି ଆସନ୍ତା ଫେବୃୟାରୀ ୫ରୁ ୧୦ ତାରିଖ ମଧରେ ଅଭିଭାବକ ଜିଲା ପ୍ରଶାସନ, ଏମସିଏଲ ପ୍ରଶାସନଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ତପନ ସ୍ୱାଇଁ, ବାବୁଲୁ ଦାଶ, ବିୟୁଟି ଶ୍ରୀବାସ୍ତବ, ସାଧନା ସାମନ୍ତରାୟ, ପ୍ରମୋଦ ପଣ୍ଡା, ଅମିୟ ସାମଲ, ଜୀବନ ସାର୍ଥକ ଦାସ, କ୍ରିଷ୍ଣା ମୁରାରୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ୩୦ରେ ବାସନ୍ତୀ ପାଠାଗାରର ୩୪ତମ ବାର୍ଷିକ ଉତ୍ସବ

ରାଉରକେଲା ଅଫିସ,୨୭।୧

ସାହିତ୍ୟ ପ୍ରତି ପ୍ରତିବଦ୍ଧତା ଥିବା ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ୩୪ତମ ବାର୍ଷିକ ଉତ୍ସବ ଜାନୁୟାରୀ ୩୦ ତାରିଖ ସନ୍ଧ୍ୟାରେ ପାଠାଗାର ପରିସରରେ ଅନୁଷ୍ଠିତ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପାଠାଗାରର ସଭାପତି ପ୍ରତାପ ରାୟ କହିଥିଲେ ଯେ, ଏହି ଉତ୍ସବରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ଜେ.ପି. ହସ୍ପିଟାଲର ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ୍ ମହାପାତ୍ର ସମ୍ମାନିତ ଅତିଥି ଏବଂ ହାଇଟେକ୍ ମେଡିକାଲ କଲେଜର ରେଜିଷ୍ଟ୍ରାର ଡଃ ଲଲାଟେନ୍ଦୁ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗ ଦେବେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ପ୍ରତିଭାମାନଙ୍କ ମଧ୍ୟରେ ଶିକ୍ଷାବିତ୍ ପ୍ରଫେସର ଜେ.କେ. ରାଓ, ଜାତୀୟ ଜୁନିୟର ହକି ଖେଳାଳି ଲବନ ଲୁଗୁନ୍, ବଲିଉଡ୍ ଦିବ୍ୟାଙ୍ଗ ନୃତ୍ୟାଙ୍ଗନା ଜୁଲି କର, ଆକ୍ୟୁପ୍ରେସର ଚିକିତ୍ସକ ଦିଗମ୍ବର ପାଢୀ, କବି କୁଞ୍ଜବିହାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ପ୍ରସନ୍ନ ସାବତ, ସାଧାରଣ ସଂପାଦକ ବିଭୂଦତ ବେହେରା, କୋଷାଧ୍ୟକ୍ଷ କୁଳମଣୀ ଦାସ, ଶରତ ଚନ୍ଦ୍ର ରାଉତ, ମନୋଜ ବିଶୋୟୀ, ଗଦାଧର ରଥ, ସରୋଜ ପାତ୍ର, ବସନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।


୩୦ରେ ବାସନ୍ତୀ ପାଠାଗାରର ୩୪ତମ ବାର୍ଷିକ ଉତ୍ସବ ନେଇ ଆୟୋଜକ ସୂଚନା ଦେଉଛନ୍ତି।

## ମଦଭାଟି ସ୍ଥାନାନ୍ତର ଦାବିରେ ଅନଶନ

### ୨ ବିଧାୟକ, ବରିଷ୍ଠ ନାଗରିକଙ୍କ ସମର୍ଥନ

ବଡଗାଁ, ୨୭।୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତର କେତେକ ଆଦିବାସୀ ବସ୍ତି, ସ୍କୁଲ ଓ ଅଙ୍ଗନୱାଡିଠାରୁ ଦେଢ଼ଶହ ମିଟର ଦୂରରେ ଏକ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ରହିଛି। ଏହାକୁ ସ୍ଥାନାନ୍ତର ପାଇଁ ୨୫ ତାରିଖ ଅପରାହ୍ନରୁ ଭୋଇପାଲି ଜୟ ଯବାନ ଜୟ କିସାନ କୃଷକ ସଂଗଠନର ସଭାପତି ରବୀନ୍ଦ୍ର ପଟେଲ ବ୍ଲକ ଅଫିସ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏହାକୁ ସମର୍ଥନ ଜଣାଇ ଅଞ୍ଚଳର ବରିଷ୍ଠ ନାଗରିକ, ଜନପ୍ରତିନିଧି ଓ ମହିଳାମାନେ ଅନଶନ ସ୍ଥଳରେ କିଛି ଘଣ୍ଟା ବସିଛନ୍ତି । ୨୫ ତାରିଖ ରାତିରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଇପାଲି ସରପଞ୍ଚ ମନ୍ଦାକିନୀ ବରିହା, ପୂର୍ବତନ ସରପଞ୍ଚ ମହେଶ୍ୱର ବରିହା, ସାଲେପାଲି ନାଏବ ସରପଞ୍ଚ ନୀଳକଣ୍ଠ ସାହୁ, ବଡଗାଁ ନାଏବ ସରପଞ୍ଚ କେଶବ କର୍ସେଲ, ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ, ପୂର୍ବତନ ବଡଗାଁ ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣୀ ସାହୁ, ସମିତି ସଭ୍ୟ ଶିଶିର ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ଲାଲମୋହନ ନାଏକ, ପ୍ରହଲ୍ଲାଦ ପଣ୍ଡା, ବଡଗାଁର ବରିଷ୍ଠ ନାଗରିକ ଉପାଧକ୍ଷ ପାଣିଗ୍ରାହୀ, ପ୍ରତାପ ମହାପାତ୍ର, ସଚିନ ଦାସ, ରାମକୃଷ୍ଣ ସାହୁ, ଭାଜପା ରାଜ୍ୟ ସମ୍ପାଦକ ରଞ୍ଜନ ପଟେଲ, କର୍ମକର୍ତ୍ତା ଦିଲୀପ ସେନାପତି, ବାବୁଲି କର୍ସେଲ ପ୍ରମୁଖ ସମର୍ଥନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଭାଟି ସ୍ଥାନାନ୍ତର ପାଇଁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗକ୍ରମେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ବିଭାଗୀୟ ଜିଲା ଅଧିକାରୀ ପଦକ୍ଷେପ ନ ନେବା କିମ୍ବା ସ୍ଥାନାନ୍ତର ପାଇଁ ଲିଖିତ ନିର୍ଦ୍ଦେଶ ଦେଇ ନାହାନ୍ତି। ଏଣୁ ଲିଖିତ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି କୃଷକ ସଂଗଠନ ସଭାପତି ପଟେଲ ଘୋଷଣା କରିଛନ୍ତି।

## ଆରଏସ୍‌ପିରେ ସାଧାରଣତନ୍ତ୍ର ଦିବସ

ରାଉରକେଲା ଅଫିସ,୨୭।୧

୭୧ତମ ସାଧାରଣତନ୍ତ୍ର ଦିବସ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଆରଏସପି ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟପକ୍ଷେ ସେକ୍ଟର-୨୨ମିନି ଷ୍ଟାଡିୟମଠାରେ ଆୟୋଜିତ ଅନ୍ୟ ଏକ ଉତ୍ସବରେ ସିଇଓ ଜାତୀୟ ପତାକା ଉତ୍ତୋଳନ କରିଲେ। ସେହିଭଳି ଦୀପିକା ମହିଳା ସଂଘର ଅଧକ୍ଷା ରାକା ଚଟ୍ଟରାଜ ଏବଂ ଉପାଧକ୍ଷା ସୁମନ ଲତା, ମୀନାକ୍ଷୀ ମହାପାତ୍ର, କିରଣ ସିହ୍ନା ଓ କର୍ମକର୍ତ୍ତା ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ବିତରଣ କରିଥିଲେ।

# ପୁରପଲ୍ଲୀରେ ଉଡ଼ିଲା ତ୍ରିରଙ୍ଗା

ଝାରସୁଗୁଡା ଅଫିସ୍/ଲଖନପୁର, ୨୭/୧(ଡି.ଏନ୍.ଏ)

ଝାରସୁଗୁଡା ଜିଲାର ବିଭିନ୍ନ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉଡିଛି। ଝାରସୁଗୁଡା ମନମୋହନ ସ୍କୁଲ ପଡିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହାସହିତ ଜିଲାପାଳ ଦେଶକୁ ସ୍ୱାଧୀନତା ଆଣିବାରେ ନିଜକୁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଏଥିରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଗୀତିକା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେଡ୍‌ରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପରେଡ୍‌ରେ ଜିଲା ସମୁଦାୟ ୨୭ସ୍କୁଲ, କଲେଜ୍‌ର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଲଖନପୁର, ଲଇକେରା, କୁଲାବିରା, କିର୍ମିରା, ବ୍ରଜରାଜନଗର, ବେଲପାହାଡ ଆଦି ବ୍ଲକ ଓ ପୌରାଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିମଧ୍ୟରେ ଲଖନପୁର ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡିଓ ସଞ୍ଜୀବ ପଟେଲ, ଏବିଇଓ ଅଭିନ୍ନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବନ୍ଧବାହାଲ ପଞ୍ଚାୟତରେ ସରପଞ୍ଚ ରାଜେନ୍ଦ୍ର ନାୟକ, ସମିତିସଭ୍ୟ ଈଶ୍ୱର କଉଡି, ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ୱାର୍ଡସଭ୍ୟା ଲକ୍ଷ୍ମୀ ବେହେରା, ବନାନୀ ଅଧିକାରୀ, କମଳ ସାହୁ, ହୃଷିକେଶ ମାଝି, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଝାରସୁଗୁଡା ଡିଏଭି ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସ୍ୱାତୀ ବୋହିଦାର ମୁଖ୍ୟଅତିଥି, ଶିକ୍ଷାବିତ୍ ଗୌରୀଶଙ୍କର ତିୱାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡା ପଞ୍ଚାପଡା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ମୁଖ୍ୟଅତିଥି ସମାଜସେବୀ ସୁନୀତା ସିଂହ ପତାକା ଉତ୍ତୋଳନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଗିରିଧାରୀ ଝା ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କୋଲାବିରା,(ଡି.ଏନ.ଏ): କୋଲାବିରା ବ୍ଲକ ପରିସରରେ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ବିଡିଓ ବିଜୟ କୁମାର ସଏ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହିକ, ଉପାଧ୍ୟକ୍ଷା ତୁଳାବତୀ ଭଞ୍ଜଷା, ରୋହିତ କୁମାର ବେହେରା, ବରିଷ୍ଠ ନାଗରିକ ହରିବଂଶ ପ୍ରଧାନ ପ୍ରମୁଖଙ୍କ ସମତେ ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସଂସଦର ସ୍ଥାୟୀ ସଭାପତି ଶୋଭାଚନ୍ଦ୍ର ନାଏକ ପତାକା ଉତ୍ତୋଳନ କରିଥିବା ବେଳେ ସଂପାଦକ କିର୍ତ୍ତିଚନ୍ଦ୍ର ବହିଦାର, ଗୌରୀ ଶଙ୍କର ନାଏକ, ମାନଭଞ୍ଜନ ସିଂ, ଅନିଲ ବେହେରା, ପ୍ରଶିକ୍ଷକ ସଚ୍ଚୀନ୍ଦ୍ର ପଟେଲ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ପିଙ୍କୁ ଦାସ, ଲଳିନ୍ଦ୍ର ଗୋଖରା, ଭୀଷ୍ମଦେବ ପଟେଲ, ପ୍ରକାଶ ସାହୁ, ଅଶୋକ କୁମାର ବେହେରା, ଗୋବିନ୍ଦ୍ର ଚନ୍ଦ୍ର ଭୋଇଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ଲକର ସିଂହିବାହାଲ ସ୍ଥିତ ଅମ୍ବିକା ଉଚ୍ଚ ବିଦ୍ୟାଳୟ ଏବଂ କ୍ଷୀରୋଦ ଗୌନ୍ତିଆ ବାଳିକା ବିଦ୍ୟାଳରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଶେଷ ସାଂସ୍କୃତିକ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରଘୁନାଥପାଲି ଛକରେ ପାଳନ କରାଯାଇଥିବା କାର୍ଯ୍ୟକ୍ରମରେ କ୍ଷିରୋଦ ଚନ୍ଦ୍ର ଦାସ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ।

ବ୍ରଜରାଜନଗର, (ଡି.ଏନ.ଏ): ବ୍ରଜରାଜନଗର ସହରାଞ୍ଚଳରେ ୭୧ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜାଦ ଛକରେ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ବତନ ବିକାଶ ମଞ୍ଚ ଗୋପବନ୍ଧୁ ଛକ, ବିଭିନ୍ନ କ୍ଲବ, ଥାନା, ବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ପୂର୍ବାଞ୍ଚଳ ବିକାଶ ମଞ୍ଚରେ ସମାଜସେବୀ ପ୍ରତାପକେଶରୀ ସିଂଙ୍କୁ ସମ୍ମାନିତ କରାଯାଇଥିଲା। ଗୋପବନ୍ଧୁ ଛକରେ ରବି ଦିକ୍ଷିତ ପତାକା ଉତ୍ତୋଳନ କରିଥିଲେ ।

**ବେଲପାହାଡ଼,(ଡ଼ି.ଏନ୍.ଏ):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ କାର୍ଯ୍ୟାଳୟରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ପତାକା ଉତ୍ତୋଳନ କରିଥିଲେ । ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ, ଉପାଧ୍ୟକ୍ଷା ଅନୁପମା ଭଞ୍ଜଷା, ପୌରଯନ୍ତ୍ରୀ ସଙ୍ଗୀତା ମାଧୁରୀ ତିର୍କୀ ଓ କନିଷ୍ଠ ଯନ୍ତ୍ରୀ ଆଶିଷ ବରଣ ନାୟକଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ଯୋଗ ଦେଇଥିଲେ । ଟିଆର୍ଏଲ ଷ୍ଟାଡ଼ିୟମରେ ଆୟୋଜିତ ସମାରୋହରେ ଟିଆର୍ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ପତାକା ଉତ୍ତୋଳନ କରି ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ବେଲପାହାଡ଼ ଜଗନ୍ନାଥ ମନ୍ଦିର ପଡ଼ିଆରେ ଯୁବା ସଙ୍ଗଠନ ଓ ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ ସାଧାରଣତନ୍ତ୍ର ସମାରୋହରେ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ ଏବଂ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ବୟୋଜ୍ୟେଷ୍ଠ ନାଗରିକ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ଦଲପତରାମ ଟାନ୍ନା ପତାକା ଉତ୍ତୋଳନ କରିଥିଲେ।

### ଝାରସୁଗୁଡା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ


ଜିଲାସ୍ତରୀୟ ପରେଡରେ ଜିଲାପାଳ ସରୋଜ କୁମାର ସାମଲ ଅଭିବାଦନ ଗ୍ରହଣ କରୁଛନ୍ତି ।